# ଧରିତ୍ରୀ DHARITRI

ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୬/୨୦୨୩ (୧୬ ପୃଷ୍ଠା) | Bhubaneswar, Wednesday, September 6/2023 | Page 16 | ₹ 7.00 | SAMBALPUR

୪୯ଶ ଭାଗ ୨୮୨ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 282 | ମୂଲ୍ୟ ₹୭/-





DSPL-220

ODISHA NEW OPPORTUNITIES | JOIN THE JUGGERNAUT

## ODISHA'S INVESTMENT SURGE

**Ranked 2nd** in the country in terms of Ongoing Projects for FY 23

**Ranked 3rd** in the country in bank-assisted investments



1. Stable Polity
2. Progressive Policy
3. Investment in Robust Infrastructure
4. Improving Business Climate

DIPA NEW OPPORTUNITIES | GO SWIFT Government of Odisha - Single Window for Investor Facilitation and Tracking

### Top States Attracting Higher Ongoing Investments in FY23 (₹ lakh crore)




Source: CMIE capex database & CII Research

### Top States Attracting Bank-assisted Investment Proposals during 2022-23




Source: Reserve Bank of India

3737 GO-SWIFT Applications

11+ Lakh Investment

7+ Lakh Employment

COME, JOIN THE JUGGERNAUT

Invest in Odisha, Invest in the Future

OIPR-14005/13/0014/2324

Contact Information
Industrial Promotion & Investment Corporation of Odisha Limited (IPICOL), IPICOL House, Janpath
Bhubaneswar – 751022, Odisha
E-mail us at: info@investodisha.org | Toll Free Number: 1800 345 7111

Please visit investodisha.gov.in for more details

Follow us on @investInOdisha /InvestOdisha

## ସଂକ୍ଷେପରେ

### ଆଦିତ୍ୟ ଏଲ୍‌୧ର ଦ୍ୱିତୀୟ କକ୍ଷ ପରିବର୍ତ୍ତନ

**ବେଙ୍ଗାଲୁରୁ,୫।୯(ପି.ଟି.):** ଭାରତର ପ୍ରଥମ ସୂର୍ଯ୍ୟ ମିଶନ ଆଦିତ୍ୟ-ଏଲ୍‌୧ର ଦ୍ୱିତୀୟ ପୃଥିବୀ କୈନ୍ଦ୍ରିକ କକ୍ଷ ପରିବର୍ତ୍ତନ ମଙ୍ଗଳବାର ସଫଳତାର ସହ ସମ୍ପନ୍ନ ହୋଇଛି। ମଙ୍ଗଳବାର ଭୋର ସମୟରେ ଇସ୍ରୋର ଟେଲିମେଟ୍ରି, ଟ୍ରାକିଂ ଆଣ୍ଡ କମାଣ୍ଡ ନେଟ୍‌ୱର୍କ (ଆଇଏସ୍‌ଟିଆର୍‌ଏସି) ଆଦିତ୍ୟ-ଏଲ୍‌୧ର କକ୍ଷ ଉତ୍‌ଥାନ କରାଇଥିଲା। ଏହି ସମୟରେ ଇସ୍ରୋ ଏବଂ ଆଇଏସ୍‌ଟିଆର୍‌ଏସିର ମରିସସ୍, ବେଙ୍ଗାଲୁରୁ ଏବଂ ପୋର୍ଟ ବ୍ଲେୟାରରେ ଥିବା ଗ୍ରାଉଣ୍ଡ ଷ୍ଟେଶନଗୁଡ଼ିକ ଅପରେଶନ ଉପରେ ନଜର ରଖିଥିଲେ। ଦ୍ୱିତୀୟ ମାନୋଭର ଫଳରେ ପୃଥିବୀଠାରୁ ଆଦିତ୍ୟ-ଏଲ୍‌୧ର ସର୍ବନିମ୍ନ ଦୂରତା ୨୮୨ କିଲୋମିଟର ଏବଂ ସର୍ବାଧିକ ଦୂରତା ୪୦,୨୨୫ କିଲୋମିଟରରେ ପହଞ୍ଚିଥିବା ଇସ୍ରୋ ପକ୍ଷରୁ ଟୁଇଟ୍ କରାଯାଇଛି। ଆଦିତ୍ୟ-ଏଲ୍‌୧ର ତୃତୀୟ ମାନୋଭର ଆସନ୍ତା ୧୦ ତାରିଖ ରାତି ୨ଟା ୩୦ ମିନିଟ ସମୟରେ ହେବ। ସେପ୍ଟେମ୍ବର ୨ରେ ଭାରତ ଆଦିତ୍ୟ-ଏଲ୍‌୧କୁ ସୂର୍ଯ୍ୟ ଅଭିମୁଖେ ଛାଡ଼ିଥିବାବେଳେ ୩ ତାରିଖରେ ପ୍ରଥମ କକ୍ଷ ଉତ୍ଥାନ କରାଯାଇଥିଲା।

### ରାହୁଲଙ୍କ ଏମ୍‌ପି ପଦକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ

**ନୂଆଦିଲ୍ଲୀ,୫।୯:** କଂଗ୍ରେସ ନେତା ରାହୁଲ ଗାନ୍ଧୀ ମାନହାନି ମାମଲାରେ ଦୋଷୀସାବ୍ୟସ୍ତ ହେବା ସତ୍ତ୍ୱେ ଲୋକ ସଭା ସଦସ୍ୟତା ଫେରିପାଇବାର ବୈଧତାକୁ ମଙ୍ଗଳବାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ରାହୁଲଙ୍କ ଏମ୍‌ପି ପଦ କାଏମ୍ ରହିଲା ବୋଲି ଲୋକ ସଭା ସଚିବାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଉକ୍ତ ବିଜ୍ଞପ୍ତିକୁ ଖାରଜ କରାଯିବାକୁ ଲକ୍ଷ୍ନୌର ଜଣେ ଆଇନଜୀବୀ ପିଟିଶନରେ ନିବେଦନ କରିଛନ୍ତି। ଜଣେ ଆଇନ ଅଦାଲତରେ ଦୋଷୀସାବ୍ୟସ୍ତ ହୋଇ ଲୋକ ସଭା ସଦସ୍ୟତା ହରାଇବା ପରେ ସେ ସମସ୍ତ ଅଭିଯୋଗରୁ ନିର୍ଦ୍ଦୋଷ ପ୍ରମାଣିତ ନ ହେବା ପର୍ଯ୍ୟନ୍ତ ଏମ୍‌ପି ଭାବେ ଫେରିପାରିବେ ନାହିଁ ବୋଲି ପିଟିଶନରେ କୁହାଯାଇଛି। ଆପରାଧିକ ମାନହାନି ମାମଲାରେ ରାହୁଲଙ୍କୁ ୨ ବର୍ଷ ଜେଲଦଣ୍ଡ ହେବା ପରେ ଜନପ୍ରତିନିଧି ଆଇନ, ୧୯୫୧ ଅନୁଯାୟୀ ତାଙ୍କ ଲୋକ ସଭା ସଦସ୍ୟତା ରଦ୍ଦ ହୋଇଥିଲା। ସୁପ୍ରିମକୋର୍ଟ ତଳକୋର୍ଟଙ୍କ ରାୟ ଉପରେ ସ୍ଥଗିତାଦେଶ ଲଗାଇବା ପରେ ତାଙ୍କ ସଦସ୍ୟତାକୁ ପୁନର୍ବାର କାଏମ ରଖାଯାଇଛି। ଏନେଇ ବାଚସ୍ପତିଙ୍କ ନିଷ୍ପତ୍ତି ଠିକ୍ ନ ଥିଲା ବୋଲି ଆବେଦନକାରୀ ଦର୍ଶାଇଛନ୍ତି।

### ଗେଲ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଗିରଫ


କେ.ବି. ସିଂ

**ନୂଆଦିଲ୍ଲୀ,୫।୯:** ଲାଞ୍ଚ ନେବା ମାମଲାରେ କେନ୍ଦ୍ରୀୟ ଅପରାଧ ତଦନ୍ତ ବ୍ୟୁରୋ(ସିବିଆଇ) ଗ୍ୟାସ୍ ଅଥରଟି ଅଫ୍ ଇଣ୍ଡିଆ ଲିମିଟେଡ୍(ଜିଏଆଇଏଲ୍)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେ.ବି. ସିଂଙ୍କ ସମେତ ଅନ୍ୟ ୪ ଜଣଙ୍କୁ ଗିରଫ କରିଛି। ଦୁଇ ପାଇପ୍ ଲାଇନ ପ୍ରୋଜେକ୍ଟର କଣ୍ଟ୍ରାକ୍ଟ ଦେବା ଲାଗି ଘରୋଇ କମ୍ପାନୀଠାରୁ ୫୦ ଲକ୍ଷ ଟଙ୍କା ଲାଞ୍ଚ ନେଇଥିବା ଅଭିଯୋଗ ହୋଇଥିଲା। ସିବିଆଇ ୪ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଦିଲ୍ଲୀ, ମୁମ୍ବାଇ ଏବଂ ବିଶାଖାପାଟଣାରେ ଚଢ଼ାଉ କରିଛି। ଅଭିଯୁକ୍ତମାନେ ଶ୍ରୀକାକୁଲମ୍‌ଠାରୁ ଅନୁଗୋଳ ଏବଂ ବିଦ୍ୟାପୁର ଠାରୁ ଅୟୁରିଆ ଗ୍ୟାସ୍ ପାଇପ୍ ଲାଇନ୍ ପ୍ରୋଜେକ୍ଟର କଣ୍ଟ୍ରାକ୍ଟ ଲାଗି ଲାଞ୍ଚ ନେଇଥିବା ଅଭିଯୋଗ ହୋଇଥିଲା।

### ପ୍ରଜ୍ଞାନ ପଠାଇଥିବା ଫଟୋରେ ଚନ୍ଦ୍ରର ନୂଆ ରଙ୍ଗ

**ବେଙ୍ଗାଲୁରୁ,୫।୯:** ଚନ୍ଦ୍ରୟାନ-୩ର ରୋଭର ପ୍ରଜ୍ଞାନ ଚନ୍ଦ୍ରପୃଷ୍ଠ ଏବଂ ଲ୍ୟାଣ୍ଡର ବିକ୍ରମର ଫଟୋ ପଠାଇଥିଲା। ଇସ୍ରୋ ଉକ୍ତ ଫଟୋର ୩ଡି ଭିଜୁଆଲାଇଜେଶନ ମଙ୍ଗଳବାର ଛାଡ଼ିଛି। ଏହାକୁ ଲାଲ୍ ଓ ସ୍ୟାନ୍ ରଙ୍ଗର ଚଷମାରେ ଦେଖାଯାଇପାରିବ। ନେଭିଗେଶନ କ୍ୟାମେରା ଷ୍ଟେରିଓ ଇମେଜ୍ ବ୍ୟବହାର କରି ଏହି ଆନାଗ୍ଲିଫ୍ ପ୍ରସ୍ତୁତ କରାଯାଇଛି। ଏଥିରେ ଚନ୍ଦ୍ରର ନୂଆ ରଙ୍ଗ ଦେଖିବାକୁ ମିଳିଛି।


ଜି-୨୦ ଆୟୋଜନ ସ୍ଥଳ ଭାରତ ମଣ୍ଡପମ୍‌ରେ ପ୍ରସ୍ତୁତିର ସମୀକ୍ଷା କରୁଛନ୍ତି କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ସିଂ ଠାକୁର, ପାଖରେ ଅଛନ୍ତି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ୍ ବାଗ୍‌ଚୀ ଓ ଅନ୍ୟ ଅଧିକାରୀ।



ନୂଆଦିଲ୍ଲୀର ଆଇଟିସି ମୌର୍ଯ୍ୟ ହୋଟେଲରେ ଜି୨୦ ଲୋଗୋ ଲଗାଯାଇଛି।

# ଅନ୍ତର୍ଜାତୀୟ ଗଣମାଧ୍ୟମ କେନ୍ଦ୍ରରେ ମିନି-ଇଣ୍ଡିଆ

G20 भारत 2023 INDIA

**ନୂଆଦିଲ୍ଲୀ,୫।୯(ପି.ଟି.)**

ଜି୨୦ ନେତାମାନଙ୍କ ସମ୍ମିଳନୀ ଆସନ୍ତା ୯ ଓ ୧୦ ତାରିଖରେ ନୂଆଦିଲ୍ଲୀର ଭାରତ ମଣ୍ଡପ କମ୍ପ୍ଲେକ୍ସରେ ଅନୁଷ୍ଠିତ ହେବାକୁ ଯାଉଛି। ଏଥିପାଇଁ ସେଠାରେ ବିଶାଳ ଅନ୍ତର୍ଜାତୀୟ ଗଣମାଧ୍ୟମ କେନ୍ଦ୍ର ସ୍ଥାପନ ହେବ, ଯେଉଁଠି ମିନି-ଇଣ୍ଡିଆକୁ ଜୀବନ୍ତ ଦେଖିବାକୁ ମିଳିବ ବୋଲି କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର ମଙ୍ଗଳବାର କହିଛନ୍ତି। ଜି୨୦ ସମ୍ମିଳନୀର ସମସ୍ତ ବିବରଣୀକୁ ସାରା ବିଶ୍ୱରେ ପ୍ରସାରିତ କରିବାକୁ ଥିବା ଏହି ମିଡିଆ ସେଣ୍ଟରର ପ୍ରସ୍ତୁତିକୁ ଅନୁରାଗ ସମୀକ୍ଷା କରିଥିଲେ। ଜି୨୦ ସମିଟ୍‌ର ଖବର ସଂଗ୍ରହ ଲାଗି ରାଜଧାନୀ ଦିଲ୍ଲୀରେ ଦେଶ ବିଦେଶର ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ମିଡିଆ ସେଣ୍ଟରର ଆୟୋଜନ କରାଯାଉଛି। ସେଠାରେ ଦେଶର ତଥା ଅନ୍ତର୍ଜାତୀୟ ଗଣମାଧ୍ୟମ ଲାଗି ବ୍ରଡ୍‌ବ୍ୟାଣ୍ଡ ସଂଯୋଗ, ମିଡିଆ ଲାଉଞ୍ଜ, କିଓସ୍କ ଆଦି ବିଭିନ୍ନ ସୁବିଧା ରହିବ। ଉକ୍ତ ସେଣ୍ଟରରେ ୩,୦୦୦ରୁ ଊର୍ଦ୍ଧ୍ୱ ଗଣମାଧ୍ୟମ ପ୍ରତିନିଧିଙ୍କ ରହିବା ବ୍ୟବସ୍ଥା ହେଉଛି। ୱାନ୍-ଅନ୍-ୱାନ୍ ସାକ୍ଷାତ୍‌କାର ଲାଗି ଛୋଟ ମିଡିଆ ବୁଥ୍ ଏବଂ ୫୦, ୧୦୦ ତଥା ୩୦୦ ଲୋକ ବସିବା ପାଇଁ ବିଭିନ୍ନ ସାମର୍ଥ୍ୟର ମିଡିଆ ବ୍ରିଫିଙ୍ଗ୍ ରୁମ୍ ରହିବ। ଜି୨୦ ସମିଟ୍‌ର ସମସ୍ତ ବିବରଣୀ ଅଲ୍‌ଟ୍ରା ହାଇ ଡେଫିନେଶନ (ୟୁଏଚ୍‌ଡି) ଏବଂ ୪କେ ବ୍ରଡ୍‌କାଷ୍ଟ ପ୍ରଯୁକ୍ତିରେ ରେକର୍ଡ କରାଯିବ, ଯାହା ଦେଶରେ ପୂର୍ବରୁ କେବେ ହୋଇ ନ ଥିଲା ବୋଲି ମନ୍ତ୍ରୀ ଅନୁରାଗ କହିଛନ୍ତି।

ଡିଜିଟାଲ ଅର୍ଥନୀତିରେ ଭାରତର ପ୍ରଗତି, ସାଂସ୍କୃତିକ ବିବିଧତା, ହସ୍ତଶିଳ୍ପ ଓ କାରିଗରୀକୁ ପ୍ରଦର୍ଶିତ କରିବା ଲାଗି ସମ୍ମିଳନୀ ଅବସରରେ 'ଗୋଟିଏ ଜିଲା ଗୋଟିଏ ଉତ୍ପାଦ' ଇନିସିଏଟିଭ୍‌ରେ ଅନେକ ପ୍ରଦର୍ଶନୀର ଆୟୋଜନ କରାଯାଇଛି। ସେହିପରି ମାନବ ଇତିହାସରେ ପ୍ରଥମ ସଂସଦ ଅନୁଭବ ମଣ୍ଡପମ୍ ସମୟରୁ ଦେଶରେ ଗଣତନ୍ତ୍ରର କ୍ରମବିକାଶକୁ ମଧ୍ୟ ପ୍ରଦର୍ଶିତ କରାଯାଉଛି। ତେଣୁ ଭାରତ ମଣ୍ଡପମ୍ କମ୍ପ୍ଲେକ୍ସରେ ମିନି-ଇଣ୍ଡିଆ ଆବିର୍ଭାବ ହୋଇଛି। ଏଠାରେ ଅତିଥିମାନେ ତାମିଲନାଡୁର ମନ୍ଦିରଠାରୁ ଆରମ୍ଭ କରି ରାଜସ୍ଥାନର ସଂସ୍କୃତି, ହିମାଚଳପ୍ରଦେଶର ପର୍ବତମାଳାକୁ ଦେଖିବାର ସୁଯୋଗ ପାଇବେ। ଏଠାରେ ପ୍ରତି ରାଜ୍ୟ ସେମାନଙ୍କ ସଂସ୍କୃତି ପ୍ରଦର୍ଶିତ କରିବେ। ଏହା ବ୍ୟତୀତ ସେଠାରେ ଏକ ଗ୍ରୀନ୍ ୱାଲ୍ ପ୍ରସ୍ତୁତ କରାଯାଇଛି, ଯେଉଁଠି ଯେକେହି ଦେଶର ଯେକୌଣସି ଭାଗକୁ ବାଛି ସେଠାରେ ନିଜ ଫଟୋ ଉଠାଇପାରିବେ ବୋଲି ମନ୍ତ୍ରୀ ଅନୁରାଗ କହିଛନ୍ତି।

## ଅତିଥିଙ୍କୁ 'ଏଆଇ ଅବତାର' ସ୍ୱାଗତ କରିବ

ଜି୨୦ ସମ୍ମିଳନୀ ପାଇଁ ନୂଆଦିଲ୍ଲୀ ସଜେଇ ହୋଇଛି। ଏହି ସମ୍ମିଳନୀରେ ଜି୨୦ ରାଷ୍ଟ୍ରସମୂହର ନେତାମାନେ ଯୋଗଦେବେ। 'ଏଆଇ ଅବତାର' ଏହି ବିଶ୍ୱସ୍ତରୀୟ ନେତାମାନଙ୍କୁ ସ୍ୱାଗତ କରିବ। ଜି୨୦ ସମ୍ମିଳନୀ ଅବସରରେ 'ଗଣତନ୍ତ୍ରର ଜନନୀ' ନାମକ ଏକ ପ୍ରଦର୍ଶନୀ ଅନୁଷ୍ଠିତ ହେବ। ଏହି ପ୍ରଦର୍ଶନୀରେ ବୈଦିକ ଯୁଗଠାରୁ ଆରମ୍ଭକରି ଆଧୁନିକ ଯୁଗର ଭାରତୀୟ ଗଣତାନ୍ତ୍ରିକ ପରମ୍ପରା ବିଷୟରେ ପ୍ରଦର୍ଶନ କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଏଥିରେ ଇଂଲିଶ, ଇଟାଲୀୟ, କୋରିଆନ, ଜାପାନିଜ୍ ସମେତ୧୬ ଭାଷାର ଲେଖା ଓ ଅଡିଓ ସ୍ଥାନ ପାଇବ। ସେହିପରି ଭାରତୀୟ ଗଣତନ୍ତ୍ରର ଇତିହାସ ବିଷୟରେ ଥିବା ବିଭିନ୍ନ କଥାବସ୍ତୁକୁ ୨୬ଟି ସ୍କ୍ରିନ୍ ଜରିଆରେ ପ୍ରଦର୍ଶିତ କରାଯିବ। ବିଭିନ୍ନ ରାଷ୍ଟ୍ର ମୁଖ୍ୟ, ସେମାନଙ୍କ ପ୍ରତିନିଧି ଏବଂ ଅନ୍ୟ ଅତିଥିମାନେ ଏହି ପ୍ରଦର୍ଶନୀ ସ୍ଥଳକୁ ପ୍ରବେଶ କରିବା ମାତ୍ରେ ସେମାନଙ୍କୁ 'ଏଆଇ ଅବତାର' ସ୍ୱାଗତ କରିବା ସହ ପ୍ରଦର୍ଶନୀ ବିଷୟରେ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବ। ଜଣେ ହରପ୍ପା ବାଳିକାଙ୍କ ମୂର୍ତ୍ତି ପୋଡିୟମ ନିକଟରେ ସ୍ଥାନ ପାଇବ। ଏହି ପ୍ରତିମୂର୍ତ୍ତି ୧୨୦ କେ.ଜି. ତମ୍ବାରେ ନିର୍ମିତ ହୋଇଥିବାବେଳେ ଏହାର ଉଚ୍ଚତା ୫ ଫୁଟ ରହିଛି। ସେହିପରି ସ୍ୱାଧୀନତା ପରଠାରୁ ଆଧୁନିକ ଯୁଗର ଭାରତୀୟ ନିର୍ବାଚନ ପରମ୍ପରା(୧୯୫୧ ରୁ ୨୦୧୯ ଲୋକ ସଭା ନିର୍ବାଚନ) ବିଷୟରେ ମଧ୍ୟ ଏଥିରେ ପ୍ରଦର୍ଶିତ ହେବ। ସେହିପରି ଜି୨୦ ସମ୍ମିଳନୀରେ ଯୋଗଦେଇଥିବା ଅତିଥିମାନଙ୍କ ଆତିଥେୟତା ଲାଗି ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି। ଅତିଥିଙ୍କୁ ୫ଶହ ପ୍ରକାର ଖାଦ୍ୟ ପରଷାଯିବ। ଏଥିରେ ମାଣ୍ଡିଆରୁ ଆରମ୍ଭ କରି ଲିଟି ଚୋଖା ସ୍ଥାନ ପାଇବ। ୨୦୨୩କୁ ଅନ୍ତର୍ଜାତୀୟ ମାଣ୍ଡିଆ ବର୍ଷ ଭାବେ ପାଳନ କରାଯାଉଥିବାରୁ ଅତିଥିଙ୍କୁ ମାଣ୍ଡିଆରୁ ପ୍ରସ୍ତୁତ ସ୍ୱତନ୍ତ୍ର ଖାଦ୍ୟ ପରସାଯିବ।

## ଜି୨୦ ସମିଟ୍‌ରେ ଯୋଗଦେବାକୁ ଥିବା ରାଷ୍ଟ୍ରନେତା

**ନୂଆଦିଲ୍ଲୀ,୫।୯**

ଭାରତ ଆସନ୍ତା ୯ ଓ ୧୦ ତାରିଖରେ ଜି୨୦ ସମିଟ୍ ନୂଆଦିଲ୍ଲୀରେ ଆୟୋଜନ କରିବାକୁ ଯାଉଛି। ବିଶ୍ୱର ୨୦ଟି ବୃହତ୍ ଅର୍ଥବ୍ୟବସ୍ଥାର ନେତାମାନେ ଏହି ସମ୍ମିଳନୀରେ ଯୋଗଦେଇ ଡିଜିଟାଲ୍ ପରିବର୍ତ୍ତନ, ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ପାଣ୍ଠି ଯୋଗାଣ, ସ୍ଥାୟୀ ବିକାଶ ଲକ୍ଷ୍ୟ ଏବଂ ଖାଦ୍ୟ ସୁରକ୍ଷା ସମେତ ଅନ୍ୟାନ୍ୟ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା ସହ ଏହାର ସମାଧାନର ସୂତ୍ର ବାହାର କରିବେ। ସମ୍ମିଳନୀରେ ଯୋଗ ଦେଉଥିବା ନେତାଙ୍କ ମଧ୍ୟରେ ଅଛନ୍ତି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍, ଚାଇନା ପ୍ରଧାନମନ୍ତ୍ରୀ ଲି କିଆଙ୍ଗ, ବ୍ରିଟିଶ ପ୍ରଧାନମନ୍ତ୍ରୀ ଋଷି ସୁନକ, ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନି ଆଲବାନିସ୍, କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ, ଜର୍ମାନ ଚାନ୍‌ସେଲର ଓଲାଫ୍ ସ୍କୋଲ୍‌ଜ, ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିଶିଡ଼ା, ଦକ୍ଷିଣ କୋରିଆ ରାଷ୍ଟ୍ରପତି ୟୁନ୍ ସୁକ୍-ୟେଓ, ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକରଁ, ସାଉଦି ଆରବ କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ ପ୍ରମୁଖ ଯୋଗଦେବେ।

## ସଫଳତା ପାଇଁ ସବୁ ପକ୍ଷଙ୍କ ସହ କାମ କରିବାକୁ ପ୍ରସ୍ତୁତ: ଚାଇନା

**ବେଜିଂ,୫।୯(ପି.ଟି.)**

ଜି୨୦ ସମ୍ମିଳନୀ ଆୟୋଜକ ଭାରତକୁ ଚାଇନା ସମର୍ଥନ କରେ। ନୂଆଦିଲ୍ଲୀରେ ହେବାକୁ ଯାଉଥିବା ଏହି ହାଇପ୍ରୋଫାଇଲ୍ ସମ୍ମିଳନୀର ସଫଳତାକୁ ଆଗେଇ ନେବା ଲାଗି ସମସ୍ତ ପକ୍ଷଙ୍କ ସହ କାମ କରିବାକୁ ପ୍ରସ୍ତୁତ ବୋଲି ଚାଇନା ମଙ୍ଗଳବାର କହିଛି। ଜି୨୦ ସମିଟ୍‌ରେ ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କ ପରିବର୍ତ୍ତେ ପ୍ରଧାନମନ୍ତ୍ରୀ ଲି କିଆଙ୍ଗ ଯୋଗଦେବେ ବୋଲି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ଘୋଷଣା କରିବାର ଦିନକ ପରେ ବେଜିଂ ପକ୍ଷରୁ ଉପରୋକ୍ତ ସଫେଇ ଦିଆଯାଇଛି। ଚାଇନା ଜି୨୦ ରାଷ୍ଟ୍ରଗୋଷ୍ଠୀ ସମ୍ମିଳନୀରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇ ଆସିଛି। ଜି୨୦ ସମିଟ୍‌କୁ ଆମେ ସମର୍ଥନ ଜଣାଇ ସଫଳତା ପାଇଁ କାର୍ଯ୍ୟ କରିବାକୁ ପ୍ରସ୍ତୁତ ବୋଲି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି।

## '୩୭୦' ରାୟ ସଂରକ୍ଷିତ

**ନୂଆଦିଲ୍ଲୀ,୫।୯**



ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ଚ୍ୟାଲେଞ୍ଜ କରି ଦାଏର ଏକାଧିକ ପିଟିଶନର ଶୁଣାଣି କରି ସୁପ୍ରିମକୋର୍ଟ ମଙ୍ଗଳବାର ରାୟ ସଂରକ୍ଷିତ ରଖିଛନ୍ତି। କ୍ରମାଗତ ୧୬ ଦିନର ଶୁଣାଣି ପରେ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ଖଣ୍ଡପୀଠ ରାୟ ସଂରକ୍ଷିତ ରଖିବାକୁ ନିଷ୍ପତ୍ତି ନେଇଥିଲେ। ଖଣ୍ଡପୀଠରେ ଜଷ୍ଟିସ ସଞ୍ଜୟ କିଶନ କୌଲ, ସଞ୍ଜୀବ ଖାନ୍ନା, ବି.ଆର୍. ଗଭାଇ ଏବଂ ସୂର୍ଯ୍ୟ କାନ୍ତ ରହିଛନ୍ତି। ଶୁଣାଣିର ଶେଷ ଦିନରେ ଖଣ୍ଡପୀଠ ବରିଷ୍ଠ ଆଇନଜୀବୀ କପିଲ ସିବଲ, ଗୋପାଳ ସୁବ୍ରମଣ୍ୟମ, ରାଜୀବ ଧାୱନ, ଜାଫର ଶାହ, ଦୁଷ୍ୟନ୍ତ ଡାଭେଙ୍କ ଯୁକ୍ତି ଶୁଣିଥିଲେ। କେନ୍ଦ୍ର ତରଫରୁ ଆଟର୍ନିଜେନେରାଲ ଆର୍. ଭେଙ୍କଟରମଣୀ, ସଲିସିଟର ଜେନେରାଲ ତୁଷାର ମେହେଟ୍ଟା, ବରିଷ୍ଠ ଆଇନଜୀବୀ ହରିଶ ସାଲ୍‌ଭେ, ରାକେଶ ଦ୍ୱିବେଦୀ ଯୁକ୍ତି ଉପସ୍ଥାପନ କରିଥିଲେ। ୩୭୦ ଉଚ୍ଛେଦ ଲାଗି କେନ୍ଦ୍ର ୨୦୧୯ ଅଗଷ୍ଟ ୫ରେ ନେଇଥିବା ନିଷ୍ପତ୍ତିର ସାମ୍ବିଧାନିକ ବୈଧତା, ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରିଥିବା ଜମ୍ମୁ-କଶ୍ମୀର ପୁନର୍ଗଠନ ଆଇନର ବୈଧତା ଉପରେ ଆଇନଜୀବୀମାନେ ଯୁକ୍ତି ରଖିଥିଲେ। ଏହା ବ୍ୟତୀତ ଜମ୍ମୁ-କଶ୍ମୀରରେ ୨୦୧୮ ଜୁନ୍ ୨୦ରେ ରାଜ୍ୟପାଳ ଶାସନ ଲାଗି ଏବଂ ସେହିବର୍ଷ ଡିସେମ୍ବର ୧୯ରେ ରାଷ୍ଟ୍ରପତି ଶାସନ ଲାଗୁ କରାଯିବା ସହ ଏହାର ଅବଧିକୁ ୨୦୧୯ ଜୁଲାଇ ୩ରେ ବଢ଼ାଇବାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିବାବେଳେ ଏହା ସପକ୍ଷ ଓ ବିପକ୍ଷରେ ଆଇନଜୀବୀ ଯୁକ୍ତି ବାଢ଼ିଥିଲେ।

## ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ଲୋଡ଼ିଲେ ବିଶିଷ୍ଟ ନାଗରିକ

### ଉଦୟନିଧିଙ୍କ ସନାତନ ଧର୍ମ ବିରୋଧୀ ମନ୍ତବ୍ୟ

**ନୂଆଦିଲ୍ଲୀ,୫।୯(ପି.ଟି.)**

ସନାତନ ଧର୍ମର ବିଲୋପ ଲାଗି ମନ୍ତବ୍ୟ ଦେଇଥିବା ଡିଏମ୍‌କେ ନେତା ଉଦୟନିଧି ଷ୍ଟାଲିନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ସୁପ୍ରିମକୋର୍ଟ ଏଥିରେ ହସ୍ତକ୍ଷେପ କରିବାକୁ ୨୬୨ ଜଣ ବିଶିଷ୍ଟ ନାଗରିକ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କୁ ପତ୍ର ଲେଖିଛନ୍ତି। ପତ୍ରରେ ସ୍ୱାକ୍ଷର କରିଥିବା ଖ୍ୟାତନାମା ବ୍ୟକ୍ତିଙ୍କ ମଧ୍ୟରେ ପୂର୍ବତନ ବିଚାରପତି, ପ୍ରଶାସନିକ ଅଧିକାରୀ ପ୍ରମୁଖ ରହିଛନ୍ତି। ଦିଲ୍ଲୀ ହାଇକୋର୍ଟର ପୂର୍ବତନ ବିଚାରପତି ଏସ୍.ଏନ୍. ଧିଙ୍ଗ୍ରା କହିଛନ୍ତି, ଉଦୟନିଧି କେବଳ ଘୃଣିତ ମନ୍ତବ୍ୟ ଦେଇ ନାହାନ୍ତି, ଏଥିପାଇଁ ସେ କ୍ଷମା ମାଗିବାକୁ ମନା କରିଦେଇଛନ୍ତି। ତାଙ୍କ ମନ୍ତବ୍ୟରେ ନିମ୍ନସ୍ୱାକ୍ଷରକାରୀମାନେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଭାରତର ଏକ ବୃହତ୍ ଜନସଂଖ୍ୟା ବିରୋଧରେ ଏହା ନିଶ୍ଚିତ ଭାବେ ଘୃଣିତ ମନ୍ତବ୍ୟ ଏବଂ ଭାରତକୁ ଧର୍ମନିରପେକ୍ଷ ଭାବେ ପରିକଳ୍ପିତ କରିଥିବା ସମ୍ବିଧାନ ଉପରେ ଆକ୍ରମଣ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଦେଶର ଧର୍ମନିରପେକ୍ଷତାକୁ ସୁରକ୍ଷିତ ରଖିବାକୁ ହେଲେ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ବୋଲି ପତ୍ରରେ କୁହାଯାଇଛି। ଏହି ଅତ୍ୟନ୍ତ ଗମ୍ଭୀର ପ୍ରସଙ୍ଗରେ ଯଦି ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଳମ୍ବ କରନ୍ତି, ତେବେ ଏହାକୁ ଅଦାଲତ ଅବମାନନା ଭାବେ ଗ୍ରହଣ କରାଯାଇପାରିବ ବୋଲି ସ୍ୱାକ୍ଷରକାରୀମାନେ କହିଛନ୍ତି। ସୂଚନାଯୋଗ୍ୟ, କାର୍ଯ୍ୟାନୁଷ୍ଠାନ ନେବାକୁ ତାମିଲନାଡୁ ସରକାର ମନା କରିଦେଇଥିବାରୁ ଏହା କୋର୍ଟଙ୍କ ନିର୍ଦ୍ଦେଶର ଅବମାନନା ଏବଂ ଆଇନର ଶାସନକୁ ପରିହାସ। ତେଣୁ ସୁପ୍ରିମକୋର୍ଟ ନିଜ ଆଡୁ ଏହାକୁ ଅବମାନନା ନୋଟିସ ଭାବେ ଗ୍ରହଣ କରି ରାଜ୍ୟ ସରକାରଙ୍କ ଅପାରଗତାକୁ ଦାୟୀ କରିବା ସହ ଘୃଣା ମନ୍ତବ୍ୟ ରୋକିବା ସହ ସାର୍ବଜନିକ ବ୍ୟବସ୍ଥା ଓ ଶାନ୍ତି ରକ୍ଷା ଦିଗରେ ନିର୍ଣ୍ଣାୟକ ପଦକ୍ଷେପ ନିଅନ୍ତୁ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ନିବେଦନ କରିଛନ୍ତି।

# ଦେଶ ନାଁରେ ରାଜନୀତି

**ନୂଆଦିଲ୍ଲୀ,୫।୯**
**(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)**




ଶାସକ ଓ ବିରୋଧୀଙ୍କ ରାଜନୀତିର ପଶାପାଲିରେ ଭୂଖଣ୍ଡ ଦୁଇଭାଗରେ ବିଭାଜିତ। ଦେଶ ଗୋଟିଏ କିନ୍ତୁ ଦୁଇଟି ନାମରେ ବିଭକ୍ତ। ଗୋଟିଏ ଭାରତ ଓ ଅନ୍ୟଟି ଇଣ୍ଡିଆ। ଦୁଇଟିଯାକ ସମାନ ହୋଇଥିଲେ ବି ବିରୋଧୀ ଦଳଗୁଡ଼ିକ ନିଜ ମଞ୍ଚର ନାମ ଇଣ୍ଡିଆ (ଭାରତୀୟ ଜାତୀୟ ଗଣତାନ୍ତ୍ରିକ ସମାବେଶୀ ମେଣ୍ଟ) ରଖିବା ପରେ ମନେହେଉଛି ସତେଯେମିତି ଶାସକଙ୍କ ପାଇଁ ଅସ୍ପୃଶ୍ୟ ହୋଇଯାଇଛି 'ଇଣ୍ଡିଆ' ଶବ୍ଦ। ସମ୍ଭବତଃ ଏଇଥିପାଇଁ ସେମାନେ ଦେଶର ନାମ କେବଳ 'ଭାରତ' ରଖିବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ତାହା ପୁଣି ରାଷ୍ଟ୍ରପତିଙ୍କ ଜରିଆରେ। କୁହାଯାଉଛି, କେନ୍ଦ୍ର ଡାକିଥିବା ସଂସଦର ସ୍ୱତନ୍ତ୍ର ଅଧିବେଶନରେ ଏନେଇ ବିଧେୟକ ଆସିବ।

ଶାସକ ଭାରତୀୟ ଜନତା ପାର୍ଟି (ଭାଜପା)ର ମାର୍ଗଦର୍ଶକ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ଦେଶର ନାମ 'ଇଣ୍ଡିଆ' ପରିବର୍ତ୍ତେ 'ଭାରତ' ରଖିବାକୁ ପ୍ରସ୍ତାବ ଦେଇଥିଲା। ଗତ ଶୁକ୍ରବାର ଗୁଆହାଟୀରେ ସରସଂଘଚାଳକ ମୋହନ ଭାଗବତ କହିଥିଲେ, ଆମେ 'ଇଣ୍ଡିଆ' ବ୍ୟବହାର ବନ୍ଦ କରି 'ଭାରତ' କହିବା ଆରମ୍ଭ କରିବା ଉଚିତ। ବେଳେବେଳେ ଇଂଲିଶ ବୁଝୁଥିବା ଲୋକଙ୍କ ସହ କଥା ହେବା ସମୟରେ ଆମେ 'ଇଣ୍ଡିଆ' ବୋଲି କହିଥାଉ। ଏହା ଆପେ ଆପେ ଆସିଯାଇଥାଏ। ତେବେ ତୁମେ ବିଶ୍ୱର ଯେଉଁଆଡ଼େ ଗଲେ ବି ଆମ ଦେଶର ନାମ 'ଭାରତ' ହୋଇ ରହିଥିବ। ଲେଖାପଢ଼ା ହେଉ କି କଥୋପକଥନ ସବୁଠି 'ଭାରତ' ବ୍ୟବହାର କର ବୋଲି ଭାଗବତ ପରାମର୍ଶ ଦେଇଥିଲେ। ଦେଶରେ 'ଇଣ୍ଡିଆ ବନାମ ଭାରତ'କୁ ନେଇ ରାଜନୀତି ଗତ ଜୁଲାଇରେ ଆରମ୍ଭ ହୋଇଥିଲା, ଯେତେବେଳେ ବିରୋଧୀ ଦଳଗୁଡ଼ିକ ନିଜ ମେଣ୍ଟର ନାମ 'ଇଣ୍ଡିଆ' ରଖିଥିଲେ। ଏହା ହେଉଛି ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଏବଂ ଇଣ୍ଡିଆ ମଧ୍ୟରେ ବୈଚାରିକ ଲଢ଼େଇ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ୨୬ ଅଣଭାଜପା ଦଳର ନେତାଙ୍କ ମଧ୍ୟରେ ଭୋଟ ରାଜନୀତି ପାଇଁ ନିର୍ବାଚନୀ ଯୁଦ୍ଧ। ଖବରଦାତା ସମ୍ମିଳନୀରେ ମେଣ୍ଟର ନାମ ଘୋଷଣା ବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଏକ ମନ୍ତବ୍ୟ ଏଠାରେ ଉଲ୍ଲେଖଯୋଗ୍ୟ। ରାହୁଲ କହିଥିଲେ, ଯଦି କେହି ଇଣ୍ଡିଆ ବିରୋଧରେ ଛିଡ଼ାହୁଏ ତେବେ କାହାର ବିଜୟ ହେବ।

## ଅମିତାଭଙ୍କ 'ଭାରତ ମାତା' ପୋଷ୍ଟ



ଜି୨୦ ସମ୍ମିଳନୀ ପାଇଁ ଡିନର ଇନ୍‌ଭାଇଟେଶନ୍‌ରେ 'ପ୍ରେସିଡେଣ୍ଟ ଅଫ୍ ଭାରତ' ଉଲ୍ଲେଖକୁ ନେଇ ରାଜନୀତି ସରଗରମ ହୋଇଥିବାବେଳେ ବଲିଉଡ୍ ସୁପରଷ୍ଟାର ଅମିତାଭ ବଚ୍ଚନଙ୍କ ଏକ ପୋଷ୍ଟ ଚର୍ଚ୍ଚା ସାଉଣ୍ଟୁଛି। ଏକ୍ସ'ରେ ବିଗ୍ ବି ଲେଖିଛନ୍ତି, ଭାରତ ମାତା କୀ ଜୟ।

## ଇଣ୍ଡିଆ ବନାମ ଭାରତ

ଅକ୍ସଫୋର୍ଡ ଡିକ୍ସନାରି (ତୃତୀୟ ସଂସ୍କରଣ ୨୦୦୯) ଅନୁସାରେ 'ଇଣ୍ଡିଆ' ନାମ କ୍ଲାସିକାଲ ଲାଟିନ୍ ଇଣ୍ଡିଆରୁ ଉଦ୍ଧୃତ। ଦକ୍ଷିଣ ଏସିଆ ଏବଂ ଏହାର ଏକ ପୂର୍ବରେ ଥିବା ଏକ ଅନିର୍ଦ୍ଦିଷ୍ଟ ଅଞ୍ଚଳକୁ ଏବଂ ପାର୍ସୀ ଭାଷାରେ ହିନ୍ଦୁକୁଶ (ତ୍ରୟୋଦଶ ଶତାବ୍ଦୀରେ ଆଚମେନିଡ ସାମ୍ରାଜ୍ୟର ଏକ ପୂର୍ବାଞ୍ଚଳ ପ୍ରଦେଶ)କୁ ବୁଝାଇବା ପାଇଁ 'ଇଣ୍ଡିଆ' ବ୍ୟବହାର କରାଯାଏ। ସଂସ୍କୃତରେ ସିନ୍ଧୁନଦୀକୁ ଇନ୍ଦସ୍ ରିଭର କୁହାଯାଏ। ଏହି ନଦୀ ଅବବାହିକାରେ ସ୍ଥାପିତ ବସତିର ନାମ 'ଇଣ୍ଡିଆ' ରଖାଯାଇଥିଲା। ପ୍ରାଚୀନ ଗ୍ରୀକ୍‌ମାନେ ଇନ୍ଦସ୍‌ରେ ବସବାସ କରୁଥିବା ଲୋକଙ୍କୁ 'ଇଣ୍ଡୋଇ' କହୁଥିଲେ। ଅନ୍ୟପକ୍ଷେ 'ଭାରତ' ଶବ୍ଦ ଉଭୟ ପ୍ରାଚୀନ କାବ୍ୟ ଓ ଭାରତୀୟ ସମ୍ବିଧାନରେ ସ୍ଥାନିତ। ଆଧୁନିକ ଯୁଗରେ ଯେଉଁ ଭୂଖଣ୍ଡକୁ ଐତିହାସିକ ନାମ 'ଭାରତବର୍ଷ' ରୂପେ ଉଚ୍ଚାରଣ କରାଯାଉଛି, ତାହା ମୂଳତଃ କେବଳ ଉତ୍ତର ଭାରତ କ୍ଷେତ୍ରରେ ବ୍ୟବହାର କରାଯାଉଥିଲା। ସେହିପରି ପ୍ରାଚୀନ କାଳରେ ଭାରତ ଜମ୍ବୁଦ୍ୱୀପ, ଭାରତଖଣ୍ଡ, ହିମବର୍ଷ, ଅଜନାଭବର୍ଷ, ଆର୍ଯ୍ୟାବର୍ତ୍ତ, ହିନ୍ଦ ଓ ହିନ୍ଦୁକୁଶ ନାମରେ ମଧ୍ୟ ପରିଚିତ ଥିଲା। ସତ୍ୟଯୁଗର ରାଜା ଦଶରଥଙ୍କ ପୁଅ ଭରତଙ୍କ ନାମାନୁସାରେ ଏହି ଭୂଖଣ୍ଡର ନାମ ଭାରତ ହୋଇଥିବା ମଧ୍ୟ ଅନେକ ଐତିହାସିକ ମତ ଦିଅନ୍ତି।

### ଆସ, 'ଇଣ୍ଡିଆ'କୁ ଭୁଲିଯିବା: ଭିଏଚ୍‌ପି

ଆମେ ଆମ 'ପ୍ରେସିଡେଣ୍ଟ ଅଫ୍ ଇଣ୍ଡିଆ'ଙ୍କୁ ନେଇ ଗର୍ବିତ। ଆସନ୍ତୁ, 'ଇଣ୍ଡିଆ'କୁ ଭୁଲିଯିବା ବୋଲି ବିଶ୍ୱହିନ୍ଦୁ ପରିଷଦ (ଭିଏଚ୍‌ପି) ରାଷ୍ଟ୍ରୀୟ ମୁଖପାତ୍ର ବିନୋଦ ବଂଶଲ ଏକ୍ସ'ରେ ପୋଷ୍ଟ କରିଛନ୍ତି। ଏହାକୁ ନେଇ ସୋସିଆଲ ମିଡିଆରେ ନେଟିଜେନ୍‌ମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ୟୁଜର୍ସମାନେ ପ୍ରଶ୍ନ କରିଛନ୍ତି, ଇଣ୍ଡିଆନ୍ ସ୍ପେସ୍ ରିସର୍ଚ୍ଚ ଅର୍ଗାନାଇଜେଶନ୍ (ଇସ୍ରୋ), ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ), ବୋର୍ଡ ଅଫ୍ କଣ୍ଟ୍ରୋଲ ଫର୍ କ୍ରିକେଟ୍ ଇନ୍ ଇଣ୍ଡିଆ (ବିସିସିଆଇ) ପ୍ରତିଷ୍ଠାନଗୁଡ଼ିକର ନାମ ମଧ୍ୟ ବଦଳାଯିବ କି?

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୬/୨୦୨୩ | Bhubaneswar, Wednesday, September 6/2023 | ପୃଷ୍ଠା-୧




**ଶଙ୍ଖ ଶେଖରଙ୍କ ହ୍ୟାଟ୍ରିକ**

ଶଙ୍ଖ ଶେଖର ହେମ୍ବ୍ରମଙ୍କ ହ୍ୟାଟ୍ରିକ ଗୋଲ ବଳରେ ଓଡ଼ିଶା ବି.ସି. ରୟ ଟ୍ରଫି ଜାତୀୟ ଜୁନିୟର ଫୁଟବଲ ଟୁର୍ନାମେଣ୍ଟରେ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ୧୪

୧୦ **ଶୁଟିଂ ବେଳେ ଶୁଣିଥିଲେ ଗାଳି**

ଅଭିନେତ୍ରୀ କ୍ରୀତି ସାନନ୍ ଚଳଚ୍ଚିତ୍ର ଏବଂ ମଡେଲିଂରେ ପ୍ରବେଶ କରିବାବେଳେ ଜଣେ କୋରିଓଗ୍ରାଫରଙ୍କଠାରୁ ତାଙ୍କୁ ବେଶ୍ ଗାଳି ଶୁଣିବାକୁ ପଡ଼ିଥିବା ଏକ ସାକ୍ଷାତ୍କାରରେ କହିଛନ୍ତି।



# ‘ପ୍ରେସିଡେଣ୍ଟ ଅଫ୍ ଭାରତ’କୁ ନେଇ ବିବାଦ

**ଚଳିତବର୍ଷ ଭାରତ ଅଧ୍ୟକ୍ଷତା କରୁଥିବା ଜି୨୦ ସମ୍ମିଳନୀ ସେପ୍ଟେମ୍ବର ୯ ଓ ୧୦ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ। ଉକ୍ତ ସମିଟ୍‌କୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଓ ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଋଷି ସୁନକଙ୍କ ସମେତ ଜି୨୦ ରାଷ୍ଟ୍ର ସମୂହର ନେତା ଓ ପ୍ରତିନିଧିମାନେ ଆସିବେ। ଏହି ପରିପ୍ରେକ୍ଷୀରେ ୯ ତାରିଖ (ଶନିବାର) ରାତି ୮ଟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଦେଶୀ ଅତିଥିମାନଙ୍କ ଉଦ୍ଦେଶ୍ୟରେ ଏକ ନୈଶଭୋଜିର ଆୟୋଜନ କରିବେ। ଡିନର ପାର୍ଟି ପାଇଁ ଛପାଯାଇଥିବା ନିମନ୍ତ୍ରଣପତ୍ରରେ ‘ପ୍ରେସିଡେଣ୍ଟ ଅଫ୍ ଇଣ୍ଡିଆ’ ପରିବର୍ତ୍ତେ ‘ପ୍ରେସିଡେଣ୍ଟ ଅଫ୍ ଭାରତ’ ଉଲ୍ଲେଖ କରାଯାଇଛି। ପୂର୍ବରୁ କୌଣସି ସରକାରୀ କାର୍ଯ୍ୟକ୍ରମରେ ଦେଶର ଏଭଳି ନାମକରଣ ଦେଖାଯାଇ ନ ଥିଲା। ୨୦୨୪ ଲୋକ ସଭା ନିର୍ବାଚନରେ ଭାଜପାକୁ ହରାଇବା ପାଇଁ ଏକାଠି ହୋଇଥିବା ୨୬ ବିରୋଧୀ ଦଳ ସେମାନଙ୍କ ବ୍ଲକ୍‌ର ନାମ ଇଣ୍ଡିଆନ୍ ନ୍ୟାଶନାଲ ଡେମୋକ୍ରାଟିକ୍ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ରଖିଥିବାରୁ ଭାଜପା ନେତୃତ୍ୱାଧୀନ କେନ୍ଦ୍ରର ମୋଦି ସରକାର ନିମନ୍ତ୍ରଣପତ୍ରରେ ଏଭଳି ପରିବର୍ତ୍ତନ କରାଇଥିବା କୁହାଯାଉଛି। ଏହାକୁ ନେଇ ରାଜନୈତିକ ବିବାଦ ଉଠିଛି। ସରକାର ଦେଶର ଇତିହାସକୁ ନଷ୍ଟ କରିବା ପାଇଁ ଉଦ୍ୟମ ଚଳାଇଥିବା କଂଗ୍ରେସ ଅଭିଯୋଗ ଆଣିଛି।**



On the occasion of G20 Summit

सत्यमेव जयते

The President of Bharat
requests the pleasure of the company of

at Dinner
on Saturday, September 09, 2023 at 2000 hrs

**ନୂଆଦିଲ୍ଲୀ,୫।୯ (ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)**

କେନ୍ଦ୍ର ସରକାର ‘ଏକ ଦେଶ, ଏକ ନିର୍ବାଚନ’ ବ୍ୟବସ୍ଥା ପାଇଁ ଆସନ୍ତା ୧୮ରୁ ୨୨ ପର୍ଯ୍ୟନ୍ତ ପାର୍ଲାମେଣ୍ଟର ୫ ଦିନିଆ ସ୍ୱତନ୍ତ୍ର ଅଧିବେଶନ ଡାକିଥିବା ଚର୍ଚ୍ଚା ହେଉବେଳେ ରାଷ୍ଟ୍ରର ଦୁଇଟି ନାମକୁ ନେଇ ବିବାଦ ଉପୁଜିଛି। ଗୋଟିଏ ହେଲା ଇଣ୍ଡିଆ ଓ ଅନ୍ୟଟି ଭାରତ। ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧ ଅନୁସାରେ ‘ଇଣ୍ଡିଆ’ ହେଉଛି ‘ଭାରତ’, ଯାହାକି ରାଜ୍ୟଗୁଡ଼ିକର ସଂଘ। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶନିବାର ଏକକାଳୀନ ନିର୍ବାଚନକୁ ମାଇକ୍ରୋବ୍ଲଗିଂ ସାଇଟ୍ ଏକ୍ସ’ରେ ଲେଖିଥିଲେ, ଇଣ୍ଡିଆ ହେଉଛି ଭାରତ, ଯାହାକି ରାଜ୍ୟଗୁଡ଼ିକର ସଂଘ। ‘ଏକ ଦେଶ, ଏକ ନିର୍ବାଚନ’ ଯୋଜନା ସଂଘୀୟ ବ୍ୟବସ୍ଥା ଓ ରାଜ୍ୟଗୁଡ଼ିକ ଉପରେ ଆକ୍ରମଣ। ରାହୁଲଙ୍କ ଏହି ସମାଲୋଚନା ପରେ କେନ୍ଦ୍ର ସରକାର ଜି୨୦ ଅଧ୍ୟକ୍ଷତା ସମ୍ପର୍କିତ ଦସ୍ତାବିଜଗୁଡ଼ିକରେ ଦେଶର ନାମ ‘ଇଣ୍ଡିଆ’ ପରିବର୍ତ୍ତେ ‘ଭାରତ’ ଉଲ୍ଲେଖ କରିଥିବା ଦେଖିବାକୁ ମିଳିଛି। ଏହିକ୍ରମରେ ଜି୨୦ରେ ଯୋଗଦେବାକୁ ଥିବା ବିଦେଶୀ ଅତିଥିମାନଙ୍କୁ ଦେଶର ନାମ ‘ଇଣ୍ଡିଆ’ ନୁହେଁ, ବରଂ ‘ଭାରତ’ ବୋଲି ଜଣାଇବାକୁ ଭରପୂର ଉଦ୍ୟମ କରାଯାଇଛି। ଏହାର ଆଉ ଏକ ଉଦାହରଣ ହେଲା, ବିଦେଶୀ ପ୍ରତିନିଧିମାନଙ୍କୁ ଦେବା ପାଇଁ ଏକ ବୁକ୍‌ଲେଟ୍ ବା ପୁସ୍ତିକା ଛପାଯାଇଛି। ତା’ର ଶୀର୍ଷକ ରଖାଯାଇଛି, ‘ଭାରତ, ଦି ମଦର ଅଫ୍ ଡେମୋକ୍ରାସି’ ଅର୍ଥାତ୍ ଭାରତ ହେଉଛି ଗଣତନ୍ତ୍ରର ଜନନୀ। ଏଥିରେ ଉଲ୍ଲେଖ କରାଯାଇଛି, ଭାରତ ହେଉଛି ଦେଶର ସରକାରୀ ନାମ, ଯାହାକି ସମ୍ବିଧାନରେ ଲିପିବଦ୍ଧ। ୧୯୪୬-୪୮ ଆଲୋଚନା ବେଳେ ମଧ୍ୟ ଏହାକୁ ବ୍ୟବହାର କରାଯାଇଥିଲା।

ରାଷ୍ଟ୍ରପତିଙ୍କ ଅଫିସରୁ କେତେଜଣ କେନ୍ଦ୍ରମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ମଧ୍ୟ ନିମନ୍ତ୍ରଣପତ୍ର ପଠାଯାଇଛି। ଭାଜପା ଶାସିତ ଉତ୍ତର-ପୂର୍ବ ରାଜ୍ୟ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ପାଇଥିବା ନିମନ୍ତ୍ରଣପତ୍ରରେ ଏହି ପରିବର୍ତ୍ତନକୁ ଦେଖି ଗଦ୍‌ଗଦ୍ ହୋଇଯାଇଛନ୍ତି। ଏକ୍ସ’ରେ ହିମନ୍ତ ଲେଖିଛନ୍ତି, ‘ରିପବ୍ଲିକ୍ ଅଫ୍ ଭାରତ’- ଆମ ସଭ୍ୟତା ସାହସିକତାର ସହ ‘ଅମୃତକାଳ’ ଆଡ଼କୁ ଅଗ୍ରସର ହେଉଥିବାରୁ ଖୁସି ଓ ଗର୍ବ ଲାଗୁଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଏହି ପଦକ୍ଷେପ ବହୁ ପୂର୍ବରୁ ନିଆଯିବା ଦରକାର ଥିଲା। ଏହା ମନକୁ ବଡ଼ ସନ୍ତୋଷ ଦେଇଛି। ‘ଭାରତ’ ଆମ ପରିଚୟ। ଏହାକୁ ନେଇ ଆମେ ଗର୍ବିତ। ରାଷ୍ଟ୍ରପତି ‘ଭାରତ’କୁ ପ୍ରାଥମିକତା ଦେଇଛନ୍ତି। ଉପନିବେଶବାଦୀ ମାନସିକତାରୁ ବାହାରିବା ପାଇଁ ଏହା ହେଉଛି ସବୁଠୁ ବଡ଼ ଉକ୍ତି। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

## ଆଫ୍ରିକାରୁ ପରିବର୍ତ୍ତନ

**ଦିନିକିଆ କ୍ରିକେଟ ବିଶ୍ୱକପ୍**

# ଭାରତୀୟ ଦଳ ଘୋଷିତ

- ଅକ୍ଟୋବର ୫ରେ ଆରମ୍ଭ, ନଭେମ୍ବର ୧୯ରେ ଶେଷ
- ତିଳକ ବାଦ୍, ଅଶ୍ୱିନଙ୍କୁ ଅଣଦେଖା
- ରାହୁଲ, କିଶନଙ୍କୁ ସୁଯୋଗ

**ପାଲିକେଲେ(ଶ୍ରୀଲଙ୍କା),୫।୯(ପି.ଟି.)**

ବାଜିଛି ଦିନିକିଆ କ୍ରିକେଟ ବିଶ୍ୱକପ୍ ବିଗୁଲ। ଭାରତର ବିଭିନ୍ନ ଗ୍ରାଉଣ୍ଡରେ ଅକ୍ଟୋବର ୫ରୁ ନଭେମ୍ବର ୧୯ ପର୍ଯ୍ୟନ୍ତ ହେବାକୁଥିବା ଆଇସିସିର ଏହି ମେଗା ଇଭେଣ୍ଟ ପାଇଁ ମଙ୍ଗଳବାର ଭାରତୀୟ ଦଳ ଘୋଷଣା କରାଯାଇଛି। ୧୫ ଜଣିଆ ଦଳର ନେତୃତ୍ୱ ନେବେ ରୋହିତ ଶର୍ମା। ହାର୍ଦ୍ଦିକ ପାଣ୍ଡ୍ୟା ଉପ-ଅଧିନାୟକ ଦାୟିତ୍ୱ ତୁଲାଇବେ। ଆହତ ସମସ୍ୟା ପାଇଁ ଦୀର୍ଘଦିନ କ୍ରିକେଟରୁ ଦୂରେଇ ରହିଥିବା ଲୋକେଶ ରାହୁଲଙ୍କୁ ବିଶ୍ୱକପ୍ ଦଳରେ ସାମିଲ କରାଯାଇଛି। ଦ୍ୱିତୀୟ ଉଇକେଟକିପର ଭାବେ ଯୁବ




ଖେଳାଳି ଇଶାନ କିଶନଙ୍କୁ ନିଆଯାଇଛି। ଏସିଆ କପ୍ ଗ୍ରୁପ୍ ମ୍ୟାଚ ଖେଳିବା ପାଇଁ ଶ୍ରୀଲଙ୍କା ଯାଇ ନ ଥିଲେ ହେଁ ରାହୁଲଙ୍କ ଫିଟ୍‌ନେସକୁ ନେଇ କୌଣସି ସମସ୍ୟା ନାହିଁ ବୋଲି ଜାତୀୟ ଚୟନ କମିଟି ମୁଖ୍ୟ ଅଜିତ ଅଗରକର ସ୍ପଷ୍ଟ କରିଛନ୍ତି। ପାକିସ୍ତାନ ବିପକ୍ଷ ଭାରତର ସୁପର-୪ ଏସିଆ କପ୍ ମ୍ୟାଚ ଖେଳିବା ପାଇଁ ରାହୁଲ ଚଳିତ ମାସ ୯ ତାରିଖରେ ଶ୍ରୀଲଙ୍କାରେ ପହଞ୍ଚିବେ। ଜାତୀୟ କ୍ରିକେଟ ଏକାଡେମୀରେ ସେ ☞ପୃଷ୍ଠା-୨

# ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ପରଷିବେ ସୁବାସା, ରାଇମତୀ

**ବାରିପଦା/କୁନ୍ଦୁରା ୫।୯, (ନୀଳାଦ୍ରି ବିହାରୀ ଦଣ୍ଡପାଟ/ ସନ୍ତୋଷ ପ୍ରହରାଜ)**

ନୂଆଦିଲ୍ଲୀ ଭାରତ ମଣ୍ଡପଠାରେ ଆସନ୍ତା ୯ ଏବଂ ୧୦ତାରିଖ ଦୁଇଦିନ ଧରି ଜି୨୦ ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ବିଶ୍ୱର ପ୍ରମୁଖ ୨୦ଟି ଦେଶର ରାଷ୍ଟ୍ରମୁଖ୍ୟ ଏବଂ ପ୍ରତିନିଧି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ବିଶ୍ୱସ୍ତରୀୟ ସମ୍ମିଳନୀରେ ନେତା ଓ ପ୍ରତିନିଧିମାନଙ୍କୁ ମିଲେଟ(ମାଣ୍ଡିଆ)ରେ ପ୍ରସ୍ତୁତ ସୁସ୍ୱାଦୁ ବ୍ୟଞ୍ଜନ ପରଷାଯିବ। ଏହାକୁ ପରଷିବା ସହ ମାଣ୍ଡିଆ ଚାଷ

**ଜି୨୦ ସମ୍ମିଳନୀ**



ସୁବାସା ମହାନ୍ତ ଏବଂ ରାଇମତୀ ଘିଉରିଆ

ଉପରେ ନିଜର ଅନୁଭୂତି ବଖାଣିବା ପାଇଁ ଓଡ଼ିଶାରୁ ୨ ମହିଳା ଚାଷୀ ମଙ୍ଗଳବାର ଦିଲ୍ଲୀ ଯାତ୍ରା କରିଛନ୍ତି। ସେମାନେ ହେଲେ ମୟୂରଭଞ୍ଜ ଜିଲା ଯଶୀପୁର ବ୍ଲକ ଗୋଇଲି ଗ୍ରାମର ସୁବାସା ମହାନ୍ତ ଓ କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଲିମା ପଞ୍ଚାୟତ ନୂଆଗୁଡ଼ା ଗ୍ରାମର ରାଇମତୀ ଘିଉରିଆ। ମୟୂରଭଞ୍ଜ ଜିଲାର ମାଣ୍ଡିଆ ମା’ ବୋଲାଉଥିବା ସୁବାସାଙ୍କ ଏହି ସଫଳତା ନେଇ ଜିଲାରେ ଖୁସିର ଲହରି ଖେଳିଯାଇଛି। ଜି୨୦ କାର୍ଯ୍ୟକ୍ରମକୁ ନିମନ୍ତ୍ରିତ ହୋଇ ମିଲେଟ ମିଶନର ସଫଳତା ☞ପୃଷ୍ଠା-୨




## ଉଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଉଗଡମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖରାକୁ ଡରେ ବର୍ଷାକୁ ଡରେ
ଶୀତକୁ କୁହେଁ ମୁଁ ବାହାର
ଏମନ୍ତ ଜନ ମୁଁ କେମନ୍ତ ବଞ୍ଚିବି
କିଏ ଆଣିଦେବ ଆହାର ?**

ଖରା, ବର୍ଷା ଓ ଶୀତକୁ ଡରି ବା ଆଳ ଦେଖାଇ କୌଣସି କାମଧନ୍ଦା କରୁ ନଥିବା ବ୍ୟକ୍ତି ସାଧାରଣତଃ ଅଳସୁଆ ପ୍ରକୃତିର ହୋଇଥାନ୍ତି । ଏପରି ବ୍ୟକ୍ତିଙ୍କୁ ଆହାର ମିଳିବା କଷ୍ଟକର ହୋଇପଡ଼ିଥିବା ବେଳେ ଅଳସୁଆ ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଖାଇଲାବେଳକୁ ପୁଅର ମାଆ
ଝୁଣ୍ଟୁଳି ପକାଇଲା ବେଳକୁ ବୁଢୀରେ ଘାଆ ।।**

ଖାଇବାକୁ ଆଗୁସାର ଅଥଚ କାମ କରିବାକୁ ବିମୁଖ । ଅନ୍ୟ ଅର୍ଥରେ ନିଜର କାର୍ଯ୍ୟ ସାଧନ ପାଇଁ ଯେତିକି ବ୍ୟଗ୍ରତା ପାଏ, ଅନ୍ୟର ସାହାଯ୍ୟ କରିବାକୁ ସେତେଟା ବ୍ୟଗ୍ରତା ପରିଲକ୍ଷିତ ହୁଏ ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି ।

ଓଡ଼ିଆ ଉଗଡମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ପାରାଦୀପ ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟରଙ୍କୁ ଚାକିରିରୁ ବହିଷ୍କାର

## ଜାତିଗତ ପ୍ରମାଣପତ୍ରରେ ଚଞ୍ଚକତା ଅଭିଯୋଗ


ପ୍ରମୋଦ କୁମାର ବିଷୋଇ

ପାରାଦୀପ,୫।୯(ଶରତ ରାଉତ)

ଚାକିରି ସମୟରେ ଜାତିଗତ ପ୍ରମାଣପତ୍ରରେ ଚଞ୍ଚକତା କରିଥିବା ଅଭିଯୋଗରେ ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ) ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ପ୍ରମୋଦ କୁମାର ବିଷୋଇଙ୍କୁ ବରଖାସ୍ତ କରିବା ପାଇଁ ଆରଡିସି କଟକ ସୁରେଶ ଚନ୍ଦ୍ର ଦଳାଇ ନିର୍ଦ୍ଦେଶ ଦେଇଛନ୍ତି । ଉକ୍ତ ରିପୋର୍ଟ ପାଇବା ପରେ ମଙ୍ଗଳବାର ପିପିଏ ପକ୍ଷରୁ ବିଷୋଇଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି ।

ଆରଡିସି ଦଳାଇ ତାଙ୍କ ୨୭ ପୃଷ୍ଠାର ବୃତ୍ତାନ୍ତ ରିପୋର୍ଟରେ ଦର୍ଶାଇଛନ୍ତି, ବିଷୋଇଙ୍କ ଜାତିଗତ ପ୍ରମାଣପତ୍ର ନେଇ ୨୦୧୧ରେ କନ୍ଧମାଳ ଜିଲ୍ଲାର ବିଶ୍ୱଜିତ୍ ପ୍ରଧାନ ଅଭିଯୋଗ କରିଥିଲେ । ବିଷୋଇଙ୍କ ପୈତୃକ ଗ୍ରାମ ମୟୂରଭଞ୍ଜ ଜିଲା ବଡସାହି ଥାନା ଅନ୍ତର୍ଗତ ପୁରାଖୁଣ୍ଟା ଗାମରେ ହୋଇଥିବାବେଳେ ଜାତି ହେଲା କମାର । ଏହା ଏସ୍ଇବିସି/ଓବିସି ବର୍ଗରେ ଯାଉଛି । କିନ୍ତୁ ବିଷୋଇ ଚଞ୍ଚକତା କରି ଏସ୍ଟି (ଅନୁସୂଚିତ ଜନଜାତି)ବର୍ଗର ଦର୍ଶାଇ ଚାକିରି, ପଦୋନ୍ନତି ଏବଂ ଅନ୍ୟ ସମସ୍ତ ସରକାରୀ ସୁବିଧା ନେଇଛନ୍ତି । ଉକ୍ତ ଅଭିଯୋଗ ଆଧାରରେ ସମ୍ପୃକ୍ତ ତହସିଲ, ଅତିରିକ୍ତ ଜିଲାପାଳଙ୍କ ରିପୋର୍ଟ, ହାଇକୋର୍ଟର ରାଜ୍ୟସ୍ତରୀୟ ଏସ୍ଏଲ୍ଏସ୍ସି(ଷ୍ଟେଟଲେଭଲ ସ୍କ୍ରିନ କମିଟି)ମାଧ୍ୟମରେ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି କ୍ରମରେ ଗତମାସ ୭ ତାରିଖରେ ଆରଡିସି ଦଳାଇଙ୍କ ଅଦାଲତରେ ଶୁଣାଣି କରାଯାଇଥିଲା । ଏଥିରେ ମୟୂରଭଞ୍ଜ ଜିଲାର ସମସ୍ତ ତଦନ୍ତକାରୀ ଅଧିକାରୀଙ୍କ ରିପୋର୍ଟ ଦାଖଲ ହୋଇଥିଲା । ଏଥିରେ ବିଷୋଇଙ୍କ ଚାକିରି ସମୟରେ ମୟୂରଭଞ୍ଜ ଜିଲା ଉଦଳାର ତତ୍କାଳୀନ ତହସିଲଦାର ଦେଇଥିବା କୋଲ-ଲୋହାରସ ଜାତିର ପ୍ରମାଣପତ୍ରକୁ ବାତିଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ବିଷୋଇଙ୍କ ପୂର୍ବପୁରୁଷ ନାମରେ ଥିବା ଜାତିଗତ ରେକର୍ଡକୁ ମଧ୍ୟ ସଂଶୋଧନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ଆଧାରରେ ମୟୂରଭଞ୍ଜ ଜିଲାପାଳ, ଜଗତ୍ସିଂହପୁର ଜିଲାପାଳ, ଉଭୟ ଜିଲାର ସମାଜ ମଙ୍ଗଳ ଅଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ବିଷୋଇ ପାଇଥିବା ସରକାରୀ ସୁବିଧା ଲେଉଟାଇବା ପାଇଁ ତାଙ୍କୁ ପ୍ରତ୍ୟାହାର କରିବା ପାଇଁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହି ରିପୋର୍ଟ ସମ୍ପର୍କରେ ଇଞ୍ଜିନିୟର ବିଷୋଇଙ୍କୁ ମୋବାଇଲ୍ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ହେଁ ସେ କଲ୍ ଗ୍ରହଣ କରି ନ ଥିଲେ ।

## 'ପ୍ରେସିଡେଣ୍ଟ ଅଫ୍ ଭାରତ'...

ପ୍ରଥମ ପୃଷ୍ଠାରୁ...

ଭାଜପା ନେତାମାନେ ଏହି ପଦକ୍ଷେପକୁ ସ୍ୱାଗତ କରିଥିବାବେଳେ ରାଷ୍ଟ୍ରପତିଙ୍କ ନିମନ୍ତ୍ରଣପତ୍ରକୁ ନେଇ ବିରୋଧୀ ଦଳଗୁଡ଼ିକ ତୀବ୍ର ସମାଲୋଚନା କରିଛନ୍ତି । ଭାଜପାକୁ ୨୦୨୪ ନିର୍ବାଚନରେ ଗାଦିଚ୍ୟୁତ କରିବା ପାଇଁ ଏକତ୍ରିତ ହୋଇଥିବା ବିରୋଧୀ ମେଣ୍ଟର ନାମ 'ଇଣ୍ଡିଆ' ରଖାଯାଇଥିବାରୁ ଭାଜପା ଏପରି କରିଥିବା ସେମାନେ କହିଛନ୍ତି । ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି) ନେତା ମନୋଜ ଝା କହିଛନ୍ତି, ଆମେ ଆମ ମେଣ୍ଟର ନାମ ଇଣ୍ଡିଆ ରଖିବାର କିଛି ସପ୍ତାହ ପରେ ଭାଜପା 'ରିପବ୍ଲିକ୍ ଅଫ୍ ଇଣ୍ଡିଆ' ବଦଳରେ 'ରିପବ୍ଲିକ୍ ଅଫ୍ ଭାରତ' ଲେଖି ନିମନ୍ତ୍ରଣପତ୍ର ପଠାଇବା ଆରମ୍ଭ କରିଛି । ସମ୍ବିଧାନ ଅନୁସାରେ 'ଇଣ୍ଡିଆ' ଓ 'ଭାରତ' ସମାନ । ଭାଜପା ଆମଠାରୁ 'ଇଣ୍ଡିଆ' କିମ୍ବା 'ଭାରତ'କୁ ଛଡ଼ାଇ ନେଇପାରିବେ ନାହିଁ । ସେହିପରି ଇଣ୍ଡିଆ ମେଣ୍ଟ ଏହାର ନାମ ଭାରତ ରଖିଲେ, ଭାଜପା 'ଭାରତ'କୁ ହଟାଇ ଭିନ୍ନ କିଛି ରଖିବ କି ବୋଲି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦ୍ମୀ ପାର୍ଟି (ଏଏପି) ଆବାହକ ଅରବିନ୍ଦ କେଜ୍ରିୱାଲ ପ୍ରଶ୍ନ କରିଛନ୍ତି । କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ଏକ୍ସ'ରେ ସମ୍ବିଧାନର ଅନୁଚ୍ଛେଦ ୧କୁ ଶେୟାର କରି କହିଛନ୍ତି, ଭାରତ ଇଣ୍ଡିଆ ଥିଲା, ଯାହାକି ରାଜ୍ୟଗୁଡ଼ିକର ଏକ ସଂଘ ହେବ । କିନ୍ତୁ ଏବେ ରାଜ୍ୟଗୁଡ଼ିକର ସଂଘକୁ ଆକ୍ରମଣ କରାଯାଉଛି । ଭାଜପା 'ଇଣ୍ଡିଆ ଶାଇନିଂ' ସ୍ଲୋଗାନ ଦେଇ ପ୍ରଚାର କରୁଥିଲା । ଏହାକୁ ନେଇ କଂଗ୍ରେସର ପ୍ରତିକ୍ରିୟା ରହିଥିଲା, ସାଧାରଣ ଲୋକଙ୍କୁ କ'ଣ ମିଳିଲା । ଭାଜପା ଡିଜିଟାଲ ଇଣ୍ଡିଆ, ଷ୍ଟାର୍ଟ-ଅପ୍ ଇଣ୍ଡିଆ, ନ୍ୟୁ ଇଣ୍ଡିଆ ଆଦି ଆଣିଥିବାବେଳେ କଂଗ୍ରେସ 'ଭାରତ ଯୋଡ଼ୋ ଯାତ୍ରା'ର ଆୟୋଜନ କରିଥିଲା । ଆସନ୍ତା ୭ରେ ଏହାର ବର୍ଷପୂର୍ତ୍ତି ଆୟୋଜନ କରାଯିବ । ମୋଦି ଦେଶ(ଇଣ୍ଡିଆ/ଭାରତ)କୁ କଳଙ୍କିତ ଓ ବିଭାଜିତ କରିଚାଲିଥିବେ କି ବୋଲି ରମେଶ ପ୍ରଶ୍ନ କରିଛନ୍ତି । ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ (ଟିଏମ୍ସି) ସୁପ୍ରିମୋ ମମତା ବାନାର୍ଜୀ କହିଛନ୍ତି, ଇଣ୍ଡିଆ ଯାହା ଭାରତ ତାହା ବୋଲି ଆମେ ସମସ୍ତେ ଜାଣିଛେ । କିନ୍ତୁ ସାରା ବିଶ୍ୱ ଆମକୁ ଇଣ୍ଡିଆ ବୋଲି ଜାଣେ । ହଠାତ୍ ଏମିତି କ'ଣ ହୋଇଗଲା ଯେ, ଆମେ କେବଳ ଭାରତ ନାମରେ ପରିଚିତ ହେବା । ତାମିଲନାଡ୍ରୁ ମୁଖ୍ୟମନ୍ତ୍ରୀ ଏମ୍. କେ. ଷ୍ଟାଲିନ୍ ମଧ୍ୟ ଏହି ପ୍ରସଙ୍ଗରେ ଭାଜପା ଉପରେ ବର୍ଷିଛନ୍ତି । ଅଣଭାଜପା ଶକ୍ତିଗୁଡ଼ିକ ଫାସିବାଦୀ ଭାଜପା ଶାସନକୁ କ୍ଷମତାଚ୍ୟୁତ କରିବା ପାଇଁ ଏକାଠି ହେବା ପରେ ଏବଂ ମେଣ୍ଟର ନାମ 'ଇଣ୍ଡିଆ' ରଖିବା ପରେ ଭାଜପା ଦେଶର ନାମ ବଦଳାଇବାକୁ ଚାହୁଁଛି । ଭାଜପା ଇଣ୍ଡିଆରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ପ୍ରତିଶ୍ରୁତି ଦେଇଥିଲା । କିନ୍ତୁ ୯ ବର୍ଷ ପରେ ଆମେ କ'ଣ ପାଇଲେ ? ଦେଶର ନାମ ପରିବର୍ତ୍ତନ । ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍ସିପି) ମୁଖ୍ୟ ଶରଦ ପାୱାର କହିଛନ୍ତି, ଦେଶର ନାଁ ବଦଳାଇବା ଅଧିକାର କାହାର ନାହିଁ । ଏହାର ଜବାବରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା କଂଗ୍ରେସକୁ 'ଦେଶ ବିରୋଧୀ' ଏବଂ 'ସମ୍ବିଧାନ ବିରୋଧୀ' ଆଖ୍ୟା ଦେଇଛନ୍ତି । କେନ୍ଦ୍ରମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖରଙ୍କ ମତରେ ଦେଶର ନାମ ଭାରତ । ତେଣୁ 'ପ୍ରେସିଡେଣ୍ଟ ଅଫ୍ ଭାରତ' ଲେଖିଲେ ବିରୋଧୀଙ୍କ କ'ଣ ଅସୁବିଧା ହେଉଛି । ଅନ୍ୟପକ୍ଷେ ସେପ୍ଟେମ୍ବର ୧୮ରୁ ଆରମ୍ଭ ହେବାକୁ ଥିବା ସଂସଦର ସ୍ୱତନ୍ତ୍ର ଅଧିବେଶନ ପାଇଁ କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟସୂଚୀ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇ ନ ଥିବାରୁ ଉକ୍ତ ଅଧିବେଶନରେ ଦେଶର ନାମ ପରିବର୍ତ୍ତନ ପାଇଁ ବିଲ୍ ଆଗତ ହୋଇପାରେ ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଛି ।


ଉଚ୍ଚଶିକ୍ଷା ପାଇଁ ଅଷ୍ଟ୍ରେଲିଆ ଯିବାକୁ ଥିବା ୫ ଛାତ୍ରୀଛାତ୍ର ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି । ଏହି ଅବସରରେ ଉପସ୍ଥିତ ଅଛନ୍ତି କେନ୍ଦୁଝର ଜିଲାପାଳ ଆଶିଷ ଠାକ୍ରେ ।

# ଉଚ୍ଚଶିକ୍ଷା ପାଇଁ ଅଷ୍ଟ୍ରେଲିଆ ଯିବେ କେନ୍ଦୁଝରର ୫ ମେଧାବୀ

- **କର୍ଟିନ ବିଶ୍ୱବିଦ୍ୟାଳୟ ସହ ଜିଲା ପ୍ରଶାସନର ବୁଝାମଣା**
- **ଜିଲା ଖଣିଜ ପ୍ରତିଷ୍ଠାନ ସମସ୍ତ ଖର୍ଚ୍ଚ ବହନ କରିବ**
- **ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଛାତ୍ରୀଛାତ୍ର**

କେନ୍ଦୁଝର, ୫।୯
(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ସରକାରୀ ଇଞ୍ଜିନିୟରିଂ କଲେଜରୁ ମାଇନିଂ ଇଞ୍ଜିନିୟରିଂରେ ସଫଳତାର ସହ ବିଟେକ୍ ପାସ କରିଥିବା ୫ ମେଧାବୀ ଛାତ୍ରୀଛାତ୍ର ଉଚ୍ଚଶିକ୍ଷା ପାଇଁ ଅଷ୍ଟ୍ରେଲିଆ ଯିବେ । ସେମାନେ ବିଶ୍ୱର ସୁନାମଧନ୍ୟ ଶିକ୍ଷା ପ୍ରତିଷ୍ଠାନ କର୍ଟିନ ବିଶ୍ୱବିଦ୍ୟାଳୟ ଅଧୀନ ୱେଷ୍ଟ ଅଷ୍ଟ୍ରେଲିଆନ ସ୍କୁଲ ଅଫ୍ ମାଇନ୍ସ, ମିନେରାଲ୍ସ, ଏନର୍ଜି ଆଣ୍ଡ କେମିକାଲ ଇଞ୍ଜିନିୟରିଂ (ଡବ୍ଲ୍ୟୁଏଏସ୍ଏମ୍ ଓ ଏମ୍ଇସିଇ)ରେ ଉଚ୍ଚଶିକ୍ଷା ଲାଭ କରିବେ । ସେମାନଙ୍କ ପାଠପଢ଼ା, ଅଷ୍ଟ୍ରେଲିଆରେ ରହଣି ଓ ଯାତାୟାତ ବାବଦକୁ ସମସ୍ତ ଖର୍ଚ୍ଚ କେନ୍ଦୁଝର ଜିଲା ଖଣିଜ ପ୍ରତିଷ୍ଠାନ ବହନ କରିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ।

କର୍ଟିନ ବିଶ୍ୱବିଦ୍ୟାଳୟର ବିଭିନ୍ନ ଉଦ୍ୟୋଗୀଙ୍କ ସହ ସମ୍ପର୍କ, ଉଚ୍ଚମାନର ଗବେଷଣା ଓ ନୂତନ ପାଠ୍ୟକ୍ରମ ପାଇଁ ଏହା ସମଗ୍ର ବିଶ୍ୱରେ ପରିଚିତ । ଶିକ୍ଷାନୁଷ୍ଠାନ ୭ ବର୍ଷ ଧରି ମିନେରାଲ ଏବଂ ମାଇନିଂ ଇଞ୍ଜିନିୟରିଂ ଶିକ୍ଷାଦାନ କ୍ଷେତ୍ରରେ କ୍ୟୁଏସ୍ ବିଶ୍ୱବିଶ୍ୱବିଦ୍ୟାଳୟ ର୍ୟାଙ୍କ୍ରେ ଦ୍ୱିତୀୟ ସ୍ଥାନ ଅଧିଗ୍ରହଣ କରିଆସୁଛି । ଏଠାରେ ଅଧ୍ୟୟନ କରିବା ପାଇଁ କେନ୍ଦୁଝର ଜିଲାରୁ ଯେଉଁ ୫ ଛାତ୍ରୀଛାତ୍ର ଚୟନ ହୋଇଛନ୍ତି ସେମାନେ ହେଲେ, ମିନର୍ଭା ସାହୁ, ଅଦ୍ୱିକ କୁମାର, ଆକିବ ଅହମ୍ମଦ, ଗିରିଶ ଶେଖର ନାୟକ ଓ ସରୋଜ ବିଶ୍ୱକର୍ମା । ଛାତ୍ରୀଛାତ୍ର ପ୍ରଫେସନାଲ ମାଇନିଂ ଇଞ୍ଜିନିୟରିଂରେ ସ୍ନାତକୋତ୍ତର ଡିଗ୍ରୀ ହାସଲ ପାଇଁ ଅଷ୍ଟ୍ରେଲିଆ ଯିବେ । ଏଥିପାଇଁ ୱେଷ୍ଟ ଅଷ୍ଟ୍ରେଲିଆନ ସ୍କୁଲ ଅଫ୍ ମାଇନ୍ସ ସହ କେନ୍ଦୁଝର ଜିଲା ପ୍ରଶାସନର ବୁଝାମଣା ହୋଇଛି । ପର୍ଥ ଏବଂ ପଶ୍ଚିମ ଅଷ୍ଟ୍ରେଲିଆର ଐତିହାସିକ ଖଣି ସହର କଲଗୁର୍ଲିରେ ଏହାର କ୍ୟାମ୍ପସ ରହିଛି । ଯେଉଁଠାରେ ଖଣିଭିତ୍ତିକ ଗବେଷଣାର ପର୍ଯ୍ୟାପ୍ତ ସୁଯୋଗ ରହିଛି । ବିଶ୍ୱର ବିଭିନ୍ନ ପ୍ରତିଷ୍ଠିତ ଉଦ୍ୟୋଗରେ ଛାତ୍ରୀଛାତ୍ରମାନଙ୍କୁ ନିୟୋଜନ କରିବାରେ ଏହି ସ୍କୁଲର ଭଲ ଟ୍ରାକ୍ ରେକର୍ଡ ମଧ୍ୟ ରହିଛି । କେନ୍ଦୁଝର ଜିଲା ପ୍ରଶାସନ ଏବଂ ୱେଷ୍ଟ ଅଷ୍ଟ୍ରେଲିଆନ ସ୍କୁଲ ଅଫ୍ ମାଇନ୍ସ ମଧ୍ୟରେ ହୋଇଥିବା ଏହି ବୁଝାମଣା ପଛରେ ଏକ ବଡ଼ ଏବଂ ମହତ ଉଦ୍ଦେଶ୍ୟ ରହିଛି । କେନ୍ଦୁଝର ଏକ ଜନଜାତି ବହୁଳ ଜିଲା ହେବା ସାଙ୍ଗକୁ ଏଠାରେ ଖଣିଜ ସମ୍ପଦ ଭରପୂର ରହିଛି । ଏଣୁ ଜିଲାର ଶୈକ୍ଷିକ ବାତାବରଣକୁ ଉତ୍କୃଷ୍ଟ ପ୍ରଦାନ କରିବା ଏବଂ ଏଠିକାର ଯୁବପିଢ଼ିଙ୍କୁ ସଶକ୍ତ କରିବା ପାଇଁ ଜିଲା ପ୍ରଶାସନକୁ ଏହା ଏକ ସୁଯୋଗ ପ୍ରଦାନ କରିଛି । ମାଇନିଂ ଇଞ୍ଜିନିୟରିଂ କ୍ଷେତ୍ରରେ ସେମାନଙ୍କୁ ଅତ୍ୟାଧୁନିକ ଜ୍ଞାନକୌଶଳ ସମ୍ପନ୍ନ କରାଯାଇ ଭବିଷ୍ୟତରେ ନିଜ ଅଞ୍ଚଳର ବିକାଶରେ ନିୟୋଜନ କରାଯିବା ଏବଂ ନେତୃତ୍ୱ ନେବାର ସୁଯୋଗ ଦେବା ହେଉଛି ଜିଲା ପ୍ରଶାସନର ମୂଳ ଉଦ୍ଦେଶ୍ୟ ବୋଲି ଜିଲାପାଳ ଆଶିଷ ଠାକ୍ରେ କହିଛନ୍ତି ।

ଚୟନ ହୋଇଥିବା ୫ ଛାତ୍ରୀଛାତ୍ର ସୋମବାର ନବୀନନିବାସ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି । ମୁଖ୍ୟମନ୍ତ୍ରୀ ଖୁସିବ୍ୟକ୍ତ କରି ନୂଆ ଯାତ୍ରା ପାଇଁ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଏଥିସହ କଠିନ ପରିଶ୍ରମ କରି ନିଜର କ୍ୟାରିୟର ଲକ୍ଷ୍ୟ ହାସଲ କରିବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ସହ ସାକ୍ଷାତ୍ ସମୟରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଓ କେନ୍ଦୁଝର ଜିଲାପାଳ ଉପସ୍ଥିତ ଥିଲେ ।

# ୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଲାଣି ଅଣଦାବିଦାର ଟଙ୍କା

## ଉତ୍ତରାଧିକାରୀଙ୍କ ନାମ ଉଲ୍ଲେଖ କରିବାକୁ ଆର୍ଥିକ ସଂସ୍ଥାଗୁଡ଼ିକ ପ୍ରବର୍ତ୍ତାନ୍ତୁ: ସୀତାରାମନ୍

ମୁମ୍ବାଇ, ୫।୯

ଦେଶର ବ୍ୟାଙ୍କ ଏବଂ ଆର୍ଥିକ କାରବାର ସହ ଜଡ଼ିତ ସଂସ୍ଥାଗୁଡ଼ିକରେ ଅଣଦାବିଦାରଙ୍କ ଟଙ୍କା ବୃଦ୍ଧି ପାଇବାରେ ଲାଗିଛି । ଏହା ପ୍ରାୟ ଏକ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଲାଣି । ତେଣୁ ଗ୍ରାହକମାନଙ୍କୁ ସେମାନଙ୍କ ଆକାଉଣ୍ଟରେ ନୋମିନିଙ୍କ ନାମ ଉଲ୍ଲେଖ କରିବାକୁ ପ୍ରବର୍ତ୍ତାଇବା ପାଇଁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ସମସ୍ତ ବ୍ୟାଙ୍କ ଏବଂ ଆର୍ଥିକ ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି । ଏହାଦ୍ୱାରା ଆକାଉଣ୍ଟଧାରୀଙ୍କ ପରେ ସେମାନଙ୍କ ନୋମିନିମାନେ ଅର୍ଥ ଫେରିପାଇବାରେ ସହାୟକ ହେବ ଏବଂ ବ୍ୟାଙ୍କରେ ପଡ଼ିରହୁଥିବା ଅନ୍କ୍ଲେମ୍ଡ୍ ଟଙ୍କା ହ୍ରାସ ପାଇବ ।

ଏକ ରିପୋର୍ଟ ଅନୁସାରେ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ କେବଳ ୩୫ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଅଣଦାବିଦାର ଭାବେ ପଡ଼ିରହିଛି । ଅନ୍ୟ ଆର୍ଥିକ କ୍ଷେତ୍ରକୁ ମିଶାଇଲେ ଏହା ୧ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଜଣାପଡ଼ିଛି । ତେଣୁ ସମସ୍ତ ଆକାଉଣ୍ଟଧାରୀ ଏବଂ ଗ୍ରାହକଙ୍କୁ ସେମାନଙ୍କ ନୋମିନି ବା ଉତ୍ତରାଧିକାରୀଙ୍କ ନାମ ଏବଂ ସମ୍ପର୍କ ଠିକ୍ ଭାବେ ପ୍ରଦାନ କରିବା ପାଇଁ ପରାମର୍ଶ ଦେବାକୁ ମଙ୍ଗଳବାର ଅର୍ଥମନ୍ତ୍ରୀ ସୀତାରାମନ୍ ସମସ୍ତ ଆର୍ଥିକ ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି । ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା, ଆର୍ଥିକ କାରବାରରେ ସମ୍ପୃକ୍ତ ଯଥା ମ୍ୟୁଚୁଆଲ୍ ଫଣ୍ଡ, ଷ୍ଟକ୍ ମାର୍କେଟ ଏବଂ ଯେଉଁମାନେ ଲୋକମାନଙ୍କ ଟଙ୍କା ସହିତ କାରବାର କରୁଛନ୍ତି, ସେମାନେ ନିଶ୍ଚିତ ଭାବେ ଲୋକମାନଙ୍କ ଟଙ୍କାର ସୁରକ୍ଷା ସହ ସେମାନଙ୍କ ନୋମିନି ସମ୍ପର୍କରେ ଚିନ୍ତା କରିବାର ଆବଶ୍ୟକ ରହିଛି ବୋଲି ଗ୍ଲୋବାଲ୍ ଫିନ୍ଟେକ୍ ଫେଷ୍ଟ (ଜିଏଫ୍ଏଫ୍)ରେ ଯୋଗଦେବା ଅବସରରେ ସୀତାରାମନ୍ ଏହା କହିଛନ୍ତି । ଏହାଦ୍ୱାରା ଏକ ସୁସ୍ଥ ଅର୍ଥ ବ୍ୟବସ୍ଥା ନିର୍ମାଣ କରାଯାଇପାରିବ । ନଚେତ୍ ଟିକେ ଅବହେଳା ଚରମ ବିଶୃଙ୍ଖଳା ସୃଷ୍ଟି କରିପାରେ ବୋଲି ସୀତାରାମନ୍ କହିଛନ୍ତି ।

# ଲଘୁଚାପ: ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା

**୩ ଜିଲାକୁ ଅରେଞ୍ଜ ୱାର୍ନିଂ**

ଭୁବନେଶ୍ୱର,୫।୯(ଅନିଲ ଦାସ)

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ମଙ୍ଗଳବାର ଘନୀଭୂତ ହୋଇଛି । ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ହୋଇପାରେ । ମାଲକାନଗିରି, କୋରାପୁଟ ଏବଂ ନବରଙ୍ଗପୁର ଜିଲାର କେତେକ ସ୍ଥାନରେ ଅତି ପ୍ରବଳ ବର୍ଷା ହେବା ନେଇ ଚେତାବନୀ ଦିଆଯାଇଛି । ସେହିପରି ରାୟଗଡ଼ା, ଗଜପତି, ଗଞ୍ଜାମ, କନ୍ଧମାଳ, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଝାରସୁଗୁଡ଼ା ଏବଂ ସମ୍ବଲପୁର ଜିଲାରେ ପ୍ରବଳ ବର୍ଷା (୭ରୁ ୧୧ ସେଣ୍ଟିମିଟର) ହେବାର ସମ୍ଭାବନା ରହିଛି । ଏ ନେଇ ଏହି ଜିଲା ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି । ୭ ତାରିଖରେ ଢେଙ୍କାନାଳ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, ନୟାଗଡ଼, ଗଞ୍ଜାମ, କନ୍ଧମାଳ, ବଲାଙ୍ଗୀର, ସୋନପୁର, କୋରାପୁଟ, ମାଲକାନଗିରି ଜିଲାରେ ପ୍ରବଳ ବର୍ଷା ହୋଇପାରେ । ଗତ ୨୪ ଘଣ୍ଟା ମଧ୍ୟରେ ଯାଜପୁର ୫୧ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଚାନ୍ଦବାଲିରେ ୪୦.୫, ନୂଆପଡା ୩୪, ଢେଙ୍କାନାଳ ୨୬.୫, ଅନୁଗୋଳ ୩୦, ତାଳଚେର ୧୨, ହୀରାକୁଦ ୧୮, ଫୁଲବାଣୀ ୧୯.୪, ଟିଟିଲାଗଡ଼ ୨୬, ସୋନପୁର ୩୧.୮, ଦାରିଙ୍ଗବାଡ଼ି ୩୯, ନୟାଗଡ଼ ୨୫, ପାରଳାଖେମୁଣ୍ଡି୩୩, ଢେଙ୍କାନାଳ ୨୬, ବରଗଡ଼ରେ ୨୪.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ।

## ଭାରତୀୟ ଦଳ...

ଉଭୟ ବ୍ୟାଟିଂ ଏବଂ ଉଇକେଟ କିପିଂ ଫିଟ୍ନେସରେ ଉତ୍ତୀର୍ଣ୍ଣ ହୋଇଛନ୍ତି ବୋଲି ଅଗରକର କହିଛନ୍ତି । ମ୍ୟାଚ ପରିସ୍ଥିତିକୁ ଦୃଷ୍ଟିରେ ରଖି ଆବଶ୍ୟକ ପଡ଼ିଲେ ଉଭୟ ରାହୁଲ ଓ କିଶନ ପ୍ଲେଇଂ ଇଲେଭେନରେ ସାମିଲ ହୋଇପାରନ୍ତି ବୋଲି ଅଧିନାୟକ ରୋହିତ କହିଛନ୍ତି ।

ରାହୁଲ ଓ କିଶନ ସାମିଲ ହେବା ଦ୍ୱାରା ଅନ୍ୟତମ ଉଇକେଟକିପର ସଞ୍ଜୁ ସାମ୍ସନଙ୍କୁ ଦଳରେ ସ୍ଥାନ ମିଳିନାହିଁ । ସେ ସମ୍ପ୍ରତି ରିଜର୍ଭ ଖେଳାଳି ଭାବେ ଶ୍ରୀଲଙ୍କାରେ ଭାରତୀୟ ଦଳ ସହ ରହିଛନ୍ତି । ଏସିଆ କପ୍ରେ ପାକିସ୍ତାନ ବିପକ୍ଷରେ ମ୍ୟାଚ ଖେଳିଥିବା ଶ୍ରେୟସ ଆୟାର ଦଳରେ ସ୍ଥାନ ବଜାୟ ରଖିବାରେ ସକ୍ଷମ ହୋଇଛନ୍ତି । ଫଳରେ ସୂର୍ଯ୍ୟକୁମାର ଯାଦବ ଓ ଯୁବ ବ୍ୟାଟର ତିଳକ ବର୍ମାଙ୍କ ମଧ୍ୟରୁ ଜଣକୁ ଚୟନ କରିବାକୁ ଚୟନକର୍ତ୍ତା ବାଧ୍ୟ ହୋଇଥିଲେ । ନିକଟ ଅତୀତରେ ଦିନିକିଆରେ ଭଲ ପ୍ରଦର୍ଶନ କରିପାରି ନ ଥିଲେ ମଧ୍ୟ ଅଭିଜ୍ଞତା ଦୃଷ୍ଟିରୁ ୩୨ ବର୍ଷୀୟ ସୂର୍ଯ୍ୟକୁମାର ପ୍ରଥମ ପସନ୍ଦ ହୋଇଥିଲେ ।

ବୋଲିଂ ବିଭାଗରେ ଯଶପ୍ରୀତ୍ ବୁମ୍ରା, ମହମ୍ମଦ ସିରାଜ ଓ ମହମ୍ମଦ ଶାମିଙ୍କୁ ଚୟନ କମିଟି ସଦସ୍ୟ ପ୍ରଥମ ପସନ୍ଦ ପେସ୍ ତ୍ରୟ ଭାବେ ନେଇଛନ୍ତି । ଦୀର୍ଘଦିନ ଧରି ଆହତ ସମସ୍ୟାରେ ରହିବା ପରେ ବୁମ୍ରା ନିକଟରେ ଆୟର୍ଲାଣ୍ଡ ବିପକ୍ଷ ଟି୨୦ ସିରିଜରେ ପ୍ରତ୍ୟାବର୍ତ୍ତନ କରିଥିଲେ । ଏସିଆ କପ୍ରେ ମଧ୍ୟ ସେ ଭାରତୀୟ ଦଳର ସଦସ୍ୟ ରହିଛନ୍ତି । ଅନ୍ୟପକ୍ଷରେ ଏସିଆ କପ୍ରେ ଦକ୍ଷତା ଦେଖାଇବାର ସୁଯୋଗ ପାଇ ନ ଥିବା ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ବିଶ୍ୱକପ୍ ଦଳରେ ସ୍ଥାନ ମିଳିନାହିଁ । ପେସ୍ ବିକଳ୍ପ ଭାବେ ହାର୍ଦ୍ଦିକ ପାଣ୍ଡ୍ୟା ଓ ଶାର୍ଦ୍ଦୁଳ ଠାକୁର ଭାରତୀୟ ବିଶ୍ୱକପ୍ ଦଳରେ ରହିଛନ୍ତି । ପୂର୍ବାନୁମାନ ଅନୁସାରେ ବାମହାତୀ ରିଷ୍ଟ ସ୍ପିନର କୁଲଦୀପ ଯାଦବଙ୍କୁ ଚୟନକର୍ତ୍ତା ପସନ୍ଦ କରିଛନ୍ତି । ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଓ ଅକ୍ଷର ପଟେଲ ଅନ୍ୟ ଦୁଇ ସ୍ପିନ୍ ବିକଳ୍ପ ଭାବେ ରହିଛନ୍ତି । ଲେଗ୍ ସ୍ପିନର ଯୁଜବେନ୍ଦ୍ର ଚହଲଙ୍କୁ ଦଳରେ ସ୍ଥାନ ମିଳିନାହିଁ । ରବିଚନ୍ଦ୍ରନ ଅଶ୍ୱିନ ଓ ୱାଶିଂଟନ ସୁନ୍ଦରଙ୍କୁ ଅଣଦେଖା କରାଯିବା ଅର୍ଥ ବିଶ୍ୱକପ୍ ଅବସରରେ ଭାରତ ଅଫ୍ସ୍ପିନରଙ୍କ ସେବାରୁ ବଞ୍ଚିତ ରହିବ । ବ୍ୟାଟିଂ ଲାଇନ୍ଅପ୍ରେ ଗଭୀରତା ଏବଂ ଦଳକୁ ଅଧିକ ସନ୍ତୁଳିତ କରିବା ପାଇଁ ଜାଡେଜା ଓ ଅକ୍ଷରଙ୍କୁ ଚୟନ କରାଯାଇଛି ବୋଲି ରୋହିତ ପ୍ରକାଶ କରିଛନ୍ତି । ଅକ୍ଟୋବର ୫ରେ ଅହମଦାବାଦଠାରେ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଉଦ୍ଘାଟନୀ ମ୍ୟାଚ ଖେଳାଯିବ । ୮ ତାରିଖରେ ଚେନ୍ନାଇରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳି ଭାରତ ଏହାର ଅଭିଯାନ ଆରମ୍ଭ କରିବ ।

ଭାରତୀୟ ଦଳ: ରୋହିତ ଶର୍ମା (ଅଧିନାୟକ), ଶୁବମନ ଗିଲ୍, ବିରାଟ କୋହଲି, ଶ୍ରେୟସ ଆୟାର, ଲୋକେଶ ରାହୁଲ, ଇଶାନ କିଶନ, ସୂର୍ଯ୍ୟକୁମାର ଯାଦବ, ହାର୍ଦ୍ଦିକ ପାଣ୍ଡ୍ୟା (ଉପ-ଅଧିନାୟକ), ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, କୁଲଦୀପ ଯାଦବ, ଶାର୍ଦ୍ଦୁଳ ଠାକୁର, ମହମ୍ମଦ ଶାମି, ମହମ୍ମଦ ସିରାଜ, ଯଶପ୍ରୀତ୍ ବୁମ୍ରା ।

## ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ...

ବଖାଣିବାକୁ ସୁଯୋଗ ମିଳିଥିବାରୁ ସୁବାସା ଉତ୍ସାହିତ ଥିବା କହିଛନ୍ତି । ସେହିପରି ୧୭୦ ପ୍ରକାର ଦେଶୀ ଧାନ ସଂଗ୍ରହକରି ଜୈବିକ ପଦ୍ଧତିରେ ଚାଷ କରୁଥିବା ରାଇମତୀ ଗତ କିଛି ବର୍ଷ ହେଲା ବିଭିନ୍ନ କିସମର ମାଣ୍ଡିଆ ଚାଷ ଏବଂ ଦେଶୀ ମାଣ୍ଡିଆ ଚାଷ କରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ତାଙ୍କୁ ଜି୨୦ ସମ୍ମିଳନୀରେ ଯୋଗଦେବାକୁ ସୁଯୋଗ ମିଳିଥିବାରୁ ଅଞ୍ଚଳବାସୀ ବେଶ୍ ଖୁସି ।

୨ ଦିନିଆ ଜି-୨୦ ସମ୍ମିଳନୀ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି ଜୋରସୋରରେ ଚାଲିଛି । ବିଦେଶୀ ଅତିଥିଙ୍କ ଆତିଥ୍ୟ ପ୍ରତି ବିଶେଷ ଧ୍ୟାନ ଦିଆଯିବା ଲାଗି ବ୍ୟବସ୍ଥା କରାଯାଉଛି । ବିଭିନ୍ନ ଦେଶର ମୁଖ୍ୟ ଆମ ଦେଶର ଆତିଥ୍ୟ ଗ୍ରହଣ କରିବାକୁ ଯାଉଥିବାରୁ ସେମାନଙ୍କ ରହିବା, ଖାଇବା ଓ ପିଇବା ଉପରେ ସ୍ୱତନ୍ତ୍ର ଧ୍ୟାନ ରଖାଯାଉଛି । କିଭଳି ସେମାନେ ଆମ ଦେଶର ସୁସ୍ୱାଦୁ ବ୍ୟଞ୍ଜନ ଗ୍ରହଣ କରିପାରିବେ ସେଥିପ୍ରତି ମଧ୍ୟ ବିଶେଷ ବ୍ୟବସ୍ଥା କରାଯାଉଛି । ଚଳିତବର୍ଷ ସମଗ୍ର ବିଶ୍ୱ ଅନ୍ତର୍ଜାତୀୟ ମିଲେଟ ବର୍ଷ-୨୦୨୩ ପାଳନ କରୁଛି । ଏଥିନିମନ୍ତେ ମିଲେଟ ଜାତୀୟ ଖାଦ୍ୟର ପ୍ରଚାରପ୍ରସାର ପାଇଁ ଜୋର୍ଦାର ପ୍ରସ୍ତୁତି ଆରମ୍ଭ ହୋଇଛି । ମିଲେଟ୍ ଭାରତର ପାରମ୍ପରିକ ଖାଦ୍ୟ । ଏହାକୁ ସାଧାରଣ ଲୋକଙ୍କ ଥାଳିରେ ସାମିଲ କରିବା ପାଇଁ ସରକାର ପ୍ରୟାସ କରୁଛନ୍ତି ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଚନ୍ଦ୍ରଙ୍କ ଶୁଭତ୍ୱ କାରଣରୁ ପ୍ରତ୍ୟେକ କାର୍ଯ୍ୟ ସହଜ ଓ ସୁବିଧାରେ ସମ୍ପନ୍ନ ହେବ । ଅର୍ଥ ଓ ସମ୍ମାନ ପ୍ରାପ୍ତି ସହ ସଭାସମିତି, ଆନୁଷ୍ଠାନିକ ଓ ସାଙ୍ଗଠନିକ କାର୍ଯ୍ୟରେ ପ୍ରଶଂସିତ ହେବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିବେ । ତଥାପି ଘର କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରିପାରନ୍ତି ।

**ବୃଷ** – ସ୍ୱରାଶିରେ ଉଚ୍ଚସ୍ଥ ଚନ୍ଦ୍ର ଯୋଗୁ ମନ ପ୍ରଫୁଲ୍ଲ ରହିବ ଏବଂ ସମସ୍ତ ସମସ୍ୟାର ସମାଧାନ ହୋଇପାରିବ । ତଥାପି ସକାଳୁ ସକାଳୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ । ବନ୍ଧୁ ଗହଣରେ ଅପ୍ରିୟ ସତ୍ୟ ଭାଷଣରୁ ଦୂରେଇ ରହନ୍ତୁ । କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ ।

**ମିଥୁନ** – ମୁଖଭାବରେ ଶୁକ୍ର ପ୍ରଭାବରୁ ସାମାଜିକ ସ୍ତରରେ ପ୍ରଶଂସିତ ହେବେ । କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରି କୃତକାର୍ଯ୍ୟ ହୋଇପାରନ୍ତି । ସ୍ୱାର୍ଥସାଧନ ମାନସରେ ମିତ୍ରମାନେ ପ୍ରଶଂସା ଗାଇ ବୁଲିବେ, ଏଣୁ ଏଥିପ୍ରତି ସତର୍କ ରହିବା ଭଲ । କଳା, ସାହିତ୍ୟ, ସାମ୍ବାଦିକତା ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ ।

**କର୍କଟ** – ଅଷ୍ଟମସ୍ଥ ସ୍ୱଗୃହୀ ଶନିଙ୍କ ପ୍ରଭାବରୁ କୌଣସି ଅଭାବ ନ ଥାଇ ଅତୀତ ଘଟଣାର ସମୀକ୍ଷାଜନିତ ମନ ବିଷାଦଗ୍ରସ୍ତ ହେବ । ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି । ଋଣ ସୂତ୍ରରେ ଅର୍ଥଲାଭ କରିବେ ଓ ଶିଳ୍ପ ବାଣିଜ୍ୟରେ ଉନ୍ନତି ଘଟିବ । ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ ।

**ସିଂହ** – ବୁଧାଦିତ୍ୟ ଯୋଗରୁ ସ୍ୱାସ୍ଥ୍ୟ ଭଲ ରହିବ ଏବଂ ବିଶିଷ୍ଟବ୍ୟକ୍ତିଙ୍କ ସାହାଯ୍ୟ ଲାଭ କରିପାରିବେ । କରଜଦାତାଙ୍କ ଚାପ ବୃଦ୍ଧି ପାଇବାରୁ ମାନସିକ ଭାରସାମ୍ୟ ହରାଇପାରନ୍ତି । ଘର କଥା ମନକୁ ଆନ୍ଦୋଳିତ କରିବା ସଙ୍ଗକୁ ନୂତନ ଦାୟିତ୍ୱ ନେଇ ବିବ୍ରତ ହେବାର ସୂଚନା ରହିଛି । ମିଥ୍ୟାଭାଷଣରୁ ସମାଲୋଚିତ ହୋଇପାରନ୍ତି ।

**କନ୍ୟା** – ତୃତୀୟଅଷ୍ଟମାଧିପ ମଙ୍ଗଳ ରାଶିରେ ରହିବା ଦ୍ୱାରା ବାରମ୍ବାର ଚେଷ୍ଟା କଲେ ମଧ୍ୟ କାର୍ଯ୍ୟହାନିରୁ କ୍ଷୋଭ ପ୍ରକାଶ କରିବେ । ପାରିବାରିକ ସଦ୍ଭାବ ଅକ୍ଷୁର୍ଣ୍ଣ ରହିବା ହେତୁ ମାନସିକ ଶାନ୍ତି ଲଭିବେ । ଶିଳ୍ପ, ବ୍ୟବସାୟ ତଥା ଏଜେନ୍ସିପରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ । କର୍ମାରମ୍ଭରେ ସଂକଟରେ ସମ୍ମୁଖୀନ ହେଲେ ମଧ୍ୟ ପରକ୍ଷଣରେ ସବୁ ଠିକ୍ ହୋଇଯିବ ।

**ତୁଳା** – ରାଶିରେ କବନ୍ଧଗ୍ରହ କେତୁ ପ୍ରଭାବରୁ ମାନସିକ ଅସୁସ୍ଥତା ହିଁ ସ୍ୱାସ୍ଥ୍ୟ ସମସ୍ୟାକୁ ଆମନ୍ତ୍ରଣ କରିବ । ଗୃହ ସମସ୍ୟା, ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ । ବନ୍ଧୁସମ୍ପର୍କକୁ କେନ୍ଦ୍ରକରି ପରିବାରରେ ଅଶାନ୍ତି ବୃଦ୍ଧି ପାଇପାରେ । ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବେ ।

**ବିଛା** – ଚତୁର୍ଥଶନିଙ୍କ କୁପ୍ରଭାବରୁ କାର୍ଯ୍ୟହାନି ଓ ବିଳମ୍ବଜନିତ ମନରେ ସରସତା ରହିବ ନାହିଁ । ଅନ୍ୟମାନଙ୍କ ଦ୍ୱାରା ପ୍ରତାରିତ ହୋଇ ମାନସିକ ସ୍ତରରେ କଷ୍ଟ ଅନୁଭବ କରିପାରନ୍ତି । ଆନୁଷ୍ଠାନିକ ଅଥବା ସାମାଜିକ କାର୍ଯ୍ୟରେ ଯୋଗଦେଇ ପ୍ରଶଂସିତ ହେବେ । କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର, ରାଜନୀତି, ପ୍ରଶାସନ ପାଇଁ ଦିନଟି ବହୁତ ଭଲ ।

**ଧନୁ** – ପ୍ରତ୍ୟେକ ପରିସ୍ଥିତିରେ ମନୋବଳ ଟାଣ ରହିବ କିନ୍ତୁ ବିଳମ୍ବରେ କାର୍ଯ୍ୟସିଦ୍ଧି ଘଟିବ । ମନରେ ଉଙ୍କି ମାରୁଥିବା ଆଶା ପୂରଣ ହେବାରେ ବନ୍ଧୁ ସାହାଯ୍ୟ କରିପାରନ୍ତି । ପୂର୍ବାଷାଢାନକ୍ଷତ୍ର ସକାଶେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ । ସାହିତ୍ୟ, ସଂଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନରେ ନିଜକୁ ନିୟୋଜିତ କଲେ ପ୍ରଶଂସିତ ହେବେ ।

**ମକର** – କର୍ମଭାବକୁ ଗୁରୁଦୃଷ୍ଟି ଜନିତ ନୂତନ ଯୋଜନା ସକାଶେ ମନ ବଳାଇ ପାରନ୍ତି । କ୍ରୟ ବିକ୍ରୟ କ୍ଷେତ୍ରରେ ସତର୍କ ନ ହେଲେ ଠକାମିରେ ପଡିବାର ଆଶଙ୍କା ରହିଛି । ଆଜିର ଅପରାହ୍ନରେ ସତ୍ସଙ୍ଗ, ପୁରାଣ ପଠନ ସାଙ୍ଗକୁ ଧର୍ମକାର୍ଯ୍ୟ ପ୍ରତି ରୁଚି ବଳିବ । ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କଥା କହି କାମ ହାସଲରେ ସମର୍ଥ ହେବେ ।

**କୁମ୍ଭ** – ତୃତୀୟଭାବ ପାପପ୍ରଭାବରୁ ବିରକ୍ତିକର କଥା କିମ୍ବା ବିବାଦୀୟ ମନ୍ତବ୍ୟ ଦେଇ ଶତ୍ରୁତା ଅର୍ଜନ କରିପାରନ୍ତି । ପାରିବାରିକ କ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇବ । ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ସଫଳତା ହାସଲ କରିବେ । ତଥାପି ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ ।

**ମୀନ** – ଆଜି ଭାଗ୍ୟସ୍ଥାନକୁ ଚନ୍ଦ୍ରଙ୍କ ଦୃଷ୍ଟିଜନିତ ଆପଣ ନିଜକାମ ପଛକୁ ପକାଇ ଅନ୍ୟମାନଙ୍କ ନିର୍ଦ୍ଦେଶରେ କାମ କରିପାରନ୍ତି । ଫଳତଃ ପରିବାର ସକାଶେ ଗୁରୁତ୍ୱପୂର୍ଣ୍ଣ କାମଟି ହାସଲ କରିବା କଷ୍ଟକର ହୋଇପଡ଼ିବ । ତଥାପି ସହକର୍ମୀ କିମ୍ବା ବନ୍ଧୁଙ୍କ ସହାୟତାରୁ ମୂଲ୍ୟବାନ ଦ୍ରବ୍ୟ ଲାଭ ହୋଇପାରେ । କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ ।

ଆଜି ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ (ସ୍ମାର୍ତ୍ତ), ଭାଦ୍ରବ କୃଷ୍ଣ ଅଷ୍ଟମୀ ବୁଧବାର, ସେପ୍ଟେମ୍ବର ୬ ତାରିଖ, ବୁଧେଇ ଓଷାର ପ୍ରଥମ ପାଳି, ରାଶିନକ୍ଷତ୍ର- ଦିବା ଘ.୦୯.୨୦ମି. ଗତେ, ରୋହିଣୀ ବୃଷ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । ସକାଳ ଘ.୦୫.୧୪ମି. ଗତେ ଘ.୦୭.୧୪ମି. ମଧ୍ୟେ, ଘ.୧୦.୧୨ମି. ଗତେ ଘ.୧୧.୨୦ମି. ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ.୧୧.୪୫ମି. ଗତେ ଘ.୦୧.୧୭ମି. ମଧ୍ୟେ ରାହୁକାଳ ।




# ବିଦ୍ୟୁତ୍ ଫାଶରେ ପଡ଼ି ୨ ହାତୀ ମୃତ

**ଅନୁଗୋଳ,୫।୯ (ଅମିତ କୁମାର ସାମଲ)**

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟର ଟାଇଁସି ସଂରକ୍ଷିତ ଜଙ୍ଗଲରେ ଶିକାରୀଙ୍କ ବିଦ୍ୟୁତ୍ ଫାଶରେ ଲାଗି ୨ ହାତୀଙ୍କ ମୃତ୍ୟୁ ହୋଇଛି। ତେବେ ଏହି ଘଟଣା ୪ ଦିନ ତଳେ ଘଟିଥିବା ସନ୍ଦେହ କରାଯାଉଥିବା ବେଳେ ଏତେ ବିଳମ୍ବରେ ବନ ବିଭାଗ ଖବରପାଇବା ଅଭୟାରଣ୍ୟରେ ପାଟ୍ରୋଲିଂ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଘଟଣାସ୍ଥଳରେ ବନ ବିଭାଗ ଅଧିକାରୀ ଓ ଭୁବନେଶ୍ୱରରୁ ଯାଇଥିବା ଜଏଣ୍ଟ ଟାସ୍କ ଫୋର୍ସ ଟିମ୍ ପହଞ୍ଚି ତଦନ୍ତ କରୁଥିବା ସୂଚନା ମିଳିଛି।

ପ୍ରକାଶ ଯେ, ଟାଇଁସି ସଂରକ୍ଷିତ ଜଙ୍ଗଲ ମଧ୍ୟକୁ କେତେଜଣ ଗାଈଚରାଳି ମଙ୍ଗଳବାର ଯାଇଥିବା ବେଳେ ସେଠାରେ ୨ଟି ହାତୀର ମୃତଦେହ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ତୁରନ୍ତ ବନ ବିଭାଗ ଟିମ୍ ସେଠାରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲା। ଘଟଣାସ୍ଥଳରୁ କିଛି ବିଦ୍ୟୁତ୍ ତାର ମିଳିଥିବାରୁ ଜନ୍ତୁ ଶିକାର ପାଇଁ ଶିକାରୀମାନେ ବିଛାଇଥିବା ବିଦ୍ୟୁତ୍ ତାରରେ ଲାଗି ଗୋଟିଏ ୧୫ ବର୍ଷୀୟ ଦନ୍ତା ହାତୀ ଓ ଆଉ ଏକ ୫ ବର୍ଷର ମାଈ ହାତୀର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ହାତୀ ୨ଟିର ମୃତଦେହ ଗଳିତ ଅବସ୍ଥାକୁ ଆସିଯାଇଥିବାରୁ ୪ ଦିନ ପୂର୍ବରୁ ଏହି ଘଟଣା ଘଟିଥିବା କୁହାଯାଉଛି। ଜଙ୍ଗଲ ଉପରେ ଦେଇ କେବୁଲ ମାଧ୍ୟମରେ ବିଦ୍ୟୁତ୍ ତାର ଯାଇଥିବା ବେଳେ ଶିକାରୀମାନେ କିପରି ସେଥିରେ ହୁକ ପକାଇ ତାର ବିଛାଇଲେ ତାହା ଚର୍ଚ୍ଚାର ବିଷୟ ହୋଇଛି। ଏ ନେଇ ବିଦ୍ୟୁତ ବିଭାଗ, ଭୁବନେଶ୍ୱରର ଯାଇଥିବା ଜଏଣ୍ଟ ଟାସ୍କଫୋର୍ସ ଟିମ୍ ମଧ୍ୟ ଟିକିନିଖି ଯାଞ୍ଚ କରୁଛି। ସାତକୋଶିଆ ଡିଏଫଓ ସରୋଜ କୁମାର ପଣ୍ଡା କହିଛନ୍ତି, ସାତକୋଶିଆ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ହୋଇଥିବାରୁ ସବୁ ଅଞ୍ଚଳରେ ପାଟ୍ରୋଲିଂ ହୋଇପାରୁ ନାହିଁ। ତଥାପି କୌଣସି କର୍ମଚାରୀଙ୍କ ଅବହେଳା ଥିଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ଘଟଣାସ୍ଥଳରେ ମରି ପଡ଼ିଥିବା ଗୋଟିଏ ଦନ୍ତା ଓ ଗୋଟିଏ ମାଈ ହାତୀ।

- ୪ ଦିନ ତଳୁ ମୃତ୍ୟୁ ହୋଇଥିବା ସନ୍ଦେହ
- ସାତକୋଶିଆରେ ପାଟ୍ରୋଲିଂକୁ ନେଇ ପ୍ରଶ୍ନବାଚୀ

# ଏକକ ନୃତ୍ୟ ସହ ବେହେଲା ବାଦନର ଯୁଗଳବନ୍ଦୀ

## ୨୯ତମ ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ ଆରମ୍ଭ


'୨୯ତମ ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ'ର ଉଦ୍‌ଘାଟନ ଅବସରରେ ଯୋଗଦେଇଥିବା ଅତିଥିମାନେ।

**ଭୁବନେଶ୍ୱର,୫।୯ (ଶର୍ମିଷ୍ଠା ପାଣିଗ୍ରାହୀ)**

ସୃଜନ ଅନୁଷ୍ଠାନର ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟବାସ ଓ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ '୨୯ତମ ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ' ମଙ୍ଗଳବାର ରବୀନ୍ଦ୍ର ମଣ୍ଡପଠାରେ ଆରମ୍ଭ ହୋଇଛି। ଅତିଥି ଭାବେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବି.ଆର୍. ଶର୍ମା, ପୂର୍ବତନ ରାଜସ୍ୱ ପରିଷଦ ଅଧ୍ୟକ୍ଷ ଅଶୋକ କୁମାର ତ୍ରିପାଠୀ, ଏମ୍.ଜି.ଏମ୍ ମିନେରାଲ୍ସର ନିର୍ଦ୍ଦେଶକ ପଙ୍କଜ ଲୋଚନ ମହାନ୍ତି ଓ ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଦେବୀ ମହାମାୟାଙ୍କ ପ୍ରାର୍ଥନାରୁ ଆରମ୍ଭ ହୋଇଥିଲା ସାଂସ୍କୃତିକ ସନ୍ଧ୍ୟା। ଏକକ ଓଡ଼ିଶୀ ନୃତ୍ୟରେ ଓଡ଼ିଶୀ ନୃତ୍ୟାଙ୍ଗନା ଶାଶ୍ୱତୀ ଗରାଇ ଘୋଷ ତାଙ୍କର ପ୍ରଥମ ପରିବେଷଣ ରଖିଥିଲେ। ତାଙ୍କର ଦୁର୍ଗାବତାର ଦର୍ଶକଙ୍କୁ ବେଶ୍ ମୁଗ୍ଧ କରିଥିଲେ। ପରବର୍ତ୍ତୀ ପରିବେଷଣ ଶ୍ରୀକୃଷ୍ଣକର୍ଣ୍ଣାମୃତମ୍‌ରେ ତାଙ୍କର ଯଶୋଦା ମା' ନୃତ୍ୟାଭିନୟ ଭାବବିହ୍ୱଳ ପରିବେଶ ସୃଷ୍ଟି କରିଥିଲା। ଏହାର ନୃତ୍ୟ ସଂରଚନା କରିଥିଲେ ଗୁରୁ ଶର୍ମିଳା ବିଶ୍ୱାସ। ତାଙ୍କୁ ବେହେଲାରେ ସ୍ୱରମଣି ରମେଶ ଚନ୍ଦ୍ର ଦାସ, ମର୍ଦ୍ଦଳରେ ବୁଦ୍ଧନାଥ ସ୍ୱାଇଁ, ବଂଶୀରେ ଶ୍ରୀନିବାସ ଶତପଥୀ ଓ କଣ୍ଠରେ ରାଜେଶ କୁମାର ଲେଙ୍କା ସହଯୋଗ କରିଥିଲେ। ଏକକ ନୃତ୍ୟ ପରେ ଆରମ୍ଭ ହୋଇଥିଲା ବେହେଲା ବାଦନର ଯୁଗଳବନ୍ଦୀ। କର୍ଣ୍ଣାଟକୀ ଶାସ୍ତ୍ରୀୟ ସଙ୍ଗୀତ ଉପରେ ଆଧାରିତ ବିଭିନ୍ନ ରାଗ ଓ ତାଳରେ ବେହେଲା ବାଦନ କରିଥିଲେ ଲାଲ୍‌ଗୁଡ଼ି ଜି.ଜେ.ଆର୍ କ୍ରିଷ୍ଣନ୍ ଓ ଲାଲ୍‌ଗୁଡ଼ି ବିଜୟଲକ୍ଷ୍ମୀ। ଏହା ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ସେମାନଙ୍କୁ ମୃଦଙ୍ଗରେ କୁଡିଭୋଡ୍‌ଲା ସାଇ ଗିରିଧର ଓ କଞ୍ଜିରାରେ ଏସ୍. ସୁନୀଲ କୁମାର ସହଯୋଗ କରିଥିଲେ। ଦେବୀପ୍ରସାଦ ମିଶ୍ରଙ୍କ ଆଲୋକ ପରିକଳ୍ପନା ଏବଂ ଶ୍ରୀ ସି. ଆନନ୍ଦ କୃଷ୍ଣଙ୍କ ସାଉଣ୍ଡ୍ ଇଞ୍ଜିନିୟରିଂ ମଧ୍ୟରେ ଶିଳ୍ପୀମାନେ କଳା ପ୍ରଦର୍ଶନ କରିଥିଲେ। ଦର୍ଶକମାନେ ସୃଜନର ଫେସ୍‌ବୁକ ପେଜ୍ ଓ ୟୁଟ୍ୟୁବ୍ ଚ୍ୟାନେଲରେ ଲାଇଭ୍ ଦେଖିପାରିବେ। କାର୍ଯ୍ୟକ୍ରମକୁ ଡ. ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିଲେ। ୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଉତ୍ସବର ମିଡିଆ ପାର୍ଟନର୍ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ରହିଛି।


ଓଡ଼ିଶୀ ନୃତ୍ୟାଙ୍ଗନା ଶାଶ୍ୱତୀ ଗରାଇ ଘୋଷ ନୃତ୍ୟ ପରିବେଷଣ କରୁଛନ୍ତି। (ଫଟୋ-ମୌସମ ନନ୍ଦ)

# ଶପଥ ନେଲେ ୨ ହାଇକୋର୍ଟ ବିଚାରପତି


ବିଚାରପତି ଶିବଶଙ୍କର ମିଶ୍ର ଓ ଆନନ୍ଦ ଚନ୍ଦ୍ର ବେହେରାଙ୍କୁ ମୁଖ୍ୟ ବିଚାରପତି ଶୁଭାଶିଷ ତାଳପତ୍ର ଶପଥ ପାଠ କରାଉଛନ୍ତି।

**କଟକ,୫।୯ (କାର୍ତ୍ତିକ ସାହୁ)**

ଓଡ଼ିଶା ହାଇକୋର୍ଟରେ ବିଚାରପତି ଭାବେ ଶିବଶଙ୍କର ମିଶ୍ର ଓ ଆନନ୍ଦ ଚନ୍ଦ୍ର ବେହେରା ମଙ୍ଗଳବାର ପୂର୍ବାହ୍ନରେ ଶପଥ ଗ୍ରହଣ କରିଛନ୍ତି। ହାଇକୋର୍ଟର ପୁରୁଣା ବିଲ୍ଡିଂସ୍ଥିତ ନୂତନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ବିଚାରପତି ଶୁଭାଶିଷ ତାଳପତ୍ର ଉଭୟଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ଏହି ଶପଥପାଠ ଉତ୍ସବରେ ଆଇନମନ୍ତ୍ରୀ ଜଗନ୍ନାଥ ସାରକା, ଭିଜିଲାନ୍ସ ଡିଜି ଯଶୱନ୍ତ କୁମାର ଜେଠୱା, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଡ୍‌ଭୋକେଟ୍ ଜେନେରାଲ ଅଶୋକ କୁମାର ପରିଜାଙ୍କ ସମେତ ହାଇକୋର୍ଟ ବିଚାରପତି, ବିଚାର ବିଭାଗୀୟ ଅଧିକାରୀ, ହାଇକୋର୍ଟ ବାର୍ ଆସୋସିଏଶନ୍‌ର କର୍ମକର୍ତ୍ତା ଓ ଆଇନଜୀବୀମାନେ ଉପସ୍ଥିତ ଥିଲେ। ୧୯୬୮ ମେ' ୩ ରେ ବିଚାରପତି ଶିବଶଙ୍କର ଜୟପୁରଠାରେ ଜନ୍ମଗ୍ରହଣ କରିଥିଲେ। ଶିବଶଙ୍କର ୧୯୯୧ ଡିସେମ୍ବର ୭ରେ ଓକିଲାତି ନିମନ୍ତେ ନାମ ପଞ୍ଜୀକରଣ କରିଥିଲେ। ତାଙ୍କର ୩୦ ବର୍ଷର ଓକିଲାତି ଅଭିଜ୍ଞତା ରହିଛି। ଦେୱାନୀ, ଫୌଜଦାରି ମାମଲା ପରିଚାଳନାରେ ସେ ସିଦ୍ଧହସ୍ତ। ସେହିପରି ଅନ୍ୟତମ ନୂତନ ବିଚାରପତି ଆନନ୍ଦଚନ୍ଦ୍ର ବେହେରା ୧୯୬୪ ମେ' ୨୩ରେ ଜନ୍ମଗ୍ରହଣ କରିଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରେ ସେ ବରିଷ୍ଠ ବିଚାର ବିଭାଗୀୟ ଅଧିକାରୀ ଭାବେ କାର୍ଯ୍ୟ କରିଛନ୍ତି। ଏଥିସହ ସେ ରାଜ୍ୟ ଭିଜିଲାନ୍ସରେ ଲିଗାଲ ଆଡଭାଇଜର ଭାବେ କାର୍ଯ୍ୟରତ ଥିଲେ। ହାଇକୋର୍ଟରେ ମଞ୍ଜୁରୀପ୍ରାପ୍ତ ବିଚାରପତି ପଦବୀ ୩୩ ହୋଇଥିବାବେଳେ ମୁଖ୍ୟ ବିଚାରପତିଙ୍କୁ ମିଶାଇ ବିଚାରପତି ସଂଖ୍ୟା ୨୦ ଥିଲା। ଏବେ ଏହି ଦୁଇ ବିଚାରପତିଙ୍କ ଶପଥଗ୍ରହଣ ଓ ବିଚାରପତି ବିଶ୍ୱନାଥ ରଥଙ୍କ ଅବସର ପରେ ଏହି ସଂଖ୍ୟା ୨୧ରେ ପହଞ୍ଚିଛି।


**OFFICE OF THE PRINCIPAL**
**PANCHAYAT SAMITI COLLEGE**
**BELPARA, DIST.: BALANGIR**
Phone: 06658-264448, E-mail: psc_belpara@yahoo.co.in
No. 775 Date: 05.09.2023

**WALK-IN-INTERVIEW**

An Interview for the Post of Lecturer in Physics & Education is scheduled to be held on 15.09.2023 in the Office of the undersigned. Interested candidates are requested to attend the interview with original documents/testimonials along with Xerox copies as detailed given below.

| Posts | No. of Post | Minimum Qualification required | Time |
|---|---|---|---|
| Lect. in Physics | 01 | 55% in concerned subject in P.G. | 11.00 A.M. |
| Lect. in Education | 01 | 55% in concerned subject in P.G. | 11.00 A.M. |

Sd./- Principal
Panchayat Samiti College, Belpara








# ଏ ବର୍ଷ ୭ ସ୍ଥାନରେ ଇକୋ ରିଟ୍ରିଟ୍

**ଭୁବନେଶ୍ୱର,୫।୯ (ଶର୍ମିଷ୍ଠା ପାଣିଗ୍ରାହୀ)**

**୫ମ ସଂସ୍କରଣର ବାର୍ଷିକ କ୍ୟାମ୍ପେନ୍ ଖୁବ୍‌ଶୀଘ୍ର**

ଚଳିତ ବର୍ଷ ରାଜ୍ୟର ୫ ସ୍ଥାନରେ ଇକୋ ରିଟ୍ରିଟ୍ ହେବ। ଏଥିପାଇଁ ଓଡ଼ିଶା ପର୍ଯ୍ୟଟନ ବିଭାଗ ଇକୋ ରିଟ୍ରିଟ୍‌ର ପଞ୍ଚମ ସଂସ୍କରଣ ପାଇଁ ବାର୍ଷିକ କ୍ୟାମ୍ପେନ୍ ଖୁବ୍‌ଶୀଘ୍ର ଆରମ୍ଭ କରିବାକୁ ଯାଉଛି। କୋଣାର୍କ, ସାତକୋଶିଆ, ଭିତରକନିକା, ଦାରିଙ୍ଗବାଡ଼ି, ହୀରାକୁଦ, ସୋନାପୁର ଓ ପୁଟସିଲ୍‌ଠାରେ ଇକୋ ରିଟ୍ରିଟ୍ ହେବା ନେଇ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ବର୍ତ୍ତମାନ ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ତାରିଖ ଘୋଷଣା ହୋଇ ନ ଥିଲେ ମଧ୍ୟ ଡିସେମ୍ବର୧ରୁ ଏହା ଆରମ୍ଭ ହୋଇପାରେ। ତେଣୁ ପର୍ଯ୍ୟଟକମାନେ ସେପ୍ଟେମ୍ବର ୧୫ରୁ ବୁକିଂ ଆରମ୍ଭ କରିପାରିବେ। ବିଳାସପୂର୍ଣ୍ଣ ଟେଣ୍ଟ ହାଉସ୍ ସହିତ ଦୁଃସାହସିକ କ୍ରୀଡ଼ା, ବିଚ୍, ମନ୍ଦିର, ଜଙ୍ଗଲ ଆଉ ଅନେକ ସ୍ଥାନ ଏକ୍ସପ୍ଲୋର କରିବେ ପର୍ଯ୍ୟଟକ। ତେବେ ଏ ସଂକ୍ରାନ୍ତ ସମସ୍ତ ସୂଚନା ଆସନ୍ତା ସପ୍ତାହରେ ପର୍ଯ୍ୟଟକମାନେ ପାଇପାରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୧୯ରେ କୋଣାର୍କ ଚନ୍ଦ୍ରଭାଗାଠାରୁ ଆରମ୍ଭ ହୋଇଥିବା ଏହି ଇକୋ ରିଟ୍ରିଟ୍ ପରବର୍ତ୍ତୀ ସମୟରେ ୫ଟି ସ୍ଥାନରେ ହେଉଥିବାବେଳେ ଏବେ ଏହି ସଂଖ୍ୟା ୭ରେ ପହଞ୍ଚିଛି। ଗତବର୍ଷ କୋଣାର୍କ ରାମଚଣ୍ଡୀ ବେଳାଭୂମିର ସୁନ୍ଦର ପରିବେଶ ଉପଭୋଗ କରିବା ପାଇଁ ୨୦ରୁ ଅଧିକ କାର୍ଯ୍ୟକ୍ରମ ସହ ୭୦ରୁ ଅଧିକ ଟେଣ୍ଟ ବ୍ୟବସ୍ଥା କରାଯାଇଥିଲା। ସାତକୋଶିଆଠାରେ ୨୫ ଟେଣ୍ଟ ଓ ୧୨ରୁ ଅଧିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସେଠାରେ ବ୍ୟାଘ୍ର ସଂରକ୍ଷଣ, ରତ୍ନଗିରି ଜଳପ୍ରପାତ, ସାତକୋଶିଆ ଗଣ୍ଡ ପ୍ରମୁଖ ସ୍ଥାନ ପର୍ଯ୍ୟଟକଙ୍କ ପାଇଁ ମୁଖ୍ୟ ଆକର୍ଷଣ ରହିଛି। ସେହିପରି ଭିତରକନିକାଠାରେ ୨୫ ବିଳାସପୂର୍ଣ୍ଣ ଟେଣ୍ଟ ଓ ୧୨ରୁ ଅଧିକ କାର୍ଯ୍ୟକ୍ରମ ହୋଇଥିଲା। ପର୍ଯ୍ୟଟକମାନେ ଭିତରକନିକା ନ୍ୟାଶନାଲ୍ ପାର୍କ, କ୍ରିକ୍‌ରେ ବୋଟିଂ, ନେଚର୍ ୱାକ୍ ଆଦିର ମଜା ନେବାର ସୁଯୋଗ ରହିଛି। ଦାରିଙ୍ଗବାଡ଼ିଠାରେ କଫି ଗାର୍ଡେନ୍, ମିଦୁବନ୍ଦା ୱାଟର୍‌ଫଲ୍, ସୂର୍ଯ୍ୟାସ୍ତ ପଏଣ୍ଟ , ହୀରାକୁଦ୍‌ଠାରେ ମା ସାଲେଶ୍ୱରୀ ମନ୍ଦିର, ଦେବୀଗଡ଼ ବନ୍ୟାପ୍ରାଣୀ ଅଭୟାରଣ୍ୟ, ହୀରାକୁଦ୍ ଡ୍ୟାମ୍, ସୋନାପୁରଠାରେ ସୁବର୍ଣ୍ଣମେରୁ ଶିବମନ୍ଦିର, ଲଙ୍କେଶ୍ୱରୀ ମନ୍ଦିର, ସୁରେଶ୍ୱରୀ ମନ୍ଦିର ଏବଂ ପୁଟସିଲ୍‌ଠାରେ ଶାବର ଶ୍ରୀକ୍ଷେତ୍ର, ଟ୍ରାଇବାଲ୍ ମ୍ୟୁଜିୟମ୍, ଡୁମ୍‌ଡୁମା ଜଳପ୍ରପାତ ଭଳି ପ୍ରମୁଖ ସ୍ଥାନଗୁଡ଼ିକ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣୀୟ ସାଜିଛି। ସନ୍ଧ୍ୟା ମନୋରଞ୍ଜନ, କ୍ୟୁଲିନାରି ଏକ୍ସପେରିଏନ୍ସ, ରାଇଫଲ୍ ଶୁଟିଂ, ଆର୍ଚେରି, ସାଇକେଲିଂ ଭଳି କାର୍ଯ୍ୟକ୍ରମ କରାଯାଉଛି।




ଭାଜପା କର୍ମୀମାନେ ସମ୍ବିତ ପାତ୍ରଙ୍କୁ କଳାପତାକା ଦେଖାଇବାକୁ ଯାଉଛନ୍ତି।

# କଳାପତାକା ଦେଖାଇଲେ, ଅଣ୍ଡାମାଡ଼ କଲେ

ନୟାଗଡ଼,୫।୯(ଲୋକନାଥ ମିଶ୍ର)

- ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ରଙ୍କୁ ନୟାଗଡ଼ରେ ବିରୋଧ
- ଭାଜପାର ପ୍ରତ୍ୟୁଷା, ଇରାନୀ ଗୋଷ୍ଠୀ ମୁହାଁମୁହିଁ
- ଗୋଷ୍ଠୀ ସଂଘର୍ଷକୁ ପଣ୍ଡ କଲା ପୋଲିସ

ନୟାଗଡ଼ର ଭାଜପା ଜିଲା କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ରଙ୍କୁ ଇରାନୀ ରାୟଙ୍କ ଗୋଷ୍ଠୀର କର୍ମୀମାନେ କଳାପତାକା ଦେଖାଇବା ସହ ଅଣ୍ଡାମାଡ଼ କରିଛନ୍ତି। ତେବେ ଶୋଭାଯାତ୍ରା ଭାଜପା ଜିଲା କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବା ପୂର୍ବରୁ ଅଣ୍ଡାମାଡ଼ ଓ କଳାପତାକା ପ୍ରଦର୍ଶନ ହୋଇଥିଲା। ଏଣୁ ଅଣ୍ଡା ସମ୍ବିତ ପାତ୍ରଙ୍କ ଦେହରେ ବାଜିନାହିଁ। ପୁଣି କଳାପତାକା ମଧ୍ୟ ବହୁ ଆଗରୁ ପ୍ରଦର୍ଶନ ହୋଇଥିଲା। ଏହି ଘଟଣାକୁ ନେଇ ଭାଜପାର ଦୁଇ ନାରୀ ନେତ୍ରୀ ଇରାନୀ ରାୟ ଓ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଗୋଷ୍ଠୀ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ହେବାର ଥିଲା। ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇ ସାରିଥିଲେ। ଏଭଳିସ୍ଥଳେ କଳାପତାକା ଓ ଅଣ୍ଡାମାଡ଼ କରିଥିବା ୨ କର୍ମୀଙ୍କୁ ପୋଲିସ ଉଠାଇ ନେବା ପରେ ଗୋଷ୍ଠୀ ସଂଘର୍ଷ ପଣ୍ଡ ହୋଇଥିଲା। ପୋଲିସ ପରିସ୍ଥିତିକୁ ନିୟନ୍ତ୍ରଣ କରି ନେଇଥିଲା। ଏଣୁ ପ୍ରତ୍ୟୁଷା ରାଜେଶ୍ୱରୀଙ୍କ ସ୍ୱାମୀ ପୂର୍ବତନ କନ୍ଧମାଳ ଏମ୍‌ପି ହେମେନ୍ଦ୍ର ଚନ୍ଦ୍ର ସିଂଙ୍କ ଶ୍ରାଦ୍ଧ ବାର୍ଷିକ ପାଳନ ଶାନ୍ତିଶୃଙ୍ଖଳାର ସହ ସମାପନ ହୋଇଯାଇଛି।

ମଙ୍ଗଳବାର ପୂର୍ବତନ ଏମ୍‌ପି ହେମେନ୍ଦ୍ର ଚନ୍ଦ୍ର ସିଂଙ୍କ ୯ମ ଶ୍ରାଦ୍ଧ ବାର୍ଷିକ ପୁରୁଣା ରାଜବାଟିରେ ପାଳନ ହେଉଥିଲା। ଏହି ଅବସରରେ ଏକ ରକ୍ତଦାନ ଶିବିର ସହ ହେମେନ୍ଦ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବାର କାର୍ଯ୍ୟକ୍ରମ ଥିଲା। ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ନୟାଗଡ଼ ଆସୁଥିଲେ। ତେବେ ସମ୍ବିତ ହେମେନ୍ଦ୍ରଙ୍କ କାର୍ଯ୍ୟକ୍ରମରେ ଯୋଗଦେବାକୁ ଇରାନୀଙ୍କ ଗୋଷ୍ଠୀ ପକ୍ଷରୁ ବିରୋଧ କରାଯାଇଥିଲା। ସମ୍ବିତ କିନ୍ତୁ ଇରାନୀଙ୍କ ଗୋଷ୍ଠୀର କର୍ମୀ କଥା ନ ଶୁଣି କାର୍ଯ୍ୟକ୍ରମରେ ଯୋଗଦେବେ କହିବାରୁ ବିବାଦ ବଢ଼ିଥିଲା। ଇରାନୀଙ୍କ ଗୋଷ୍ଠୀ ଖୋଲାଖୋଲି ସମ୍ବିତଙ୍କୁ ବିରୋଧ କରିଥିଲେ। ଏପରି କି ସିନ୍ଦୂରିଆ ନିକଟସ୍ଥ ଭାଜପା ଜିଲା କାର୍ଯ୍ୟାଳୟଠାରେ ସମ୍ବିତଙ୍କୁ ଅଣ୍ଡାମାଡ଼ ଓ କଳାପତାକା ଦେଖାଇବାକୁ ପ୍ରସ୍ତୁତ ହୋଇ ରହିଥିଲେ। ତେବେ ସମ୍ବିତ ୫୭ ନଂ. ଜାତୀୟ ରାଜପଥରେ ସିନ୍ଦୂରିଆ ଦେଇ ନ ଯାଇ ବିକଳ୍ପ ରାସ୍ତାରେ ପୁରୁଣା ରାଜବାଟିରେ ପହଞ୍ଚି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପୁରୁଣା ରାଜବାଟିଠାରୁ ପ୍ରତ୍ୟୁଷା ରାଜେଶ୍ୱରୀଙ୍କ ସହ ବାଇକ୍ ଶୋଭାଯାତ୍ରାରେ ସିନ୍ଦୂରିଆ ନିକଟସ୍ଥ ହେମେନ୍ଦ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବାକୁ ପହଞ୍ଚିଲେ। ଏଣୁ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବାକୁ ଯିବା ଓ ଫେରିବା ସମୟରେ ସମ୍ବିତଙ୍କୁ ବିରୋଧ କରାଯାଇଥିବା ଦେଖିବାକୁ ମିଳିଥିଲା।

# ମୋର ବିରୋଧୀମାନେ ମଧ୍ୟ ମୋ ଶିକ୍ଷକ: ରାହୁଲ

ନୂଆଦିଲ୍ଲୀ,୫।୯: କଂଗ୍ରେସ ନେତା ରାହୁଲ ଗାନ୍ଧୀ ଗୁରୁ ଦିବସରେ ଏକ ନିଆରା ଅଭିନନ୍ଦନ ଜଣାଇଛନ୍ତି। ମଙ୍ଗଳବାର ରାହୁଲ କହିଛନ୍ତି ତାଙ୍କ ବିରୋଧୀମାନେ ମଧ୍ୟ ତାଙ୍କର ଶିକ୍ଷକ। ଯେହେତୁ ସେମାନଙ୍କର ଆଚରଣ, ମିଥ୍ୟା ଏବଂ ଶବ୍ଦ ତାଙ୍କୁ ଠିକ ରାସ୍ତାରେ ରହିବାକୁ ସାହାଯ୍ୟ କରେ ଓ ଯେ କୌଣସି ମୂଲ୍ୟରେ ଆଗକୁ ବଢ଼ିବା ଜାରି ରଖିବାରେ ସାହାଯ୍ୟ କରେ। ଗୁରୁ ଦିବସରେ ସେ ସମସ୍ତ ଶିକ୍ଷକମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ ସୋସିଆଲ ମିଡ଼ିଆ ଏକ୍ସରେ ଲେଖିଛନ୍ତି, ଜଣେ ଶିକ୍ଷକଙ୍କର ଆମ ଜୀବନରେ ବହୁତ ଉଚ୍ଚ ସ୍ଥାନ ଅଛି। କାରଣ ଜଣେ ଶିକ୍ଷକ ଆପଣଙ୍କ ଜୀବନର ପଥକୁ ଆଲୋକିତ କରନ୍ତି ଏବଂ ଆପଣଙ୍କୁ ଠିକ ଦିଗକୁ ଯିବାକୁ ପ୍ରେରଣା ଦିଅନ୍ତି। ଭାରତର ଲୋକମାନେ ମଧ୍ୟ ଶିକ୍ଷକମାନଙ୍କ ପରି, ଯେହେତୁ ସେମାନେ ବିବିଧତା ମଧ୍ୟରେ ଏକତାର ଉଦାହରଣ ଦିଅନ୍ତି, ସାହସ ସହିତ ପ୍ରତ୍ୟେକ ସମସ୍ୟାର ମୁକାବିଲା କରିବାକୁ ଆମକୁ ପ୍ରେରଣା ଦିଅନ୍ତି ଓ ନମ୍ରତା ଏବଂ ଅନୁତାପର ଉଦାହରଣ ଅଟନ୍ତି। ମହାତ୍ମା ଗାନ୍ଧୀ, ଗୌତମ ବୁଦ୍ଧ ଏବଂ ଶ୍ରୀ ନାରାୟଣ ଗୁରୁ ଭଳି ମହାପୁରୁଷଙ୍କୁ ମୁଁ ମୋର ଗୁରୁ ବୋଲି ବିବେଚନା କରିଥାଏ। ଏହି ବ୍ୟକ୍ତିତ୍ୱମାନେ ଆମକୁ ସମାଜର ସମସ୍ତ ଲୋକଙ୍କ ସମାନତା,ସମସ୍ତଙ୍କ ପ୍ରତି ଦୟା ଏବଂ ପ୍ରେମ ଦେଖାଇବା ପାଇଁ ଜ୍ଞାନ ଦେଇଛନ୍ତି।


ରାହୁଲ ଗାନ୍ଧୀ

# ନିର୍ଦ୍ଧାରିତ ସମୟରେ ହେବ ସାଧାରଣ ନିର୍ବାଚନ

ଭୁବନେଶ୍ୱର,୫।୯(ଅନିଲ ଦାସ)

**ପ୍ରସ୍ତୁତ ପାଇଁ ଦଳୀୟ ନେତାଙ୍କୁ ବିଜେଡିର ପରାମର୍ଶ**

**୧୧ରୁ ଶଙ୍ଖ ଭବନରେ ତାଲିମ ନେବେ ମାଷ୍ଟର ଟ୍ରେନର**

କିଛିମାସ ଧରି ଆଗୁଆ ନିର୍ବାଚନ ଚର୍ଚ୍ଚା ଜୋର ଧରିଥିଲା। ତେବେ ଏଥିରେ ବିଜେଡି ପୂର୍ଣ୍ଣଚ୍ଛେଦ ପକାଇ ନିଜର ନେତାମାନଙ୍କୁ ଧାର୍ଯ୍ୟ ସମୟରେ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଛି । ଆସନ୍ତା ସାଧାରଣ ନିର୍ବାଚନ ଧାର୍ଯ୍ୟ ସମୟରେ ହେବ ବୋଲି ଦଳ ପକ୍ଷରୁ ସଙ୍କେତ ଦିଆଯାଇଛି । ନିର୍ବାଚନ ପ୍ରସ୍ତୁତି ପାଇଁ ହାତରେ ମାତ୍ର ୫ ମାସ ସମୟ ଥିବାରୁ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାର ପ୍ରକଳ୍ପ କାର୍ଯ୍ୟକୁ ବ୍ୟାପକ ଭାବେ ଆରମ୍ଭ କରିବା, ଜିଲା ପରିଷଦ ଜୋନ୍‌ୱାରି ଛାତ୍ର, ଯୁବ ଓ ମହିଳାମାନଙ୍କ ବୈଠକ କରିବା, ଗାନ୍ଧୀ ଜୟନ୍ତୀରୁ ଦଳୀୟ ପଦଯାତ୍ରାକୁ ଡିସେମ୍ବର ଶେଷ ପର୍ଯ୍ୟନ୍ତ ଚଳାଇ ରଖିବା, ଯେଉଁମାନେ ମାଷ୍ଟରଟ୍ରେନର ପ୍ରଶିକ୍ଷଣ ନେବେ ସେମାନଙ୍କ ମାଧ୍ୟମରେ ପଞ୍ଚାୟତୱାରି ଅଧିକ ସଂଖ୍ୟକ ଦଳୀୟ କର୍ମୀଙ୍କୁ ପ୍ରଶିକ୍ଷିତ କରାଇବା ସହ ଘରେ ଘରେ ଶଙ୍ଖ ଅଭିଯାନକୁ ତ୍ୱରାନ୍ୱିତ କରିବା ନିମନ୍ତେ ପର୍ଯ୍ୟବେକ୍ଷକମାନଙ୍କୁ ଦଳ ପକ୍ଷରୁ ପରାମର୍ଶ ଦିଆଯାଇଛି। ତେବେ ଆସନ୍ତା ମାସେ କିମ୍ବା ୧୫ଦିନ ମଧ୍ୟରେ ପୁଣିଥରେ ଦଳୀୟ ପର୍ଯ୍ୟବେକ୍ଷକମାନଙ୍କ ବୈଠକ ବସିବ ବୋଲି କୁହାଯାଇଥିବା ଜଣାପଡ଼ିଛି ।

ସଂଗଠନକୁ ଦୃଢ଼ କରିବା ପାଇଁ ଦଳ ପକ୍ଷରୁ ନିର୍ବାଚନମଣ୍ଡଳୀୱାରି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆସନ୍ତା ୧୧ ତାରିଖରୁ ଆରମ୍ଭ ହେବ । ସୋମବାର ନବୀନ ନିବାସରେ ଦଳର ପର୍ଯ୍ୟବେକ୍ଷକଙ୍କ ସହ ଏହି ପ୍ରଶିକ୍ଷଣ ଶିବିରକୁ ନେଇ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଚାରବିମର୍ଶ କରିବା ପରେ ମଙ୍ଗଳବାର ଦଳ ପକ୍ଷରୁ ଗାଇଡ୍‌ଲାଇନ୍ ଜାରି ହୋଇଛି । ଧାର୍ଯ୍ୟ ସମୟ ଅର୍ଥାତ୍ ମାର୍ଚ୍ଚ-ଏପ୍ରିଲ ମାସରେ ସାଧାରଣ ନିର୍ବାଚନ ହେବାକୁ ଥିବାରୁ ସଂଗଠନକୁ ଦୃଢ଼ କରି ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କ ନିକଟତର ହେବାକୁ ଦଳୀୟ ପର୍ଯ୍ୟବେକ୍ଷକମାନଙ୍କୁ ପରାମର୍ଶ ଦିଆଯାଇଥିବା ଜଣାପଡ଼ିଛି ।

ବିଜେଡି ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବରିଷ୍ଠ ଉପସଭାପତି ତଥା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆବାହକ ଦେବୀ ପ୍ରସାଦ ମିଶ୍ର ବିଜେଡିର ସମସ୍ତ ପର୍ଯ୍ୟବେକ୍ଷକଙ୍କୁ ଚିଠି ଲେଖି ପ୍ରତ୍ୟେକ ନିର୍ବାଚନମଣ୍ଡଳୀରୁ ସର୍ବାଧିକ ୨୦୦ଜଣଙ୍କୁ ମାଷ୍ଟରଟ୍ରେନର ଭାବେ ଶଙ୍ଖ ଭବନରେ ପ୍ରଶିକ୍ଷଣ ଦେବା ସମ୍ପର୍କରେ ଅବଗତ କରାଇଛନ୍ତି। ସେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଦଳର ସଭାପତିଙ୍କ ଅଧ୍ୟକ୍ଷତାରେ ସେପ୍ଟେମ୍ବର ୪ରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ନେଇ ବିସ୍ତୃତ ଆଲୋଚନା ହୋଇଛି। ଦଳର ସଭାପତିଙ୍କ ପରାମର୍ଶରେ ଶଙ୍ଖ ଭବନରେ ଆସନ୍ତା ୧୧ରୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରତ୍ୟେକ ନିର୍ବାଚନମଣ୍ଡଳୀରୁ ସର୍ବାଧିକ ୨୦୦ଜଣ ମାଷ୍ଟର ଟ୍ରେନରଙ୍କୁ ପ୍ରଶିକ୍ଷଣ ଦିଆଯିବ । ସମସ୍ତ ନିର୍ବାଚନମଣ୍ଡଳୀର ବିଧାୟକ, ନେତା, ଦଳୀୟ ପଦାଧିକାରୀଙ୍କ ସହ ବିଚାରବିମର୍ଶ କରି ଆସନ୍ତା ୫ଦିନ ମଧ୍ୟରେ ନିର୍ବାଚନମଣ୍ଡଳୀୱାରି ସର୍ବାଧିକ ୨୦୦ଜଣ ସକ୍ରିୟ କର୍ମୀ(ମାଷ୍ଟରଟ୍ରେନର)ଙ୍କ ତାଲିକା ଦେବାକୁ ପର୍ଯ୍ୟବେକ୍ଷକଙ୍କୁ କୁହାଯାଇଛି। ସେହିପରି ଜଣେ ଲେଖାଏ ଡାଟା ଏଣ୍ଟ୍ରି ଅପରେଟରଙ୍କ ନାଁ ଓ ବିସ୍ତୃତ ତଥ୍ୟ ଦେବାକୁ ପଡ଼ିବ। ଏହି ଡାଟାଏଣ୍ଟ୍ରି ଅପରେଟରମାନେ ସମ୍ପୃକ୍ତ ନିର୍ବାଚନମଣ୍ଡଳୀୱାରି ତଥ୍ୟକୁ ୧୫ଦିନ ମଧ୍ୟରେ ଶଙ୍ଖ ଭବନକୁ ଜଣାଇବେ। ମାଷ୍ଟରଟ୍ରେନର ଭାବେ ପ୍ରତ୍ୟେକ ପଞ୍ଚାୟତ ଓ ୱାର୍ଡ(ସହରାଞ୍ଚଳ)ରୁ ୩ରୁ ୪ଜଣ ଚୟନ କରାଯିବ, ସେମାନଙ୍କ ସଂଖ୍ୟା ସର୍ବାଧିକ ୨୦୦ ମଧ୍ୟରେ ରହିବ। ଏହି ୨୦୦ଜଣଙ୍କ ମଧ୍ୟରୁ ପ୍ରତ୍ୟେକ ଜିଲା ପରିଷଦ ଜୋନରୁ ସର୍ବନିମ୍ନ ୪ରୁ ୫ଜଣ ମହିଳା ସଦସ୍ୟ ସାମିଲ ହେବେ। ସେହିପରି ଜିଲା ପରିଷଦ ଜୋନରୁ ଅତିକମ୍‌ରେ ଜଣେ ଦଳର ସୋସିଆଲ ମିଡ଼ିଆ କର୍ମକର୍ତ୍ତା ମଧ୍ୟ ରହିବେ । ଏହି ସମସ୍ତ ୨୦୦ଜଣ ସଦସ୍ୟଙ୍କ ପାଖରେ ସ୍ମାର୍ଟଫୋନ୍ ଥିବା ଜରୁରୀ ଓ ସେମାନେ ସୋସିଆଲ ମିଡ଼ିଆ ଏବଂ ହ୍ୱାଟ୍ସଆପ୍ ପରିଚାଳନା କରିପାରୁଥିବେ ବୋଲି ଦଳ ପକ୍ଷରୁ କୁହାଯାଇଛି । ଶଙ୍ଖ ଭବନରେ ଏହି ପ୍ରଶିକ୍ଷଣ ଶିବିର ମୋଟ ୧ଘଣ୍ଟା ୫୫ମିନିଟ୍ ଧରି ଚାଲିବ।

# ଶିବରାଜଙ୍କୁ କ୍ରିକେଟର ଧୋନୀଙ୍କ ସହ ତୁଳନା କଲେ ରାଜନାଥ

ଭୋପାଳ,୫।୯ : ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କ ନେତୃତ୍ୱକୁ ପ୍ରଶଂସା କରିବା ସହ ତାଙ୍କୁ ମହାନ କ୍ରିକେଟର ମହେନ୍ଦ୍ର ସିଂ ଧୋନୀ (ଏମ୍‌ଏସ୍ ଧୋନି)ଙ୍କ ସହ ତୁଳନା କରିଛନ୍ତି। ରାଜନାଥ କହିଛନ୍ତି, ଶିବରାଜଙ୍କୁ ରାଜନୀତିର ଧୋନୀ କହିବା ଅତ୍ୟୁକ୍ତି ହେବ ନାହିଁ। ଆରମ୍ଭ ଯାହା ବି ହେଉ, ସେ ଭଲ ଫିନିଶ ଦେଇ ମ୍ୟାଚ୍ କିପରି ଜିତିବେ ଜାଣନ୍ତି। ଶିବରାଜ ଲୋକଙ୍କ ସେବା କରିଛନ୍ତି, ସେଥିପାଇଁ ସେ ଜନସାଧାରଣଙ୍କ ବିଶ୍ୱାସକୁ ହାସଲ କରି ପାରିଛନ୍ତି । ସେ ମଧ୍ୟପ୍ରଦେଶରେ ମାମା ଭାବରେ ବି ଜଣାଶୁଣା। ମଧ୍ୟପ୍ରଦେଶର ନେମୁଚରେ ଭାଜପାର ଜନ ଆଶୀର୍ବାଦ ଯାତ୍ରାକୁ ଆରମ୍ଭ କରିବା ପୂର୍ବରୁ ଏକ ସାଧାରଣ ସଭାକୁ ସମ୍ବୋଧିତ କରି ରାଜନାଥ ଏଭଳି ତୁଳନା କରିଛନ୍ତି।

# ବିଜେଡିର ୩ ବିଧାୟକଙ୍କୁ ଯୁବ କଂଗ୍ରେସର ବିରୋଧ

**ଗୁରୁଦିବସ ପାଳନ କାର୍ଯ୍ୟକ୍ରମ**

ଭବାନୀପାଟଣା,୫।୯(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ନର୍ଲାରେ ମଙ୍ଗଳବାର ନୂତନ ପ୍ରାଥମିକ ଶିକ୍ଷକ ଭବନ ଉଦ୍‌ଘାଟନ ଓ ୨୬ତମ ଜିଲାସ୍ତରୀୟ ଗୁରୁଦିବସ କାର୍ଯ୍ୟକ୍ରମ ପୂର୍ବରୁ ଯୁବ କଂଗ୍ରେସ କର୍ମକର୍ତ୍ତାଙ୍କ ଦ୍ୱାରା ଜିଲାର ୩ ବିଜେଡି ବିଧାୟକ ବିରୋଧର ଶିକାର ହୋଇଛନ୍ତି। ଯୁବ କଂଗ୍ରେସ ପକ୍ଷରୁ ସେମାନଙ୍କୁ କଳାପତାକା ପ୍ରଦର୍ଶନ ସହ ଅଣ୍ଡାମାଡ଼ କରାଯାଇଥିବା ଜଣାପଡିଛି। ଏଥିରେ ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ରଙ୍କ ସହ ନର୍ଲା ବିଧାୟକ ଭୂପିନ୍ଦର ସିଂହ ଓ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀ ରହିଥିଲେ। ବହୁଚର୍ଚ୍ଚିତ ଗୋଲାମୁଣ୍ଡା ବ୍ଲକ ମହାଲିଙ୍ଗ ସନ୍‌ଶାଇନ ପବ୍ଲିକ ସ୍କୁଲ ଅଧ୍ୟକ୍ଷା ମମିତା ମେହେର ହତ୍ୟାକାଣ୍ଡ, ୫-ଟି ଯୋଜନାରେ ରୂପାନ୍ତରିତ କାର୍ଯ୍ୟରେ ହରିଲୁଟ ଓ ବ୍ଲକରେ ଶିକ୍ଷକ ସମସ୍ୟା ନେଇ ନର୍ଲା ଛାତ୍ର କଂଗ୍ରେସ ଓ ଯୁବ କଂଗ୍ରେସର କର୍ମକର୍ତ୍ତାମାନେ ୩ ବିଧାୟକଙ୍କୁ ତୀବ୍ର ବିରୋଧ କରିଥିଲେ। ଏପରିକି ଯୁବ କଂଗ୍ରେସ କର୍ମକର୍ତ୍ତାମାନେ ସଭାରେ ବିଧାୟକଙ୍କୁ ନ ବସେଇବା ଦାବି କରିବା ସହ ଦିବ୍ୟଶଙ୍କର ମିଶ୍ର ଗୋ ବ୍ୟାକ ଗୋ ବ୍ୟାକ ନାରା ଦେଇଥିଲେ। ବର୍ଷାରେ ଭିଜିଭିଜି ସେମାନେ ବିରୋଧ ପ୍ରଦର୍ଶନ କରୁଥିବା ଦେଖିବାକୁ ମିଳିଥିଲା।


ବିଜେଡି ବିଧାୟକଙ୍କୁ ଯୁବ କଂଗ୍ରେସ କର୍ମୀମାନେ ବିରୋଧ କରୁଛନ୍ତି ।

# ଭାଜପା କୃଷକ ମୋର୍ଚ୍ଚାର ନୂଆ କମିଟି

**୩୪ ସାଙ୍ଗଠନିକ ଜିଲା ସଭାପତି, ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଭାବେ ୩୫ ମନୋନୀତ**

ଭୁବନେଶ୍ୱର, ୫।୯(ସୁନିତ୍ ମିଶ୍ର)

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନକ୍ରମେ କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ମଙ୍ଗଳବାର କୃଷକ ମୋର୍ଚ୍ଚା ରାଜ୍ୟ ପଦାଧିକାରୀ, କାର୍ଯ୍ୟକାରିଣୀ, ସ୍ଥାୟୀ ନିମନ୍ତ୍ରିତ, ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଏବଂ ଜିଲା ସଭାପତିଙ୍କ ନାମ ଘୋଷଣା କରିଛନ୍ତି । ରାଜ୍ୟ ଉପସଭାପତି ଭାବେ ସୂର୍ଯ୍ୟ ନାରାୟଣ ମହାପାତ୍ର, ହୃଷୀକେଶ ଜେନା, ପ୍ରଦୀପ କୁମାର ପତ୍ରୀ, ବିପଦ ଭଞ୍ଜନ ଦାସ, ହଳପାଣି ମାଝି ଓ ଚନ୍ଦ୍ରଶେଖର ପଣ୍ଡାଙ୍କୁ ଦାୟିତ୍ୱ ଦିଆଯାଇଛି। ରାଜ୍ୟ ସାଧାରଣ ସମ୍ପାଦକ ଭାବେ ସମୀର ପାତ୍ର ଓ ଉପେନ୍ଦ୍ର ଭଞ୍ଜ, ରାଜ୍ୟ ସମ୍ପାଦକ ଭାବେ ମହେନ୍ଦ୍ର ଠାକୁର, ବିକ୍ରମ କେଶରୀ ରାଉତରାୟ, ମନୋଜ କୁମାର ସାହୁ, ଅଶୋକ କୁମାର ରଥ, ପାରାଉ ମୁର୍ମୁ, କୋଷାଧ୍ୟକ୍ଷ ଭାବେ ବିଶ୍ୱଜିତ୍ ସ୍ୱାଇଁ, କାର୍ଯ୍ୟାଳୟ ସମ୍ପାଦକ ଭାବେ ଅଜୟ କୁମାର ସାହୁ, ସାମାଜିକ ଗଣମାଧ୍ୟମ ସଂଯୋଜକ ଭାବେ ପ୍ରଦୀପ କୁମାର ସାହୁ ଏବଂ ସାମାଜିକ ଗଣମାଧ୍ୟମ ସହ-ସଂଯୋଜକ ଭାବେ ଶିବପ୍ରସାଦ ଶ୍ରୀଚନ୍ଦନ ଓ ସୁଧାକର ସାହୁଙ୍କୁ ଦାୟିତ୍ୱ ଦିଆଯାଇଛି। ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ ଭାବେ କୃଷ୍ଣ ଜଗଦେବ, ଭାଗୀରଥି ପ୍ରଧାନ, ଶିବାଜୀ ମହାନ୍ତି, ପ୍ରଦୀପ ପୁରୋହିତ, ବିଜୟ ଖାଲ୍‌କୋ, ଦିଲୀପ କୁମାର ସ୍ୱାଇଁ, ମନୀଷା ଚିନ୍ମୟୀ ବେହେରା, ଶ୍ରୀରଞ୍ଜନ ମଙ୍ଗରାଜ ପ୍ରମୁଖଙ୍କୁ ମନୋନୀତ କରାଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟଭାବେ ୪୮ ଜଣ ଏବଂ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଭାବେ ୩୫ ଜଣଙ୍କୁ ମନୋନୀତ କରାଯାଇଛି। ସେହିପରି ୩୪ଟି ସାଙ୍ଗଠନିକ ଜିଲା ସଭାପତିଙ୍କ ନାମ ମଧ୍ୟ ଘୋଷଣା କରାଯାଇଛି ।

**ପୂର୍ବ ତଟ ରେଳପଥ**

(1) ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-SBP-TENDER-2023-30, ତା.25.08.2023ରିଖ
କାର୍ଯ୍ୟର ନାମ : ଚିକିତ୍ସାଳୟ ପ୍ରବନ୍ଧନ ଏବଂ ସୂଚନା ପ୍ରଣାଳୀର କାର୍ଯ୍ୟାନ୍ୱୟନ ନିମନ୍ତେ ସମ୍ବଲପୁର ମଣ୍ଡଳର ବଲାଙ୍ଗୀର, ଟିଟିଲାଗଡ଼, କଣ୍ଟାବାଞ୍ଜି ଏବଂ ମହାସମୁଦ୍ର ଠାରେ ହେଲ୍‌ଥ ୟୁନିଟ୍ ଏବଂ ମଣ୍ଡଳ ରେଳବାଇ ଚିକିତ୍ସାଳୟ ଠାରେ LAN ପଏଣ୍ଟ ଏବଂ Wi-Fi ପଏଣ୍ଟ ଗୁଡ଼ିକର ବ୍ୟବସ୍ଥା ।
ଟେଣ୍ଡର ମୂଲ୍ୟ (₹) : 11,80,345.45, ବିଡ୍ ସିକ୍ୟୁରିଟି (₹): 23,600.00
(2) ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-SBP-TENDER-2023-31, ତା. 25.08.2023ରିଖ
କାର୍ଯ୍ୟର ନାମ: ମଣ୍ଡଳ ରେଳ ପ୍ରବନ୍ଧକ ବିଲ୍ଡିଂ/ ସମ୍ବଲପୁରର ରେଲନେଟ୍ ଏବଂ Wi-Fi ର ଉନ୍ନୟନ ନିମନ୍ତେ ଦୂରସଂଚାର ସମ୍ପତ୍ତିର ନିର୍ମାଣ(Creation) ।
ଟେଣ୍ଡର ମୂଲ୍ୟ (₹) : 69,95,079.33, ବିଡ୍ ସିକ୍ୟୁରିଟି (₹): 1,39,900.00
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.18.09.2023 ରିଖ 1100 ଘଟିକାରେ (କ୍ରମ ସଂ.1 ପାଇଁ) ଏବଂ ତା. 21.09.2023 ରିଖ 1100 ଘଟିକାରେ (କ୍ରମ ସଂ.2 ପାଇଁ) ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ http://www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ମଣ୍ଡଳ ରେଳ ପ୍ରବନ୍ଧକ(ସଙ୍କେତ ଏବଂ ଦୂରସଞ୍ଚାର), ସମ୍ବଲପୁର
PR-535/O/23-24

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**WALK-IN-INTERVIEW**
Between- 8.30 A.M. to 9 AM.
From 11.09.2023 to 16.09.2023
**APEX ENGLISH MEDIUM SCHOOL**
Affiliated to CBSE, New Delhi, Laliteswar Nagar, Jajpur
Phone:9437080047, Email:apexjajpur1998@gmail.com
For the Post of TGT : English, Science & S.S.T.
Salary : As per Experience and Efficiency
Sd./- DIRECTOR

**URGENTLY REQUIRED**
JP Solutions, CDA-13, Cuttack Urgently Required Loan Recovery agent for Bank. Fresher or experience candidate for all Odisha. Telecaller experience girls. Qualification:10th/ +2
Salary 10000 upto 20000+incentive.
Contact:jpsolutions147@gmail.com
63728 04980, 82804 99801

**WALK-IN-INTERVIEW**
Jagannath Hospital, Sahid Nagar, Bhubaneswar urgently required Male Receptionists and NICU / PICU Sisters. **Walk-in-interview on 07.09.2023.** Candidates may send their resume through email - jagannathhospital@yahoo.com.
Phone : 8093091310

**DIRECTORATE OF MEDICAL EDUCATION & TRAINING, ODISHA**
**ADVERTISEMENT FOR OPENING OF INSTITUTIONS FOR IMPARTING NURSING/PHARMACY/ PHYSIOTHERAPY AND OCCUPATIONAL THERAPY/ DMLT & DMRT AND ALLIED MEDICAL SCIENCE COURSES IN THE STATE FOR 2024-25**
MET-I-AMS-01/2023 - No. 12920 Dt.: 02.09.2023
No. E-377: Online applications are invited for obtaining new NOC for opening of Institutions for imparting Nursing/ Pharmacy/Physiotherapy and Occupational Therapy/ DMLT & DMRT and Allied Medical Science Courses in the State of Odisha in the academic session 2024-25. The detail guidelines and instruction manual are available in the website of DMET (O), i.e. **www.dmetodisha.gov.in**.
Sd./- DMET, Odisha
OIPR-10016/11/0008/2324

**DIRECTORATE OF MEDICAL EDUCATION & TRAINING, ODISHA**
**ADVERTISEMENT FOR COMBINED ALLIED AND PARAMEDICAL COUNSELLING FOR TAKING ADMISSION IN VARIOUS ALLIED AND PARAMEDICAL COURSES FOR AY 2024-25**
MET-I-AMS-01/2023/12953 Dt.: 02.09.2023
No. E-378: Online applications are invited for combined allied and paramedical counselling to take admission in various paramedical courses for the academic session of 2024-25. The detail guidelines and instruction manual are available in the website of DMET (O), i.e. **www.dmetodisha.gov.in**.
Sd./- DMET, Odisha
OIPR-10016/11/0007/2324

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, राँची**
**ई–निविदा आमंत्रण सूचना**
ई– निविदा सूचना संख्या – RDD/SD/RANCHI/21/2022-23 Re-tender (3rd Call)
P.R. No. 293960 Rural Development (22-23) D &
P.R No. 296683 Rural Development (23-24) D
1. कार्य की विस्तृत विवरणी :

| क्र० सं० | कार्य का नाम | प्राक्कलित राशि (लाख में) | अग्रधन की राशि (रू० में) | परिमाण विपत्र का मूल्य (रू० में) | कार्य पूर्ण करने की अवधि |
|---|---|---|---|---|---|
| 1 | राँची जिला के सिल्ली प्रखंड में कोंचो पंचायत अंतर्गत देलबेड़ा धाम के स्वर्णरेखा नदी घाट पर उच्च स्तरीय पुल निर्माण। | 1059.506 | 21,19,100.00 | 10,000.00 | 24 माह |

2. वेबसाइट में निविदा प्रकाशन की तिथि – दिनांक 11.09.2023
3. ई–निविदा प्राप्ति की तिथि एवं समय – दिनांक 12.09.2023 से दिनांक 25.09.2023 को अपराह्न 5:00 बजे तक।
4. निविदा शुल्क एवं अग्रधन की राशि जमा करने की अंतिम तिथि एवं समय 29.09.2023 अपराह्न 05:00 बजे तक।
5. निविदा शुल्क एवं अग्रधन की राशि जमा करने का स्थान :–
i) ग्रामीण विकास विशेष प्रमंडल, राँची के लिए जिला नियंत्रण कक्ष, राँची।
ii) ग्रामीण विकास विशेष अंचल, राँची के लिए जिला नियंत्रण कक्ष, राँची।
iii) e-procurement Cell, मुख्य अभियंता कार्यालय, ग्रामीण विकास विशेष प्रक्षेत्र, एफ०एफ०पी० भवन, धुर्वा, राँची।
6. निविदा शुल्क एवं अग्रधन की राशि जमा करने की तिथि को यदि राज्य में सरकारी अवकाश घोषित होता है, तो उक्त तिथि एवं समय अगले कार्यदिवस तक स्वतः विस्तारित समझी जायेगी।
7. निविदा खोलने का स्थान :– कार्यपालक अभियंता का कार्यालय, ग्रामीण विकास विशेष प्रमंडल, राँची।
8. निविदा खोलने की तिथि एवं समय :– 30.09.2023 अपराह्न 02:00 बजे।
9. निविदा आमंत्रित करने वाले पदाधिकारी का नाम एवं पता – कार्यपालक अभियंता, ग्रामीण विकास विशेष प्रमंडल, राँची।
10. ई०–निविदा प्रकोष्ठ का दूरभाष सं० – 9431349277 (संबंधित कार्यपालक अभियंता का दूरभाष नम्बर)
11. निविदा शुल्क राष्ट्रीयकृत बैंक द्वारा निर्गत ड्राफ्ट या बैंकर्स चेक जो कार्यपालक अभियंता, ग्रामीण विकास विशेश प्रमंडल, राँची के पदनाम से देय हो देना होगा।
12. परिमाण विपत्र की राशि घट–बढ़ सकती है, तदनुसार अग्रधन की राशि देय होगी।
विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।
कार्यपालक अभियंता
ग्रामीण विकास विशेष प्रमंडल, राँची
PR 306246 Rural Development(23-24)#D

**OFFICE OF THE MUNICIPAL COUNCIL, NAYAGARH**
**QUOTATION CALL NOTICE**
No. 2810 Date: 04.09.2023
No. C-1305: Sealed quotations are invited through Registered Post/Speed Post/By hand from the contractors (MV/HT) having updated GST, PAN Card, Licence for supply of Electrical Street Light with all fixtures for Nayagarh Municipality as per detailed specification, terms and conditions in separate schedule, which may be obtained from Office of the Municipal Council, Nayagarh on any working days from 07.09.2023 to 16.09.2023 upto 5.30 P.M. on payment of cost of bid document of Rs.2000.00 in shape of cash deposit receipt of Nayagarh Municipality & EMD of Rs.10,000.00 in shape of Cash deposit receipt of Nayagarh Municipality/TDR drawn on any Nationalized Bank and in favour of Executive Officer, Nayagarh Municipality, payable at Nayagarh. All quotations are to be received in the Office of the undersigned during office hour upto 5.30 P.M. on or before date 18.09.2023. The quotation will be opened by the undersigned or authorised official on date 21.09.2023 at 11.00 A.M. in the Office of the Executive Officer, Nayagarh Municipality in presence of the quotationers or their authorised representatives who wish to remain present at that time. Other terms and conditions can be seen in the DTCN documents. The authority reserves the right to reject any or all the tender without assigning any reason thereof.
Sd./- Executive Officer
Nayagarh Municipality
OIPR-13134/11/0013/2324

**SHREE JAGANNATH TEMPLE OFFICE, PURI**
**Advertisement Notice No.11513, Date:5.9.2023**
Applications are invited from eligible retired Revenue Supervisor/ Revenue Inspector/ Asst. Revenue Inspector/ Amins for the post of Amin to work in the land related matters of Shree Jagannath Mahaprabhu Bije-Puri located at Puri, Khurda, Cuttack, Bhadrak, Kendrapada, Ganjam, Jagatsinghpur, Jajpur, Balasore districts. The remuneration will be fixed as per Finance Department Office Memorandum No.24533, dt.29.9.2022. **Eligibility of the Candidates:** (a) The applicant who has retired and not attained age of 65 years as on dt.31.07.2023. (b) The applicant must have acquired sufficient revenue knowledge and experience in Tahasil/ Settlement/ Consolidation organisation during his service tenure and should have interest in field works. (c) The engagement is purely temporary on outturn oriented basis and can be terminated at any time without assigning any reason. (d) The short listed applicants will be called for interview through issue of letter. (e) Retired employees who previously worked under SJTA and have been disengaged, should not apply. Process of Application: The applicants should send their Bio-data in given format annexed herewith alongwith Retirement order, P.P.O. order, Experience Certificates, Address proof document, Passport Size photograph, other related documents through Registered Post with AD in A4 size envelope with superscription "Application for the Post of Amin" addressed to the Administrator (Niti), Shree Jagannath Temple Administration, Grand Road, Puri, Pin-752001. The applications filled in all respect should reach this office latest by 5 PM on 20.9.2023. Application received after due date will not be entertained. The Temple Administration reserves the rights to cancel the advertisement without assigning any reason thereto. No T.A., D.A. will be given to attend interview.
Sd./- Administrator
Shree Jagannath Temple, Puri

**Application for the Post of _______ of Shree Jagannath Temple Administration, Puri**
Passport size Photograph
**BIO-DATA**
1. Name of Applicant, 2. Father's Name, 3. Date of Birth, 4. Date of Retirement from Govt. Service, 5. Correspondence Address, 6. Permanent Address, 7. Mobile No., 8. Nationality, 9. Experience/ Previous posing, 10. List of documents attached.
**UNDERTAKING**
I Shri.......................... undertake that all the above information submitted by me is correct to my knowledge and belief.
Date: Signature of the Applicant

## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ଯୁବକ ଗୁରୁତର

ନୂଆପଡ଼ା,୫।୯(ମକାରୁ ବେମାଲ)

ନୂଆପଡା ସଦର ବ୍ଲକ ଜୋଙ୍କ ଥାନା ବୋଇରଭାଡି ପଞ୍ଚାୟତ ମାଗୁରପାଣି ଗାଁରେ ଭାଲୁ ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଉକ୍ତ ଗାଁର ଚୁନୁଲାଲ ରାଉତ (୪୦)। ପ୍ରାପ୍ତ ସୂଚନାନୁଯାୟୀ ମଙ୍ଗଳବାର ଭୋରରେ ଚୁନୁଲାଲ ଗାଁ ନିକଟ ଚାଷ ଜମିକୁ ଶୌଚ ପାଇଁ ଯାଉଥିବା ସମୟରେ ଏକ ଭାଲୁ ଆସି ପଛ ପଟୁ ଆକ୍ରମଣ କରିଥିଲା। ଚୁନୁଲାଲ ଚିତ୍କାର କରିବାରୁ ପାଖପଡୋଶୀ ଲୋକେ ଧାଇ ଭାଲୁ ଘଉଡାଇବା ସହ ଚୁନୁଲାଲଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଚୁନୁଲାଲଙ୍କ ଶରୀରରେ କ୍ଷତବିକ୍ଷତ କରି ମାଂସ କାଢି ନେଇ ଗୋଟିଏ ଆଖିକୁ ବାହାର କରି ଦେଇଥିବା ସୂଚନା ମିଳିଛି। ଅବସ୍ଥା ବହୁତ ଗୁରୁତର ଥିବା ଜଣାପଡିଛି।

### ୨ ଦିନ ହେଲା ଯୁବକ ନିଖୋଜ, ଥାନାରେ ଅଭିଯୋଗ

କେସିଙ୍ଗା,୫।୯(ଡୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ କସୃପଡା ଗ୍ରାମପଞ୍ଚାୟତ ବିନେକେଲା ଗ୍ରାମର ରବି ନାଗ (୩୫) ତହସିର ଗ୍ରାମରେ



ନିର୍ମାଣ ହେଉଥିବା ବେଦାନ୍ତ ପାଇପ ଲାଇନ ସେଣ୍ଟ୍ରିଂ ମିସ୍ତ୍ରୀ ଭାବେ କାମ କରୁଥିଲେ। ଗତ ରବିବାରରୁ ତହସିର ଗ୍ରାମରେ ନିର୍ମାଣ ହେଉଥିବା ବେଦାନ୍ତରୁ ପେମେଣ୍ଟ ଆଣି କି ଆସୁଛି କହି ଘରକୁ ଫେରି ନ ଥିଲେ। ହଠାତ କସୃପଡା ନିକଟରୁ ତାଙ୍କର ମୋବାଇଲ ବନ୍ଦ ହୋଇଯାଇଥିଲା। ବହୁ ଖୋଜାଖୋଜି ପରେ କୌଣସି ସୂଚନା ନ ମିଳିବାରୁ ପରିବାର ଲୋକେ କେସିଙ୍ଗା ଆଦର୍ଶ ଥାନାରେ ଗତ ସୋମବାର ଲିଖିତ ଅଭିଯୋଗ କରିଛନ୍ତି। ନାଗ ଘରୁ ବାହାରିଲା ବେଳେ କଳା ରଙ୍ଗର ଜିନ୍ସ ଓ ନୀଳ ରଙ୍ଗର ଶାର୍ଟ ଓ ଗଳାରେ ଏକ ସବୁଜ ରଙ୍ଗର ଗାମୁଛା ପକେଇଥିଲେ। ଏ ନେଇ ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଆଇଆଇସି ପ୍ରଦ୍ୟୁମ୍ନ ମହାପାତ୍ର ସୂଚନା ଦେଇଛନ୍ତି। ନିଖୋଜ ରବି ନାଗଙ୍କ ମା'ବାପାଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ସାନ ଭାଇ ଗୁଜରାଟର ରାଜକୋଟରେ କାମ କରୁଛନ୍ତି। ତାଙ୍କର ସାନ ଭଉଣୀ ଗ୍ରାଜୁଆସନ ପରେ ଉଚ୍ଚ ଶିକ୍ଷା ପାଇଁ ସେ ସମସ୍ତ ଖର୍ଚ୍ଚ ବହନ କରୁଥିଲେ। ସେ ଏକୁଟିଆ ଅସହାୟ ଅବସ୍ଥାରେ ଥିବା ଜଣାପଡିଛି।

### ଲାଞ୍ଜିଗଡ଼ ବ୍ଲକ ବ୍ରାହ୍ମଣ ସମାଜର ବୈଠକ

ଲାଞ୍ଜିଗଡ଼,୫।୯(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବ୍ରାହ୍ମଣ ସମାଜ ପକ୍ଷରୁ ଲାଞ୍ଜିଗଡ଼ ରୋଡ଼ ଶିବ ମନ୍ଦିରରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବ୍ରାହ୍ମଣ ସମାଜର ସଭାପତି ହରେକୃଷ୍ଣ ଯୋଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପସଭାପତି ମନୋଜ ମହାପାତ୍ର, ଉପଦେଷ୍ଟା ଅରକ୍ଷିତ ମହାପାତ୍ର, କାର୍ତ୍ତିକେଶ୍ୱର ବେହେରା, ବୀରେନ କୁମାର ପଣ୍ଡା, ରିପୁନାଥ ଖାଡ଼ଙ୍ଗା, ବିଷ୍ଣୁପ୍ରସାଦ ଶତପଥୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସମାଜର ଉପସଭାପତି ଭାବେ ଚନ୍ଦ୍ରଶେଖର ମହାପାତ୍ର, ସଞ୍ଜୀବ କୁମାର ପଣ୍ଡା, ସାଙ୍ଗଠନିକ ସଭ୍ୟ ଭାବେ ବଳରାମ ମିଶ୍ର, କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ଲମ୍ବୋଦର ପତି, ପ୍ରଜ୍ଞା ବାହିନୀ ଲାଞ୍ଜିଗଡ଼ ବ୍ଲକ ସଂଯୋଜିକା ଭାବେ ଲକ୍ଷ୍ମୀପ୍ରିୟା ଖାଡ଼ଙ୍ଗାଙ୍କୁ ଚୟନ କରାଯାଇଥିଲା। ସମାଜର ବରିଷ୍ଠ ସଦସ୍ୟ ନିରଞ୍ଜନ ମହାପାତ୍ର, ଉମାଶଙ୍କର ବେହେରା, ଜୀବନ କର, ହରେକୃଷ୍ଣ ମହାପାତ୍ର, ଚକ୍ରଧର ମହାପାତ୍ର, ନିରଞ୍ଜନ ପାଢ଼ୀ, ସମୀର ମହାପାତ୍ର, ଆଦିତ୍ୟ କୁମାର ପଣ୍ଡା, ଧରଣୀଧର ମହାପାତ୍ର, ମନୋଜ ଶତପଥୀ, ପ୍ରଭାତରଞ୍ଜନ ବେହେରା, ଜ୍ୟୋତି ମହାପାତ୍ର, ବିଜୟ ପଣ୍ଡା, ରଞ୍ଜିତ ପଣ୍ଡା, ବିବେକ ରଥ, ସ୍ମୃତିରଞ୍ଜନ ମହାପାତ୍ର, ଶେଖରସୁମନ ଦାଶ, ଅଭିଷେକ ମହାପାତ୍ର, ସିଦ୍ଧାର୍ଥ ମହାପାତ୍ର, ବିନୋଦ ମହାପାତ୍ର, ବାଦଲ ମହାପାତ୍ର, ଆକାଶ ପାଢ଼ୀଙ୍କ ସମେତ ସମାଜର ବହୁ ସଦସ୍ୟ ଏଥିରେ ସାମିଲ ହୋଇଥିଲେ।

# ଘର ଡିହ ପଟ୍ଟା, ଦ୍ୱିତୀୟ କିସ୍ତି ଟଙ୍କା ପ୍ରଦାନ କର

ନୂଆପଡ଼ା,୫।୯(ମକାରୁ ବେମାଲ)



ଜିଲାପାଳଙ୍କୁ ନିବେଦନ ପାଇଁ ଆସିଥିବା ହିତାଧିକାରୀ।

**ହିତାଧିକାରୀ ଜିଲାପାଳଙ୍କ ଦ୍ୱାରସ୍ଥ**

ନୂଆପଡା ଜିଲା ଖଡିଆଳ ବ୍ଲକ ବରଗାଁ ପଞ୍ଚାୟତ ବରଗାଁର ଗରିବ ହିତାଧିକାରୀମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ମିଳିଛି। ସରକାରୀ ଜମିରେ ଆବାସ ଗୃହ ନିର୍ମାଣ କରାଯାଉଥିବାରୁ ଦ୍ୱିତୀୟ କିସ୍ତି ଟଙ୍କା ଆକାଉଣ୍ଟରେ ଜମା ହେଉ ନ ଥିବାରୁ ଗୃହ ନିର୍ମାଣରେ ସମସ୍ୟା ହେଉଛି। ମଙ୍ଗଳବାର ଗରିବ ହିତାଧିକାରୀମାନେ ଘର ଡିହ ପଟ୍ଟା ଓ ଦ୍ୱିତୀୟ କିସ୍ତି ଟଙ୍କା ପ୍ରଦାନ ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆମକୁ ଘର ଡିହ ପଟ୍ଟା ସହ ଦ୍ୱିତୀୟ କିସ୍ତି ଟଙ୍କା ପ୍ରଦାନ କରାଗଲେ ଆବାସ ଗୃହ ଠିକ୍ ସମୟରେ ନିର୍ମାଣ କାର୍ଯ୍ୟ ଶେଷ କରିପାରିବୁ ବୋଲି ଜିଲାପାଳ ହେମକାନ୍ତ ସାଏଙ୍କୁ ହିତାଧିକାରୀମାନେ ଆକୁଳ ନିବେଦନ କରିଛନ୍ତି। ଜିଲାପାଳ ହିତାଧିକାରୀମାନଙ୍କ ଦ୍ୱିତୀୟ କିସ୍ତି ଟଙ୍କା ଖାତାରେ ଜମା କରିବା ସହ ୪ ଡେସିମିଲ ଘର ପଟ୍ଟା ପ୍ରଦାନ କରିବା ପାଇଁ ଖଡିଆଳ ବିଡିଓ ବିରସନ ବେହାରାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଯେ, ବରଗାଁ ପଞ୍ଚାୟତର ଶତାଧିକ ହିତାଧିକାରୀ ଆବାସ ଗୃହର କାର୍ଯ୍ୟାଦେଶ ପାଇବା ସହିତ ୪୦ ହଜାର ଟଙ୍କା ଆକାଉଣ୍ଟରେ ପଡିଛି। ସେହି ଟଙ୍କାରେ ହିତାଧିକାରୀମାନେ ଘର କାମ ଆରମ୍ଭ କରିଛନ୍ତି। ଅଧିକାଂଶ ହିତାଧିକାରୀଙ୍କ ଗୃହ ଛାତ ଲେଭୁଲ ପର୍ଯ୍ୟନ୍ତ ହୋଇଛି। ଛାତ ଲେଭୁଲ ପର୍ଯ୍ୟନ୍ତ ହେଲେ ଦ୍ୱିତୀୟ କିସ୍ତି ଟଙ୍କା ଆକାଉଣ୍ଟରେ ଜମା ହୋଇଥାଏ। କାର୍ଯ୍ୟାଦେଶ ପ୍ରଦାନ ବେଳେ ଘରଡିହ ପଟ୍ଟା କିମ୍ବା ଅନ୍ୟ କୌଣସି କାଗଜାତ ହିତାଧିକାରୀଙ୍କୁ ମଗା ଗଲାନାହିଁ। ଦ୍ୱିତୀୟ କିସ୍ତି ଟଙ୍କା ଜମା ସମୟରେ ପଞ୍ଚାୟତରୁ ହିତାଧିକାରୀମାନଙ୍କୁ ଘରଡିହ ପଟ୍ଟା ସହ ଅନ୍ୟାନ୍ୟ କାଗଜାତ ମାଗୁଛନ୍ତି। ଜେଓଟେକ କଲେ ଦ୍ୱିତୀୟ କିସ୍ତି ଟଙ୍କା ଖାତାରେ ଜମା ହେବ। ଯାହାର ଘର ଡିହ ପଟ୍ଟା ନ ଥିଲେ ଜେଓଟେକ କରୁ ନ ଥିବା ଅଭିଯୋଗ କରିଛନ୍ତି। ବରଗାଁର ୧୪ଜଣ ଅମ୍ବିକା ଶବର, ମୁରଲିଧର କାଣ୍ଡ, ଶୁଶିଲ କୈବର୍ତ୍ତ, ବୈଷ୍ଣବ ଶବର, ଯୋଧ୍ୟାନ ଶବର, ସଜେନ ଦେଇ ଶବର, ଗଞ୍ଜାମତି ଶବର, ବିଶ୍ୱନାଥ ଶବର, କଳ୍ପନା ଶବର, ଅନେ ପୋଡ, ଅଇଲା ଜଗତ, ରାଏମତି ପଟେଲ, ଭୂମି ପଟେଲ, ଡମେନ କୈବର୍ତ୍ତ ହିତାଧିକାରୀଙ୍କ ଘର ଡିହ ପଟ୍ଟା ନାହିଁ। ତାଙ୍କ ପୂର୍ବ ପୁରୁଷରୁ ସରକାରୀ ଜମି ଉପରେ ଘର କରି ରହି ଆସିଥିଲେ ମଧ୍ୟ ଏଯାଏଁ ଘର ଡିହ ପଟ୍ଟା ପାଇନାହାନ୍ତି। ଗରିବ ହିତାଧିକାରୀମାନେ କାର୍ଯ୍ୟାଦେଶ ପାଇଲା ପରେ ରହିଥିବା ଘର ଭାଙ୍ଗି ନୂତନ ଆବାସ ଘର ନିର୍ମାଣ କାର୍ଯ୍ୟ ଆରମ୍ଭ କରି ଜରିପାଲ କୁଡିଆ କରି ରହିଛନ୍ତି। ପଞ୍ଚାୟତ ପକ୍ଷରୁ ଘର ଡିହ ପଟ୍ଟା ମାଗିବାରୁ ହିତାଧିକାରୀମାନେ ଚିନ୍ତାରେ ପଡି ଯାଇଛନ୍ତି। ଏବେ ଘର ଡିହ ପଟ୍ଟା ପାଇଁ ବାର ଦ୍ୱାର ହୋଇ ଘୁରି ବୁଲୁଛନ୍ତି। ଘର ଡିହ ପଟ୍ଟା ନ ହେଲେ ଆବାସ ଗୃହ ସମ୍ପୂର୍ଣ୍ଣ ହେବ ନାହିଁ। ଏହି ସମୟରେ ବାଳକୃଷ୍ଣ ଶବର, ଭକ୍ତବନ୍ଧୁ ଧରୁଆ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଗୁରୁଦିବସ, ପ୍ରାଥମିକ ଶିକ୍ଷକ ଭବନ ଲୋକାର୍ପଣ

ପଲମ/ରୁପ୍ରାରୋଡ୍,୫।୯
(ଭିକାରି ଗଉଡ/ସଞ୍ଜୀବ ଦାସ)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ନର୍ଲା ପ୍ରାଥମିକ ଶିକ୍ଷକ ସଂଘ ଭବନରେ ଜିଲାସ୍ତରୀୟ ଗୁରୁଦିବସ ପାଳିତ ହୋଇଛି। ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ନର୍ଲା ବିଧାୟକ ଭୁପିନ୍ଦର ସିଂ, ବିଶିଷ୍ଟ ଅତିଥି ଭାବେ ଜୁନାଗଡ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ମୁଖ୍ୟବକ୍ତା ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳ ସଚିବ ନୃପରାଜ ସାହୁ, ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ ବିଧାୟକ ପ୍ରଦିପ କୁମାର ଦିଶାରୀ, ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର କୁମାର ସିଂଦେଓ, ପୂର୍ବତନ ମନ୍ତ୍ରୀ ତଥା ଜିଲା ବିଜେଡି ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ନର୍ଲା ବ୍ଲକ ଅଧକ୍ଷା ମନୋରମା ମହାନ୍ତି, ଉପାଧକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ଜିଲା ଡିଇଓ ସୁଶାନ୍ତ କୁମାର ଚୋପଦାର, ନର୍ଲା ବିଇଓ ତପିମଣି ଜାନୀ ପ୍ରମୁଖ ଉପସ୍ଥିତ ଥିଲେ। ନର୍ଲା ପ୍ରାଥମିକ ଶିକ୍ଷକ ଭବନ ଉଦଘାଟନ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସୁରେନ୍ଦ୍ର ମୋହନ ଯୋସୀଙ୍କ ଅଧକ୍ଷତାରେ ଜିଲା ସାଧାରଣ ସମ୍ପାଦକ ଧିରେନ୍ଦ୍ର କୁମାର ପଟ୍ଟନାୟକ ସମ୍ପାଦକୀୟ ବିବରଣୀ ପାଠ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ନର୍ଲା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ମନିକେତନ ସାହୁ ଓ ବ୍ଲକ ସାଧାରଣ ସମ୍ପାଦକ ଅମିତ କୁମାର ଶର୍ମାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଜିଲାର ପ୍ରତ୍ୟେକ ବ୍ଲକରୁ ଜଣେ ଲେଖାଏଁ ଅବସରପ୍ରାପ୍ତ ଶିକ୍ଷକ ଓ ୧୩ଟି ବ୍ଲକରୁ ୧୭ଜଣ କୃତୀ ଶିକ୍ଷକ ସୁକ୍ରାରାଣୀ ବେହେରା, ଟଙ୍କଧର ସାହା, ନରେନ୍ଦ୍ର ବାଗ, ଯୋଗିରାମ ସାହୁ, ନିର୍ମଳ ବାରିକ, ବିଜୟ କୁମାର ନାଏକ, ସମେଶ୍ୱର ସାହୁ, ମୋହନ ମୁଣ୍ଡ, ଅର୍ଚ୍ଚନା ମିଶ୍ର, ବିଦ୍ୟାଧର ମୁଣ୍ଡ, ସୁରେନ୍ଦ୍ର ପ୍ରଧାନ, ମନୋଜ କୁମାର ପ୍ରଧାନ, ରାମାନୁଜ ମୁଣ୍ଡ, ରମେଶଚନ୍ଦ୍ର ସେନାପତି, ରତ୍ନାକର ତାଣ୍ଡି, ଉଗ୍ରେସେନ ନାଏକ, ଗୋପାଳ ଅଗସ୍ତି ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟର କୃତୀ ଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ନର୍ଲା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସମସ୍ତ ସଦସ୍ୟ ଓ କାର୍ଯ୍ୟକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜିଲା ସିଟି ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଗୁରୁଦିବସ



ଶିକ୍ଷକଙ୍କୁ ସମ୍ମାନିତ କରାଯାଉଛି।

ଭବାନୀପାଟଣା,୫।୯
(ଉତ୍ତମ କୁମାର ଦାଶ)

**ଉଲ୍ଲେଖନୀୟ ଅବଦାନ ଶିକ୍ଷକ ସମ୍ମାନିତ**

କଳାହାଣ୍ଡି ଜିଲା ଭବାନୀପାଟଣା ସହରସ୍ଥିତ ଅମଲା ଭବନଠାରେ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜନ୍ମଦିନ ଅବସରରେ ମଙ୍ଗଳବାର ସ୍ଥାନୀୟ ଜିଲା ସିଟି ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ୨୬ତମ ଗୁରୁଦିବସ ପାଳିତ ହୋଇଯାଇଛି। ନିଖିଳ ଉତ୍କଳ ସି.ଟି ପ୍ରାଥମିକ ଶିକ୍ଷକ ଫେଡ଼େରେଶନ ରାଜ୍ୟ ସଭାପତି ତଥା ପ୍ରକୃତି ବନ୍ଧୁ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ସହକାରୀ ଜିଲାପାଳ କିରଣ କୁମାର ମହାନ୍ତି, ମୁଖ୍ୟବକ୍ତା କଳାହାଣ୍ଡି ଯାନ୍ତ୍ରିକ ମହାବିଦ୍ୟାଳୟ ଅଧ୍ୟକ୍ଷ ଦୁଲୁ ପଟ୍ଟନାୟକ, ସମ୍ମାନିତ ଅତିଥି ଭବାନୀପାଟଣା ପୌରାଧ୍ୟକ୍ଷା ସଂଯୁକ୍ତା ବେହେରା, ରାଜ୍ୟ ଫେଡେରେଶନ ଉପଦେଷ୍ଟା ବିଜୟ ବିଶୋଇ, ରାଜ୍ୟ ଉପସଭାପତି ଆଶିଷ ପାଢ଼ୀ, ଡିଆଇପିଆରଓ ମନୋଜ ବେହେରା, ଶିକ୍ଷାବିତ ପ୍ରଭାସ ମିଶ୍ର, ଖବରଦାତା ସ୍ୱାଧୀନ ପାତ୍ର, ଶିକ୍ଷକ ରବି ପଟ୍ଟନାୟକ, ଏବିଇଓ ଜଗଦୀଶଚନ୍ଦ୍ର ମୁଣ୍ଡ, ଖବରଦାତା ଦେବେନ୍ଦ୍ର ବିଶି, ଜିଲା ସି.ଟିସଂଘ ସଭାପତି ଲବ ଦୁର୍ଗା, ନୂଆପଡ଼ା ଜିଲା ସଭାପତି ତ୍ରିଲୋଚନ ନାଗ, ସାଧାରଣ ସମ୍ପାଦକ ପଞ୍ଚାନନ ଖମାରୀ ପ୍ରମୁଖ ଯୋଗଦେଇଥିଲେ।

ଏହି ଅବସରରେ କଳାହାଣ୍ଡି ଯାନ୍ତ୍ରିକ ମହାବିଦ୍ୟାଳୟ ଅଧ୍ୟକ୍ଷ ଦୁଲୁ ପଟ୍ଟନାୟକ ଓ ବିଜ୍ଞାନ ଶିକ୍ଷକ ରବି ପଟ୍ଟନାୟକଙ୍କୁ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ଉଲ୍ଲେଖନୀୟ ଅବଦାନ ପାଇଁ କଳାହାଣ୍ଡି ଶିକ୍ଷକ ସମ୍ମାନରେ ଲକ୍ଷ୍ମୀ ବଗର୍ତ୍ତୀ, ଭବାନୀ ମାଝି ଓ ପଦ୍ମନ ମହାରଣାଙ୍କ ସମେତ ୧୩ଟି ବ୍ଲକର ବିଭିନ୍ନ ବର୍ଗର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଉଦିୟମାନ ଯୁବ ନାଟ୍ୟ ନିର୍ଦ୍ଦେଶକ ସୌରଭ ମହାପାତ୍ରଙ୍କୁ 'କଳାଶ୍ରୀ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ ସଂଘୀୟ ପତାକା ଉତ୍ତୋଳନ କରାଯାଇଥିଲା। ବିଶିଷ୍ଟ ଗୁରୁ ନାରାୟଣ ନିଆଲଙ୍କ ସାଂସ୍କୃତିକ ଦଳ ପକ୍ଷରୁ ଚିତାକର୍ଷକ ସାଂସ୍କୃତିକ ନୃତ୍ୟ ପରିବେଷଣରେ ଅତିଥିମାମାନଙ୍କୁ ପାଛୋଟି ଆଣାଯାଇଥିବା ସ୍ଥଳେ ବିଶିଷ୍ଟ କଣ୍ଠଶିଳ୍ପୀ ଜଗନ୍ନାଥ ତ୍ରିପାଠୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସଭା ପରେ ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ମାଝି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜଗତରାମ ଶବର, ଭୃକୁଟି ଗଉଡ଼, ଧନଞ୍ଜୟ ସାହୁ, ଧନଞ୍ଜୟ ପାଣିଗ୍ରାହୀ, ରୋହିତ ମାଝି, ବସୁମତୀ ସାହୁ, ଏମ. ନାଗେଶ୍ୱର ରାଓ ଦୋରା, ପ୍ରଭାତ ସାହୁ, ପାର୍ଥ ମହାନନ୍ଦ, ବିଶ୍ୱଜିତ ରାଏ, ଚନ୍ଦ୍ର ମହାନନ୍ଦ, ମନୋଜ ମହାକୁଡ଼, ଶିବ ନାଏକ, ବିରେନ କୁମାର ପଣ୍ଡା, ମୁକୁନ୍ଦ ରେଡ୍ଡୀ, ଧନଞ୍ଜୟ ପାଣିଗ୍ରାହୀ ଓ ସୁଶୀଲ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ବରିଷ୍ଟ ଶିକ୍ଷୟିତ୍ରୀ ବସୁମତୀ ସାହୁ ଧନ୍ୟବାଦ ଦେଇଥିଲେ।

### ଟ୍ରକ୍-ବୁଲେଟ ମୁହାଁମୁହିଁ ଧକ୍କା: ୨ମୃତ, ଜଣେ ଗୁରୁତର

ଖଡ଼ିଆଳ,୫।୯(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ବଡ଼ମହେଶ୍ୱର ଗ୍ରାମଠାରେ ୩୫୩ ନମ୍ବର ଜାତୀୟ ରାଜପଥ ଉପରେ ମଙ୍ଗଳବାର ଟ୍ରକ୍-ବୁଲେଟ ମୁହାଁମୁହିଁ ଧକ୍କାରେ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି।

ପୋଲିସ ସୂତ୍ରରୁ ପ୍ରକାଶ ଯେ, ଖଡ଼ିଆଳ ପଟୁ କୋମାନ ଯାଉଥିବା ବେଳେ ସାମନା ପଟୁ ଆସୁଥିବା ଏକ ଟ୍ରକ୍ ଧକ୍କାରେ ଗୋବିନ୍ଦ ନାଗ ଓ ସୁନୀଲ ବେହେରା (୨୪)ଙ୍କ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବା ବେଳେ ବୀରକିଶୋର ରାଉତ (୨୫) ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ୩ଜଣ ଯୁବକ ଏକ ବୁଲେଟ ବାଇକ୍‌ର ଓଡି୦୮ଏସ ୫୨୨୮ରେ କୋମନା ପଟକୁ ଯାଉଥିବା ବେଳେ କୋମନା ପଟୁ ଆସୁଥିବା ଏକ ଟ୍ରକ (ନଂ.ସିଜି୦୪ଏନକେ-୮୮୩୮) ସହିତ ଧକ୍କା ହୋଇଥିଲା। ଫଳରେ ଟ୍ରକର ନମ୍ବର ପ୍ଲେଟ ଭାଙ୍ଗି ପଡିଛି। ଘଟଣା ସ୍ଥଳରୁ ଟ୍ରକ୍ ଫେରାର ହୋଇଯାଇଛି। ଦୁର୍ଘଟଣା ଘଟାଇ ଥିବା ଗାଡି ବିରୋଧ କାର୍ଯ୍ୟାନୁଷ୍ଠାନ ସହିତ ମୃତ ବ୍ୟକ୍ତିଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ପରିବାର ଲୋକେ ଓ ଗ୍ରାମବାସୀ ରାସ୍ତାରୋକୋ କରିଥିଲେ। ଘଟଣାସ୍ଥଳରେ ଅତିରିକ୍ତ ତହସିଲଦାର ଜୟସେନ ଧାରୁଆ, ଖଡ଼ିଆଳ ଏସ୍‌ଡିପିଓ ଅରୁପ ଅଭିଷେକ ବେହେରା, ଥାନା ଅଧିକାରୀ ପ୍ରଦୀପ କୁମାର ଧରୁଆ ପହଞ୍ଚି ସମସ୍ୟାର ସମାଧାନ କରିଥିବା ଜଣାପଡ଼ିଛି। ଏ ନେଇ ଥାନାରେ ଏକ ମାମଲା (ନଂ. ୩୦୭/୨୩) ରୁଜୁ କରି ଏସଆଇ ନବଘନ ଗଉଡ଼ ଘଟଣାର ଅଧିକ ତଦନ୍ତ କରୁଥିବା ଜଣାପଡ଼ିଛି।

# ବିଭିନ୍ନ ସ୍କୁଲ ପରିଦର୍ଶନ କଲେ କଳାହାଣ୍ଡି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ




କଳାହାଣ୍ଡି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଶିବାଜୀ ମାଝି ସ୍କୁଲ ପରିଦର୍ଶନ କରୁଛନ୍ତି।

ଲାଞ୍ଜିଗଡ଼,୫।୯(ରମେଶ ଚନ୍ଦ୍ର ନାୟକ)

**ଗୁରୁଦିବସ ଅବସରରେ**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକର ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି କଳାହାଣ୍ଡି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଶିବାଜୀ ମାଝି। ଗୁରୁଦିବସରେ ଲାଞ୍ଜିଗଡ଼ ବ୍ଲକ ବେନଗାଁ ପଞ୍ଚାୟତ ପେଙ୍ଗସୁର ପ୍ରାଥମିକ ବିଦ୍ୟାଳୟ ଓ ବନ୍ଧପାରିସ୍ଥିତ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରି ଗୁରୁଦିବସ ସମାରୋହରେ ସାମିଲ ହୋଇଛନ୍ତି । ମାଝି ପେଙ୍ଗସୁର ସ୍କୁଲ ପରିଦର୍ଶନ କରି ସେଠାରେ ଅନ୍ତେବାସୀ ଛାତ୍ରମାନଙ୍କ ସହିତ ମତ ବିନିମୟ କରିଥିଲେ। ଏହି ସମୟରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦଶରଥ ମାଝି, ପ୍ରହଲ୍ଲାଦ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ବନ୍ଧପାରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଅନୁଷ୍ଠିତ ଗୁରୁଦିବସରେ ମୁଖ୍ୟଅତିଥି ଭାବେ ମାଝି ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ମନୋରଞ୍ଜନ ବିଶି, ସୁଶୀଲ କୁମାର ବାଗ, ଦେବାଶିଷ ରଞ୍ଜନ ବିଶି, ବନ ଦଳେଇ, ହରେକୃଷ୍ଣ ନାଏକ, କାବୁଲି ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ଯୁଧିଷ୍ଠିର ମହାନନ୍ଦଙ୍କ ଅଧକ୍ଷତାରେ ପ୍ରଭାତୀ ନାଏକଙ୍କ ସମେତ ଅନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ମାଝିଙ୍କୁ ଅନ୍ତେବାସୀ ଛାତ୍ରୀମାନେ ସ୍କୁଲର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଏହାପରେ ମାଝି ବିଶ୍ୱନାଥପୁରସ୍ଥିତ ମା' ହୀରାନୀଳା ମନ୍ଦିର ଦର୍ଶନ କରିସାରିବା ପରେ ପ୍ରସ୍ତାବିତ ଶ୍ରୀ ଜଗନ୍ନାଥ ମନ୍ଦିର ନିମାଣସ୍ଥଳ ପରିଦର୍ଶନ କରି ମନ୍ଦିର ପରିଚାଳନା କମିଟି ସଦସ୍ୟମାନଙ୍କ ସହିତ ଆଲୋଚନା କରିଥିଲେ। ଏହି ଅବସରରେ ଲାଞ୍ଜିଗଡ଼ ବିଧାୟକ ପ୍ରତିନିଧି ପ୍ରଦୀପ କୁମାର ଘଡ଼େଇ, ପିଣ୍ଟୁ ଗୋୟଲ, ବଟକୃଷ୍ଣ ପୁଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

# ୩ ଦଫା ଦାବିରେ ଛାତ୍ର କଂଗ୍ରେସର ବିକ୍ଷୋଭ

ନର୍ଲା,୫।୯(ସନ୍ତୋଷ ପାତ୍ର)

କଳାହାଣ୍ଡି ଜିଲା ଛାତ୍ର କଂଗ୍ରେସ ସଭାପତି ସୁଶାନ୍ତ କୁମାର ପ୍ରଧାନୀଙ୍କ ନେତୃତ୍ୱରେ ମଙ୍ଗଳବାର ଜୁଡେଗା ବିଦ୍ୟାର୍ଥୀ ଜିତେଗା ଇଣ୍ଡିଆ ନାରା ଦେଇ ନର୍ଲା ପଞ୍ଚାୟତ ଡିଗ୍ରୀ କଲେଜରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହା ସହ କଲେଜର ଅଧକ୍ଷଙ୍କୁ ଏକ ୩ ଦଫା ଦାବିପତ୍ର ଦିଆଯାଇଥିଲା। ଏଥିରେ ଛାତ୍ର ସଂସଦ ନିର୍ବାଚନ, ମହାବିଦ୍ୟାଳୟ /ବିଶ୍ୱବିଦ୍ୟାଳୟରେ ଖାଲି ପଡିଥିବା ଅଧ୍ୟାପକ ପଦବୀ ପୂରଣ ଓ ଅନ୍ୟାନ୍ୟ ଛାତ୍ର ସ୍ୱାର୍ଥ ସମ୍ପର୍କିତ ସମସ୍ୟାର ସମାଧାନ, ମହାବିଦ୍ୟାଳୟ/ବିଶ୍ୱବିଦ୍ୟାଳୟ ପରିସରରେ ବିଜୁ ଛାତ୍ରଜନତା ଦଳର ଦୌରାତ୍ମ୍ୟ ବନ୍ଦ ଆଦି ରହିଛି। କାର୍ଯ୍ୟକ୍ରମରେ ଜିଲା ଛାତ୍ର କଂଗ୍ରେସ ଉପ ସଭାପତି ଦେବାଶିଷ କୁମାର, ନର୍ଲା ନିର୍ବାଚନ ମଣ୍ଡଳୀ ସଭାପତି ସୁମନ୍ତ ରଣା, ବ୍ଲକ ସଭାପତି ଭକ୍ତ ଦୁର୍ଗା, ନର୍ଲା ଯୁବ କଂଗ୍ରେସ ସଭାପତି ଦିପୁ ପାତ୍ର, ଯୁବନେତା ମନୋଜ କରୁଅଁ, ମାନସ ମହାନନ୍ଦ, ସମୀର ମହାପାତ୍ର, ଶିବୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



ଦାବିପତ୍ର ପ୍ରଦାନ କରାଯାଉଛି।

# ମା' ସର୍ବମଙ୍ଗଳା ଘାଟି ମୁଣ୍ଡିଆଣିଙ୍କ ଡଙ୍ଗର ଯାତ୍ରା

କୋକସରା,୫।୯
(ଦୁଷ୍ମନ୍ତ କୁମାର ପାଟ୍ଟଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଗୋତମୁଣ୍ଡଠାରେ ମଙ୍ଗଳବାର ମା' ସର୍ବମଙ୍ଗଳା ଘାଟି ମୁଣ୍ଡିଆଣିଙ୍କ ଡଙ୍ଗର ଯାତ୍ରା ପାଳିତ ହୋଇଯାଇଛି। ଗ୍ରାମବାସୀ କେଉଁ ଆବାହମାନ କାଳରୁ ଘଞ୍ଚ ଜଙ୍ଗଲରେ ଥିବା ମା' ସର୍ବମଙ୍ଗଳା ଘାଟି ମୁଣ୍ଡିଆଣୀଙ୍କୁ ପୂଜାକରି ଆସୁଛନ୍ତି। ଦେବୀଙ୍କ କୃପାରୁ ଗ୍ରାମବାସୀ ସୁସ୍ଥ ହୋଇ ବାସ କରୁଥିବା ଯୋଗୁ ପ୍ରତିବର୍ଷ ଶ୍ରାବଣ ମାସ ପୂର୍ଣ୍ଣିମା ପରେ ପଡୁଥିବା ମଙ୍ଗଳବାର ଦେବୀ ସର୍ବମଙ୍ଗଳା ଘାଟି ମୁଣ୍ଡିଆଣୀଙ୍କୁ ପୂଜା କରାଯାଏ। ଡଙ୍ଗର ଯାତ୍ରା ନାମରେ ନାମିତ ଏହି ପର୍ବରେ ଗ୍ରାମବାସୀ ମିଳିତ ଭାବେ କାଳସୀ ଓ ଗ୍ରାମ ପୂଝାରୀଙ୍କ ଗହଣରେ ଗୋତମୁଣ୍ଡା ଗ୍ରାମରୁ ପ୍ରାୟ ୩ କି.ମି. ରାସ୍ତା ଚାଲି କାଳସୀ ଓ ଲାଠି ଯାତ୍ରାରେ ବାହାରି ଦେବୀଙ୍କ ଆସ୍ଥାନରେ ପହଞ୍ଚି ପୂର୍ବ ନିର୍ଦ୍ଧାରିତ ରୀତିନୀତିରେ ପୂଜାର୍ଚ୍ଚନା କରିଥାନ୍ତି। ଦେବୀଙ୍କ ମନ୍ଦିରରେ ମାନସିକଧାରୀ ଶ୍ରଦ୍ଧାଳୁମାନେ ଶୁକ୍ଳ ଭୋଗ ସହ କୁକୁଡ଼ା ଓ ବୋଦା ବଳି ଦେଇ ମାନସିକ ପୂରଣ କରନ୍ତି। ଜନଶ୍ରୁତି ଅନୁସାରେ ଦଣ୍ଡପାଟ ଅଞ୍ଚଳର ଦେବୀ ଦଣ୍ଡ ପାଟିଆଣୀ ଏଠାରେ ପ୍ରଥମେ ପୂଜା ପାଉଥିବା ବେଳେ ଏହି ଡଙ୍ଗର ଯାତ୍ରା ପରେ ଦଣ୍ଡପାଟ ଅଞ୍ଚଳର ଲୋକମାନେ ନୂଆଁଖାଇ ପର୍ବ ପାଇଁ ପ୍ରସ୍ତୁତି ଆରମ୍ଭ କରିଥାନ୍ତି। ଡଙ୍ଗର ଯାତ୍ରାରେ ଶତାଧିକ ମାନସିକ ଧାରୀମାନେ ମା'ଙ୍କ ନିକଟରେ ଶୁକ୍ଳ ଭୋଗ ସହ ପାରା, କୁକୁଡା ଓ ବୋଦା ବଳି ଦେଇ ନିଜର ମାନସିକ ପୂରଣ କରୁଥିବା ବେଳେ ପଶୁପକ୍ଷୀଙ୍କ ରକ୍ତରେ ଦେବୀଙ୍କ ପୀଠ ରକ୍ତରଞ୍ଜିତ ହୋଇପଡେ। ପଡୋଶୀ ଛତିଶଗଡ ବସ୍ତର ଓ ନବରଙ୍ଗପୁର ଜିଲାରୁ ଶତାଧିକ ଶ୍ରଦ୍ଧାଳୁ ଏହି ଯାତ୍ରାକୁ ଆସିଥାନ୍ତି। ଯାତ୍ରା କମିଟି ସଭାପତି ହେମନ୍ତ ମାଝିଙ୍କ ନେତୃତ୍ୱରେ ଗୋତୋମୁଣ୍ଡା ଗ୍ରାମର ଗଣା ମଳୟ ବାଗ, ଶିରା ଦେବିସିଂ ମାଝି, ଅଖିଳ ମାଝି, ଅମୁଲ୍ୟ ମାଝି, ମୁରଲୀ ଅନ୍ତି, ପୂର୍ଣ୍ଣଚନ୍ଦ୍ର ନାଏକ, ଭରତ ପୂଝାରୀ, ରତନ ମାଝି, ହିମାଞ୍ଚଳ ପୂଝାରୀ, ବଲରାମ ମାଝି, ମୁକୁନ୍ଦ ନାଗେସ, ଲକ୍ଷ୍ମୀଧର ପଟେଲ ପ୍ରମୁଖ ଯାତ୍ରାରେ ସହଯୋଗ କରିଥିଲେ। ଦେବୀଙ୍କ ସେବକ ମନୋହର ପୂଝାରୀ, ପୀତାମ୍ବର ପୂଝାରୀ, ବଳି ପୀଠ ପୂଝାରୀ, ଗଣନାଥ ପୂଝାରୀ ଦେବୀଙ୍କ ପୂଜାର୍ଚ୍ଚନା କରିଥିଲେ। ଶାନ୍ତିଶୃଙ୍ଖଳା ପାଇଁ ଗୋତୋମୁଣ୍ଡା ଫାଣ୍ଡି ଅଧିକାରୀ ମନୋଜ ନାଏକଙ୍କ ସମେତ ଆଇଆର୍‌ବି ଯବାନମାନେ ମୁତୟନ ହୋଇଥିଲେ।



ଲାଠି ଓ କାଳସୀ ଯାତ୍ରା।

**ଗୁରୁ ଦିବସ ପାଳିତ**

ବାଉଁଶୁଣୀ,(ଡି.ଏନ.ଏ.): ବୌଦ୍ଧ ଜିଲା ବାଉଁଶୁଣୀସ୍ଥିତ ମା' ମାହେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନ ବିଭାଗର ଛାତ୍ରୀଛାତ୍ରମାନେ ମଙ୍ଗଳବାର ଦିନ ଗୁରୁଦିବସ ପାଳନ କରିଛନ୍ତି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଅନିରୁଦ୍ଧ ମହାକୁଳ, ଶଶିକାନ୍ତ ଜେନା, ଡ. ମନୋରଞ୍ଜନ ଘଡ଼େଇ, ଡ. ପ୍ରଶାନ୍ତ ମଲ୍ଲିକ, ଅଧ୍ୟାପକ ବାବାରାମ ଦେହୁରୀ ପ୍ରମୁଖ ଯୋଗ ଦେଇଥିଲେ । ରାଜନୀତି ବିଜ୍ଞାନର ଛାତ୍ରୀଛାତ୍ରମାନେ ପ୍ରଥମେ ଗୁରୁ ବନ୍ଦନା କରିଥିଲେ । ଅଧ୍ୟକ୍ଷ ଓ ଅଧ୍ୟାପକମାନେ ଭାରତୀୟ ପରମ୍ପରାରେ ଗୁରୁ ଶିଷ୍ୟର ପବିତ୍ର ସମ୍ପର୍କ ଓ ଛାତ୍ର ଗଠନରେ ଗୁରୁଙ୍କ ଭୂମିକା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ ।

# ପର୍ଯ୍ୟଟନ କ୍ଷେତ୍ର ଭିତ୍ତିଭୂମି ବିକାଶ ପାଇଁ ୯ କୋଟି ମଞ୍ଜୁର

ସୋନପୁର,୫।୯(ମୃତ୍ୟୁଞ୍ଜୟ ଶତପଥୀ)


ମା' ସୁରେଶ୍ୱରୀ ମନ୍ଦିର।


ମହାନଦୀ ଗର୍ଭରେ ମା' ଲଙ୍କେଶ୍ୱରୀଙ୍କ ପୀଠ।

■ମା' ସୁରେଶ୍ୱରୀ, ଲଙ୍କେଶ୍ୱରୀ ଓ ରାମେଶ୍ୱର ଶୈବ ପୀଠ ପାଇଁ ୫ କୋଟି ୩୮ ଲକ୍ଷ
■ଲଙ୍କେଶ୍ୱରୀ ପୀଠକୁ ଡଙ୍ଗାରେ ଯିବା ପାଇଁ ଫ୍ଲୋଟିଂ ଜେଟିର ବ୍ୟବସ୍ଥା ହେବ
■ଡିପିଆର ପ୍ରସ୍ତୁତ କରୁଛି ପର୍ଯ୍ୟଟନ ବିଭାଗ

ସୁବର୍ଣ୍ଣପୁର ଜିଲାର ୧୦ଟି ପର୍ଯ୍ୟଟନ କ୍ଷେତ୍ର ଭିତ୍ତିଭୂମି ବିକାଶ ପାଇଁ ରାଜ୍ୟ ସରକାର ମୋଟ ୯ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ପର୍ଯ୍ୟଟନ ବିଭାଗ ପ୍ରଦତ୍ତ ଏହି ଅନୁଦାନରେ ପର୍ଯ୍ୟଟନ କ୍ଷେତ୍ର ଓ ପୀଠର ଉନ୍ନତି, ପାରିପାର୍ଶ୍ୱିକ ବିକାଶ ଏବଂ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯିବ। ଓଟିଡିସି(ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମ) ଓ ପର୍ଯ୍ୟଟନ ବିଭାଗର ପ୍ରୋଗ୍ରାମ ମନିଟରିଂ ୟୁନିଟ୍ର କର୍ମକର୍ତ୍ତାମାନେ ମିଳିତ ଭାବେ ପର୍ଯ୍ୟଟନ କ୍ଷେତ୍ରଗୁଡିକୁ ପରିଦର୍ଶନ କରୁଛନ୍ତି। ମନ୍ଦିର କମିଟି, ପୂଜକ, ଗ୍ରାମବାସୀ ଓ ପ୍ରଶାସନ ସହିତ ସେମାନେ ଆଲୋଚନା କରୁଛନ୍ତି। ତଦନୁଯାୟୀ ବୈଷୟିକ ଟିମ୍ ଡିପିଆର ପ୍ରସ୍ତୁତ କରିବ। ସରକାରଙ୍କ ଅନୁମୋଦନ ମିଳିବା ପରେ ପର୍ଯ୍ୟଟନ ଉନ୍ନୟନ ନିଗମ ଟେଣ୍ଡର ଆହ୍ୱାନ କରିବ ବୋଲି ଭାରପ୍ରାପ୍ତ ଜିଲା ପର୍ଯ୍ୟଟନ ଅଧିକାରୀ ରବିନ୍ଦ୍ର କୁମାର ଦଳାଇ ପ୍ରକାଶ କରିଛନ୍ତି ।

ସୂଚନା ଅନୁଯାୟୀ, ସୁବର୍ଣ୍ଣପୁର ଜିଲାର ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କ ପୀଠ, ସୁବର୍ଣ୍ଣପୁର ସହରର ମହାନଦୀ ଓ ତେଲନଦୀର ସଙ୍ଗମସ୍ଥଳୀରେ ଅବସ୍ଥିତ ରାମେଶ୍ୱର ଶୈବ ପୀଠ ଓ ମହାନଦୀ ଗର୍ଭରେ ଅବସ୍ଥିତ ଲଙ୍କେଶ୍ୱରୀ ପୀଠର ବିକାଶ ଲାଗି ପର୍ଯ୍ୟଟନ ବିଭାଗ ୫ କୋଟି ୩୮ ଲକ୍ଷ ଟଙ୍କା ମଞ୍ଜୁର କରିଛି । ମହାନଦୀ ଗର୍ଭ ଲଙ୍କେଶ୍ୱରୀ ଗଣ୍ଡରେ ଅବସ୍ଥିତ ମା' ଲଙ୍କେଶ୍ୱରୀଙ୍କ ପୀଠକୁ ଶ୍ରଦ୍ଧାଳୁମାନେ ଦେଶୀ ଡଙ୍ଗାରେ ବିପଦସଙ୍କୁଳ ଭାବେ ଯିବା ଆସିବା କରନ୍ତି। ତେଣୁ ଡଙ୍ଗାକୁ ଉଠିବା ଓ ସହଜରେ ଓହ୍ଲାଇବା ସକାଶେ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ନଦୀ କୂଳ ଓ ପୀଠରେ ୨ଟି ଫ୍ଲୋଟିଂ ଜେଟି ନିର୍ମାଣ କରାଯିବ। ରାମେଶ୍ୱର ପୀଠ ଓ ନଦୀ ସଙ୍ଗମ ସ୍ଥଳର ବିକାଶ ପାଇଁ ନିଷ୍ପତ୍ତି ହୋଇଛି। ସେହିପରି ପାପକ୍ଷୟ ଘାଟ, ସୁବର୍ଣ୍ଣମେରୁ, ମେଟାକାନୀ ଓ ବାରପାହାଡ ପୀଠର ବିକାଶ ପାଇଁ ରାଜ୍ୟ ସରକାର ନିକଟରେ ୧ କୋଟି ୩୧ ଲକ୍ଷ ୪୨ ହଜାର ଟଙ୍କା ମଞ୍ଜୁର କରିଛନ୍ତି। ବିନିକା ସହର ମହାନଦୀ କୂଳରେ ଥିବା ପାପକ୍ଷୟ ଘାଟର ଉନ୍ନତି ପାଇଁ ୪୫ଲକ୍ଷ, ସୁବର୍ଣ୍ଣପୁର ଜିଲାର ଇଷ୍ଟ ଦେବତା ସୁବର୍ଣ୍ଣମେରୁଙ୍କ ପୀଠର ଉନ୍ନତି ପାଇଁ ୩୦ଲକ୍ଷ ୫୭ ହଜାର, ଉଲୁଣ୍ଡା ବ୍ଲକର ପ୍ରସିଦ୍ଧ ମା' ମେଟାକାନୀ ମନ୍ଦିର ବିକାଶ ପାଇଁ ୨୬ଲକ୍ଷ ୯୬ହଜାର ଓ ତରଭା ବ୍ଲକର ମେଣ୍ଡା ନିକଟରେ ଥିବା ବାରପାହାଡ ପୀଠ ଭିତ୍ତିଭୂମିର ଉନ୍ନତି ପାଇଁ ୨୮ଲକ୍ଷ ୮୯ ହଜାର ଟଙ୍କା ମଞ୍ଜୁର ହୋଇଛି। ଅନ୍ୟପକ୍ଷେ ତରଭା ବ୍ଲକ ଚୂଡାଖାଇ ପାହାଡର ବିକାଶ ପାଇଁ ୧ କୋଟି, ରାମପୁରସ୍ଥିତ ପୂଜା ଡୁଙ୍ଗୁରି ପୀଠ ଓ ଖଲିଆପାଲି ସ୍ଥିତ ସନ୍ଥକବି ଭୀମଭୋଇଙ୍କ ସିଦ୍ଧି ଓ ସାଧନା ପୀଠ ପାଇଁ ୫୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ପ୍ରଥମ ପର୍ଯ୍ୟାୟରେ ଏହି ଅନୁଦାନ ମଞ୍ଜୁର ହୋଇଛି। ୟୁସି ପ୍ରଦାନ ପରେ ପୁଣି ଅଧିକ ଅନୁଦାନ ମିଳିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ପୁରାତନ ମଠ ଓ ମନ୍ଦିର ପାଇଁ ନଦୀକୂଳିଆ ସହର ସୁବର୍ଣ୍ଣପୁରକୁ ଭାରତର ଦ୍ୱିତୀୟ ବାରଣାସୀ କୁହାଯାଏ। କିନ୍ତୁ ପର୍ଯ୍ୟଟନ କ୍ଷେତ୍ରଗୁଡିକରେ କୌଣସି ବିକାଶମୂଳକ କାର୍ଯ୍ୟ କରା ଯାଉ ନ ଥିଲା। ପର୍ଯ୍ୟଟକମାନେ ମୁହଁ ମୋଡୁଥିଲେ। ଏବେ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ହେଲେ ସୁବର୍ଣ୍ଣପୁର ଜିଲାକୁ ପର୍ଯ୍ୟଟକମାନେ ଆକର୍ଷିତ ହେବେ ବୋଲି ଆଶା କରାଯାଉଛି।

## ଉଲୁଣ୍ଡାରେ ଏସ୍‌ଟିଏଫ୍‌ର ତନାଘନା

ସୋନପୁର,୫।୯(ମୃତ୍ୟୁଞ୍ଜୟ ଶତପଥୀ)

**ନକଲି ନୋଟ ଜବତ ଘଟଣା**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ମାଟିଖାଇ ନୂଆବସ୍ତିରୁ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ) ୪୧ ଲକ୍ଷ ୧୬ ହଜାର ଟଙ୍କାର ନକଲି ନୋଟ ଜବତ କରିଥିଲା। ଏହି ଘଟଣାରେ ଏସ୍‌ଟିଏଫ୍ ଏକ ମାମଲା ରୁଜୁ କରି ଦୀପକ ମେହେର(୨୩)ଙ୍କୁ ଗିରଫ କିରିଛି। ନକଲି ଟଙ୍କା କାରବାରର ମୁଖ୍ୟ କାର୍ପଟଦାର ଛତିଶଗଡ ରାଜ୍ୟର। ଛତିଶଗଡରେ ନକଲି ଟଙ୍କା ଛାପା ହୋଇ ଓଡିଶା ଆସୁଥିଲା। ପଶ୍ଚିମ ଓଡିଶାର ବିଭିନ୍ନ ଅଞ୍ଚଳକୁ ଏହି ଟଙ୍କା ଛଡା ଯାଉଥିଲା। ତେଣୁ ବିଭିନ୍ନ ଦିଗକୁ ନେଇ ଏସ୍‌ଟିଏଫ ତଦନ୍ତ ଜାରି ରଖିଛି। ମଙ୍ଗଳବାର ଏସ୍‌ଟିଏଫ୍ ଡିଏସପି ତଥା ମାମଲାର ତଦନ୍ତକାରୀ ଅଧିକାରୀ ଏଫରେନ୍ କିରା ଉଲୁଣ୍ଡା ଆସି ତଦନ୍ତକୁ ତ୍ୱରାନ୍ୱିତ କରିଛନ୍ତି। ପ୍ରଥମେ ଉଲୁଣ୍ଡା ପୋଲିସ ସହାୟତାରେ କିରା ମାଟିଖାଇ ନୂଆବସ୍ତିସ୍ଥିତ ଅଭିଯୁକ୍ତ ଦୀପକଙ୍କ ଘରକୁ ଯାଇଥିଲେ। ଦୀପକଙ୍କ ମା'ଙ୍କୁ ପୂର୍ବରୁ ଏସଟିଏଫ ନେଇଥିବା କିଛି କାଗଜପତ୍ର ଫେରାଇବା ସହ ପୁଅର ନକଲି ଟଙ୍କା କାରବାର ଓ ପରିବାରର ସମ୍ପୃକ୍ତି ସମ୍ପର୍କରେ ପଚରାଉଚୁରା କରିଥିଲେ। ପରେ ଉଲୁଣ୍ଡା ତହସିଲଦାରଙ୍କ ନିକଟକୁ ଯାଇ ଅଭିଯୁକ୍ତଙ୍କ ଘରର ଜମି ସମ୍ପର୍କିତ କାଗଜପତ୍ର ଯାଞ୍ଚ କରିଥିଲେ। ସେହିଭଳି ଦୀପକଙ୍କ ବ୍ୟାଙ୍କ ଆକାଉଣ୍ଟସ୍‌ର ଡିଟେଲସ୍ ଯାଞ୍ଚ କରିଥିବା ଜଣାପଡିଛି। ଏହି ନକଲି ଟଙ୍କା କାରବାରରେ ଏକ ବଡ ର୍‍ୟାକେଟ୍ କାମ କରୁଥିବା ଅଭିଯୋଗ ହେଉଥିବା ବେଳେ ଏସ୍‌ଟିଏଫ ସେ ଦିଗରେ ତଦନ୍ତ ଜାରି ରଖିଛି।

## ସଂସାଧନ ସଭ୍ୟଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ


ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ଅତିଥି।

ଘଣ୍ଟାପଡ଼ା,୫।୯(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଜିଲା ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ବ୍ଲକ ସମ୍ମିଳନୀ କକ୍ଷରେ ଚାଲିଥିବା କଣ୍ଟାମାଳ ବ୍ଲକସ୍ତରୀୟ ସଂସାଧନ ସଭ୍ୟଙ୍କ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କଣ୍ଟାମାଳ ବିଡିଓ କଳାକୃଷ୍ଣ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଜିଲା ସଂସ୍କୃତି ବିଭାଗ ଅଧିକାରୀ ରୀତାକାନ୍ତି ବଳିଆରସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ମହେନ୍ଦ୍ର ରଣା, ସମ୍ମାନିତ ଅତିଥି ଭାବେ ସମନ୍ୱିତ ଶିଶୁ ବିକାଶ ଅଧିକାରୀ ଜ୍ୟୋସ୍ନା ରାଣୀ ପାଢ଼ୀ ଯୋଗଦେଇ ପ୍ରଶିକ୍ଷଣ ଶିବିରର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅତିଥିମାନେ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କିତ ବାର୍ତ୍ତା ଲୋକକଳା ମାଧ୍ୟମରେ ସମସ୍ତ ଗ୍ରାମରେ ପହଞ୍ଚାଇବା ପାଇଁ କଳାକାରମାନଙ୍କୁ ଆହ୍ୱାନ କରିଥିଲେ। ଜିଲା କଳା ସଂସ୍କୃତି ସଂଘର ଉପସଭାପତି ଦିବ୍ୟଶଙ୍କର ରାଉତ ଅଭିଯାନକୁ ସଫଳ କରିବା ପାଇଁ ବିଭିନ୍ନ ପଦକ୍ଷେପ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ବ୍ଲକ ସଂସାଧନ କର୍ମୀ ରଞ୍ଜନ କୁମାର ପାତ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କିତ ବାର୍ତ୍ତାକୁ କଳାକାରଙ୍କ ନିକଟରେ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଳାକାର, ସାହିତ୍ୟିକ, ନାଟ୍ୟକାର, ଗଣମାଧ୍ୟମ ପ୍ରତିନିଧି ଏବଂ ଅନ୍ୟାନ୍ୟ କର୍ମଚାରୀ ବୃନ୍ଦ ଯୋଗ ଦେଇଥିଲେ। ଶେଷରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୂର୍ଯ୍ୟ ନାରାୟଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### ସଂକ୍ଷେପରେ

## ଗଞ୍ଜେଇ ମାମଲାରେ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ବୌଦ୍ଧ,୫।୯(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ବିକ୍ରମ କୁମାର ପ୍ରଧାନ ମଙ୍ଗଳବାର ଦିନ ଏକ ଗଞ୍ଜେଇ ଚୋରାଚାଲାଣ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାରୁ ପ୍ରକାଶ ଯେ, ଗତ ୩୧।୭।୨୦୧୫ ତାରିଖରେ ବୌଦ୍ଧ ଅବକାରୀ ବିଭାଗର କର୍ମଚାରୀମାନେ କଣ୍ଟାମାଳ ଥାନା ଅନ୍ତର୍ଗତ ମାତାକୁପା ଘାଟିରେ ପାଟ୍ରୋଲିଂ କରୁଥିବା ସମୟରେ ମୋଟର ସାଇକେଲରେ ଆସୁଥିବା ଜଣେ ବ୍ୟକ୍ତିଙ୍କୁ ସନ୍ଦେହରେ ଅଟକାଇଥିଲେ। ଯାଞ୍ଚ ପରେ ବିଭାଗୀୟ କର୍ମଚାରୀମାନେ ତାଙ୍କ ପାଖରୁ ଏକ ଜରି ବ୍ୟାଗରେ ଥିବା ୫ କେଜି ଗଞ୍ଜେଇ ଓ ମୋଟର ସାଇକେଲ ଜବତ କରିଥିଲେ। ଅଭିଯୁକ୍ତ ଜଣକ ଥିଲେ ଅନୁଗୋଳ ଜିଲା କଣିହା ଥାନା କାକୁଡିଆ ଗ୍ରାମର ବିଜୟ କୁମାର ଦାସ (୪୩)। ଅବକାରୀ କର୍ମଚାରୀମାନେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିବା ସହ ଏକ ମାମଲା ରୁଜୁ କରି ବିଚାର ପାଇଁ କୋର୍ଟକୁ ପଠାଇଥିଲେ। ଏହି ମାମଲା ପରବର୍ତ୍ତୀ ସମୟରେ ବୌଦ୍ଧ ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ନଂ. ୨ଏସିସି ୨/୧୫ ହୋଇ ବିଚାର ହୋଇଥିଲା। ମାମଲାରେ ସରକାରଙ୍କ ପକ୍ଷରୁ ୩ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ପ୍ରମାଣ ଅଭାବରୁ ଅଦାଲତ ଅଭିଯୁକ୍ତ ବିଜୟ କୁମାର ଦାଶଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ମାମଲାକୁ ବରିଷ୍ଠ ଆଇନଜୀବୀ ତାରେଣୀ କୁମାର ମହାପାତ୍ର ପରିଚାଳନା କରିଥିଲେ।

## ଗୁରୁ–ଶିଷ୍ୟ ମଧ୍ୟରେ ସୁସମ୍ପର୍କ ଉତ୍ତମ ପରମ୍ପରା

ଅମରପାଲି,୫।୯(ପୀତାମ୍ବର ସାହୁ)



ଅମରପାଲି ହାଇସ୍କୁଲରେ ଗୁରୁଦିବସ ପାଳନ ଅବସରରେ ଅତିଥି।

ଗୁରୁ ଶିଷ୍ୟ ମଧ୍ୟରେ ସୁସମ୍ପର୍କ ଏକ ଉତ୍ତମ ପରମ୍ପରା । କାହିଁ କେଉଁ ସମୟରୁ ଏହି ପରମ୍ପରା ଚାଲି ଆସୁଛି। ସଂପ୍ରତି କେତେକ ସ୍ଥାନରେ ଏହାର ବ୍ୟତିକ୍ରମ ଦେଖାଯାଉଥିଲେ ମଧ୍ୟ ଏବେ ବି ଗୁରୁ ଶିଷ୍ୟ ମଧ୍ୟରେ ଉତ୍ତମ ସମ୍ପର୍କ ରହିଥିବା ଦେଖିବାକୁ ମିଳୁଛି। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅଞ୍ଚଳର ଅମରପାଲି ଉଚ୍ଚ ବିଦ୍ୟାଳୟରେ ଗୁରୁ ଦିବସ ପାଳନ ଅବସରରେ ଅନୁଷ୍ଠିତ ସଭାରେ ଯୋଗଦେଇ ଅତିଥିମାନେ ଉପରୋକ୍ତ ମତ ପ୍ରକାଶ କରିଛନ୍ତି। ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ସମ୍ପିତ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶ୍ୟାମ ସୁନ୍ଦର ସେଠୀ, ବ୍ରହ୍ମାନନ୍ଦ ପ୍ରଧାନ, ପଦ୍ମନାଭ ପ୍ରଧାନ ଉପସ୍ଥିତ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ଛାତ୍ରୀଛାତ୍ରମାନେ ଗୁରୁ ପୂଜା କରିବା ସହିତ ଗୁରୁ ବନ୍ଦନା କରିଥିଲେ। ଶିକ୍ଷକ କହ୍ନାଇ ଚରଣ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସେହିପରି ଗୁରୁଦିବସ ଉପଲକ୍ଷେ ବୀରମହାରାଜପୁର ସରକାରୀ ବାଳକ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ

**ବୀରମହାରାଜପୁରରେ ଗୁରୁଦିବସ ପାଳନ**

ପ୍ରଧାନ ଶିକ୍ଷକ ନିରଞ୍ଜନ ଦାସ ପୌରୋହିତ୍ୟ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଭଗବାନ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଗୁରୁ ଶିଷ୍ୟ ପରମ୍ପରା ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ର ଛାତ୍ର ଓ ଶିକ୍ଷକମାନେ ଗୁରୁଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଛାତ୍ରମାନଙ୍କ ଦ୍ୱାରା ଗୁରୁପୂଜନ କାର୍ଯ୍ୟକ୍ରମ କରାଯାଇଥିଲା। ଶିକ୍ଷୟିତ୍ରୀ ଜ୍ୟୋତି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହାସହିତ ବ୍ଲକର ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ଗୁରୁଦିବସ ପାଳିତ ହୋଇଯାଇଛି।

## ବିନିକା ଆଦିବାସୀ କଲ୍ୟାଣ ସଂଘର ଅଧିବେଶନ

ବିନିକା,୫।୯(ରାମ ଗୋପାଳ ବାଘ)


ଅଧିବେଶନରେ ଉପସ୍ଥିତ ସଂଘର କର୍ମକର୍ତ୍ତା।

ସୁବର୍ଣ୍ଣପୁର ଜିଲା ବିନିକା ଆଦିବାସୀ କଲ୍ୟାଣ ସଂଘର ଅଧିବେଶନ ସ୍ଥାନୀୟ ବନ୍ୟା ଆଶ୍ରୟସ୍ଥଳୀଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ବିରଞ୍ଚି ନାରାୟଣ କୁଆଁର ଏଥିରେ ସଭାପତିତ୍ୱ କରିଥିଲେ। ଆଦିବାସୀ କଲ୍ୟାଣ ସଂଘର ଏନଏସି ସଭାପତି କରଞ୍ଜିତ ଭୋଇ, ମହଡା ପଞ୍ଚାୟତ ସଭାପତି ଶଶି ଭୁଏ,ସେଲେଡି ପଞ୍ଚାୟତ ସମ୍ପାଦକ ଅନିରୁଦ୍ଧ ଡ଼ଙ୍ଗ, ସଦସ୍ୟ ଭାଗିରଥି ମାରପାଚି, ମନୋରଞ୍ଜନ ଚିରଗୁନଙ୍କ ସମେତ ମିଶ୍ରପାଲିପଡ଼ାର ଶତାଧିକ ଆଦିବାସୀ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ। ଅଧିବେଶନରେ ପଚ୍ଛୁଆ ବର୍ଗ ରଣା(କୁମ୍ଭାର) ଓ ମାଳୀ ଜାତିକୁ ଅନୁସୂଚିତ ଜନଜାତି ତାଲିକାଭୁକ୍ତ କରିବାକୁ ଓଡ଼ିଶା ସରକାର ପରାମର୍ଶଦାତା କମିଟି ଅନୁମୋଦନ କରିଥିବାରୁ ଏହାକୁ ବାତିଲ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ସଂଘର ଦାବି ଅନୁଯାୟୀ ବିର୍ସାମୁଣ୍ଡାଙ୍କ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ସ୍ଥାନୀୟ ବିଧାୟକ ପଦ୍ମନାଭ ବେହେରା ଓ ନଗରପାଳ ସୁବାସ ଚନ୍ଦ୍ର ଭୋଇ ଆବଶ୍ୟକ ଅନୁଦାନ ମଞ୍ଜୁର ପାଇଁ ପ୍ରତିଶ୍ରୁତି ଦେଇଥିବାରୁ ସଂଘ ପକ୍ଷରୁ ଧନ୍ୟବାଦ ଦିଆଯାଇଥିଲା। ଏଥିସହ ମିଶ୍ରପାଲି କେନାଲ ଛକଠାରେ ବିର୍ସାମୁଣ୍ଡାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ନେଇ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଆଗତ ହୋଇଥିଲା। ଶେଷରେ କରଞ୍ଜିତ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା

ବୌଦ୍ଧ,୫।୯(ଅଜିତ କୁମାର ବାରିକ)

ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ମଙ୍ଗଳବାର ଦିନ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସୁରେଶ ଚନ୍ଦ୍ର ଦଳେଇ ବୌଦ୍ଧ ଗସ୍ତରେ ଆସି ବିଭିନ୍ନ ବିଭାଗର ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ । ଜିଲାର ସମସ୍ତ କାର୍ଯ୍ୟାଳୟରେ ସାଧାରଣ ଲୋକଙ୍କୁ ଉଚିତ ସେବା ଯୋଗାଇ ଦେବାକୁ କମିଶନର ନିର୍ଦ୍ଦେଶ ଦେଇଥିଲେ। ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସୁରେଶ ଚନ୍ଦ୍ର ଦଳେଇଙ୍କ ଗସ୍ତ ସମୟରେ ଜିଲାପାଳ ନୃସିଂହ ଚରଣ ସ୍ୱାଇଁ, ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ରବି ନାରାୟଣ ତ୍ରିପାଠୀ , ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର , ଉପ ଜିଲାପାଳ ରବୀନ୍ଦ୍ର ନାଥ କହଁରଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଭୋଟର ସଚେତନତା ପାଇଁ ମୁଁ ବି ମିତା କାର୍ଯ୍ୟକ୍ରମର ଶୁଭାରମ୍ଭ

ସୋନପୁର,୫।୯(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାରେ ଭୋଟର ସଚେତନତା ପାଇଁ ମୁଁ ବି ମିତା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଏହି ଉପଲକ୍ଷେ ଜିଲାପାଳ ବିମଳେନ୍ଦୁ ରାୟଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଏକ ସଚେତନତା ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଓଡ଼ିଶାରେ ନୂତନ ମତଦାତାମାନଙ୍କୁ ଭୋଟର ତାଲିକାରେ ପଞ୍ଜୀକରଣ କରିବା ପାଇଁ ରାଜ୍ୟ ନିର୍ବାଚନ କମିଶନ ବୁଥସ୍ତରୀୟ ଅଧିକାରୀ ମିତାକୁ ସୃଷ୍ଟି କରିଛନ୍ତି। ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ମୁଁ ବି ମିତା କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ଅଞ୍ଜଳିନା ପ୍ରଧାନ ଓ ଜିଲା ଉନ୍ନୟନ ଅଧିକାରୀ ଅଶ୍ୱିନୀ ମେହେର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଡେପୁଟି କଲେକ୍ଟର (ନିର୍ବାଚନ) ଯଶସିନୀ ପୃଥାଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀ, ଅଧ୍ୟାପିକା ଅଧ୍ୟାପକ ଯୋଗ ଦେଇଥିଲେ। ପୋଥାଳ ସ୍ୱାଗତ ସମ୍ଭାଷଣରେ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ନୂତନ ମତଦାତାଙ୍କୁ ଅତିଥିମାନେ ସେମାନଙ୍କ ଗୁରୁଦାୟିତ୍ୱ ବୁଝାଇବା ସହ ଆସନ୍ତା ନିର୍ବାଚନ ପ୍ରକ୍ରିୟାରେ ସେମାନଙ୍କ ସହଯୋଗ କାମନା କରିଥିଲେ। ଜିଲାପାଳ ରାୟ ମତଦାନର ପ୍ରତିଶତ ବଢାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିପାଇଁ ସବୁ ମିତାମାନଙ୍କୁ ନିଷ୍ଠାର ସହିତ ନିଜର କର୍ତ୍ତବ୍ୟ କରିବା ପାଇଁ ଉତ୍ସାହିତ କରିଥିଲେ। ଛାତ୍ରୀଛାତ୍ରମାନଙ୍କୁ ମୁଁ ବି ମିତା ଲୋଗୋ ଥିବା ଟୋପି ଓ ବ୍ୟାଚ ପ୍ରଦାନ କରାଯାଇଥିଲା। ଭିଜୁଆଲ ମାଧ୍ୟମରେ ଛାତ୍ରୀମାନଙ୍କୁ ସେମାନଙ୍କ ଦାୟିତ୍ୱ ସମ୍ବନ୍ଧରେ ବୁଝାଇ ଦିଆଯାଇଥିଲା । କାର୍ଯ୍ୟକ୍ରମକୁ ବିଦ୍ୟାପତି ପଣ୍ଡା ସଂଯୋଜନା କରିଥିଲେ। ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।



ସଚେତନତା କାର୍ଯ୍ୟକ୍ରମରେ ଜିଲାପାଳ ଓ ଅନ୍ୟ ଅତିଥି ବୃନ୍ଦ।

## ୧୦୦ ଲିଟର ଦେଶୀ ମଦ ଜବତ: ଜଣେ ଗିରଫ

ଅମରପାଲି,୫।୯(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ ଯାଲୋଏ ପଞ୍ଚାୟତର ଖିରପୁର ନିକଟସ୍ଥ ଆଡିଆପଡା ରାସ୍ତା ଦେଇ ଦେଶୀ ମଦ ଚାଲାଣ ବେଳେ ଅବକାରୀ କର୍ମଚାରୀମାନେ ଚଢାଉ କରି ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛନ୍ତି । ଗିରଫ ଯୁବକ ଜଣକ ହେଲେ ଠେଙ୍ଗୋ ଡ୍ୟାମ ଫାଣ୍ଡି ଦୁର୍ଜନତୈଲା ପଞ୍ଚାୟତ ସାଗଯୋରି ଗ୍ରାମର ବିଶ୍ୱଜିତ ବାଘ(୨୭। ତାଙ୍କ ନିକଟରୁ ୧୦୦ ଲିଟର ମଦ ଜବତ ହୋଇଛି। ପ୍ରକାଶ ଯେ, ଅଭିଯୁକ୍ତ ବିଶ୍ୱଜିତ ଓ ତାଙ୍କର ଜଣେ ସାଙ୍ଗ ଏକ ବାଇକ୍ (ନଂଓଡି ୩୧ ୫୭୩୮)ରେ ଦେଶୀ ରନ୍ଧା ମଦ ଧରି ସାଗାଯୋରିରୁ ଆସୁଥିଲେ। ଅବକାରୀ ବିଭାଗ କର୍ମଚାରୀ କୌଣସି ସୂତ୍ରରୁ ସୂଚନା ପାଇ ଉଭୟଙ୍କୁ ଅଟକାଇଥିଲେ। ସେଥିରୁ ଜଣେ ଯୁବକ ଫେରାର ମାରିଥିବା ବେଳେ ବିଶ୍ୱଜିତ୍ ଧରା ପଡ଼ି ଯାଇଥିଲେ। ବୀରମହାରାଜପୁର ଅବକାରୀ ବିଭାଗର ଏସଆଇ ସୁମିତ୍ରା ହେମ୍ବ୍ରମଙ୍କ ନେତୃତ୍ୱରେ ଚଢାଉ ହୋଇଥିଲା। କନଷ୍ଟେବଳ ଉର୍ବୀ ମାଝୀ, ରେଣୁକା ଭୁଏ, ରାଜୀବ କୁମାର ଭଞ୍ଜ ପ୍ରମୁଖ ଚଢାଉରେ ସାମିଲ ଥିଲେ।

## ଡିପିଆର ପ୍ରସ୍ତୁତି ପାଇଁ ଓଟିଡିସି ବୈଷୟିକ ଟିମ୍‌ର ଅନୁଧାନ

ସୋନପୁର,୫।୯(ମୃତ୍ୟୁଞ୍ଜୟ ଶତପଥୀ)


ଖଲିଆପାଲିସ୍ଥିତ ସନ୍ଥକବିଙ୍କ ସମାଧିପୀଠ ସମ୍ମୁଖରେ ବୈଷୟିକ ଟିମ୍ ଓ ଟ୍ରଷ୍ଟର କର୍ମକର୍ତ୍ତା।

**ଭୀମଭୋଇଙ୍କ ସମାଧି ପୀଠର ଉନ୍ନତି ଚିନ୍ତା**

ସୁବର୍ଣ୍ଣପୁର ଜିଲାର ଖଲିଆପାଲିସ୍ଥିତ ସନ୍ଥକବି ଭୀମଭୋଇଙ୍କ ସାଧନା, ସିଦ୍ଧି ଓ ସମାଧି ପୀଠ ଭିତ୍ତିଭୂମିର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ୫୦ଲକ୍ଷ ଟଙ୍କାର ଅନୁଦାନ ଦେଇଛନ୍ତି। ୫–ଟି ସଚିବ ଭି.କେ. ପାଣ୍ଡିଆନଙ୍କ ଗସ୍ତ ପରେ ସୋନପୁର ବିଧାୟକ ତଥା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ପ୍ରସ୍ତାବ କ୍ରମେ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ଏହି ଅନୁଦାନ ମିଳିଛି। ଏହି ଅର୍ଥରେ କେଉଁ ଉନ୍ନୟନମୂଳକ କାମ କରାଯିବ ସେ ନେଇ ଏକ ଡିପିଆର ପ୍ରସ୍ତୁତ କରିବାକୁ ସୋମବାର ସନ୍ଧ୍ୟାରେ ରାଜ୍ୟ ପର୍ଯ୍ୟଟନ ନିଗମର ଏକ ବୈଷୟିକ ଟିମ୍ ଖଲିଆପାଲି ଆସି ଅନୁଧ୍ୟାନ କରିଛନ୍ତି। ସୁବର୍ଣ୍ଣପୁରର ଭାରପ୍ରାପ୍ତ ପର୍ଯ୍ୟଟନ ଅଧିକାରୀ ରବୀନ୍ଦ୍ର କୁମାର ଦଳାଇଙ୍କ ନେତୃତ୍ୱରେ ପର୍ଯ୍ୟଟନ ନିଗମର ପ୍ରୋଗ୍ରାମ ମ୍ୟାନେଜମେଣ୍ଟ ଅଫିସର ଚିତ୍ତରଞ୍ଜନ ସେନଗୁପ୍ତା, ଆର୍କିଟେକ୍ଟ ରୋଜାଲିନ ପଟ୍ଟନାୟକ, ସହକାରୀ ଯନ୍ତ୍ରୀ ସନାତନ ପଧାନ, କନିଷ୍ଠଯନ୍ତ୍ରୀ ବିଶ୍ୱଜିତ ମହାରଣା ପ୍ରମୁଖ ଭୀମଭୋଇ ସମାଧିପୀଠ ଟ୍ରଷ୍ଟର କର୍ମକର୍ତ୍ତା, ଖଲିଆପାଲି ମଠର ବାବା ଓ ସ୍ଥାନୀୟ ଲୋକଙ୍କ ସହିତ ଆଲୋଚନା କରିଥିଲେ। ଭୀମଭୋଇ ସମାଧି ପୀଠ ଟ୍ରଷ୍ଟର ମେନେଜିଂ ଟ୍ରଷ୍ଟି ଛତ୍ରଧାରୀ ଅଗ୍ରୱାଲ, ସମ୍ପାଦକ ଜନ୍ମେଜୟ ସ୍ୱାଇଁ, ପୀଠର ପରିଚାଳକ ସନ୍ୟାସୀ ବାବା, ସୋନପୁର ପର୍ଯ୍ୟଟନ କାର୍ଯ୍ୟାଳୟର ଶେଷଦେବ ମେହେର, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଖଲିଆପାଲି ଗ୍ରାମର ବରିଷ୍ଠ ନାଗରିକ ମହାଦେବ ବଗର୍ତ୍ତି, କାର୍ତ୍ତିକ ଭୋଇ, ଅଷ୍ଟମ ମେହେର, ସତ୍ୟନାରାୟଣ ପୂଜାହାରୀ ଓ ବିଭୁତି ଭୂଷଣ ନେଗୀ ପ୍ରମୁଖ ଏହି ଟିମ୍ ସହିତ ଆଲୋଚନା କରି ପୀଠରେ ଭୋଗମଣ୍ଡପ, ଜ୍ୟୋତି ମଣପ, ପୀଠରେ ଆଲୋକ ବ୍ୟବସ୍ଥା, ଖାଲିଥିବା ସ୍ଥାନରେ ଟାଇଲ ଲଗାଯାଇ ସୌନ୍ଦର୍ଯ୍ୟକରଣ କରିବାକୁ ପ୍ରସ୍ତାବ ଦେଇଥିଲେ। ଆଗକୁ ଅଧିକ ଅନୁଦାନ ଆସିଲେ ସଭାମଣ୍ଡପ ସମ୍ମୁଖରେ ଏକ ବଡ ଓପନ ହଲ ନିର୍ମାଣ କରାଯିବାକୁ ମଧ୍ୟ ପ୍ରସ୍ତାବ ଦିଆଯାଇଥିଲା। ପୀଠର ଆଧ୍ୟାତ୍ମିକ ପରିବେଶକୁ ବଜାୟ ରଖି ଉନ୍ନୟନ କାମ କରାଯିବ ବୋଲି ପର୍ଯ୍ୟଟନ ଅଧିକାରୀ ଦଳାଇ କହିଛନ୍ତି। ଅନୁଧ୍ୟାନ ପରେ ଏହି ଟିମ୍ ସୁବର୍ଣ୍ଣପୁର ଜିଲାପାଳ ବିମଳେନ୍ଦୁ ରାୟଙ୍କୁ ଭେଟି ଆଲୋଚନା କରିଥିଲେ। ଗତ ୧୯୯୯ ମସିହାରୁ ଖଲିଆପାଲି ପୀଠର ଉନ୍ନତି ପାଇଁ ବିଧାୟକଙ୍କ ଉନ୍ନୟନ ପାଣ୍ଠି, ସୋନପୁର ଟ୍ରଷ୍ଟ ଫଣ୍ଡ, ସୋନପୁର ବ୍ଲକ, ରାଜ୍ୟ ପର୍ଯ୍ୟଟନ ବିଭାଗ, ପଶ୍ଚିମ ଓଡିଶା ବିକାଶ ପରିଷଦର ଅନୁଦାନରେ ଅନେକଗୁଡିଏ ଉନ୍ନୟନ କାମ କରାଯାଇଛି। ଏହି ପୀଠକୁ ବର୍ଷସାରା ମହିମା ଭକ୍ତ, ପର୍ଯ୍ୟଟକ ଓ ଗବେଷକମାନେ ଆସୁଥିବାରୁ ସେମାନଙ୍କ ସୁବିଧା ପାଇଁ ବ୍ୟବସ୍ଥା କରିବାକୁ ଶ୍ରଦ୍ଧାଳୁଙ୍କ ପକ୍ଷରୁ ଦାବି ହୋଇଆସୁଛି।

## ସଂକ୍ଷେପରେ

### ଝାରସୁଗୁଡ଼ା ଡିଏଭି ସ୍କୁଲରେ ଗୁରୁଦିବସ

**ବ୍ରଜରାଜନଗର,୫।୯ (ବିଜୟ ବରାଡ):** ଝାରସୁଗୁଡ଼ା ଡିଏଭି ପବ୍ଲିକ ସ୍କୁଲ ପରିସରରେ ଗୁରୁଦିବସ ଦୁଇଟି ପର୍ଯ୍ୟାୟରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ପ୍ରଥମେ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ ପ୍ରତିଚ୍ଛବି ଫଳକ ଉପରେ ମାଲ୍ୟାର୍ପଣ କରାଯାଇଥିଲା। ଅଧ୍ୟକ୍ଷ ପଣ୍ଡା ଛାତ୍ରୀଛାତ୍ରଙ୍କୁ ଉତ୍ତମ ମଣିଷ ହେବା ଲାଗି ଉଦ୍‌ବୋଧନ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ବନ୍ଧବାହାଲ ଡିଏଭିର ଅବସରପ୍ରାପ୍ତ ଅଧ୍ୟକ୍ଷ ଅସୀମ କୁମାର ମିଶ୍ର ମୁଖ୍ୟଅତିଥି ଓ ପରିଚାଳନା ସମିତି ସଭ୍ୟ ଶିକ୍ଷାବିତ ଗୌରୀଶଙ୍କର ତିୱାରୀ, ସମିତି ସଭ୍ୟ ତାପସ ରାୟ ଚୌଧୁରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୁରୁଦିବସ ସନ୍ଦର୍ଭରେ ନିଜ ଭାବ ବ୍ୟକ୍ତ କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନିମନ୍ତେ ଅନ୍ତାକ୍ଷରୀ ଓ କୌତୁକିଆ ଖେଳର ଆୟୋଜନ କରାଯାଇଥିଲା। ଝାରସୁଗୁଡ଼ା ଡିଏଭି ପରିବାର ତରଫରୁ ଅବସରପ୍ରାପ୍ତ ଅଧ୍ୟକ୍ଷ ମିଶ୍ରଙ୍କୁ ଉପଢୌକନ ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ମିଶ୍ର ନିଜ ଗୁରୁଜୀବନର ଅନୁଭୂତି ବ୍ୟକ୍ତ କରିଥିଲେ।

### ଗଡଡ଼ୁମୁଲିଆଠାରେ ବ୍ଲକସ୍ତରୀୟ ଗୁରୁଦିବସ

**ହେମଗିର,୫।୯ (ଚୈତନ୍ୟ ପଟେଲ):** ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଗଡଡ଼ୁମୁଲିଆସ୍ଥିତ ମାଣିକେଶରୀ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ମଙ୍ଗଳବାର ବ୍ଲକ ଶିକ୍ଷକ ସଂଘ ତରଫରୁ ବ୍ଲକସ୍ତରୀୟ ଗୁରୁଦିବସ ପାଳନ କରାଯାଇଛି। ଏହି ଅବସରରେ ପୂର୍ବତନ ରାଷ୍ଟ୍ରପତି ଡ.ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଜନ୍ମ ଦିନ ଅବସରରେ ତାଙ୍କର ଫଟୋଚିତ୍ରରେ ପୁଷ୍ପାର୍ଚ୍ଚନା କରିବା ସହିତ ମାଣିକେଶରୀ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ରବିନାରାୟଣ ଶତପଥୀଙ୍କ ଫଟୋରେ ମାଲ୍ୟାର୍ପଣ କରି ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ବ୍ଲକ ଶିକ୍ଷକ ସଂଘର ସଭାପତି ରାମଲାଲ ପଟେଲଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ ହୋଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ କରୁଣା ସାଗର ପଟେଲ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ କିଶୋର କୁମାର ଅର୍କ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବରେ ଡିଏଭି ପବ୍ଲିକ ସ୍କୁଲର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ବେଦବାକ, ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସା, ମାଣିକେଶରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସହଦେବ ମହାକୁଡ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବଂଶୀଧର ବାରିକ, ପୂର୍ବତନ ପ୍ରଧାନ ଶିକ୍ଷକ ଶ୍ରଧାକର ପଟେଲ, ପୂର୍ବତନ କଲେଜ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ଅଗସ୍ତି, ଜିଲା ପରିଷଦ ସଭ୍ୟା ମହିମା ସେଠ, ଜିଲା ପରିଷଦ ସଭ୍ୟା ଉଦିତ ସେଠ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଗୁରୁମାନଙ୍କ ଉଦ୍ଦେଶ୍ୟରେ ସଙ୍ଗୀତ ପରିବେଷଣ କରାଯାଇଥିଲା । ପରେ ବିଧାୟିକା ସମସ୍ତ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରିବା ସହିତ ଉପଢ଼ୌକନ ପ୍ରଦାନ କରିଥିଲେ। ପରେ ୧୪ଜଣ ସିଆରସିସି ଶିକ୍ଷକଙ୍କୁ ଉପସ୍ଥିତ ଅତିଥିମାନେ ମାନପତ୍ର ସହିତ ଉପହାର ପ୍ରଦାନ କରିଥିଲେ। ପରେ ଆଦର୍ଶ ଶିକ୍ଷକ ଭାବରେ ୧୪ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା।



ବରପାଲିଠାରେ ଏମ୍‌ସିଏଲ୍ କୋଲକରିଡର୍ ରାସ୍ତା କାମ ସମ୍ପୂର୍ଣ୍ଣ କରିବା ଦାବିରେ ଲୋକେ ରାସ୍ତାରୋକୋ କରିଛନ୍ତି।

# ରାସ୍ତା ନିର୍ମାଣ କାମକୁ ନେଇ ରାସ୍ତାରୋକୋ

**ହେମଗିର,୫।୯(ଚୈତନ୍ୟ ପଟେଲ)**

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ସ୍ଥିତ ବରପାଲିଠାରେ ଏମ୍‌ସିଏଲ୍ କୋଲକରିଡର୍ ରାସ୍ତା କାମ ଆଗଉନି। ବାଙ୍କିବାହାଲରୁ ଭେଡ଼ାବାହାଲକୁ ସଂଯୋଗ କରୁଥିବା ୩୦ କିଲୋମିଟର ବିଶିଷ୍ଟ ଏହି ରାସ୍ତା କାମ ୬ ମାସ ହେଲା ବନ୍ଦ ପଡ଼ିଛି। ଏହାର ପ୍ରତିବାଦରେ ୨ଦିନ ତଳେ ଜିଲାପାଳଙ୍କ ଅଫିସ ଘେରିଥିବା ପ୍ରଭାବିତ ଅଞ୍ଚଳବାସୀ ମଙ୍ଗଳବାର ହେମଗିର ବରପାଲିଛକରେ ରାସ୍ତାରୋକୋ କରିଥିଲେ। ଆନ୍ଦୋଳନ ଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଗାଡ଼ି ଅଟକି ରହିଥିଲା। ଏମ୍‌ସିଏଲର କୋଇଲା

**କୋଇଲା ପରିବହନ ବାଧାପ୍ରାପ୍ତ**

ପରିବହନ ବନ୍ଦ ହୋଇଯାଇଥିଲା। ୨୭ ବର୍ଷ ହେଲା ସାଧାରଣ ରାସ୍ତାରେ ମହାନଦୀ ଖୋଲାମୁହଁ କୋଇଲା ଖଣିରୁ ଦୈନିକ ୨ହଜାରରୁ ଅଧିକ ଭାରିଯାନରେ ରାଉରକେଲା, ଝାରସୁଗୁଡ଼ା କଳକାରଖାନାକୁ କୋଇଲା ପରିବହନ ହେଉଛି। ଭାରିଯାନ ଚଳାଚଳଜନିତ ଦୁର୍ଘଟଣା ବହୁ ଧନଜୀବନହାନିର କାରଣ ହୋଇଛି। ଏମ୍‌ସିଏଲର ବେପାର ପାଇଁ ଲୋକେ କାହିଁକି ବଳି ପଡୁଛନ୍ତି ବୋଲି ପ୍ରଶ୍ନ ଉଠିଥିଲା। ଏଥିସହ କୋଇଲା ପରିବହନ ପାଇଁ ସ୍ୱତନ୍ତ୍ର କୋଲକରିଡର ନିର୍ମାଣ ପାଇଁ ଲୋକେ ଦାବି କରିଥିଲେ। ଏହା ପରେ ବାଙ୍କିବାହାଲ କୋଇଲା ଖଣିରୁ ରାଜ୍ୟ ରାଜପଥ ଭେଡ଼ାବାହାଲ ଯାଏ ସ୍ୱତନ୍ତ୍ର କୋଲ କରିଡର୍ ରାସ୍ତା ପାଇଁ ପ୍ରସ୍ତାବ ହୋଇଥିଲା। ଏଥିପାଇଁ ୩୧୮ କୋଟିର ବ୍ୟୟ ଅଟକଳ ପ୍ରସ୍ତୁତ ହୋଇଥିଲା। ତେବେ ୨୦୨୦ରୁ ରାସ୍ତା କାମ ଆରମ୍ଭ ହୋଇଛି। ୨୪ଟି ଗାଁ ଦେଇ ଯାଉଥିବା ଏହି ରାସ୍ତା ୧୨ କିଲୋମିଟର ୪ ଥାକିଆ ଓ ୧୮ କିଲୋମିଟର ୨ ଥାକିଆ ହେଉଥିବାବେଳେ ଏଥିରେ ୩୫୦ ଗାଁର ୨.୮୦ ଲକ୍ଷ ଲୋକ ଉପକୃତ ହେବେ। ତେବେ କାମର ବିଲ୍ ମିଳି ନ ଥିବା ଦର୍ଶାଇ ନିର୍ମାଣକାରୀ ସଂସ୍ଥା ୬ ମାସ ହେଲା କାମ ବନ୍ଦ କରି ଦେଇଛି। ଅଧାପନ୍ତରିଆ ହୋଇ ରହିଥିବା ଏହି ରାସ୍ତା ଏବେ ମରଣଯନ୍ତା ପାଲଟିଛି କହିଲେ ଭୁଲ ହେବ ନାହିଁ। ରାସ୍ତାରେ ଶତାଧିକ ଟ୍ରକ ଚଳାଚଳ କରୁଥିବାରୁ ଅନେକ ସ୍ଥାନରେ ବଡ଼ବଡ଼ ଖାଲ ସୃଷ୍ଟି ହୋଇଛି। ପ୍ରତିବାଦରେ ପ୍ରଭାବିତ ବାଙ୍କିବାହାଲ, ବରପାଲି ତୁଡୁଙ୍କା, କାଲୋବାହାଲ ଗାଁର ଶତାଧିକ ଲୋକେ ଧାରଣା ଦେଇଥିଲେ। ଏହି ଅବସରରେ ତୁଡୁଙ୍କା ସରପଞ୍ଚ ଜୟକୃଷ୍ଣ ମାଝି, ତୁରୁବଗା ସରପଞ୍ଚ ଉପେନ୍ଦ୍ର ମଲ୍ଲିକ, କୃଷ୍ଣ ଡିଲା ପ୍ରମୁଖ ଉପସ୍ଥିତ ଥିଲେ। ଧାରଣାସ୍ଥଳରେ ନିର୍ବାହୀ ଯନ୍ତ୍ରୀ ପହଞ୍ଚି ଆସନ୍ତା ଗୁରୁବାରଠାରୁ କାମ ଆରମ୍ଭ କରିବାର ପ୍ରତିଶ୍ରୁତି ଦେବା ପରେ ଅଞ୍ଚଳବାସୀ ରାସ୍ତାରୋକୋରୁ ଓହରିଥିଲେ।

# ବିଭିନ୍ନ ସ୍ଥାନରେ ଗୁରୁ ଦିବସ ପାଳିତ

**କୁତ୍ରା, ୫।୯(ଦେବାଶିଷ ସାହୁ)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନଗୁଡ଼ିକରେ ଗୁରୁଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କୁତ୍ରା ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ତରଫରୁ ଗୁରୁଦିବସ ପାଳିତ ହୋଇଥିଲା। ଏହି ଅବସରରେ ଗୁରୁମାନଙ୍କ ପାଇଁ ଛାତ୍ରୀଛାତ୍ରଙ୍କ ତରଫରୁ ବିଦ୍ୟାଳୟରେ ବିଭିନ୍ନ ନାଚଗୀତ ସହିତ ନାଟକ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନ, ଶିକ୍ଷକ ବିଭୀଷଣ ବାରିକ, ଦୀପିକା କେରକେଟା, ଜସ୍ମିନ ମିଞ୍ଜ, ଧୃତିସୁନ୍ଦର ସାହୁ, ଅନୁୱର ଅହମ୍ମଦ ପ୍ରମୁଖଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, କର୍ମଚାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟ ଛାତ୍ର ସଂସଦର ରାକେଶ ଲାକଡା, ଆଲିସା ମିଞ୍ଜ, ଫିରୋଜ ନାଗ, ଇତିଶ୍ମିତା ନିଆଲ, ରାଧିକା ଧନୁୱାର, ବିନିତ ହେସ, ନରେନ୍ଦ୍ର ବନଛୁର, ରୋନିତା ଲାକଡା ପ୍ରମୁଖ ପରିଚାଳନା କରିଥିଲେ। ସେହିଭଳି ଭାବରେ ଗଏରବାହାଲ ସ୍ଥିତ ବୀର ବିର୍ସା ମୁଣ୍ଡା ସୀମାନ୍ତ ମହାବିଦ୍ୟାଳୟଠାରେ ମଧ୍ୟ ଛାତ୍ରୀଛାତ୍ରଙ୍କୁ ପକ୍ଷରୁ ଗୁରୁ ଦିବସ ପାଳିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରସନ୍ନ କୁମାର ଧଳ, ଅଧ୍ୟାପକ ଅଶୋକ କୁମାର ସିନ୍ଦୁରାଏ, ସଞ୍ଜୟ କୁମାର ଠାକୁର, ସମୀର ପୁରୋହିତ, ଅଜୟ କୁମାର ପଣ୍ଡା, ଯଶୋବନ୍ତି ନାଏକ, ପୁନମ ତିର୍କୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହା ସହିତ ବ୍ଲକର ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନଗୁଡିକରେ ମଧ୍ୟ ଗୁରୁ ଦିବସ ପାଳିତ ହୋଇଯାଇଛି।

# ସୁନ୍ଦରଗଡ଼ ପବ୍ଲିକ ସ୍କୁଲରେ ଗୁରୁଦିବସ



ପବ୍ଲିକ ସ୍କୁଲରେ ଗୁରୁ ଦିବସ ପାଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ସୁନ୍ଦରଗଡ,୫।୯(ଜୟ ନାରାୟଣ ମେଣ୍ଡୁଲି)**

ଗୁରୁ –ଶିଷ୍ୟ ପରମ୍ପରା ଓ ପୂଜ୍ୟ ପୂଜ୍ୟା ପରମ୍ପରା ସହିତ ସୁନ୍ଦରଗଡ ପବ୍ଲିକ ସ୍କୁଲରେ ଗୁରୁ ଦିବସ ପାଳିତ ହୋଇ ଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବାଚସ୍ପତି କିଶୋର ଚନ୍ଦ୍ର ପଟେଲ, ଅନ୍ୟତମ ଅତିଥି ରୂପରେ ସୁନ୍ଦରଗଡ଼ର ସୁନାମଧନ୍ୟ ଶିକ୍ଷାବିତ୍ ଶିବଶଙ୍କର ପୃଷେଠ ଏବଂ ଦୁର୍ଲଭ ଦାସ ଓରାମ ଯୋଗ ଦେଇଥିଲେ। ବିଦ୍ୟାଳୟର ଟ୍ରଷ୍ଟି ମେମ୍ବର ନିମାଇଁ ଚରଣ ନାଏକ ଓ ବେଣୁ ମାଧବ ତ୍ରିପାଠୀ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଡ଼ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ପଟ୍ଟଚିତ୍ରରେ ମାଲ୍ୟାର୍ପଣ ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଟ୍ରଷ୍ଟି ସେକ୍ରେଟାରୀ ରାଜ କିଶୋର ଷଡ଼ଙ୍ଗୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ପୂଜ୍ୟ ପୂଜା ପରମ୍ପରା ଏବଂ ଆମ ଜୀବନରେ ଗୁରୁଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷା ହରିପ୍ରିୟା ପଟେଲ ସଭାରେ ଅଧ୍ୟକ୍ଷତା କରି କିପରି ଆମେ ପ୍ରଥମେ ନିଜକୁ ଭଲ ପାଇବା,ନିଜ ପରିବାର ନିଜ ସମାଜ ଓ ନିଜ ପ୍ରକୃତିକୁ ଭଲ ପାଇବା ହେଲେ ଆମେ ନିଶ୍ଚିତ ଭାବରେ ସୁନାଗରିକ ହୋଇ ପାରିବା ବୋଲି କହିଥିଲେ। ବିଶିଷ୍ଟ ଶିକ୍ଷାବିତ ଶିବଶଙ୍କର ପୃଷେଠ ଏଂ ଦୁର୍ଲଭ ଦାସ ଓରାମଙ୍କୁ ବିଦ୍ୟାଳୟ ତରଫରୁ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜପ୍ରତି ଶିକ୍ଷା କ୍ଷେତ୍ରରେ ତାଙ୍କର ଅତୁଳନୀୟ ଅବଦାନ ବିଷୟରେ ଆଲୋକପାତ କରାଯାଇଥିଲା।



ଲହୁଣୀପଡ଼ାରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

# ଗୁରୁଦିବସ ଉପଲକ୍ଷେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

**ଲହୁଣୀପଡା,୫।୯(ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ବୋଲବମ ସେବା ସଂଘ ରାଜାମୁଣ୍ଡା ତରଫରୁ ଗୁରୁ ଦିବସ ପାଳନ ଅବସରରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅପର୍ଣ୍ଣା ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ରଞ୍ଜନ କୁମାର ପତି, ଯମୁନା ମାହାନ୍ତ, ସମାଜସେବୀ ସୁଦାମ ତ୍ରିପାଠୀ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ କୁମାର ଗୌତମ ବାରିକ ଯୋଗ ଦେଇଥିଲେ। ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ନିରୋଦ ଚନ୍ଦ୍ର ଦୀକ୍ଷିତଙ୍କ ଅଧ୍ୟକ୍ଷତାରେ ଏହା ଅନୁଷ୍ଠିତ ହୋଇଥିଲା। ବୋଲବମ ସେବା ସଂଘର ସମ୍ପାଦକ ପ୍ରଦ୍ୟୁତ୍ କୁମାର ଜିତ ପରିଚୟ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ବିଦ୍ୟାଳୟର ଛାତ୍ରୀମାନେ ପୁଷ୍ପଗୁଚ୍ଛ ଓ ସ୍ୱାଗତ ସଙ୍ଗୀତ ଗାନକରି ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଭିନ୍ନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀଛାତ୍ରମାନଙ୍କୁ ନେଇ ଏହି ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଇଂରାଜୀ, ଓଡ଼ିଆ ବକ୍ତୃତା, ହସ୍ତାକ୍ଷର, ଚିତ୍ରାଙ୍କନ, ଝୋଟି, ନୃତ୍ୟ, ଗୀତ ଇତ୍ୟାଦ ପ୍ରତିଯୋଗିତା ହୋଇଥିଲା। ବିଚାରକ ଭାବେ ମହେଶ ପତି, ଆରାଧନା ପାତ୍ର, ପ୍ରାଚିସ୍ମିତା ଜିତ ଯୋଗ ଦେଇ ମୂଲ୍ୟାଙ୍କନ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହା ସହିତ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବରେ ଶ୍ରେୟା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘ ପକ୍ଷରୁ ଚଳିତବର୍ଷ ପାଇଁ ଶକୁନ୍ତଳା ଦେବୀ ସମ୍ମାନରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅପର୍ଣ୍ଣା ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ପବିତ୍ର ଗୁରୁ ଦିବସରେ ପ୍ରତ୍ୟେକ ଛାତ୍ରୀଛାତ୍ର ଦେଶ ମାତୃକାର ସେବା ପାଇଁ ସଂକଳ୍ପ କରିବା ସହିତ ଶିକ୍ଷା, କ୍ରୀଡ଼ା, ସଂସ୍କୃତି ଉପରେ ରୁଚି ଅନୁଯାୟୀ ସାଧନା କରିବା ଉଚିତ। ଶିକ୍ଷା, ସଂସ୍କୃତି, ସାମାଜିକ ସଂସ୍କାରକୁ ଯଦି ଗୁରୁତ୍ୱ ଦିଅନ୍ତି ତାହାଲେ ଭବିଷ୍ୟତ ଉଜ୍ଜ୍ୱଳମୟ ହେବ ବୋଲି ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରୀଛାତ୍ର ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସଭା ଶେଷରେ ଯଶୋବନ୍ତ ମାହାନ୍ତ ଧନ୍ୟବାଦ ପ୍ରଦାନ କରିଥିଲେ। ଅଶ୍ୱିନ ପାଲ, ଦୀପକ ତ୍ରିପାଠୀ, ଗୋବିନ୍ଦ ବାରିକ, ଜିତେନ୍ଦ୍ର ରାୟ, ବିକାଶ ଚକ୍ର, ଗୋଲେଖ ସ୍ୱାଇଁ, ପ୍ରଭାତ ରାଉତ, ଅସିତ ପଟ୍ଟନାୟକ, ତପନ ବିଶ୍ୱାଳ, ଉମେଶ ସାହୁଙ୍କ ସମେତ ବୋଲବମ ସେବା ସଂଘର କର୍ମକର୍ତ୍ତା ଓ ଶିଶୁ ମନ୍ଦିର ଗୁରୁମା ଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଧ୍ୟାନଚାନ୍ଦ ମେମୋରିଆଲ ଟ୍ରଷ୍ଟ ତରଫରୁ ହକି ଖେଳ ସାମଗ୍ରୀ ପ୍ରଦାନ

**ଲହୁଣୀପଡ଼ା,୫।୯(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ କଲେଇପୋଷ ପଞ୍ଚାୟତ ପାରାଗପୋଷ ଗ୍ରାମସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟରେ ମଙ୍ଗଳବାର ଗୁରୁ ଦିବସ ପାଳନ କରାଯାଇଥିଲା। ଏଥିରେ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଅଶ୍ୱିନ କୁମାର ଗୋପାଳଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ ମଞ୍ଚାସୀନ ଥିଲେ। ଧ୍ୟାନଚାନ୍ଦ ମେମୋରିଆଲ ଟ୍ରଷ୍ଟ ତରଫରୁ ରାଜେଶ କୁମାର ବେହେରା, ସୁଧୀର କୁମାର ଜେନା ହକି ଖେଳାଳୀ ଛାତ୍ରୀଛାତ୍ରମାନଙ୍କ ପାଇଁ ହକି ଖେଳ ସାମଗ୍ରୀ ପ୍ରଦାନ କରିଥିଲେ। ସାମୂହିକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଡିଶା ଆଦର୍ଶ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

### ଜିଲାସ୍ତରୀୟ ଗୁରୁଦିବସ ପାଳିତ

**ବ୍ରଜରାଜନଗର, ୫।୯(ବିଜୟ ବରାଡ):** ବ୍ରଜରାଜନଗର ସହରସ୍ଥିତ ମହାନଦୀ କୋଲ ଫିଲ୍ଡ କଲ୍ୟାଣୀ ମଣ୍ଡପରେ ଜିଲାସ୍ତରୀୟ ଗୁରୁ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ମୁଖ୍ୟଅତିଥି ଓ ସ୍ଥାନୀୟ ବିଧାୟିକା ଅଳକା ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲାରେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ପ୍ରତିଭାମାନଙ୍କୁ କମିଟି ତରଫରୁ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରସନ୍ନ ପଣ୍ଡା ସ୍ମୃତି ସମିତି ଉପଦେଷ୍ଟା ପ୍ରଶାନ୍ତ ପାଟଯୋଶୀ ଓ ଜିଲା ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ରାଜକିଶୋର ଜେନା ପରିଚାଳନା କରିଥିଲେ।

# କଳା ବ୍ୟାଜ୍ ପିନ୍ଧି ଗୁରୁ ଦିବସକୁ ମର୍ଯ୍ୟାଦା ଦିବସ ଭାବେ ପାଳନ



ଶିକ୍ଷକମାନେ କଳା ବ୍ୟାଜ୍ ପିନ୍ଧିଛନ୍ତି।

**କୁତ୍ରା, ୫।୯(ଦେବାଶିଷ ସାହୁ)**

ମଙ୍ଗଳବାର ସାରା ଦେଶରେ ପବିତ୍ର ଗୁରୁ ଦିବସ ପାଳିତ ହୋଇଛି। ଗୁରୁ ହେଉଛନ୍ତି ଭଗବାନ ତୁଲ୍ୟ। ଜୀବନ ଗଢିବାର ସହାୟକ। କିନ୍ତୁ ତାଙ୍କୁ ସରକାର ଅବହେଳା କରୁଥିବା କହିଛନ୍ତି ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ। ତେବେ କୁତ୍ର ବ୍ଲକର ୫୦ ଜଣ ଶିକ୍ଷକ ତାଙ୍କ ବିଭିନ୍ନ ଦାବିନେଇ ଏହି ଦିବସକୁ ମର୍ଯ୍ୟାଦା ଦିବସ ରୂପେ ପାଳନ କରିଛନ୍ତି। କୁତ୍ରା ବ୍ଲକରେ ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ କଳା ବ୍ୟାଜ୍ ପିନ୍ଧି ପବିତ୍ର ଗୁରୁ ଦିବସକୁ ମର୍ଯ୍ୟାଦା ଦିବସ ରୂପେ ପାଳନ କରାଯାଇଛି। ସରକାର ବାରମ୍ବାର ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀମାନଙ୍କ ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ପ୍ରତାରଣା କରି ଚାଲିଥିବାରୁ ରାଜ୍ୟ ନେତୃତ୍ୱର ଆହ୍ୱାନ କ୍ରମେ ଗୁରୁଦିବସକୁ ଗୁରୁମାନେ କଳା ବ୍ୟାଜ୍ ପିନ୍ଧି ଏହି ଦିବସକୁ ମର୍ଯ୍ୟାଦା ଦିବସ ଭାବେ ପାଳନ କରିଥିବା ଦେଖିବାକୁ ମିଳିଥିଲା। ଏଥିରେ କୁତ୍ରା ବ୍ଲକର ଅଣ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟର ୫୦ ଶିକ୍ଷୟିତ୍ରୀ ଶିକ୍ଷକ କର୍ମଚାରୀ ସାମିଲ ହୋଇଥିଲେ।

# ସାଇନ୍ସ ଡ୍ରାମା, ସାଇନ୍ସ ସେମିନାର, ଫଙ୍କ୍ ଡାନ୍ସ

**ବଡ଼ଗାଁ, ୫।୯(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ୍ ଅନ୍ତର୍ଗତ ବରଙ୍ଗାକଛାର ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ସାଇନ୍ସ ଡ୍ରାମା, ସାଇନ୍ସ ସେମିନାର ଓ ଫଙ୍କ୍ ଡାନ୍ସ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ତାଙ୍କ ବକ୍ତବ୍ୟରେ ପ୍ରକୃତିର ତାଣ୍ଡବ ଲୀଳା, ସଂଘର୍ଷମୟ ପ୍ରତ୍ୟକ୍ଷ ଅନୁଭବର ବିଜ୍ଞାନ ସମ୍ମତ କାରଣ ଖୋଜି ତାର ଅନୁସନ୍ଧାନ କରିବାକୁ କହିଥିଲେ। ସମ୍ମାନିତ ଅତିଥି ଭାବେ ବଡ଼ଗାଁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁନୀତା ଲାକ୍ରା ତୃଣମୂଳ ସ୍ତରରୁ ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ ଶିକ୍ଷା ପ୍ରତି କିପରି ଆକୃଷ୍ଟ କରିହେବ ସେ ନେଇ ଆଲୋଚନା ରଖିଥିଲେ। ଏହି କାର୍ଯ୍ୟକ୍ରମରେ ୧୩ଟି ସ୍କୁଲ୍‌ର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଭିନ୍ନ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି। ଶିକ୍ଷକ ସୁବାସ ଚନ୍ଦ୍ର ମହାନ୍ତ ମଞ୍ଚ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷକ ଦୁବରାଜ ଗୋଖରା ଧନ୍ୟବାଦ୍ ଅର୍ପଣ କରିଥିଲେ। ଶିକ୍ଷକ ଶଶିଧର ସୁନ୍ୟାନି, ଅବନୀକାନ୍ତ ପ୍ରଧାନ, ମଞ୍ଜୁଲତା ସାମନ୍ତରାୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ସାଇନ୍ସ ଡ୍ରାମା, ସାଇନ୍ସ ସେମିନାରରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର।

# ପ୍ରସ୍ତାବିତ ମେଡିକାଲ କଲେଜ ଜାଗାକୁ ଘରୋଇ କାରଖାନାକୁ ହସ୍ତାନ୍ତର ମସୁଧା

**କୁଆଁରମୁଣ୍ଡା,୫।୯(ମହେନ୍ଦ୍ର କୁମାର ସାହୁ)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ସରକାରୀ ଡାଏରୀ ଫାର୍ମର ୨୦ ଏକର ୯୦ ଡିସିମିଲ ଜାଗାକୁ ଏବେ ପୁଣି ଜିଲା ପ୍ରଶାସନ ଏକ ଘରୋଇ କାରଖାନାକୁ ହସ୍ତାନ୍ତର କରିବା ପାଇଁ ମସୁଧା ଚଳାଇଛି। ୨୦୦୮ ମସିହାରେ ଉକ୍ତ କାରଖାନା ଇଡ୍‌କୋଠାରୁ ଅତି କମ୍ ମୂଲ୍ୟରେ ଅର୍ଥାତ ମାତ୍ର ୪୭ ଲକ୍ଷରେ ଲିଜ୍ ନେଇଥିଲା। ଯାହାର ସରକାରୀ ମୂଲ୍ୟ ହେଉଛି ପାଖାପାଖି ୫୦ କୋଟିରୁ ଅଧିକ। ମାତ୍ର ନିୟମ ଅନୁଯାୟୀ ୩ରୁ ୬ମାସ ମଧ୍ୟରେ କାରଖାନା କର୍ତ୍ତୃପକ୍ଷ ସେଠାରେ ପାଚେରୀ ନିର୍ମାଣ କରିବା ସହ ଯେଉଁ ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣ କରିଥିଲେ ତଦନୁଯାୟୀ ସେଠାରେ ଉକ୍ତ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ କରିବା କଥା। ଏହା ସହ ୨ ବର୍ଷ ମଧ୍ୟରେ ପ୍ରକଳ୍ପ ସମ୍ପୂର୍ଣ୍ଣ କରି ପ୍ରକଳ୍ପକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାର ନିୟମ ରହିଛି। ହେଲେ ନିର୍ଦ୍ଧାରିତ ସମୟ ସୀମା ଅତିବାହିତ ହୋଇଯିବାର ୫ ବର୍ଷ ପରେ ହଠାତ୍ କାରଖାନା କର୍ତ୍ତୃପକ୍ଷ ତରବରିଆଭାବେ ବିଳମ୍ବିତ ରାତିରେ ପାଚେରୀ ନିର୍ମାଣ କରୁଥିବାବେଳେ କୁଆଁରମୁଣ୍ଡା ଓ ପଦମପୁର ପଞ୍ଚାୟତବାସୀ ଖବର ପାଇ ସେଠାରେ ରୁଣ୍ଡ ହୋଇ ନିୟମ ଅନୁଯାୟୀ ବିରୋଧ କରିଥିଲେ। ଏହାସହ ସ୍ଥାନୀୟ ତହସିଲଦାରଙ୍କ ଜରିଆରେ ଜିଲାପାଳଙ୍କୁ ଏନେଇ ଏକ ଦାବିପତ୍ର ପ୍ରଦାନ କରିଥିଲେ। ତତ୍କାଳୀନ ଜିଲାପାଳଙ୍କ ଅନୁମୋଦନ କ୍ରମେ ସ୍ଥାନୀୟ ତହସିଲଦାର ନିୟମ ଅନୁଯାୟୀ ଉକ୍ତ କାର୍ଯ୍ୟକୁ ବନ୍ଦ କରାଇଥିଲେ। ଫଳରେ କାରଖାନା କର୍ତ୍ତୃପକ୍ଷ ଉକ୍ତ ଜମିକୁ ନିଜ ଦଖଲକୁ ନେଇପାରି ନ ଥିଲେ। ଏହା ପରେ ୨୦୧୫-୧୬ ମସିହାରେ ରାଉରକେଲା ଷ୍ଟିଲପ୍ଲାଣ୍ଟ (ଆର୍‌ଏସ୍‌ପି)




ପ୍ରସ୍ତାବିତ ଜମିରେ ଆର୍‌ଏସ୍‌ପି ପକ୍ଷରୁ ବ୍ୟାପକ ଜଙ୍ଗଲ ସୃଷ୍ଟି କରାଯାଇଛି।

**ଘଟଣା ପ୍ରଚାରିତ ହେବା ପରେ କୁଆଁରମୁଣ୍ଡାବାସୀଙ୍କ ପକ୍ଷରୁ ତୀବ୍ର ବିରୋଧ ପାଇଁ ସଜବାଜ**

ପକ୍ଷରୁ ଓଡ଼ିଶା ବନାଞ୍ଚଳ ବିଭାଗ ସେଠାରେ ୨ କୋଟି ବ୍ୟୟ ଅଟକଳରେ ୧୨ ହଜାର ବୃକ୍ଷରୋପଣ କରାଇଥିଲେ। ପରବର୍ତ୍ତୀ ସମୟରେ ଅର୍ଥାତ ୨୦୨୦ ମସିହାରେ ପୁଣି ତରବରିଆଭାବେ ରାତି ଅଧରେ ଲୁଚିଛପି କାରଖାନା କର୍ତ୍ତୃପକ୍ଷ ସେଠାରେ ରୋପଣ ହୋଇଥିବା ବୃକ୍ଷ କାଟି ସଫା କରିବା ସହ ତାରବାଡ଼ ଓ ଲୁହାରେ ସେଡ଼ ନିର୍ମାଣ କରୁଥିବା ବେଳେ ସ୍ଥାନୀୟ ଗ୍ରାମବାସୀ ଜାଣି ସେଠାରେ ରୁଣ୍ଡ ହୋଇ ତାହାକୁ ତୀବ୍ର ବିରୋଧ କରିଥିଲେ। କାରଖାନା ମାଲିକ ସ୍ଥାନୀୟ ଅଧିବାସୀଙ୍କ ପ୍ରଶ୍ନର ଯଥୋଚିତ ଉତ୍ତର ନ ଦେଇପାରି ସେଠାରୁ ପଳାୟନ କରିଥିଲେ। ଏହି ଘଟଣା ଘଟିବାର ପାଖାପାଖି ଅଢେଇ ବର୍ଷ ବିତିଯିବା ପରେ ଏବେ ପୁଣି ଉକ୍ତ ଜମିକୁ ନିଜ ଅକ୍ତିଆରକୁ ନେବା ପାଇଁ କାରଖାନା କର୍ତ୍ତୃପକ୍ଷ ଯୋଜନା ଚଳାଇଛି। ଗୁରୁବାର ଅର୍ଥାତ ୭ ତାରିଖ ବ୍ୟାପକ ପୋଲିସ ମୁତୟନ କରି ଜିଲା ପ୍ରଶାସନ ଉକ୍ତ ଜମିକୁ କାରଖାନା କର୍ତ୍ତୃପକ୍ଷଙ୍କୁ ଟେକି ଦେବାର ଯୋଜନା କରୁଛି। ଏହି ଘଟଣା ଜଣାପଡିବା ପରେ କୁଆଁରମୁଣ୍ଡା ନାଗରିକ କମିଟି ସହାୟତାରେ କୁଆଁରମୁଣ୍ଡା, ଜମୁନାନାକି, କେଉଟେନପୋଷ, ଚୁଟିଆଟୋଲା, ପଦମପୁର, ଲାଞ୍ଜିବେର୍ଣ୍ଣା, ଲାଖଟୋଲା, ସରଣ୍ଡାମାଳ, ସରଣ୍ଡାପୋଷ ଇତ୍ୟାଦି ଆଖପାଖ ଗ୍ରାମର ସହସ୍ରାଧିକ ଗ୍ରାମବାସୀ ଏକଜୁଟ ହୋଇ ଉକ୍ତ ଜମି ଅଧିଗ୍ରହଣକୁ ତୀବ୍ର ବିରୋଧ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। କୌଣସି ପରିପ୍ରେକ୍ଷୀରେ ଡାଏରୀ ଫାର୍ମର ଉକ୍ତ ଜମିକୁ କାରଖାନା କର୍ତ୍ତୃପକ୍ଷକୁ ଛାଡିବେ ନାହିଁ ବୋଲି ଅଟଳ ନିଷ୍ପତ୍ତି ନେଇଥିବା ଜଣାପଡିଛି। କେବଳ ପ୍ରସ୍ତାବିତ ସରକାରୀ ମେଡିକାଲ କଲେଜ ବ୍ୟତୀତ ଅନ୍ୟ କୌଣସି କାର୍ଯ୍ୟ ପାଇଁ ଇଞ୍ଚେ ବି ଜମି ଛଡାଯିବ ନାହିଁ ବୋଲି କୁଆଁରମୁଣ୍ଡା ନାଗରିକ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

**ପୋଖରୀରେ ବୁଡ଼ି ବୃଦ୍ଧା ମୃତ**

ଖଡ଼ିଆଳ,(ସୁଜିତ୍ କୁମାର ପ୍ରଧାନ): ନୂଆପଡା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ବଡଦୋହେଲ ପଞ୍ଚାୟତର ଲଛିପୁର ଗ୍ରାମ ପୋଖରୀରେ ବୁଡି ବିଧବା ବୃଦ୍ଧା ଅଞ୍ଜନା ମଲ୍ଲିକ (୬୦)ଙ୍କ ମୃତ୍ୟୁ ଘଟିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ମଙ୍ଗଳବାର ସକାଳେ ଅଞ୍ଜନା ଖଲିଆବନ୍ଧ ପୋଖରକୁ ଗାଧୋଇବା ପାଇଁ ଯାଇ ଆଉ ଘରକୁ ଫେରି ନ ଥିଲେ। ୧୨ରେ ପୋଖରୀରେ ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ଖଡ଼ିଆଳ ଅଗ୍ନିଶମ ବାହିନୀ ପୋଖରୀରୁ ମୃତଦେହ ଉଦ୍ଧାର କରିଥିଲେ। ପରିବାରର ଲୋକେ ଚିହ୍ନଟ ପରେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୦/୨୩) ରୁଜୁ କରିଛି।

# ଅସିଲ ସୁନା ନେଇ ନକଲି ଟଙ୍କା ଦେବାରୁ ହୋଇଥିଲା ହତ୍ୟା

ଦେଓଗାଁ,୫।୯ (କୃଷ୍ଣପ୍ରସାଦ ପାଣିଗ୍ରାହୀ)


ପତ୍ରା ଜଙ୍ଗଲରେ ପୋଲିସ ଅଭିଯୁକ୍ତଙ୍କୁ ଧରି ହତ୍ୟାକାଣ୍ଡର ସିନ ରିକ୍ରିଏଶନ କରୁଛି ।

- ୩ବର୍ଷ ପରେ ସୁନା ବ୍ୟବସାୟୀ ହତ୍ୟା ଘଟଣା ରହସ୍ୟ ଉନ୍ମୋଚିତ
- ଅଭିଯୁକ୍ତଙ୍କୁ ନେଇ ସିନରିକ୍ରିଏଶନ କଲା ଦେଓଗାଁ ପୋଲିସ

ତିନିବର୍ଷ ହେଲା ରହସ୍ୟ ଘେରରେ ଥିବା ବଲାଙ୍ଗୀର ଜିଲା ଦେଓଗାଁ ଥାନା ହାତିସରାର ଗଜାନନ ମେହେର ହତ୍ୟା ଘଟଣାର ପର୍ଦ୍ଦାଫାଶ ହୋଇଛି। ସୁନା କାରବାରକୁ ନେଇ ଟଙ୍କା ଲେଣଦେଣ ଓ ଅସଲି ସୁନା ନେଇ ସେ ନକଲି ନୋଟ ଦେଇଥିବା କାରଣରୁ ତାଙ୍କୁ ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଛି। ମଙ୍ଗଳବାର ଅଭିଯୁକ୍ତ ଶିର ରଣାଙ୍କୁ ଧରି ଦେଓଗାଁ ଥାନା ପୋଲିସ ଘଟଣାସ୍ଥଳରେ ସିନ ରିକ୍ରିଏଟ କରିଛି। ଆଇଆଇସି ତାରାବତୀ ପ୍ରଧାନ, ଏସ୍‌ଡିପିଓ ତୋଫାନ ବାଗଙ୍କ ଉପସ୍ଥିତିରେ ଅଭିଯୁକ୍ତ ହତ୍ୟା ବିଷୟରେ ସମସ୍ତ ତଥ୍ୟ ଦେଇଛନ୍ତି। କେଉଁ ସ୍ଥାନରେ ଟଙ୍କା ଡିଲ୍ ହୋଇଥିଲା ଏବଂ କାହିଁକି ଗଜାନନଙ୍କୁ ହତ୍ୟା କଲେ ପୋଲିସ ଆଗରେ ସେ ଗୋଟିଗୋଟି କହିଛନ୍ତି । ଶେଷରେ ହତ୍ୟାକାଣ୍ଡ ପରଠାରୁ ପୋଲିସ ସ୍କାନରେ ଥିବା ଶିରଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି।

ପୋଲିସ ସୂଚନାମତେ ଅଭିଯୁକ୍ତ ସାରସବାହାଲର ଶିର ରଣା ଗଜାନନଙ୍କୁ ୨୫୦ଗ୍ରାମ ସୁନା ଦେଇଥିଲେ। ଗଜାନନ ସେହି ସୁନାକୁ ଅନ୍ୟ ଜଣଙ୍କୁ ବିକ୍ରିକରି ସେ ସମୟରେ ଥିବା ଭରି ପିଛା ୪୨ ହଜାର ଟଙ୍କା ଦରରେ ୧୦ଲକ୍ଷ ୫୦ହଜାର ଟଙ୍କା ଦେବାକୁ ମୂଲଚାଲ କରିଥିଲେ। ଏହା ବଦଳରେ ଗଜାନନଙ୍କୁ କମିଶନ ବାବଦ ୩୦ହଜାର ଟଙ୍କା ଦିଆଯିବ ବୋଲି କଥା ରହିଥିଲା। ଅଭିଯୁକ୍ତ କହିବା ମୁତାବକ ୨୦୨୦ ମସିହା ନଭେମ୍ବର ୬ରେ ଦେଓଗାଁ ବଙ୍ଗଳା ଛକରୁ ଗଜାନନ ଓ ଶିର ପାଟଣାଗଡ ଅଭିମୁଖେ ବାହାରିଥିଲେ। ଶିବତଲା ପଞ୍ଚାୟତ ଲୁଚକିବନ୍ଧ ଛକରେ ଦୁହେଁ ଜଳଖିଆ ଖାଇବା ପରେ ଶିର ଚିପାକାନୀ ଯାଇଥିବା ବେଳେ ଗଜାନନ ସୁନା ବିକ୍ରି କରିଥିବା ବ୍ୟକ୍ତିଙ୍କଠାରୁ ଟଙ୍କା ଆଣିବାକୁ ପାଟଣାଗଡ ଯାଇଥିଲେ। କାମ ସାରି ପୂର୍ବ କଥାବାର୍ତ୍ତା ଅନୁସାରେ ଶିର ଲୁଚିକବନ୍ଧ ଛକରେ ପହଞ୍ଚି ଥିଲେ। ଏହାର କିଛି ସମୟ ପରେ ଗଜାନନ ଓ ଅନ୍ୟ ଜଣେ ବ୍ୟକ୍ତି ଦୁଇଟି ବାଇକରେ ସେଠାରେ ପହଞ୍ଚିଥିଲେ। ଏହା ପରେ ସେମାନେ ଶିବତଲାର ହରଗୌରୀ ମନ୍ଦିର ପଛପଟକୁ ଯାଇଥିଲେ । ସେଠାରେ ଗଜାନନ ଶିରଙ୍କୁ ୧୦ଲକ୍ଷ ୨୦ହଜାର ଟଙ୍କା ଦେଇଥିଲେ । ଟଙ୍କା ଗଣିବା ବେଳେ ଏହା ନକଲି ନୋଟ ସନ୍ଦେହ କରି ଗୋଟିଏ ଟଙ୍କାବିଡାକୁ ଶିର ପାଣିରେ ଭିଜାଇ ଏହା ନକଲି ଟଙ୍କା କହିଥିଲେ। ଏହାପରେ ଗଜାନନଙ୍କ ସହ ଆସିଥିବା ବ୍ୟକ୍ତି ଜଣକ ଶିରଙ୍କ ମୁଣ୍ଡକୁ ହେଲମେଟରେ ପିଟି ଦେଇଥିଲେ। ଏହାପରେ ଗଜାନନ ପଛପଟୁ ଶିରଙ୍କୁ କାବୁ କରି ପିଟିବା ପାଇଁ ସମ୍ପୃକ୍ତ ବ୍ୟକ୍ତିଙ୍କୁ କହିଥିଲେ। ସେମାନଙ୍କ ମଧ୍ୟରେ ଠେଲାପେଲା ଭିତରେ ଶିର ଏକ ଗାମୁଛା ଗଜାନନଙ୍କ ବେକରେ ପକାଇ ଘୋଷାରି ଦେଇଥିଲେ। ଗାମୁଛା ବେକରେ ଚାପି ହୋଇ ଗଜାନନଙ୍କ ଜୀବନ ଚାଲି ଯାଇଥିଲା। ଏହା ପରେ ଗଜାନନଙ୍କ ସହ ଆସିଥିବା ବ୍ୟକ୍ତି ଜଣକ ସେଠାରୁ ନକଲି ଟଙ୍କା ଓ ବାଇକ ଧରି ପଳାଇ ଯାଇଥିଲେ। ସେ ମୃତଦେହକୁ ଘୋଷାଡି ହରଗୌରୀ ମନ୍ଦିର ପଛପଟେ ଥିବା ନାଳରେ ପକାଇ ଦେଇ ଏହା ଉପରେ ଗଛ ଡାଳ ପତ୍ର ଢାଙ୍କି ଦେଇ ପଳାଇ ଯାଇଥିଲେ। ସନ୍ଧ୍ୟାରେ ପୁଣି ସେଠାକୁ ଯାଇ ନିଜ ବାଇକ ଥୋଇ ଗଜାନନଙ୍କ ବାଇକରେ ମୃତଦେହକୁ ଚିପାକାନୀ ନିକଟ ମୁଦଘାଟ ପତ୍ରା ଜଙ୍ଗଲକୁ ନେଇ ଫୋପାଡି ଦେଇଥିଲେ। ସେଠାରେ ଗଜାନନଙ୍କୁ ବାଇକକୁ ରଖି ଶିର ଘରକୁ ଚାଲି ଆସିଥିଲେ। ସେହି ଦିନଠାରୁ ସେ ଫେରାର ଥିବା ଶିର ପୋଲିସ ସୂଚନା ଦେଇଛନ୍ତି। ଏନେଇ ଦେଓଗାଁଥାନାରେ ଏକ ମାମଲା(୨୬୨/୨୦) ରୁଜୁ ହୋଇଛି।

ସୂଚନାଯୋଗ୍ୟ ଯେ, ୨୦୨୦ ମସିହା ନଭେମ୍ବର ୬ତାରିଖରେ ଶିର ରଣାଙ୍କ ସହ ପାଟଣାଗଡ ଯାଉଛି କହି ଗଜାନନ ଘରୁ ବାହାରିଥିଲେ। ଏହା ପରଠାରୁ ତାଙ୍କର କୌଣସି ଖୋଜ ଖବର ମିଳି ନ ଥିଲା। ପରିବାର ଲୋକେ ଶିରଙ୍କୁ ଏ ନେଇ ପଚାରିବାରେ ଶିବତଲାରୁ ସେ କୁଆଡେ ଗଲେ ମୁଁ ଜାଣିନି ବୋଲି କହିଥିଲେ। ପରିବାର ଲୋକେ ଦେଓଗାଁ ଥାନାରେ ନିଖୋଜ ନେଇ ଅଭିଯୋଗ କରିଥିଲେ। ଘଟଣର ୧୮ଦିନ ପରେ ଅର୍ଥାତ୍ ନଭେମ୍ବର ୨୩ତାରିଖରେ ପତ୍ରା ଜଙ୍ଗଲକୁ ଛେଳି ଚରାଇବାକୁ ଯାଇଥିବା ଲୋକେ ଗଳିତ ମୃତଦେହ ପଡିଥିବା ଓ ପାଖରେ ଏକ ବାଇକ ଥିବା ଦେଖି ବନ୍ଧପଡା ଫାଣ୍ଡି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ ନମ୍ବରରୁ ଏହା ଗଜାନନଙ୍କର ବୋଲି ଚିହ୍ନଟ କରିଥିଲା। ମୃତଦେହକୁ ପରିବାର ଲୋକେ ଚିହ୍ନଟ କରିଥିଲେ। ସେହିଦିନୁ ପୋଲିସ ଘଟଣାର ଅନୁସନ୍ଧାନ ଚଳାଇଥିଲା। ହେଲେ ଶିର ରଣା ଫେରାର ଥିବାରୁ ତଦନ୍ତ ବିଶେଷ ଅଗ୍ରଗତି କରି ପାରୁ ନ ଥିଲା। ନିକଟରେ ନୂତନ ଏସ୍‌ପିଙ୍କ କାର୍ଯ୍ୟର ଯୋଗଦାନ ପରେ ଏହି ମାମଲାର ତଦନ୍ତ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଥିଲା। ଏହି ଘଟଣାରେ ସମ୍ପୃକ୍ତ ତୃତୀୟ ବ୍ୟକ୍ତିଙ୍କ ସମ୍ପର୍କରେ ଅନୁସନ୍ଧାନ ଜାରି ରହିଛି ବୋଲି ଥାନାଧିକାରୀ ତାରାବତୀ ପ୍ରଧାନ କହିଛନ୍ତି।

# କ୍ଷେତ ପରିଦର୍ଶନ କଲେ କୃଷି ଅଧିକାରୀ


କ୍ଷତିଗ୍ରସ୍ତ ଚାଷୀ ଶଶିକାନ୍ତ ବିଶ୍ୱାଳଙ୍କ ଜମି କୃଷି ଅଧିକାରୀ ବୁଲି ଦେଖୁଛନ୍ତି।

ଲୋଇସିଂହା,୫।୯ (ସୁଶାନ୍ତ ବାରିକ)

- କପାକ୍ଷେତରେ ସିଞ୍ଚନ କୀଟନାଶକ ପ୍ରଭାବରେ ଧାନ ଫସଲ ପ୍ରଭାବିତ
- ଆନ୍ଧ୍ର ଚାଷୀଙ୍କ ଦୌରାତ୍ମ୍ୟ ଅଭିଯୋଗ ଆଣିଲେ ସ୍ଥାନୀୟ ଚାଷୀ

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକର ବିଭିନ୍ନ ଗ୍ରାମରେ ଆନ୍ଧ୍ରଚାଷୀଙ୍କ ଦୌରାତ୍ମ୍ୟ ବଢିବାରେ ଲାଗିଛି । କପା କିଆରିରେ ଆନ୍ଧ୍ର ଚାଷୀଙ୍କ କୀଟନାଶକ ପ୍ରୟୋଗ ଦ୍ୱାରା ବ୍ଲକର ବିଶାଳପାଲି ଗ୍ରାମର ଚାଷୀ ଶଶିକାନ୍ତ ବିଶ୍ୱାଳ କ୍ଷତିଗ୍ରସ୍ତ ହୋଇଥିବା ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ଭାରପ୍ରାପ୍ତ ବ୍ଲକ କୃଷି ଅଧିକାରୀ ସୁଜାତା ଛତ୍ରିଆ, ସହକାରୀ କୃଷି ଅଧିକାରୀ ରୋହନ ସାହୁ ମଙ୍ଗଳବାର ଚାଷୀଙ୍କ କ୍ଷେତ୍ର ପରିଦର୍ଶନ କରିଥିଲେ । କ୍ଷତିଗ୍ରସ୍ତ ଚାଷୀଙ୍କ ଜମିରୁ ଧାନ ଗଛ ସଂଗ୍ରହ କରି ଅଧିକ ତଦନ୍ତ କରାଯିବ ଏବଂ ଏନେଇ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କୃଷି ବିଭାଗ ପକ୍ଷରୁ କୁହାଯାଇଛି ।

ଅଭିଯୋଗରୁ ପ୍ରକାଶ ଯେ, ଜଳ ସେଚନ ସୁବିଧା ନ ଥିବା ଏବଂ ଅନିୟମିତତା ବର୍ଷାଭାବ ଯୋଗୁ ଲୋଇସିଂହା ବ୍ଲକରେ ଆଟ ଜମି ପଡିଆ ପଡୁଛି। ବନ୍ୟପ୍ରାଣୀ ଉପଦ୍ରବ ଯୋଗୁ ଆଟ ତଥା ପଡିଆ ଜମିରେ ଡାଲି ଜାତୀୟ ଶସ୍ୟ କରିବାକୁ ସ୍ଥାନୀୟ ଚାଷୀ ଅମଙ୍ଗ ହେଉଛନ୍ତି। ବିଗତ କିଛି ବର୍ଷ ହେଲା ଏହାର ଫାଇଦା ନେଉଛନ୍ତି ଆନ୍ଧ୍ରଚାଷୀ। ବ୍ଲକର ବାଦିବାହାଲ, ବୁଢୀପଦର, କନ୍ଦାଜୁରୀ, ଝାରମୁଣ୍ଡା ସମେତ ଆଗଲପୁର ଅଞ୍ଚଳରେ ସ୍ଥାନୀୟ କେତେକ ବ୍ୟକ୍ତିବିଶେଷଙ୍କୁ ହାତବାରସୀ କରି ଶହଶହ ଏକର ଜମି ଚାଷୀଙ୍କଠାରୁ କମ ଟଙ୍କାରେ ଲିଜରେ ନେଇ ଆନ୍ଧ୍ରଚାଷୀ ନିଷିଦ୍ଧ ଘୋଷିତ ବିଟି କପା ଚାଷ କରୁଛନ୍ତି। ଚାଷୀଙ୍କ ଜମିକୁ ସଂଲଗ୍ନ କରି ଥିବା ଗୋଚର, ରକ୍ଷିତ, ପତିତ ଜମିକୁ ସେମାନେ ମାଡିବସି ଚାଷ କାମରେ ଲଗାଉଛନ୍ତି। ବାଦିବାହାଲ ପଞ୍ଚାୟତ ବିଶାଳପାଲି ଗ୍ରାମର ବିଶ୍ୱାଳଙ୍କ ଜମିକୁ ସଂଲଗ୍ନ କରି କପା ଚାଷ କରାଯାଇଛି। ନିକଟରେ କପା ଆନ୍ଧ୍ର ଚାଷୀଙ୍କ କପା କିଆରିରେ ଲଟା ଦମନ ପାଇଁ କୀଟନାଶକ ପ୍ରୟୋଗ କରାଯାଇଥିଲା । ଫଳରେ କପା କିଆରି ସଂଲଗ୍ନ ଶଶିକାନ୍ତଙ୍କ ଧାନଚାଷ ଜମିରେ ସେହି କୀଟନାଶକ ପଡିଥିଲା। ଏହାର ପ୍ରଭାବରେ କପାଚାଷ ଜମି ସୀମାରେ ଧାନଗଛ ସବୁ ମରି ଯାଇଛି। ଏହାକୁ ନେଇ ଚାଷୀ ଶଶିକାନ୍ତ କୃଷି ବିଭାଗ ନିକଟରେ ଫେରାଦ ହୋଇଛନ୍ତି। ସେହିଭଳି ବୁଢୀପଦର ପଞ୍ଚାୟତ ପଧାନପାଲି ଗ୍ରାମର ସୀତାରାମ ପଧାନଙ୍କ ବାଇଗଣ କିଆରି ମଧ୍ୟ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ଏହାବ୍ୟତୀତ କପା କିଆରିରୁ ଜାତ ହେଉଥିବା ବିପଦଜନକ କୀଟ ସ୍କ୍ରବ୍ ଟାଇଫଓ କାମୁଡାରେ ବିଶାଳପାଲିରର ଜଣେ ମହିଳା ଆକ୍ରାନ୍ତେ ହୋଇ ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଏଥିପ୍ରତି କୃଷି ବିଭାଗ ଅଧିକାରୀ ଓ ଜିଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ସଂକ୍ଷେପରେ

### ଅନଶନ ଭଙ୍ଗ, ଏତଲା ଦେଲେ ଆନ୍ଦୋଳନକାରୀ

ଲୋଇସିଂହା,୫।୯ (ସୁଶାନ୍ତ ବାରିକ)

କେଉଟ, କୈବର୍ତ୍ତ ଓ ଧୀବରଙ୍କୁ ଅନୁସୂଚିତ ଜାତି ତାଲିକାରୁ ବାଦ ଦେବା ପାଇଁ ଦଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଲୋଇସିଂହା ବ୍ଲକ ଛକରେ ଧାରଣା ଦିଆଯାଇଥିଲା । ମଙ୍ଗଳବାର ଧାରଣାର ପଞ୍ଚମ ଦିବସରେ ସ୍ଥାନୀୟ ତହସିଲଦାର ସଂଘମିତ୍ରା କାଲୋ ସେଠାକୁ ଆସି ଅନଶନକାରୀଙ୍କ ସହ ଆଲୋଚନା କରିଥିଲେ। ପ୍ରଶାସନ ପକ୍ଷରୁ ସେମାନଙ୍କ ଦାବି ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କୁ ଆବଗତ କରାଯାଇଥିବା ଏକ ଦସ୍ତାବିଜ ପ୍ରଦାନ ପରେ ସେମାନେ ଅନଶନ ଭଙ୍ଗ କରିଥିଲେ । ଅପରପକ୍ଷେ ପୂର୍ବତନ ଲୋଇସିଂହା ବିଧାୟକ ଯୋଗେନ୍ଦ୍ର ବେହେରା ଦଳିତମାନଙ୍କ ପ୍ରତି ଦେଇଥିବା ଆପତ୍ତିଜନକ ମନ୍ତବ୍ୟକୁ ନେଇ ଆନ୍ଦୋଳନକାରୀ ଲୋଇସିଂହା ଥାନାରେ ଏତାଲା ଦେଇଛନ୍ତି। ଏହାବ୍ୟତୀତ ଥାନା ସମ୍ମୁଖ ବଲାଙ୍ଗୀର–ବରଗଡ ୨୬ ନଂ ଜାତୀୟ ରାଜପଥରେ ବେହେରାଙ୍କ କୁଶପୁତ୍ତଳିକା ଦାହ କରିଥିଲେ ଆନ୍ଦୋଳନକାରୀ। ସେପ୍ଟେମ୍ବର ୧ ରୁ ଦଳିତ କ୍ରିୟାନୁଷ୍ଠାନ କମିଟି ସମ୍ପାଦକଙ୍କ ନେତୃତ୍ୱରେ ଲୋଇସିଂହା, ଆଗଲପୁର, ପୁଇଁତଳ ବ୍ଲକର କେତେକ ସଦସ୍ୟ ଧାରଣାରେ ବସିଥିଲେ। ଧାରଣାର ତୃତୀୟ ଦିବସରେ ବ୍ଲକ ପ୍ରଶାସନ ଆସି ସେମାନଙ୍କ ସହ ଆଲୋଚନା କରି ଓହରି ଯିବାକୁ କହିଥିଲେ। ହେଲେ ଆନ୍ଦୋଳନକାରୀ ନିଜ ଜିଦରେ ଅଟଳ ରହି ଧାରଣା ଜାରି ରଖିଥିଲେ। ଲୋଇସିଂହା ନିର୍ବାଚନ ମଣ୍ଡଳୀ ବିଜେଡିର ସ୍ୱାଭିମାନ ମଞ୍ଚ ସଭ୍ୟ ସେମାନଙ୍କ ଧାରଣାକୁ ସମର୍ଥନ ଜଣାଇଥିଲେ।

### ପୂର୍ବତନ ବାଚସ୍ପତି ସୂର୍ଯ୍ୟ ପାତ୍ରଙ୍କୁ ବିଜେଡିର ଶ୍ରଦ୍ଧାଞ୍ଜଳି

ମୁରିବାହାଲ,୫।୯ (ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ବିଜେଡି ତରଫରୁ ମଙ୍ଗଳବାର ସ୍ଥାନୀୟ ଫରେଷ୍ଟ ବଙ୍ଗଳାଠାରେ ପୂର୍ବତନ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ବରିଷ୍ଠ ନେତା ଦିଲୀପ କୁମାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତି ସଭାରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସଦସ୍ୟ ହଂସରାଜ ଜୈନ ମୁଖ୍ୟ ଅତିଥିଭାବେ ଉପସ୍ଥିତ ରହି ସ୍ୱର୍ଗତ ପାତ୍ରଙ୍କୁ ଜଣେ ସଫଳ ରାଜନେତାଭାବେ ଅଭିହିତ କରିଥିଲେ। ସଭାରେ ଦିଲୀପ ଦାସ, କଶ୍ୟପ ସରାଫ, ଯୁଧିଷ୍ଠିର ଭରାସଗରିଆ, ମୁରିବାହାଲ ସମିତି ସଭ୍ୟ ଚକ୍ରଧର ହେର୍ଣ୍ଣା, ଘାଟୁ ପାଣିଗ୍ରାହୀ, ପୂର୍ଣ୍ଣ ସାହୁ, ତୁଷାର ବାଗ, ମେଘ ବାଗ, ନୀଳାମ୍ବର ରଣା, ଗଜିନ୍ଦ୍ର କୁଅଁର, ଗୌରାଙ୍ଗ ଭୋଇ, ମାୟା ପୋଡ଼, ଦୁର୍ଯ୍ୟୋଧନ ବେହେରା, ପଡ଼ା ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ଭୂମିହୀନ ପରିବାର ଦେଲେ ନରସିଂହଙ୍କୁ ସମ୍ବର୍ଦ୍ଧନା

ବଲାଙ୍ଗୀର,୫।୯ (ବୀରେନ୍ଦ୍ର କୁମାର ଝାଙ୍କର)


ଭୂମିହୀନ ପରିବାର ପକ୍ଷରୁ ବିଧାୟକ ନରସିଂହ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

- ପଟ୍ଟା ପାଇବାର ବହୁ ବର୍ଷ ପରେ ଚିହ୍ନଟ ହେଲା ଆବଣ୍ଟିତ ଜମି
- ନୂତନ ବସ୍ତିର ନାଁ ଦେଲେ ନରସିଂହ ନଗର

ବଲାଙ୍ଗୀର ସଦର ବ୍ଲକ ସଦେଇପାଲି ଓ ଆଖପାଖ ଅଞ୍ଚଳରେ ଥିବା ଭୂମହୀନ ଦଳିତ ଲୋକେ ୨୦ବର୍ଷ ପୂର୍ବରୁ ଜମି ପଟ୍ଟା ପାଇଥିଲେ। କିନ୍ତୁ ସେମାନେ କେଉଁ ଜମିର ପଟ୍ଟା ପାଇଲେ ତାଙ୍କୁ ଜଣାଯାଇ ନ ଥିଲା। ଏ ନେଇ ଶତାଧିକ ଥର ସରକାରୀ କାର୍ଯ୍ୟାଳୟ ଦୌଡୁଥିଲେ ମଧ୍ୟ ସମସ୍ୟା ସମାଧାନ ହୋଇ ନ ଥିଲା। ଏହି ସମସ୍ୟାକୁ ନେଇ ଏଠାକାର ହରିଜନ, ଆଦିବାସୀମାନେ ବିଧାୟକ ନରସିଂହ ମିଶ୍ରଙ୍କୁ ଭେଟିଥିଲେ। ବିଧାୟକ ମିଶ୍ର ବିଭାଗୀୟ ଅଧିକାରୀ ସ୍ଥାନୀୟ ତହସିଲଦାର ଏବଂ ରାଜସ୍ୱ ଅଧିକାରୀଙ୍କୁ ଏହି ସମସ୍ୟାର ତୁରନ୍ତ ସମାଧାନ କରିବା ସହ ଗରିବ ଲୋକଙ୍କୁ ପ୍ରଦତ୍ତ ଜମିପଟ୍ଟାର ଜମି ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଧାୟକ ମିଶ୍ରଙ୍କ ହସ୍ତକ୍ଷେପ ପରେ ଅଧିକାରୀମାନେ ତତ୍ପରତା ପ୍ରକାଶ କରି ୧୪୧ଜଣ ଗରିବ ଭୂମିହୀନଙ୍କ ପଟ୍ଟାଜମି ଚିହ୍ନଟ କରି ଜମି ହସ୍ତାନ୍ତର କରିଛନ୍ତି। ମଙ୍ଗଳବାର ସଦେଇପାଲି ପଞ୍ଚାୟତର ସଦେଇପାଲି ନିକଟସ୍ଥ ହାତିମୁଣ୍ଡିଆ ପାହାଡ ପାଖରେ ଚିହ୍ନଟ ହୋଇଥିବା ସ୍ଥାନରେ ସମ୍ପୃକ୍ତ ହିତାଧିକାରୀ ବଲାଙ୍ଗୀର ବିଧାୟକ ମିଶ୍ରଙ୍କୁ ନିମନ୍ତ୍ରଣ କରି ସମ୍ବର୍ଦ୍ଧିତ କରିଥିଲେ। ପୂର୍ବତନ ଶିକ୍ଷକ ବାସୁଦେବ ମୁଗ୍ରୀଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ୧୪୧ ଜଣ ଭୂମିହୀନ ପରିବାରର ଅନ୍ୟାନ୍ୟ ସମସ୍ୟା ବିଷୟରେ ବିଧାୟକଙ୍କୁ ଅବଗତ କରାଯାଇଥିଲା। ଚିହ୍ନଟ ହୋଇଥିବା ଘରଡିହକୁ ପକ୍କାରାସ୍ତା, ପିଇବା ପାଣି ଏବଂ ବିଜୁଳି ପରି ମୌଳିକ ସୁବିଧା ଯୋଗାଇବା ଦିଗରେ ଅନୁରୋଧ କରିଥିଲେ। ବିଧାୟକ ମିଶ୍ର ରାସ୍ତା ନିର୍ମାଣ ପାଇଁ ନିଜସ୍ୱ ବିଧାୟକ ପାଣ୍ଠିରୁ ଅନୁଦାନ ରାଶି ପ୍ରଦାନ କରିବେ ବୋଲି ଘୋଷଣା କରିଥିଲେ। ଗ୍ରାମ୍ୟ ପାନୀୟ ଜଳ ଏବଂ ବିଜୁଳି ବିଭାଗକୁ କହି ଏଠାରେ ପିଇବା ପାଇଁ ଓ ବିଜୁଳିର ସୁବିଧା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ନିକଟସ୍ଥ ହାତିମୁଣ୍ଡିଆ ପାହାଡକୁ ଏକ ପର୍ଯ୍ୟଟନସ୍ଥଳୀ ମାନ୍ୟତା ପ୍ରଦାନ ପାଇଁ ବିଧାୟକ ମିଶ୍ର ପ୍ରଚେଷ୍ଟା କରନ୍ତୁ ବୋଲି ଗ୍ରାମବାସୀ ଅନୁରୋଧ କରିଥିଲେ। ସଭାରେ ଭୂମିହୀନ ପରିବାର ତରଫରୁ ଦୀର୍ଘୁ ମୁଗ୍ରୀ ୧୪୧ ଜଣଙ୍କ ଏହି ବସ୍ତିକୁ ନରସିଂହ ନଗର ନାମରେ ନାମିତ କରାଯିବାର ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବକୁ ଉପସ୍ଥିତ ସମସ୍ତ ହିତାଧିକାରୀ ସମର୍ଥନ ଜଣାଇଥିଲେ। ପ୍ରଶାସନ ସହ ଆଲୋଚନା କରି ବଞ୍ଚିତ ଭୂମିହୀନମାନଙ୍କୁ ମଧ୍ୟ ବିନା ମୂଲ୍ୟରେ ଘରଡିହ ପ୍ରଦାନ କରାଯିବ ବୋଲି ବିଧାୟକ ମିଶ୍ର ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଳିତ ନେତା ଓମ୍ ପ୍ରକାଶ କୁମ୍ଭାର, ଜ୍ୟୋତିଷ ମୁଗ୍ରୀ, ପୂର୍ବତନ ସରପଞ୍ଚ ସାଏ, ଫକୀର ମୋହନ ଥାଟି, ଗଦିଲ ମୁଗ୍ରୀ, ଡ. ପ୍ରଶାନ୍ତ ପ୍ରଧାନ ମଞ୍ଚାସୀନ ଥିଲେ।

# ଲତାକୁମାରୀ ବୃଦ୍ଧାଶ୍ରମ ପରିଚାଳନା କମିଟି ବୈଠକ

ଖପ୍ରାଖୋଲ, ୫।୯ (ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ନାନ୍ଦୁପଲା ପଞ୍ଚାୟତ ତାମ୍ବିପଦରସ୍ଥିତ ଲତା କୁମାରୀ ବୃଦ୍ଧା ସେବାଶ୍ରମ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଟେକେନ୍ଦ୍ର ଜାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବୃଦ୍ଧା ସେବା ଶ୍ରମ ର ପରିଚାଳନା, ଅନ୍ତେବାସୀଙ୍କ ସଂଖ୍ୟା ବୃଦ୍ଧି ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ଏକ ୧୫ ଜଣିଆ ପରିଚାଳନା ମଣ୍ଡଳୀ ଗଠନ କରାଯାଇଥିଲା। କମିଟିରେ ଲକ୍ଷ୍ମୀ ଶବର, ସେବିକା ରାଜହଂସ, ଚନ୍ଦ୍ରକାନ୍ତି ସେଟ, ଆଳତି ନାଏକ, ଆନନ୍ଦିନି ସୁନା, ସୂର୍ଯ୍ୟଭାମା ମାଝି, ଟେକେନ୍ଦ୍ର ଜାଲ, ସୁଖିରାମ ଷାଣ୍ଡେ, ବ୍ରହ୍ମା ସାହୁ, ଗୋପାଳ ପାତ୍ର, କୁଳମଣି ମେହେର୍, କୁଲଧର୍ ପୁଟେଲ, ପୁରନ ସାହୁ, କୁସଧ୍ୱଜ ମାଝି ଓ ବିଜୟ ମାଝି ମନୋନୀତ ହୋଇଥିଲେ। ଉପଦେଷ୍ଟାଭାବେ ଡ. ଏ.କେ ମାଝି, ଥବିର ଚରଣ ମେହେର, ଗୌର ବାଗ, ଦେବକାନ୍ତ ପାଣିଗ୍ରାହୀ, ଥବିର ପଣ୍ଡା, ରୀନା ଜାଲଙ୍କୁ ମନୋନୀତ କରାଯାଇଥିଲା।

# ଓଡ଼ିଶା ମୋ ପରିବାର ପକ୍ଷରୁ ଗୁରୁ ପୂଜନ ଉତ୍ସବ

ଲୋଇସିଂହା,୫।୯ (ସୁଶାନ୍ତ ବାରିକ)

ଗୁରୁ ଦିବସ ଉପଲକ୍ଷେ ବଲାଙ୍ଗୀର ଜିଲା ଲୋଇସିଂହା ଅଗ୍ରସେନ ଭବନରେ ଓଡିଶା ମୋ ପରିବାର ତରଫରୁ ଗୁରୁପୂଜନ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ବିଜେଡି ରାଜ୍ୟ ପରିଷଦ ସଭ୍ୟ ନିହାର ରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଲୋଇସିଂହା, ଆଗଲପୁର ଓ ପୁଇଁତଲା ବ୍ଲକର ବହୁ ସଂଖ୍ୟକ ଅବସରପ୍ରାପ୍ତ ଶିକ୍ଷକ ଯୋଗଦେଇଥିଲେ। ସମସ୍ତ ଶିକ୍ଷକଙ୍କୁ ଫୁଲ, ଚନ୍ଦନ ଓ ପଦଧୌତ କରି ପୂଜନ କରାଯାଇ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ରେଜେନ୍ଦ୍ର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଗୁରୁଶ୍ରୀ ଘାସିରାମ ମିଶ୍ର ମୁଖ୍ୟ ଅତିଥି, ବିଭୂତିଭୂଷଣ ସାହାଣୀ ମୁଖ୍ୟବକ୍ତା, ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ, ଉନ୍ନୟନ ପରିଷଦ ଅଧ୍ୟକ୍ଷ ବ୍ରଜମୋହନ ବିଶୋଇ, ଜିଲା ପରିଷଦ ସଭ୍ୟା ଲିଲିମା ବେହେରା, ଶିକ୍ଷାବିତ୍ ରାମଚନ୍ଦ୍ର ପଟେଲ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅତିଥିମାନେ ଗୁରୁଙ୍କ ଭୂମିକା ଏବଂ ରାଧାକ୍ରିଷ୍ଣନଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ।


ଗୁରୁ ପୂଜନ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଗୁରୁମାନେ।

# ଲଖାନୀ ଗାର୍ମେଣ୍ଟସ୍ ଦୋକାନ ସିଲ୍


ବଲାଙ୍ଗୀର ମ୍ୟୁନିସିପାଲିଟି ଟିମ୍ ଲଖାନୀ ଗାର୍ମେଣ୍ଟସ୍ ଉପରେ ଚଢ଼ାଉ କରାଯାଉଛି।


ଲଖାନୀ ଗାର୍ମେଣ୍ଟସ୍‌କୁ ସିଲ କରାଯାଉଛି।

ବଲାଙ୍ଗୀର,୫।୯ (ବୀରେନ୍ଦ୍ର କୁମାର ଝାଙ୍କର)

- ଟ୍ରେଡ୍ ଲାଇସେନ୍ସ ନ ଥାଇ କରୁଥିଲେ ବ୍ୟବସାୟ
- ସୁବିଧା ନ ଥିବାରୁ ରାସ୍ତା ଉପରେ ଗାଡ଼ି ପାର୍କିଂ କରୁଥିଲେ

ବଲାଙ୍ଗୀର ମ୍ୟୁନିସିପାଲିଟି ପକ୍ଷରୁ ମଙ୍ଗଳବାର ସହରର ସମଲେଶ୍ୱରୀ ମନ୍ଦିର ସମ୍ମୁଖରେ ଥିବା ଲଖାନୀ ଗାର୍ମେଣ୍ଟସ୍‌କୁ ସିଲ୍ କରିଦିଆଯାଇଛି। ଆବଶ୍ୟକ ଟ୍ରେଡ୍ ଲାଇସେନ୍ସ ନନେଇ ବ୍ୟବସାୟ କରୁଥିବା ଜଣାପଡିବା ପରେ ମ୍ୟୁନିସିପାଲିଟି ଟିମ୍ ଲଖାନୀ ଗାର୍ମେଣ୍ଟସ୍‌ରେ ପହଞ୍ଚି ଚଢ଼ାଉ କରିଥିଲେ। ଦୋକାନୀ ଟ୍ରେଡ୍ ଲାଇସେନ୍ସ ଦେଖାଇ ପାରି ନ ଥିଲେ। ଏହା ସହିତ ସ୍ପେଶାଲ ପ୍ଲାନିଂ ଅଥରିଟି ପକ୍ଷରୁ ମଧ୍ୟ ତାଙ୍କ ପାଖରେ କୌଣସି ଲାଇସେନ୍ସ ନ ଥିଲା। ଏଭଳିକି ଦୋକାନୀଙ୍କ ପାଖରେ ଗାଡି ପାର୍କିଂ ସୁବିଧା ମଧ୍ୟ ନ ଥିବା ଦେଖାଯାଇଥିଲା। ଅନ୍ୟାନ୍ୟ ଆନୁସଙ୍ଗିକ କାଗଜପତ୍ର ଦେଖାଇ ନ ପାରିବାରୁ ଲଖାନୀ ଗାର୍ମେଣ୍ଟସ୍‌କୁ ପୌର ପ୍ରଶାସନ ସିଲ୍ କରିଦେଇଥିଲେ। ଏନେଇ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ରଙ୍କୁ ପଚରାଯିବାରୁ ଲଖାନୀ ଗାର୍ମେଣ୍ଟସ୍ ପାଖରେ ଟ୍ରେଡ୍ ଲାଇସେନ୍ସ କି ସ୍ପେଶାଲ ପ୍ଲାନିଂ ଅଥରିଟି ଲାଇସେନ୍ସ ନାହିଁ। ଏଭଳିକି ଗାଡି ପାର୍କିଂ ସୁବିଧା ନଥିବାରୁ ଏହି ଦୋକାନ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି କହିଥିଲେ। ଆଗକୁ ଅନ୍ୟାନ୍ୟ ବ୍ୟବସାୟିକ ପ୍ରତିଷ୍ଠାନ ଯେଉଁମାନେ ଟ୍ରେଡ୍ ଲାଇସେନ୍ସ ନେଇନାହାନ୍ତି ଏବଂ ଅନ୍ୟ ନିୟମ ଖିଲାପ କରିଛନ୍ତି ତାଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ବାହୀ ଅଧିକାରୀ ମିଶ୍ର କହିଛନ୍ତି।

କିଛି ଦିନ ତଳେ ବଲାଙ୍ଗୀର ଟାଉନ୍ ପୋଲିସ ଟିମ୍ ଲଖାନୀ ନିଉ ଗାର୍ମେଣ୍ଟସ୍ ଲୁଗା ଦୋକାନରେ ଚଢ଼ାଉ କରି ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ନକଲି ବ୍ରାଣ୍ଡର ରେଡିମେଡ ଲୁଗାପଟା ଜବତ କରି ଦୋକାନ ମାଲିକ ରାଜେଶ କୁମାର ଲଖାନୀ (୫୩)ଙ୍କୁ ଗିରଫ କରିଥିଲା । ଏହି ଘଟଣାରେ ଅଧିକ ତଦନ୍ତ କରି ଟାଉନ୍ ପୋଲିସ ଲଖାନୀ ଗାର୍ମେଣ୍ଟସ୍‌ର ୧୭ ଲକ୍ଷ ଟଙ୍କାର ତିନୋଟି ବ୍ୟାଙ୍କ ଆକାଉଣ୍ଟକୁ ଫ୍ରିଜ୍ କରିବା ସହ ଭାଲେର–ଖଲିଆପାଲି ଛକ ନିକଟରେ ଥିବା ଏକ ଗୋଦାମ ଘରକୁ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ସିଲ୍ କରିଥିଲେ । ଶୁକ୍ରବାର ବଲାଙ୍ଗୀର ସିଟିଏବଂ ଜିଏସ୍‌ଟି ଟିମ୍ ଲଖାନୀ ନିଉ ଗାର୍ମେଣ୍ଟସ୍‌ର ଗୋଦାମ ଘରେ ଚଢ଼ାଉ କରିଥିଲେ।

## ସଂକ୍ଷେପରେ

### ଝାରବନ୍ଧ ସ୍ନାତକ କଲେଜରେ ଗଙ୍ଗାଧର ଜୟନ୍ତୀ

ଝାରବନ୍ଧ,୫।୯(ଦେବେନ୍ଦ୍ର ସାହୁ): ଝାରବନ୍ଧ ସ୍ନାତକ ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଶ୍ୟାମସୁନ୍ଦର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜୟନ୍ତୀ ସଭାରେ ପୂର୍ବତନ ଅଧ୍ୟକ୍ଷ ରଜନୀ କୁମାର ମହାନ୍ତି ମୁଖ୍ୟ ଅତିଥି, ଅନୁଗୋଳ ସ୍ୱୟଂଶାସିତ କଲେଜର ଓଡ଼ିଆ ଅଧ୍ୟାପକ କାନ୍ତ ବାରିକ ମୁଖ୍ୟ ବକ୍ତା, କଲେଜ ପରିଚାଳନା କମିଟି ସଭାପତି ନନ୍ଦଲାଲ ମହାପାତ୍ର, ସୁଶ୍ରୀ ଯାଜ୍ଞସେନୀ ନାୟକ, ସାତ୍ତ୍ୱିକ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି କବି ଗଙ୍ଗାଧର ମେହେରଙ୍କ କାବ୍ୟ କବିତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଅଧ୍ୟାପିକା ରୀତାଞ୍ଜଳି ଗୁରୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ରଶ୍ମିରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

### ଯୁବକଙ୍କ ମୃତ୍ୟୁକୁ ନେଇ କଳ୍ପନାଜଳ୍ପନା

■ କେନାଲରୁ ମୃତଦେହ ଜବତ ଘଟଣା

ଅତାବିରା,୫।୯(ହୃଷିକେଶ ଖମାରୀ): ବରଗଡ଼ ଜିଲା ଅତାବିରା ଥାନା ଜହ୍ନାପଡ଼ା ଡିଷ୍ଟ୍ରିବ୍ୟୁଟାରୀ କେନାଲରୁ ରବିବାର ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣାକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି। କେନାଲ ପାଣିରେ ବୁଡ଼ି ତାଙ୍କର ମୃତ୍ୟୁ ହୋଇଛି ନା ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ତାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି। ଅତାବିରା ପୋଲିସ ଏ ନେଇ ଅଧିକ ତଦନ୍ତ କରୁଛି। ପ୍ରକାଶ ଯେ, ଗଙ୍ଗାଧର ମେହେର ଜଳ ପ୍ରକଳ୍ପ କାର୍ଯ୍ୟ ପାଇଁ ପାଇପ୍ ବିଛା କାମ ଚାଲିଛି। ତେବେ ଏହି କାର୍ଯ୍ୟରେ ନିୟୋଜିତ ଝାଡ଼ଖଣ୍ଡ ରାଜ୍ୟର ମାତାଭ ଶେଖ୍, ଗୁଲାମ ଶେଖ୍, ଫରିଦ୍ ଶେଖ୍, ଇସମାଇଲ ଶେଖ୍ ଏବଂ ଆସିଫ୍ ଶେଖ୍ ଅତାବିରା ଥାନା ଉହରୁପଡ଼ା କ୍ୟାମ୍ପରେ ରହୁଥିଲେ। ସେମାନଙ୍କ ମଧ୍ୟରୁ ଇସମାଇଲ ଗତ ମାସ ୩୧ତାରିଖରୁ ଉକ୍ତ କ୍ୟାମ୍ପକୁ ଆସିଥିବାବେଳେ ଅନ୍ୟ ୪ଜଣ ପୂର୍ବରୁ ରହୁଥିଲେ। ଗତ ୨ତାରିଖ ଅପରାହ୍ଣରୁ ଇସମାଇଲ ନିଖୋଜ ହୋଇ ଯାଇଥିଲେ। ୩ତାରିଖ ସକାଳେ ଜହ୍ନାପଡ଼ା ଡିଷ୍ଟ୍ରିବ୍ୟୁଟାରୀ କେନାଲରେ ଭାସୁଥିବା ଅବସ୍ଥାରେ ତାଙ୍କ ମୃତଦେହ ଜବତ ହୋଇଥିଲା । ତେବେ ଟାଙ୍ଗରପାଲିରୁ ପପଙ୍ଗା ପଟକୁ ଯାଇଥିବା କେନାଲର ଡାହାଣ ପାର୍ଶ୍ୱରେ ପ୍ରାୟ ୧୬ ଏବଂ ବାମପାର୍ଶ୍ୱରେ ୮ ଡିଷ୍ଟ୍ରିବ୍ୟୁଟାରୀ ସହିତ ଗାଧୁଆ ତୁଠ ଥିବାବେଳେ ମୃତଦେହ ଯେଉଁ ଡିଷ୍ଟ୍ରିବ୍ୟୁଟାରୀରୁ ଜବତ ହୋଇଛି, ସେଠାକାର ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କଲେ ମୃତଦେହ ସେହି ଡିଷ୍ଟ୍ରିବ୍ୟୁଟାରୀରେ ପଶି ଆରପଟକୁ ଯିବା ଘଟଣାକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି। ସେହି ଡିଷ୍ଟ୍ରିବ୍ୟୁଟାରୀ ନାଳା ଅତି ଛୋଟ ଥିବାବେଳେ ମୃତଦେହ ପଶି ଆରପଟକୁ ବାହାରିବା ସମ୍ଭବ ନୁହେଁ ବୋଲି ସ୍ଥାନୀୟ ଲୋକେ କହୁଛନ୍ତି। ଅନ୍ୟ କେହି ସେଠାକୁ ଆଣି ମୃତଦେହ ପକାଇ ଦେଇଥିବା ସାଧାରଣରେ ଆଲୋଚନା ହେଉଛି। ପୋଲିସ ଏହାକୁ ଗୁରୁତ୍ୱର ସହିତ ନେଇ ତଦନ୍ତ କରୁଛି ।

### ଦିବ୍ୟାଙ୍ଗଙ୍କୁ ହ୍ୱିଲ ଚେୟାର ଦେଲେ

■ ଶିକ୍ଷୟିତ୍ରୀଙ୍କ ବଦାନ୍ୟତା

ଅତାବିରା,୫।୯(ହୃଷିକେଶ ଖମାରୀ): ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଟୋପ ହାଇସ୍କୁଲର ବିଜ୍ଞାନ ଶିକ୍ଷୟିତ୍ରୀ ଅନୁସୂୟା ଦେବତା ଟାମ୍ପରସରା ଗ୍ରାମର ଦିବ୍ୟାଙ୍ଗ ରଞ୍ଜିତ ବେହେରାଙ୍କୁ ହ୍ୱିଲ ଚେୟାର ପ୍ରଦାନ କରିଛନ୍ତି। ରଞ୍ଜିତ ଯୁକ୍ତ୨ ପଢିବା ପରେ ଅପସ୍ମାର ରୋଗରେ ହଠାତ୍ ତଳେ ପଡ଼ି ଯାଇଥିଲେ। ଚିକିତ୍ସା ସତ୍ତ୍ୱେ ସେ ଆଉ ଭଲ ହୋଇ ପାରି ନ ଥିଲେ ଏବଂ ଦିବ୍ୟାଙ୍ଗ ପାଲଟି ଯାଇଥିଲେ। ତାଙ୍କ ବାପାଙ୍କ ଦୀର୍ଘଦିନରୁ ମୃତ୍ୟୁ ହୋଇ ସାରିଥିବାବେଳେ ଫିଙ୍ଗର ପ୍ରିଣ୍ଟ ଏବଂ ଚକ୍ଷୁସ୍କାନ ହୋଇ ପାରୁ ନ ଥିବାରୁ ଏଯାଏ ତାଙ୍କ ଆଧାର କାର୍ଡ଼ ମଧ୍ୟ ହୋଇପାରିନାହିଁ। ଏପର୍ଯ୍ୟନ୍ତ ସରକାରୀ ସହାୟତା ମଧ୍ୟ ତାଙ୍କୁ ଅପହଞ୍ଚ ହୋଇପଡ଼ିଛି। ଏହା ଜାଣିବା ପରେ ଶିକ୍ଷୟିତ୍ରୀ ଦେବତା ନିଜ ଖର୍ଚ୍ଚରେ ଏକ ହ୍ୱିଲ ଚେୟାର କିଣି ରଞ୍ଜିତଙ୍କ ପାଖକୁ ଯାଇ ରାକ୍ଷୀ ବାନ୍ଧିବା ସହିତ ତାହା ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ମନୋହର ଦାଶଙ୍କ ଅଧ୍ୟକ୍ଷତାରେ ସରପଞ୍ଚ ରାଜକିଶୋର ଛନ୍ଦ ମୁଖ୍ୟଅତିଥି, ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ପ୍ରେମରାଜ ନାଏକ, ପ୍ରଧାନ ଶିକ୍ଷକ ତ୍ରିବିକ୍ରମ ସେଟ୍ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ।



ମଙ୍ଗଳବାର ଗୁରୁଦିବସ ଉପଲକ୍ଷେ ବରଗଡ଼ର ବିକାଶ ଅନୁଷ୍ଠାନରେ ଶିକ୍ଷୟିତ୍ରୀ, ଶିକ୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ।

# ପୂଜ୍ୟପୂଜା ଦେଶରେ ଗୁରୁଙ୍କ ସ୍ଥାନ ଉଚ୍ଚରେ

ବରଗଡ଼,୫।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ମଙ୍ଗଳବାର ଗୁରୁଦିବସ ପାଳିତ ହୋଇଛି। ସହର ଉପକଣ୍ଠ ବରାହଗୋଡ଼ାସ୍ଥିତ ବିକାଶ ଆବାସିକ ବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା ମୁଖ୍ୟଅତିଥି ଭାବେ ଯୋଗଦେଇ ସର୍ବପଲ୍ଲୀ ରାଧାକ୍ରୀଷ୍ଣନଙ୍କ ପ୍ରତିଛବିରେ ମାଲ୍ୟାର୍ପଣ କରିଥିଲେ। ବିକାଶ ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ବିକାଶ ଗ୍ରୁପର ଡାଇରେକ୍ଟର (ଆଡ୍‌ମିନିଷ୍ଟ୍ରେଶନ) ଡି. ବିବେକ କୁମାର ଯୋଗଦେଇ ଛାତ୍ର ଗଠନରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି କ୍ରୀଷ୍ଣା ସର୍ବପଲ୍ଲୀ ରାଧାକ୍ରୀଷ୍ଣନଙ୍କୁ ଜଣେ ମହାନ ପଣ୍ଡିତ, ଦାର୍ଶନ ବୋଲି କହିବା ସହିତ ନିଷ୍ଠା, ସାଧୁତା, କର୍ତ୍ତବ୍ୟ ପରାୟଣତା ମାର୍ଗରେ ଅବତୀର୍ଣ୍ଣ ହେବା ପାଇଁ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ। ବିକାଶ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଶନ୍ସର ଡାଇରେକ୍ଟର ଡ. ସମରେନ୍ଦ୍ର ନାଥ ପଣ୍ଡା, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ, ବିକାଶ ଗ୍ରୁପର ଏଚ୍‌ଆର୍ ହେଡ୍ ଅଶ୍ୱିନୀ ନାୟକ, ବରିଷ୍ଠ ଶିକ୍ଷକ ପି.ଏମ ସାହୁଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ। ବିକାଶ ଏଣ୍ଟ୍ରାନ୍ସ ଇଣ୍ଟିଗ୍ରେଟେଡ୍ ପ୍ରୋଗ୍ରାମ ହେଡ୍ ଚିତ୍ତରଞ୍ଜନ ପତି ଧନ୍ୟବାଦ ଅର୍ପଣ କରିଥିଲେ। ବିକାଶ ଫାଷ୍ଟଷ୍ଟେପ୍‌ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିକାଶ ଗ୍ରୁପର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଶିକ୍ଷୟିତ୍ରୀ, ଶିକ୍ଷକମାନେ ନୃତ୍ୟ, ଗୀତ, ଅଭିନୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଗୁରୁଙ୍କ ସ୍ଥାନ ସବୁବେଳେ ଉଚ୍ଚରେ, ସେଥିପାଇଁ ସେମାନେ ଦେଉଥିବା ଶିକ୍ଷାର ମହତ୍ତ୍ୱକୁ ବୁଝି ଗୁରୁଙ୍କୁ ସମ୍ମାନ ଦେବା ପାଇଁ ମୁଖ୍ୟ ଅତିଥି ରାଓ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ପୁଷ୍ପଲତା ମହାପାତ୍ର ସ୍ୱାଗତ ଭାଷଣ, ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ କର ସଭା ସଂଯୋଜନା ଏବଂ ମୀରା ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ ।

ବରଗଡ଼ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବଧିର ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। ବରଗଡ଼ ରାଣାପ୍ରତାପ ସ୍କୁଲର ସଂସ୍କୃତ ଶିକ୍ଷକ ଗୋପବନ୍ଧୁ ପୁରୋହିତ ମୁଖ୍ୟଅତିଥି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡା. ଜୟଦେବ ସାହୁ, ସଭ୍ୟ ସମାରୁ ପ୍ରଧାନ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। କଳା ଶିକ୍ଷକ ଦୁଃଖିସେବକ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଙ୍ଗୀତ ଶିକ୍ଷକ ଅମରେଶ ବାରିକଙ୍କ ସହଯୋଗରେ ଦୃଷ୍ଟିହୀନ ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଶିକ୍ଷକ ନେପାଳ ଦୁଆନ ଧନ୍ୟବାଦ ଦେଇଥିଲେ। ବରଗଡ଼ ମ୍ୟୁନିସିପାଲ ବାଳକ ଉଚ୍ଚ ବିଦ୍ୟାଳୟର ୧୯୯୧ ମାଟ୍ରିକ ବ୍ୟାଚର ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ଥାନୀୟ ସାଇକ୍ରୀଷ୍ଣା ପ୍ୟାଲେସ୍ ପରିସରରେ ପୂର୍ବତନ ଶିକ୍ଷକଙ୍କ ପୂଜ୍ୟପୂଜା କରାଯାଇଥିଲା। ଶ୍ରୀହରିନଗର ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ବୈଜୟନ୍ତୀ ଦଳପତି ସଭାପତିତ୍ୱ କରିଥିଲେ। ଶିକ୍ଷୟିତ୍ରୀ ରୀନା ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା ଏବଂ ଶିକ୍ଷକ ସୁଶିଲ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ବିଜେପୁର ଶିକ୍ଷକ ଭବନରେ ବ୍ଲକସ୍ତରୀୟ ଗୁରୁଦିବସ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ମୋତିରାମ ସାହୁ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଭାଗବତ ସାହୁ ଅଧ୍ୟକ୍ଷତା କରିଥିବାବେଳେ ବିଡ଼ିଓ ସରୋଜ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଶିକ୍ଷୟିତ୍ରୀ କବିତାରାଣୀ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ସିଆରସିସି ଦୁର୍ବାଦଳ ବଡ଼ଗୋଛିଆ ଅତିଥି ପରିଚୟ ପ୍ରଦାନ, ପୃଥ୍ୱୀରାଜ ବାରିକ ସଭା ପରିଚାଳନା କରିଥିବାବେଳେ ସିଆରସିସି ପ୍ରଭାତ ରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


ବିକାଶ ଶିକ୍ଷାନୁଷ୍ଠାନରେ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ପ୍ରତିଛବି ଆଗରେ ଦୀପ ପ୍ରଜ୍ୱଳନ ।

#### ଗୁରୁ ଦିବସରେ ବକ୍ତାଙ୍କ ମତ

**ପାଇକମାଳ (ବଡ ଶତପଥୀ):** ପାଇକମାଳ ବ୍ଲକ ଡୁମେରବାହାଲ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଗୁରୁଦିବସ ସଭା ଅନୁଷ୍ଠିତ ହୋଇଛି। ଏଥିରେ ବିଇଓ ଚୁଡ଼ାମଣି ବାରିକ, ଏବିଇଓ ରାଧେଶ୍ୟାମ ମେହେର ଓ ଅବସରପ୍ରାପ୍ତ ସିଆରସିସି ରାଧେଶ୍ୟାମ ସାହା ଯୋଗଦେଇ ରାଧାକୃଷ୍ଣନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ବିଇଓ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ୮ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଆଦର୍ଶ ଶିକ୍ଷକ ଭାବେ ସମ୍ମାନୀତ କରାଯାଇଥିଲା। ସଭାରେ ୧୫ଟି କ୍ଲଷ୍ଟରର ସିଆର୍‌ସିସି ଉପସ୍ଥିତ ଥିଲେ। ସିଆର୍‌ସିସି ଡୋଲାମଣି ମାହାର ମଞ୍ଚ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷକ ହୃଷୀକେଶ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

**ସରଣ୍ଡା(ଯୁଧିଷ୍ଠିର ମହାପାତ୍ର):** ଅତାବିରା ବ୍ଲକ ଝିଲିମିଣ୍ଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମଙ୍ଗଳବାର ଗୁରୁ ଦିବସ ପାଳିତ ହୋଇଛି। ଏଥିରେ ପରିଚାଳନା ସମିତି ପୂର୍ବତନ କୋଷାଧ୍ୟକ୍ଷ ଗଜପତି ମେହେର ମୁଖ୍ୟଅତିଥି, ଗୁରୁମା ସୁଶ୍ରୀ ହିମାଦ୍ରୀ ନାଗ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଗୁରୁ ଦିବସ ପାଳନର ଉଦ୍ଦେଶ୍ୟ କହିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମକୁନ୍ଦ ମହାରଣା ଗୁରୁ ଶିଷ୍ୟ ସମ୍ପର୍କ ଉପରେ ଶିଶୁମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଗୁରୁମା ସୁଶ୍ରୀ ଜନନୀ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସୁଶ୍ରୀ ସୁଷମା ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ଶିଶୁମାନଙ୍କ ଦ୍ୱାରା ଗୁରୁ ପୂଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।

**ପଦ୍ମପୁର (ପ୍ରଦୀପ୍ତ ଦାଶ):** ପଦ୍ମପୁରର ବିଭିନ୍ନ ସ୍ଥାନରେ ଗୁରୁଦିବସ ପାଳନ କରାଯାଇଛି। ଖୁଜେନ ସରକାରୀ ପ୍ରାଥମିକ ସ୍କୁଲରେ ପ୍ରଧାନ ଶିକ୍ଷକ ମାଧବ ବରିହାଙ୍କ ଅଧ୍ୟକ୍ଷତାରେ ଗୁରୁଦିବସ ପାଳନ କରାଯାଇଥିଲା। ସେହିପରି ଜମଲା ଡିଗ୍ରୀ କଲେଜରେ ଅନୁଷ୍ଠିକ ଗୁରୁଦିବସ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡ. ସ୍ୱାଧୀନ ଚନ୍ଦ୍ର ପ୍ରଧାନ ସଭାପତିତ୍ୱ କରିଥିଲେ। କୋତନା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଓ ନୋଡାଲ ବିଦ୍ୟାଳୟରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଇଁଠା ପ୍ରଧାନ, ଶିକ୍ଷକ ଆରଦ୍ରା ବାଗ ମୁଖ୍ୟ ବକ୍ତା ଭାବେ ଯୋଗଦାନ କରିଥିଲେ। ପରିଚାଳନା କମିଟି ସଭାପତି ହେମସାଗର ପ୍ରଧାନ ସଭା ସଂଯୋଜନା କରିଥିବା ବେଳେ ଅନିରୁଦ୍ଧ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟ ଅର୍ଥନୀତି, ଇତିହାସ, ଶିକ୍ଷା, ରସାୟନ, ରାଜନୀତି ବିଭାଗରେ ଗୁରୁଦିବସ ପାଳନ କରାଯାଇଛି। ବିଭାଗୀୟ ପ୍ରକୋଷ୍ଠରେ ବିଭାଗୀୟ ମୁଖ୍ୟ ଡ. ବିରଞ୍ଚି ସାହୁ, ଅଧ୍ୟାପିକା ବୁନି ସାହୁ, ଶର୍ମିଳା ପଣ୍ଡା, ଡ. ତୁଷାରକାନ୍ତ ସାହୁ, ଅଧ୍ୟାପକ ଚନ୍ଦ୍ରକାନ୍ତ ସୁନାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା।

### ନବାନ୍ନ ପାଇଁ ଶୁଭଲଗ୍ନ ଧାର୍ଯ୍ୟ

ବରପାଲି,୫।୯(ଚିତ୍ତରଞ୍ଜନ ସାହୁ)

ବରପାଲିର ଅଧିଷ୍ଠାତ୍ରୀ ଦେବୀଙ୍କ ପାଖରେ ନବାନ୍ନ ଲାଗି ପାଇଁ ବ୍ଲକ ସନାତନୀ ବ୍ରାହ୍ମଣ ସମାଜ ପକ୍ଷରୁ ମଙ୍ଗଳବାର ଶୁଭଲଗ୍ନ ଘୋଷଣା କରାଯାଇଛି। ଜମିଦାର ଲାଲ ବିକ୍ରମ ସିଂ ଦେଓଙ୍କ ଆହ୍ୱାନ କ୍ରମେ କାଳୀ ମନ୍ଦିରରେ ଏକ ବୈଠକ ହୋଇଥିଲା। ଆସନ୍ତା ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥି ୨୦ ତାରିଖ ଦିବା ୧୦ ଟା ୧୬ ମିନିଟ ପରେ ବିଶୁଦ୍ଧ ବୃଶ୍ଚିକ ଲଗ୍ନରେ ଅଧିଷ୍ଠାତ୍ରୀ ଦେବୀ ମା ସମଲେଶ୍ୱରୀଙ୍କ ଠାରେ ନବାନ୍ନ ଲାଗି ହେବ ବୋଲି ପଣ୍ଡିତ ମଣ୍ଡଳୀ ଘୋଷଣା କରିଥିଲେ। ବୈଠକରେ ବ୍ଲକ ସଭାପତି ପଣ୍ଡିତ କୃଷ୍ଣଚନ୍ଦ୍ର ଦେବତା, ନଗର ସଭାପତି ପିନାକୀ ଦାଶ, ବ୍ଲକ ସମ୍ପାଦକ ଶରତ ପାଣିଗ୍ରାହୀ, ଡକ୍ଟର ସରୋଜ ଦାଶ, ପଣ୍ଡିତ ରବୀନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

### ଟ୍ରକ୍‌କୁ ପିଟିଲା କାର୍, ଜଣେ ମୃତ



ବରପାଲି,୫।୯(ଚିତ୍ତରଞ୍ଜନ ସାହୁ)

ବରଗଡ଼ ଜିଲା ବରପାଲି-ବଲାଙ୍ଗୀର ଜାତୀୟ ରାଜପଥର ମହଦା ନିକଟସ୍ଥ ନେହେରୁ ନଗରଠାରେ ମଙ୍ଗଳବାର ଭୋର୍ ସମୟରେ ଏକ ସଡ଼କ ଦୁର୍ଘଟଣା ହୋଇଛି। ରାସ୍ତା ଉପରେ ଛିଡା ହୋଇଥିବା ଏକ ଟ୍ରକ୍ (ନଂ.ଓଡି୦୪କ୍ୟୁ/୭୫୪୭) ପଛରେ କାର୍ ଧକ୍କା ଦେବାରୁ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବରଗଡ଼ର ପପୁ ରଞ୍ଜନ (୩୮)। ଏହି ଦୁର୍ଘଟଣାରେ କଲିକତାର ସଞ୍ଜୟ ଦାସ (୪୧) ଓ ସମ୍ବଲପୁରର ବିଜୟ ସାହୁ ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ପ୍ରକାଶ ଯେ, ସମ୍ବଲପୁର ଟିଭିଏସ୍ କମ୍ପାନୀର କିଛି କର୍ମକର୍ତ୍ତା ଏକ କାର (ନଂ.ଓଡ଼ି୧୭ଏଏ/୪୮୫୯) ଯୋଗେ ବଲାଙ୍ଗୀରରୁ ଭୋର ୫ଟାରେ ଫେରୁଥିବା ବେଳେ ନେହେରୁ ନଗରଠାରେ ରାସ୍ତା ଉପରେ ଛିଡା ହୋଇଥିବା ଟ୍ରକ୍‌କୁ ପଛପଟରୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ପପୁ ରଞ୍ଜନଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ପୋଲିସ ଅଗ୍ନିଶମ ବାହିନୀ ସହାୟତାରେ ଗୁରୁତରଙ୍କୁ ଉଦ୍ଧାର କରି ପ୍ରଥମେ ବରପାଲି ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ଉଭୟଙ୍କୁ ବୁର୍ଲା ଡାକ୍ତରଖାନାକୁ ପଠାଯାଇଥିଲା। ବରପାଲି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଏକ ମାମଲା ରୁଜୁ ହୋଇଛି।

## ଭତ୍ତା ହିତାଧିକାରୀଙ୍କ ଶୋଭାଯାତ୍ରା, ଦାବିପତ୍ର ପ୍ରଦାନ

ପାଇକମାଳ,୫।୯(ବଡ ଶତପଥୀ)

୫ ଦଫା ଦାବିରେ ବରଗଡ ଜିଲା ପାଇକମାଳ ବ୍ଲକ ଅଧୀନ ଟେମରୀ ଗ୍ରାମପଞ୍ଚାୟତର ଶତାଧିକ ଭତ୍ତା ହିତାଧିକାରୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମଙ୍ଗଳବାର ଦାବିପତ୍ର ଦେଇଛନ୍ତି। ଏହି କ୍ରମରେ ସେମାନେ ଏକ ଶୋଭାଯାତ୍ରାରେ ଧର୍ମଶାଳାରୁ ବାହାରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ସେଠାରେ ବିଡିଓ ସୁରେନ୍ଦ୍ର ନାଥ ସାହୁଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ମାସିକ ଭତ୍ତାକୁ ୩ହଜାର ଟଙ୍କା ବୃଦ୍ଧି, ବିଧବା ଭତ୍ତା ପାଉଥିବା ସମସ୍ତଙ୍କୁ ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ସାମିଲ, ଛତା, କମ୍ବଳ, ଚପଲ ଅର୍ଥରାଶି ବୃଦ୍ଧି, ସମସ୍ତ ଭତ୍ତା ହିତାଧିକାରୀଙ୍କ ହାତକୁ ହାତ ଭତ୍ତା ପ୍ରଦାନ ଏବଂ ଆବାସ ଯୋଜନାରେ ସମସ୍ତ ହିତାଧିକାରୀଙ୍କୁ ସାମିଲ କରିବାକୁ ସେମାନେ ଦାବି କରିଥିଲେ। ସରକାର ହିତାଧିକାରୀଙ୍କ ଦାବିକୁ ଗୁରୁତ୍ୱ ନ ଦେଲେ ଆନ୍ଦୋଳନ କରାଯିବ ବୋଲି ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ଆବାହକ ଦୁର୍ଯ୍ୟୋଧନ ପୁଟା ଚେତାବନୀ ଦେଇଛନ୍ତି।



ହିତାଧିକାରୀମାନେ ଶୋଭାଯାତ୍ରାରେ ବ୍ଲକ ଅଫିସକୁ ଯାଉଛନ୍ତି।

### ଜନ୍ମାଷ୍ଟମୀ, ନନ୍ଦୋତ୍ସବ ଆରମ୍ଭ

ବରପାଲି,୫।୯(ଚିତ୍ତରଞ୍ଜନ ସାହୁ)

ବରପାଲି ବ୍ଲକ ଯାଦବ ସମାଜ ଆନୁକୂଲ୍ୟରେ ତିନିଦିନ ବ୍ୟାପୀ ହେବାକୁ ଥିବା ସାର୍ବଜନୀନ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ଗଙ୍ଗାଧର କଲ୍ୟାଣ ମଣ୍ଡପଠାରେ ଆୟୋଜିତ ଏହି ଉତ୍ସବରେ ମଙ୍ଗଳବାର ଅଧିବାସ ହୋଇଥିଲା। ଏହି ଅବସରରେ କଲ୍ୟାଣ ମଣ୍ଡପରୁ ମହିଳାମାନଙ୍କ ଏକ ବିରାଟ କଳସ ଶୋଭାଯାତ୍ରା ବାହାରିଥିଲା। ସନ୍ଧ୍ୟାରେ ଜୟଗୁରୁ ସଙ୍ଗଠନ ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା। ଏଥିରେ ବରଗଡ଼ ସମ୍ବଲପୁର, ବରପାଲିର ବହୁ କଳାକାର ଭଜନ ପରିବେଷଣ କରିଥିଲେ। ତେବେ ପ୍ରତ୍ୟହ ଭଜନ, ପ୍ରବଚନ ଆଦି ପରିବେଷଣ କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି।

### ଶିକ୍ଷାର ମୁଖ୍ୟସ୍ରୋତକୁ ଆଣିବା ଉଦ୍ୟମ


ସ୍କୁଲ ଛାଡ଼ିଥିବା ଏସ୍. ଡୁମ୍ବେରପାଲି ଗ୍ରାମର ଜଣେ ଛାତ୍ରୀଙ୍କ ଘରେ ବିଇଓ।

ବରଗଡ଼,୫।୯(ପ୍ରେମାନନ୍ଦ ଖମାରୀ)

ଅଧାରୁ ବିଦ୍ୟାଳୟ ଛାଡ଼ିଥିବା ପିଲାମାନଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ରାଜ୍ୟ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି । ଏହି କ୍ରମରେ ସୋମବାର ବରଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ) ସେବାଶ୍ରୀ ଭୋଇ ଏସ. ଡୁମ୍ବେରପାଲି ଗ୍ରାମର ସୌଦାମିନୀ ଓ ଭୋଜରାଜ ସାହୁଙ୍କ ଝିଅ ଲିବ୍ୟା ସାହୁଙ୍କ ଘରେ ପହଞ୍ଚିଥିଲେ। ପରିବାର ଲୋକଙ୍କ ସହିତ ଆଲୋଚନା କରି ଲିବ୍ୟାଙ୍କ ଶିକ୍ଷା ଚାଲୁ ରଖିବା ପାଇଁ ପ୍ରବର୍ତ୍ତାଇଥିଲେ । ସେହିପରି ପୋଡ଼ମୁଣ୍ଡା ଗ୍ରାମର ଅରୁଣା ଓ ଈଶ୍ୱର ସାହୁଙ୍କ ପୁଅ କ୍ରୀଷ୍ଣାଙ୍କ ପାଖକୁ ମଧ୍ୟ ବିଇଓ ଭୋଇ ପହଞ୍ଚିଥିଲେ। ତାଙ୍କଠାରୁ ଆବଶ୍ୟକ କାଗଜାତ୍ ସଂଗ୍ରହ କରି ନାମ ଲେଖାଇବା ପାଇଁ ସେ ନିଶ୍ଚିତ କରାଇଥିଲେ ।

### ବର୍ଜ୍ୟବସ୍ତୁ ସଂଗ୍ରହ ପାଇଁ ଏସ୍ଏଚ୍‌ଜିଙ୍କୁ ଟେମ୍ପୋ ପ୍ରଦାନ

ପାଇକମାଳ,୫।୯(ବଡ ଶତପଥୀ)

ବର୍ଜ୍ୟବସ୍ତୁ ପରିଚାଳନା କରିବା ପାଇଁ ବରଗଡ ଜିଲା ପାଇକମାଳ ବ୍ଲକର ୨୨ଟି ପଞ୍ଚାୟତରେ ଏସ୍ଏଚ୍‌ଜିଗୁଡିକୁ ବ୍ୟାଟେରି ଚାଳିତ ଟେମ୍ପୋ ପ୍ରଦାନ କରାଯାଇଛି। ଏ ନେଇ ମଙ୍ଗଳବାର ପାଇକମାଳ ବ୍ଲକ ଅଧ୍ୟକ୍ଷ ଭାବନା ସିଂ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏସ୍ଏଚ୍‌ଜିଗୁଡିକୁ ଟେମ୍ପୋ ପ୍ରଦାନ କରିଥିଲେ। ପାଇକମାଳ ବ୍ଲକର ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏଁ ଟେମ୍ପୋ ରହି ପ୍ରତି ଗାଁକୁ ଯାଇ ବର୍ଜ୍ୟବସ୍ତୁ ସଂଗ୍ରହ କରିବ ବୋଲି ବିଧାୟିକା ବରିହା କହିଥିଲେ। ସଭାରେ ପାଇକମାଳ ବିଡ଼ିଓ ସୁରେନ୍ଦ୍ର ନାଥ ସାହୁ, ଏବିଡିଓ ଦେବାଶିଷ ସିହ୍ନା, ରାଜେନ୍ଦ୍ର ରାଉତ ପ୍ରମୁଖ ଯୋଗ ଦେଇଥିଲେ।


ବିଧାୟିକା ଟେମ୍ପୋ ପ୍ରଦାନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

## ବକେୟା ପ୍ରାପ୍ୟ ଦାବିକଲେ କର୍ମଚାରୀ

ବରଗଡ଼,୫।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ତୋରା ସମବାୟ ସୂତାକଳ ଦୀର୍ଘବର୍ଷ ହେଲା ବନ୍ଦ ହୋଇ ପଡ଼ିଛି। ମାତ୍ର ଏପର୍ଯ୍ୟନ୍ତ ଉକ୍ତ ସୂତାକଳରେ କାର୍ଯ୍ୟରତ ଅନେକ ଶ୍ରମିକଙ୍କୁ ସେମାନଙ୍କ ବକେୟା ପ୍ରାପ୍ୟ ମିଳି ନ ଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସୂତାକଳରେ କାମ କରିଥିବା କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ସମ୍ପୃକ୍ତ କର୍ମଚାରୀଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିବାବେଳେ ସେମାନଙ୍କ ବକେୟା ପ୍ରାପ୍ୟ ପ୍ରଦାନ ଦିଗରେ ରାଜ୍ୟ ସରକାର ବିହିତ ପଦକ୍ଷେପ ନେବାକୁ କର୍ମଚାରୀମାନେ ଦାବି କରିଛନ୍ତି। ପ୍ରକାଶ ଯେ, ତୋରା ସମବାୟ ସୂତାକଳ ଚାଲୁଥିବାବେଳେ ଏଠାରେ ଅନେକ କର୍ମଚାରୀ କାର୍ଯ୍ୟ କରୁଥିଲେ। ୧୯୯୯ ମସିହାରୁ ସୂତାକଳ ବନ୍ଦ ହେବା ପରେ କର୍ମଚାରୀ ବେରୋଜଗାର ହୋଇ ପଡ଼ିଛନ୍ତି। ଏହାସତ୍ତ୍ୱେ ସେମାନଙ୍କୁ ସେମାନଙ୍କ ବକେୟା ଜିଏପିଏଫ ସମେତ ଅନ୍ୟାନ୍ୟ ପ୍ରାପ୍ୟରାଶି ଏପର୍ଯ୍ୟନ୍ତ ମିଳିନାହିଁ। ଏଭଳି ଅଭିଯୋଗ କରି ଅସନ୍ତୋଷ ପ୍ରକାଶ କରିଥିବାବେଳେ ଏ ନେଇ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ବିଶ୍ୱମ୍ଭର ଦୀପ, ନିରଞ୍ଜନ ବେହେରା, ବଜରଙ୍ଗୀ ଛତ୍ରିଆ ପ୍ରମୁଖ ସୂଚନା ଦେଇଛନ୍ତି।


ସୂତାକଳରେ କାମ କରିଥିବା କର୍ମଚାରୀବୃନ୍ଦ ।

# ଷ୍ଟୋଭ ଫାଟିଯିବାରୁ ଯୁବତୀ ଗୁରୁତର

ରାଉରକେଲା,୫।୯(ଦିନେଶ ମିଶ୍ର)

ଦୋକାନରେ ଚା’ ତିଆରି କରିବା ପାଇଁ ଷ୍ଟୋଭ ଲଗାଉଥିବା ବେଳେ ଫାଟିଯିବାରୁ ଜଣେ ଯୁବତୀ ପୋଡିଯାଇ ଗୁରୁତର ହୋଇଛନ୍ତି। ତାଙ୍କ ଦେହର ଅଧିକାଂଶ ଭାଗ ପୋଡିଯାଇଛି। ତାଙ୍କୁ ରାଉରକେଲାର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏଭଳି ଏକ ଘଟଣା ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଜମୁନାଢିପା ଅଞ୍ଚଳରେ ଘଟିଛି। ଗୁରୁତର ଯୁବତୀ ହେଲେ ଭାନୁମତୀ କିଷାନ(୨୧)। ତାଙ୍କୁ ପ୍ରଥମେ ଆର୍‌ଜିଏଚ୍‌ରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସୂଚନାଯୋଗ୍ୟ, ଭାନୁମତୀଙ୍କ ଜମୁନାଢିପା ଛକ ନିକଟରେ ଏକ ଚା’ ଦୋକାନ ରହିଛି। ମଙ୍ଗଳବାର ସକାଳ ସାଢେ ୬ଟାରେ ଭାନୁମତି ତାଙ୍କ ମା’ ଶୁଶିଳା ଦେବୀଙ୍କ ସହ ଦୋକାନ ଖୋଲିଥିଲେ। ଏହି ସମୟରେ ଶୁଶିଳା ଦୋକାନ ଆଗରେ ଝାଡୁ ମାରୁଥିବାବେଳେ ଭାନୁମତୀ ଚା’ ତିଆରି କରିବା ପାଇଁ ଷ୍ଟୋଭରେ ନିଆଁ ଲଗାଇଥିଲେ। ହଠାତ ଷ୍ଟୋଭ ଫାଟି ଯିବାରୁ କିରୋସିନ ନିଆଁ ତାଙ୍କ ଉପରକୁ ଛିଟିକି ପଡିଥିଲା। ଫଳରେ ତାଙ୍କ ଦେହରେ ନିଆଁ ଖେଳାଇ ହୋଇଯାଇଥିଲା। ସେଠାରେ ଉପସ୍ଥିତ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ଲାଗି ଆରଜିଏଚ୍‌ରେ ଭର୍ତ୍ତି କରିଥିଲେ।



ମଙ୍ଗଳବାର ୩ ଦଫା ଦାବିରେ ନିଖିଳ ଓଡିଶା ଗୃହ ମଜଦୁର ସଭା ପକ୍ଷରୁ ରାଉରକେଲା ଯୁଗ୍ମ ଶ୍ରମ ସଂସ୍ଥାପକଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ୩ ଦଫା ଦାବିରେ ଶ୍ରମିକଙ୍କ ବିକ୍ଷୋଭ

ରାଉରକେଲା,୫।୯(ବିପ୍ଲବ ରଞ୍ଜନ ଦାଶ)

୩ ଦଫା ଦାବି ନେଇ ନିଖିଳ ଓଡିଶା ଗୃହ ମଜଦୁର ସଭା ପକ୍ଷରୁ ମଙ୍ଗଳବାର ରାଉରକେଲା ଯୁଗ୍ମ ଶ୍ରମ ସଂସ୍ଥାପକଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲା ମଜଦୁର ସଂଘ ସାଧାରଣ ସମ୍ପାଦକ ଦିଗମ୍ବର ମହାନ୍ତି ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶତାଧିକ ମଜଦୁର ଶ୍ରମିକ ସାମିଲ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରମିକମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଯୁଗ୍ମ ଶ୍ରମ ସଂସ୍ଥାପକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସେମାନେ ଅଭିଯୋଗ କରିଥିଲେ, ରାଜ୍ୟ ସରକାର ୨୦୦୯ ଡିସେମ୍ବର ୧୨ତାରିଖରେ ଘରୋଇ କର୍ମଚାରୀମାନଙ୍କୁ ଶ୍ରମିକ ଶ୍ରେଣୀର ଘୋଷଣା କରିଥିଲେ। ମାତ୍ର ଏଯାଏ ଘରୋଇ ଶ୍ରମିକମାନେ ସମସ୍ତ ସରକାରୀ ସୁବିଧାରୁ ବଞ୍ଚିତ ରହିଛନ୍ତି। ନିକଟରେ ଅସଙ୍ଗଠିତ ଶ୍ରମିକମାନଙ୍କ ପଞ୍ଜୀକରଣ ପାଇଁ ଜନସେବା କେନ୍ଦ୍ରରେ କୌଣସି ଦେୟ ଦେବାକୁ ପଡିବ ନାହିଁ ବୋଲି ଘୋଷଣା କରାଗଲା। ମାତ୍ର ସହରର ଜନସେବା କେନ୍ଦ୍ରମାନଙ୍କରେ ଘରୋଇ ଶ୍ରମିକଙ୍କ ପଞ୍ଜୀକରଣ କରାଯାଉନାହିଁ। ଏଣୁ ଘରୋଇ ଶ୍ରମିକମାନଙ୍କୁ ଶ୍ରମ ବିଭାଗ ତରଫରୁ ସିଧାସଳଖ ବିନା ଦେୟରେ ପଞ୍ଜୀକରଣ କରି ଅସଙ୍ଗଠିତ ଶ୍ରମିକଙ୍କୁ ପ୍ରମାଣପତ୍ର ପ୍ରଦାନ ବ୍ୟବସ୍ଥା ସମେତ ୩ ଦଫା ଦାବି କରାଯାଇଥିଲା। ଆସନ୍ତା ବିଧାନସଭା ଅଧିବେଶନ ସରିବା ଭିତରେ ଦାବି ପୂରଣ ନ ହେଲେ ରାଉରକେଲାରେ ଘରୋଇ ଶ୍ରମିକ ପରିବାର ଭୋଟ ବର୍ଜନ କରିବେ ବୋଲି ଉଲ୍ଲେଖ କରିଛନ୍ତି।

# ନୂତନ ଲେଜର ମାର୍କିଂ ମେଶିନ ଉଦ୍‌ଘାଟିତ

ରାଉରକେଲା,୫।୯(ବିପ୍ଲବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ନୂତନ ପ୍ଲେଟ ମିଲ ବିଭାଗରେ ସ୍ଥାପିତ ଏକ ଅତ୍ୟାଧୁନିକ ଲେଜର ମାର୍କିଂ ମେଶିନକୁ ମଙ୍ଗଳବାର ଆର୍‌ଏସ୍‌ପି ଓ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ସମାରୋହରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍.ଆର. ସୂର୍ଯ୍ୟବଂଶୀ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ. ସାହୁ, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା, ଆରଏସପିର ବହୁ ସିଜିଏମ, ବିଭାଗ ମୁଖ୍ୟ ତଥା ଅନ୍ୟ ବରିଷ୍ଠ ଅଧିକାରୀ ଏବଂ ୟୁନିଟର କର୍ମଚାରୀମାନେ ଉପସ୍ଥିତ ଥିଲେ। ପରିବେଶଗତ ଅତ୍ୟଧିକ ଉତ୍ତାପ, ସ୍କେଲ ଜମା ଓ ଧୂଳି ଇତ୍ୟାଦି ବାଧାବିଘ୍ନକୁ ଦୂର କରିବା ପାଇଁ ସଙ୍କୁଚିତ ବାୟୁର ବ୍ୟବହାରକୁ ଅନ୍ତର୍ଭୁକ୍ତ କରି ପ୍ରକଳ୍ପର ସ୍ଥପତିମାନେ ନୂତନ ଲେଜର ମାର୍କିଂ ମେଶିନକୁ କାର୍ଯ୍ୟକାରୀ କରିଛନ୍ତି। ପ୍ରାୟ ୨କୋଟି ୮ଲକ୍ଷ ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ ୨୦୨୨ ଜାନୁୟାରୀ ୨୨ତାରିଖରେ ଆରମ୍ଭ ହୋଇଥିଲା ଏବଂ ନୂତନ ପ୍ଲେଟ ମିଲ ଏବଂ ଏସ୍‌ପିପି ବିଭାଗର ସିଜିଏମ କାର୍ତ୍ତିକେୟ ବେହେରାଙ୍କ ତତ୍ତ୍ୱାବଧାନରେ ଏହା କାର୍ଯ୍ୟକାରୀ ହୋଇଥିଲା। ଅତ୍ୟାଧୁନିକ ଲେଜର ମାର୍କିଂ ମେଶିନ ଆରଏସପିର ନୂତନ ପ୍ଲେଟ ମାର୍କିଂ, ଉତ୍ପାଦର ଗୁଣବତ୍ତା, ନବସୃଜନ ଓ ଗ୍ରାହକଙ୍କ ପସନ୍ଦ କ୍ଷେତ୍ରରେ ଏକ ବେଞ୍ଚମାର୍କ ସ୍ଥାପନ କରିପାରିଛି। ଏହି ଉନ୍ନତ ଯନ୍ତ୍ରର କାର୍ଯ୍ୟାନ୍ୱୟନ ସହିତ ରାଉରକେଲା ଇସ୍ପାତ କାରଖାନାର ଫିନିସିଂ ଲାଇନ ବର୍ତ୍ତମାନ ଦ୍ରୁତ ଗତିରେ କାର୍ଯ୍ୟ କରିବା ସହିତ ଉତ୍ପାଦନ ଏବଂ ଦକ୍ଷତାକୁ ବହନ କରିପାରିଛି।



ଲେଜର ମାର୍କିଂ ମେଶିନକୁ ଉଦ୍‌ଘାଟନ କରାଯାଉଛି।

# ଜନ୍ମାଷ୍ଟମୀ ପାଇଁ ଇସ୍କନ ଚଳଚଞ୍ଚଳ

ରାଉରକେଲା,୫।୯(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ସିଭିଲଟାଉନଶିପ୍ ସ୍ଥିତ ତ୍ରିଶକ୍ତି ଧାମଠାରେ ବୁଧବାରଠାରୁ ୩ଦିନ ବ୍ୟାପୀ ଜନ୍ମାଷ୍ଟମୀ ଉତ୍ସବ ମହାସମାରୋହରେ ପାଳନ କରାଯିବ। ଏ ନେଇ ପଶ୍ଚିମ ଓଡିଶା ଇସ୍କନ ଆଞ୍ଚଳିକ ସଚିବ ଶ୍ରୀଧାମ ଗୋବିନ୍ଦ ଦାସ, ରାଉରକେଲା ଇସ୍କନ ପ୍ରମୁଖ ସଦସ୍ୟ ପି. କେ. ରାଉତ ଓ ପ୍ରଶାନ୍ତ କୁମାର ଭୂୟାଁ ମଙ୍ଗଳବାର ସୂଚନା ଦେଇଛନ୍ତି। ଚଳିତ ବର୍ଷ ହରିକୀର୍ତ୍ତନ ଜନ୍ମାଷ୍ଟମୀ ମହୋତ୍ସବର ମୁଖ୍ୟ ଆକର୍ଷଣ ସାଜିବ। ଏଥିସହ ଇଣ୍ଟର ସ୍କୁଲ ପ୍ରତିଯୋଗିତା ହେବ। ରାଉରକେଲାର ବିଭିନ୍ନ ସ୍କୁଲର ୪ ହଜାର ଛାତ୍ରୀଛାତ୍ର ସାମିଲ ହୋଇ ମନ୍ତ୍ର ଜପ, ଚିତ୍ରାଙ୍କନ, ଏକକ ଏବଂ ଗୋଷ୍ଠୀଗତ ନୃତ୍ୟ, ଫ୍ୟାନ୍ସି ଡ୍ରେସ ଓ ଶ୍ଳୋକ ଲିଖନ ପ୍ରତିଯୋଗିତାରେ ଭାଗ ନେବେ। ସେହିପରି କଳାକାରମାନଙ୍କ ଦ୍ୱାରା ନାଟକ ପରିବେଷିତ ହେବ। ଉତ୍ସବରେ ବିଭିନ୍ନ ଷ୍ଟଲ ପ୍ରଦର୍ଶନୀ କଥା ଅଧ୍ୟାତ୍ମିକ ଶିବିର ଆୟୋଜିତ ହେବ। ବିଭିନ୍ନ ଦିବସରେ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ, ଅତିରିକ୍ତ ଜିଲାପାଳ ଡ. ଶୁଭଙ୍କର ମହାପାତ୍ର, ଏସ୍‌ପି ମିତ୍ରଭାନୁ ମହାପାତ୍ର, ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ, ଡିଏଫ୍‌ଓ ତୋଷବନ୍ତ ସେଠୀ ଓ ଆରଏମସି ଉପାୟୁକ୍ତ ସୁଧାଂଶୁ ଭୋଇ ପ୍ରମୁଖ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଦୁଃସାଶନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



ଇସ୍କନ ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି। (ଫଟୋ : ବିବେକ)

# ଆର୍‌ଏସ୍‌ପି ଆର୍ଥିକ ବର୍ଷ ପୁସ୍ତିକା ଉନ୍ମୋଚିତ



ଅତିଥିମାନେ ଉନ୍ମୋଚିତ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ରାଉରକେଲା,୫।୯(ବିପ୍ଲବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ଆର୍ଥିକ ବର୍ଷ ପୁସ୍ତିକା ସୋମବାର ଉନ୍ମୋଚିତ ହୋଇଯାଇଛି। ଏହି ଉପଲକ୍ଷେ ରାଉରକେଲା କ୍ଲବରେ ଆୟୋଜିତ ସମାରୋହରେ ଆର୍‌ଏସପି ଓ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଯୋଗଦେଇ ପୁସ୍ତିକାକୁ ଉନ୍ମୋଚନ କରିଥିଲେ। କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍. ଆର୍. ସୂର୍ଯ୍ୟବଂଶୀ, କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ. ଶତପଥୀ, ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ପି. କେ. ସାହୁ, ସାମଗ୍ରୀ ଓ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏସ. ତ୍ରିପାଠୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ବି. କେ. ହୋତା, ଅର୍ଥ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏ. କେ. ବେହୁରିଆ ଓ ସିଜିଏମ୍ ଏସ୍. କେ. ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଉନ୍ମୋଚିତ ବାର୍ଷିକ ପୁସ୍ତିକା, ସମସ୍ତ ତଥ୍ୟାତଥ୍ୟ ଏବଂ ପ୍ରତିଷ୍ଠାନର ବ୍ୟୟ ଓ ଆର୍ଥିକ ଧାରାର ବିଶ୍ଳେଷଣ ଏକ ମୂଲ୍ୟବାନ ସମ୍ପଦ ପ୍ରମାଣିତ ହେବା ସହିତ ଭବିଷ୍ୟତ ରଣନୀତି ସ୍ଥିର କରିବାରେ ବିଶେଷ ସହାୟକ ହେବ ବୋଲି ଭୌମିକ ଦୃଢୋକ୍ତି ପ୍ରକାଶ କରିଥିଲେ। ଏ. କେ. ବେହୁରିଆ ସ୍ୱାଗତ କରିବା ସହ ପ୍ରତିଷ୍ଠାନର ସାମୂହିକ ଲକ୍ଷ୍ୟ ହାସଲ କରିବାରେ ଆର୍ଥିକ ବିଭାଗର ଦାୟିତ୍ୱବୋଧତା ଉପରେ ଆଲୋକପାତ କରିଥିଲେ। ଉନ୍ମୋଚିତ ପୁସ୍ତିକାରେ ବ୍ୟୟ ସୂଚନା, ବୈଷୟିକ ଆର୍ଥିକ ପରିମାପକତା, ମାନବ ସମ୍ବଳ ବିଶ୍ଳେଷଣ ଓ ଉତ୍ପାଦନ ତଥା ବିକ୍ରିଯୋଗ୍ୟ ଉତ୍ପାଦ ଆଦି ଅନେକ ତଥ୍ୟଗତ ପ୍ରସଙ୍ଗ ସ୍ଥାନ ପାଇଛି। କାର୍ଯ୍ୟକ୍ରମରେ ଇଣ୍ଟରନାଲ ଅଡିଟ, ପ୍ରକଳ୍ପ, ସତର୍କତା ଏବଂ ସହରସେବା ବିଭାଗ ଆଦି ଭାଗ ନେଇଥିଲେ। ଅର୍ଥ ବିଭାଗ ଜିଏମ୍ ବି. କେ. ସିଂହ ଧନ୍ୟବାଦ ଅର୍ପଣ କରିଥିବା ବେଳେ ବିଭାଗର ଡେପୁଟି ମ୍ୟାନେଜର ଆକାଶ କେଡିଆ ଉତ୍ସବ ସଂଯୋଜନା କରିଥିଲେ।

# ଏନ୍‌ଏସ୍‌ଜି ବ୍ରଦର୍ସ ଚାମ୍ପିୟନ

ରାଉରକେଲା,୫।୯(ଦିନେଶ ମିଶ୍ର)

## ଗ୍ରାମୀଣ ହକି ଉଦ୍‌ଯାପିତ

ଗାଇବିରା କଇଁସାର ଆଷ୍ଟ୍ରୋଟ୍ରଫ୍ ପଡିଆରେ ବାର୍ଷିକ ଗ୍ରାମାଞ୍ଚଳ ହକି ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଏହି ପ୍ରତିଯୋଗିତାରେ ଏସ୍‌ଡିସି ଅଧ୍ୟକ୍ଷ ବିନୟ ଟପ୍ପୋ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସିଆର୍‌ପିଏଫ୍‌ର ପ୍ରାକ୍ତନ ଡିଆଇଜି ଦୟାନିଧି ତନ୍ତୀ, ଜିଲା ପରିଷଦ ସଭ୍ୟ ମନୋଜ କୁମାର ବରୁଆ, ଜୋଲାନୀ କେରକେଟ୍ଟା, ସୁମନ ମିଞ୍ଜ, ଆବ୍ରାହମ କିସପଟ୍ଟା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ଜିଲାରେ ବିଭିନ୍ନ ଅଞ୍ଚଳରୁ ୬୪ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ଏନ୍‌ଏସ୍‌ଜି ବ୍ରଦର୍ସ ଓ ବାକୁଡିହି ଡିଡବ୍ଲ୍ୟୁସି ଦଳ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଏନ୍‌ଏସ୍‌ଜି ଦଳ ୩-୦ ଗୋଲରେ ଡିଡବ୍ଲ୍ୟୁସି ଦଳକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ପ୍ରତିଯୋଗିତାରେ ଚାମ୍ପିୟନ ଏନ୍‌ଏସ୍‌ଜି ଦଳକୁ ୨୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ରନର୍ସ ଅପ୍ ଦଳକୁ ୧୫ ହଜାର ଟଙ୍କା ଓ ତୃତୀୟ ବିଜେତା ଦଳ ଦେଓଗାଁକୁ ୧୦ ହଜାର ଓ ଚତୁର୍ଥ ଦଳ ଭାବେ ଗୁନଗାଁକୁ ୭ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏହି ସମସ୍ତ ଖେଳକୁ ଜର୍ଜ କେରକେଟ୍ଟା, ମିଲନ୍ ଏକ୍କା, ବିଲକିସ କିଶୋର ଟୋପ୍ପୋ, ଦୀପକ କୁଜୁର, ଅଜିତ ଲାକ୍ରା, ରାକେଶ ଲାକ୍ରା, ସନ୍ଦିପ ବାର୍ଲା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଅତିଥିମାନେ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

# ଏସ୍‌ଏନ୍‌ଏଆଇ ଚାମ୍ପିୟନ ଟ୍ରଫି ହାସଲ

ରାଉରକେଲା, ୫।୯(ବିପ୍ଲବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ଜେନେରାଲ ହସ୍ପିଟାଲ ଅଧୀନରେ ଥିବା ନର୍ସେସ ଟ୍ରେନି ଇନ୍‌ଷ୍ଟିଚ୍ୟୁଟ୍‌ର ଛାତ୍ରୀଛାତ୍ରମାନେ ଗତ ୨ ଓ ୩ ତାରିଖରେ ଭୁବନେଶ୍ୱର ସମ୍ ନର୍ସିଂ କଲେଜରେ ଆୟୋଜିତ ଷ୍ଟେଟ ଷ୍ଟୁଡେଣ୍ଟ ନର୍ସ ଆସୋସିଏଶନ ଅଫ୍ ଇଣ୍ଡିଆ (ଏସ୍‌ଏନ୍‌ଏଆଇ)ର ୩୦ତମ ସମ୍ମିଳନୀରେ ଶ୍ରେଷ୍ଠ ଏସ୍‌ଏନ୍‌ଏ ୟୁନିଟ ପାଇଁ ଚାମ୍ପିୟନ ଟ୍ରଫି ଜିତି ଅନୁଷ୍ଠାନକୁ ଗର୍ବିତ କରିଛନ୍ତି। ନର୍ସେସ ଟ୍ରେନିଂ ଇନଷ୍ଟିଚ୍ୟୁଟ, ଆର୍‌ଏସ୍‌ପି ୭ଟି ଇଭେଣ୍ଟରେ ପ୍ରଥମ ପୁରସ୍କାର ଗ୍ରହଣ କରିଥିଲା। ଏଥିରେ ଜାଭେଲିନ ଥ୍ରୋ(ବାଳିକା ବର୍ଗ), ପ୍ରାଥମିକ ଉପଚାର ଓ ମୌଳିକ ନର୍ସିଂ ପ୍ରଣାଳୀ ଉପରେ ପୋଷ୍ଟର ମେକିଂ ପ୍ରତିଯୋଗିତା, ଶିଶୁ ନର୍ସିଂ, ପ୍ରସୂତୀ ନର୍ସିଂ ଏବଂ ଏସଏନଏ କାର୍ଯ୍ୟକଳାପ ଓ ଗ୍ରୁପ୍ ଲୋକନୃତ୍ୟ ଆଦି ରହିଥିଲା। ପେନ୍ସିଲ ସ୍କେଚିଂରେ ଛାତ୍ରୀଛାତ୍ରମାନେ ଦ୍ୱିତୀୟ ପୁରସ୍କାର ପାଇଥିବା ବେଳେ ରଙ୍ଗୋଲି ଏବଂ ସ୍କଟ ପେଣ୍ଟିଂ ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନେ ତୃତୀୟ ପୁରସ୍କାର ଲାଭ କରିଥିଲେ। ଏହାସହ ନର୍ସେସ ଟ୍ରେନିଂ ଇନଷ୍ଟିଚ୍ୟୁଟ ଆରଏସପି ଚାମ୍ପିୟନ ହେବା ସହିତ ସର୍ବାଧିକ ପୁରସ୍କାର ପ୍ରାପ୍ତ ୟୁନିଟ୍ ହୋଇପାରିଥିଲା। ବିଜେତାମାନଙ୍କୁ ସେମାନଙ୍କ ପ୍ରଶଂସନୀୟ ପ୍ରଦର୍ଶନ ପାଇଁ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ବି. କେ. ହୋତା ଅଭିନନ୍ଦନ ଜଣାଇଥିଲେ। ଏହାସହ ଆଗାମୀ ଦିନରେ ଅନୁଷ୍ଠାନର ନାମ ବଜାୟ ରଖିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ବିଭିନ୍ନ ଇଭେଣ୍ଟରେ ପ୍ରଥମ ପୁରସ୍କାର ଜିତିଥିବା ଛାତ୍ରୀଛାତ୍ରମାନେ ଆସନ୍ତା ନଭେମ୍ବର ୨୬ ଓ ୨୭ ତାରିଖରେ ତେଲଙ୍ଗାନାର ହାଇଦ୍ରାବାଦଠାରେ ହେବାକୁ ଥିବା ଜାତୀୟ ସମ୍ମିଳନୀରେ ଯୋଗ ଦେବେ ବୋଲି ଜଣାପଡିଛି।


ଚାମ୍ପିୟନ ଟ୍ରଫି ହାସଲ କରିଥିବା ଛାତ୍ରୀଛାତ୍ର।

# ପୋଡ଼ାଜଳା ରୋଗୀଙ୍କ ସେବାରେ ଲାଗୁନି ଏସି

ରାଉରକେଲା,୫।୯(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ସରକାରୀ ଡାକ୍ତରଖାନାରେ ପୋଡାଜଳା ରୋଗୀମାନଙ୍କ ପାଇଁ ୬ଟି ଉତ୍କୃଷ୍ଟ ମାନର ପ୍ରକୋଷ୍ଠ ରହିଛି। ପ୍ରତି ପ୍ରକୋଷ୍ଠରେ ଉନ୍ନତ ଶଯ୍ୟା, ଫ୍ୟାନ ଓ ଶୀତତାପ ଯନ୍ତ୍ରମାନ ରହିଛି। ମାତ୍ର ପରିତାପର ବିଷୟ ପୋଡାଜଳା ବିଭାଗ ଶୀତତାପ ଯନ୍ତ୍ର (ଏସି) ବ୍ୟବହାର ହେଉନାହିଁ। ଫଳରେ ବିଭାଗରେ ଚିକିତ୍ସିତ ହେଉଥିବା ରୋଗୀମାନେ ଯନ୍ତ୍ରଣା ଭୋଗୁଥିବା ପ୍ରକାଶ କରିଛନ୍ତି। ଏ ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ବ୍ୟବସ୍ଥାରେ ସୁଧାର ହେଉନାହିଁ। ଆରଜିଏଚ୍‌ର ଏହି ବିଭାଗରେ ସର୍ବଦା ପୋଡାଜଳା ରୋଗୀଙ୍କ ଭିଡ଼ ରହୁଛି। ସୋମବାର ପୋଡାଜଳା ବିଭାଗରେ ରୋଗୀମାନେ ଏସି ସୁବିଧା ପାଇ ନ ଥିବା କହିଛନ୍ତି। ଏ ନେଇ ଆର୍‌ଜିଏଚ୍ ନିର୍ଦ୍ଦେଶକ ସନ୍ତୋଷ ସ୍ୱାଇଁଙ୍କୁ ପଚାରିବାରୁ ତୁରନ୍ତ ଏସି ବ୍ୟବହାର ପାଇଁ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# କେନ୍ଦ୍ର ସରକାର ଗାଦିଚ୍ୟୁତ ନ ହେଲେ ଦେଶ ରସାତଳଗାମୀ ହେବ

ରାଉରକେଲା,୫।୯(ଦିନେଶ ମିଶ୍ର)

## ସିଆଇଟିୟୁ କାର୍ଯ୍ୟକାରିଣୀର ଦ୍ୱିତୀୟ ଦିବସ

ରାଉରକେଲା ସିଆଇଟିୟୁର ଜାତୀୟ କାର୍ଯ୍ୟକାରିଣୀ ବୈଠକର ମଙ୍ଗଳବାର ଦ୍ୱିତୀୟ ଦିନରେ ସଙ୍ଗଠନର ସର୍ବଭାରତୀୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ଏମ୍‌ପି ତପନ ସେନ୍ ଯୋଗଦେଇ କେନ୍ଦ୍ର ସରକାରଙ୍କ ଶୋଷଣନୀତି ଓ ଦରବୃଦ୍ଧି, ବେକାରୀ ସମସ୍ୟା ଉପରେ ଆଲୋଚନା କରିଥିଲେ। ୨୦୧୪ ପରେ ଦେଶରେ ଭାଜପା ନେତୃତ୍ୱାଧୀନ ମୋଦି ସରକାର କ୍ଷମତାକୁ ଆସିଲା ପରେ ସାଧାରଣ ଲୋକଙ୍କ ଜୀବନ ଜୀବିକା ଉପରେ ପ୍ରଭାବ ପଡିଛି ବୋଲି ପୂର୍ବତନ ଏମ୍‌ପି ସେନ ମତବ୍ୟକ୍ତ କରିଥିଲେ। ଆଚ୍ଛାଦିନ୍‌ର ସ୍ଲୋଗାନ ଦେଇ ଦରଦାମ ନିୟନ୍ତ୍ରଣ, ବର୍ଷକୁ ୨ କୋଟି ନିଯୁକ୍ତି, ପ୍ରତି ପରିବାର ବ୍ୟାଙ୍କ ଖାତାରେ ୧୫ ଲକ୍ଷ ଟଙ୍କା ପ୍ରଦାନ, ବିଦେଶରୁ କଳାଧନ ଫେରାଇ ଆଣିବା ଭଳି ଅନେକ ମିଥ୍ୟା ପ୍ରତିଶ୍ରୁତି ଦେଇ ମୋଦି ସରକାର କ୍ଷମତା ଦଖଲ କରିଥିଲେ। ମାତ୍ର କେନ୍ଦ୍ର ସରକାରଙ୍କ ୯ ବର୍ଷ ଶାସନ କାଳ ଭିତରେ ଏସବୁ କୌଣସି କାର୍ଯ୍ୟ ହୋଇପାରିଲା ନାହିଁ। ବରଂ ଗରିବ ଜନସାଧାରଣଙ୍କୁ କେନ୍ଦ୍ର ସରକାର ଭୂଆଁ ବୁଲାଇ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦରଦାମ୍ ଆକାଶ ଛୁଆଁ କରି ଲୋକଙ୍କୁ ଠକିବାକୁ ଲାଗିଲେ। ଦେଶର ସାଧାରଣ ଲୋକଙ୍କଠାରୁ ମୋଦି ସରକାର ଲୁଟି କରି କର୍ପୋରେଟ ସଂସ୍ଥା ଓ ବୃହତ୍ ପୁଞ୍ଜିପତିଙ୍କୁ ପୋଷିବାକୁ ଲାଗିଲେ। ଦେଶର ଶ୍ରମିକମାନଙ୍କ ସ୍ୱାର୍ଥରେ ଥିବା ୪୪ଟି ଶ୍ରମ ଆଇନକୁ ପରିବର୍ତ୍ତନ କରି ୪ଟି ଶ୍ରମ କୋର୍ଡ କରି ଶ୍ରମିକମାନଙ୍କୁ କ୍ରୀତଦାସ ଭାବେ ଖଟାଇ ଚାଲିଲେ। ତେଣୁ ଏହି ଜନବିରୋଧୀ, ଶ୍ରମିକ ଓ କୃଷକ ବିରୋଧୀ ସରକାରଙ୍କୁ ୨୦୨୪ ନିର୍ବାଚନରେ ଗାଦିଚ୍ୟୁତ ନ କଲେ ଦେଶ ଓ ଜନଗଣ ରସାତଳଗାମୀ ହେବ ବୋଲି ସେନ ମତବ୍ୟକ୍ତ କରିଥିଲେ। ବୁଧବାର ଶେଷ ଦିନରେ ଆଗାମୀ ଆନ୍ଦୋଳନ ଖସଡା ପ୍ରସ୍ତୁତି ସହ ରଣନୀତି ପ୍ରସ୍ତୁତ କରାଯିବ ବୋଲି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି ସୂଚନା ଦେଇଛନ୍ତି।




# ୨ମାସରେ ସ୍ଥାପିତ ହେବ ହକି ସ୍ମାରକୀ

ରାଉରକେଲା,୫।୯(ବିପ୍ଲବ ରଞ୍ଜନ ଦାଶ)

୨୦୨୩ ପୁରୁଷ ହକି ବିଶ୍ୱକପ ରାଉରକେଲା ବିମାନ ବନ୍ଦର ଛକରେ ୩୦ଲକ୍ଷ ଟଙ୍କା ବ୍ୟୟଦରେ ଏକ ବିଶାଳକାୟ ହକି ସ୍ମାରକୀ ସ୍ଥାପିତ ହୋଇଥିଲା। ମାତ୍ର ୧୦ମିନିଟ ଝଡ଼ପବନରେ ଏହି ସ୍ମାରକୀ ଗତ ଜୁନ ୧୦ ତାରିଖରେ ଟଳିପଡିଥିଲା। ତେବେ ୮ମାସ ପରେ ଉକ୍ତ ସ୍ମାରକୀକୁ ଆରଏମସି ପକ୍ଷରୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଏବେ ପୁନଶ୍ଚ ଉକ୍ତ ସ୍ଥାନରେ ଏକ ବିଶାଳକାୟ ହକି ସ୍ମାରକୀ ସ୍ଥାପନ ହେବାର ଯୋଜନା ପ୍ରସ୍ତୁତ ହୋଇଥିବା ଜଣାପଡିଛି। ଏ ନେଇ ରାଉରକେଲା ମହାନଗର ନିଗମ ଆୟୁକ୍ତ ଡା. ଶୁଭଙ୍କର ମହାପାତ୍ର କୁହନ୍ତି, ୨ମାସ ମଧ୍ୟରେ ନୂତନ ଉନ୍ନତମାନର ସୁରକ୍ଷା ବଳୟଘେରା ବିଶାଳକାୟ ସ୍ମାରକୀ ସ୍ଥାପନ ହେବ। ଯେହେତୁ ପାଖରେ ବିମାନ ବନ୍ଦର ରହିଛି ସେହି ଦୃଷ୍ଟିରୁ ଉଚ୍ଚତାକୁ ନେଇ ବିଶେଷ ଧ୍ୟାନ ଦିଆଯିବ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୬ ସେପ୍ଟେମ୍ବର, ୨୦୨୩



## ସଂକ୍ଷେପରେ

### ହାଇସ୍କୁଲ ଶିକ୍ଷକଙ୍କ କୌଶଳୀ ତାଲିମ ଉଦ୍‌ଯାପିତ

**କୁଚିଣ୍ଡା,୫।୯(ବିରଞ୍ଚି ଦର୍ଜୀ):** କୁଚିଣ୍ଡା ବ୍ଲକ ଅନ୍ତର୍ଗତ ଚନ୍ଦନିମାଲ ହୀରାଧର ଯୁବକ ସଂଘ ହାଇସ୍କୁଲରେ ତିନିଦିନ ଧରି ଚାଲିଥିବା କୌଶଳୀ ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କୁଚିଣ୍ଡା ବ୍ଲକର ସମସ୍ତ ହାଇସ୍କୁଲ ସମେତ ଋଷିକୁଳ ସଂସ୍କୃତ ହାଇସ୍କୁଲର ଶିକ୍ଷୟିତ୍ରୀଶିକ୍ଷକ ତାଲିମ ଗ୍ରହଣ କରିଥିଲେ। ଛାତ୍ରୀଛାତ୍ର ସ୍ୱଳ୍ପ ସମୟ ମଧ୍ୟରେ ଶୈକ୍ଷିକ ବିକାଶ ସହ ଅଧିକ କମ୍ପ୍ୟୁଟର ଜ୍ଞାନ ଆହରଣ କରି ସ୍ମାର୍ଟ କ୍ଲାସ ଏବଂ ଇ-ଲାଇବ୍ରେରିର ସଫଳ ରୂପାୟନ ଶିବିରର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥିମାନେ କହିଥିଲେ। ହାଇସ୍କୁଲ ପ୍ରଧାନ ଶିକ୍ଷକ କମଳଲୋଚନ ବେହେରାଙ୍କ ସଭାପତିତ୍ୱରେ ଗତ ୧ତାରିଖରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସ୍କୁଲ ପରିଚାଳନା କମିଟି ସଭାପତି ଉଷତରାମ ପଟେଲ ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରମୋଦ ପଟେଲ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ପ୍ରଶାନ୍ତ କୁମାର ପଟେଲ ଓ ମନୋଜ କୁମାର ସାହୁ ତାଲିମାର୍ଥୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ତିନିଦିନ ଧରି ପ୍ରଶିକ୍ଷଣ ନେଇଥିବା ବିଭିନ୍ନ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ନିଜର ଅନୁଭୂତି ପ୍ରକାଶ କରିଥିଲେ। ଶେଷରେ ସଂସ୍କୃତ ଶିକ୍ଷକ ଭିଭୂତି ଭୂଷଣ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

### ଧୋବିଯୋର ନର୍ଦ୍ଦମା ପାଣି କେନାଲରେ ମିଶୁଛି

**ସମ୍ବଲପୁର,୫।୯(ଶୁଭାଶିଷ ପାଢ଼ୀ):** ସ୍ଥାନୀୟ କମିଶନର କଲୋନୀ ହାଇସ୍କୁଲ ପଛପଟେ ନିର୍ମିତ ଧୋବିଜୋର ବନ୍ୟାଞ୍ଚଳ ନିଷ୍କାସନ ପ୍ରକଳ୍ପ ଦ୍ୱାରା ସହରର ନର୍ଦ୍ଦମା ପାଣି ବାହାରି ହରଡ଼ ଜୋର କେନାଲରେ ମିଶୁଛି। ହରଡ଼ ଜୋର ଉପରେ ଗୋବିନ୍ଦତୋଳା, ଧନୁପାଲି, ମାଲତିଯୋର, ଖଣ୍ଡୁଆଲ ଅଞ୍ଚଳର ହଜାର ସଂଖ୍ୟାରେ ଲୋକ ନିର୍ଭର କରନ୍ତି। ନର୍ଦ୍ଦମା ପାଣି ମିଶୁଥିବାରୁ ଲୋକଙ୍କୁ ଚର୍ମରୋଗ, ଯକ୍ଷ୍ମା ଭଳି ରୋଗ ହେବାର ଆଶଙ୍କା ରହିଛି। ଆଇନଜୀବୀ ସୁରେନ୍ଦ୍ର ଥାପା, ସ୍ଥାନୀୟ ଅଞ୍ଚଳର ସାଧାରଣ ଲୋକେ ଅନେକଥର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ସୁଫଳ ମିଳିନାହିଁ। ଶୀଘ୍ର ଆନିକଟ ନିର୍ମାଣ କିମ୍ବା ନର୍ଦ୍ଦମା ପାଣିକୁ ଫିଲ୍ଟର କରିବା ବ୍ୟବସ୍ଥା କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### ସନାତନ ଧର୍ମ ପ୍ରତି କଟୁ ମନ୍ତବ୍ୟ, ବିଶ୍ୱହିନ୍ଦୁ ପରିଷଦର ନିନ୍ଦା

**ସମ୍ବଲପୁର,୫।୯(ଶୁଭାଶିଷ ପାଢ଼ୀ):** ସନାତନ ଧର୍ମକୁ ସମାପ୍ତ ଉଦ୍ଦେଶ୍ୟରେ ତାମିଲନାଡୁର ଜଣେ ମନ୍ତ୍ରୀ ଦେଇଥିବା ମନ୍ତବ୍ୟକୁ ବିଶ୍ୱ ହିନ୍ଦୁ ପରିଷଦ ପଶ୍ଚିମ ଓଡ଼ିଶା ପକ୍ଷରୁ ନିନ୍ଦା କରାଯାଇଛି। ଏହା ସହ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ତାମିଲନାଡୁର ସମ୍ପୃକ୍ତ ମନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରିଷଦ ପକ୍ଷରୁ ଦୃଢ଼ ଦାବି ହୋଇଛି। ହିନ୍ଦୁ ରିଲିଜିଅନ୍ ଆକ୍ଟ ଅନୁଯାୟୀ କଠୋର ଦଫା ଲଗାଇ ଆଇନ ଅନୁଯାୟୀ ଦଣ୍ଡିତ କରାଯିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଏପରି କି ଦେଶଦ୍ରୋହ ମାମଲା ରୁଜୁ କରାଯିବାକୁ ଦାବି କରାଯାଇଛି । ବଜରଙ୍ଗଦଳ ପଶ୍ଚିମପ୍ରାନ୍ତ ସଂଯୋଜକ ସୁଧୀର ବହିଦାର, ବିଶ୍ୱହିନ୍ଦୁ ପରିଷଦର ପ୍ରଦିପ କୁମାର ବହିଦାର, ରାଜକୁମାର ବଡପଣ୍ଡା, ରାଜୀବ କୁମାର ଶତପଥୀ, ଅତନୁ ଘୋଷ, ସୋମିକ ବାବୁ, ବିପିନ ଗଡନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ମୋ ମାଟି ମୋ ଦେଶ ଜିଲାସ୍ତରୀୟ କାର୍ଯ୍ୟକ୍ରମ

**ସମ୍ବଲପୁର,୫।୯(ବି.ଶଙ୍କର):** ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ଭାଜପା ପକ୍ଷରୁ ମଙ୍ଗଳବାର ମୋ ମାଟି ମୋ ଦେଶ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଜେଲଛକରୁ ୭ ଗୋଟି ରଥର ଶୁଭାରମ୍ଭ ହୋଇଥିଲା। ଏହି ରଥ ସମ୍ବଲପୁର ଲୋକ ସଭା ଅନ୍ତର୍ଗତ ୭ ବିଧାନସଭା, ପଞ୍ଚାୟତ ସହ ସବୁ ସହରାଞ୍ଚଳ ଭ୍ରମ କରିବ। ଦେଶ ପାଇଁ ବଳିଦାନ ଦେଇଥିବା ଶହିଦ ବୀରଙ୍କୁ ସମ୍ମାନ ଜଣାଇ ତାଙ୍କ ଜନ୍ମସ୍ଥାନର ପବିତ୍ର ମାଟି ସଂଗ୍ରହ କରାଯାଇ ନୂଆଦିଲ୍ଲୀକୁ ପଠାଯିବ। ଜେଲ ଛକରେ ବୀର ସୁରେନ୍ଦ୍ର ସାଏ ଓ ଶହୀଦ ସ୍ତମ୍ଭରେ ମାଲ୍ୟାର୍ପଣ ପରେ ଏହା ଶୁଭାରମ୍ଭ ହୋଇଥିଲା। ଏଥିରେ ଭାଜପା ଜିଲା ସଭାପତି ଗିରିଶ ପଟେଲ, ଜିଲା ସାଧାରଣ ସମ୍ପାଦକ ଅନିଲ ବେହେରା, ସୀମାଞ୍ଚଳ ଖଟେଇ ପ୍ରମୁଖ ଉପସ୍ଥିତ ଥିଲେ ।

# ସଚେତନତା ପାଇଁ ମୁଁ ବି ମିତା ଅଭିଯାନ

ସମ୍ବଲପୁର,୫।୯(ଶୁଭାଶିଷ ପାଢ଼ୀ)



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ଜିଲାସ୍ତରୀୟ ମୁଁ ବି ମିତା ଅଭିଯାନ ଶୁଭାରମ୍ଭ ହୋଇଛି। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଅନନ୍ୟା ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଅଭିଯାନର ଶୁଭାରମ୍ଭ କରିଥିଲେ। ଭୋଟର ତାଲିକାରେ ସଂକ୍ଷିପ୍ତ ସଂଶୋଧନ ସହ ନୂତନ ଭୋଟର ନାମ ପଞ୍ଜୀକରଣ ନିମନ୍ତେ ସଚେତନତା ସୃଷ୍ଟି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ରେଙ୍ଗାଲି ଓ ସମ୍ବଲପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ମହାବିଦ୍ୟାଳୟରୁ ଚୟନ ହୋଇ ଆସିଥିବା ୨୫ ଛାତ୍ରୀଙ୍କୁ ମୁଁ ବି ମିତା କ୍ୟାମ୍ପସ ଆମ୍ବାସଡର ଭାବେ ଘୋଷଣା କରାଯାଇଥିଲା। ଭୋଟର ତାଲିକାରେ ନାମ ପଞ୍ଜୀକରଣ ପାଇଁ ଅନ୍ୟମାନଙ୍କୁ ଉତ୍ସାହିତ କରିବାକୁ ପଞ୍ଚାସୀନ ଅତିଥିମାନେ ମତପ୍ରକାଶ କରିଛନ୍ତି। ବୈଠକରେ ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି, ସଦର ଉପଜିଲାପାଳ ପ୍ରଭାସ ଦଣ୍ଡସେନା, ସଦର ତହସିଲଦାର ଲକ୍ଷ୍ମଣ ଅମାତ, ଡେପୁଟି କଲେକ୍ଟର ଆଦିତ୍ୟ ପାଢୀ, ଏନ୍‌ଫୋର୍ସମେଣ୍ଟ ଅଫିସର ଶୁଭଙ୍କର ମହାନ୍ତି, ସହକାରୀ ଜିଲାପାଳ (ନିର୍ବାଚନ) ଜ୍ୟୋତିର୍ମୟୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଡେପୁଟି କଲେକ୍ଟର (ନିର୍ବାଚନ) ସୁଶାନ୍ତ ସାହୁ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। କୁଚିଣ୍ଡା, ରେଢ଼ାଖୋଲ ଉପଖଣ୍ଡରେ ମଧ୍ୟ ଏହି ଅଭିଯାନର ଶୁଭାରମ୍ଭ ହୋଇଛି। ଯେଉଁମାନଙ୍କର ୧ ଜାନୁୟାରୀ, ୧ ଏପ୍ରିଲ, ୧ ଜୁଲାଇ କିମ୍ବା ୧ ଅକ୍ଟୋବର ସୁଦ୍ଧା ୧୮ବର୍ଷ ହେଉଛି ସେମାନେ ନୂଆ ଭୋଟର ଭାବେ ପଞ୍ଜୀକରଣ ପାଇଁ ଆଗୁଆ ଆବେଦନ କରିପାରିବେ ବୋଲି କୁହାଯାଇଛି।

### ଭୋଟର ସଂଶୋଧନ କାର୍ଯ୍ୟରେ ସାମିଲ ପାଇଁ ପରାମର୍ଶ

**କୁଚିଣ୍ଡା,୫।୯(ବିରଞ୍ଚି ଦର୍ଜୀ) :** ଆସନ୍ତା ଜାନୁୟାରୀ ୧ ସୁଦ୍ଧା ଭୋଟର ତାଲିକା ସଂଶୋଧନ ଓ ସଂଯୋଗୀକରଣକୁ ଚୂଡ଼ାନ୍ତ ରୂପରେଖ ଦେବା ଲକ୍ଷ୍ୟରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଜାରି ଆଦେଶନାମା ଅନୁଯାୟୀ ମଙ୍ଗଳବାର କୁଚିଣ୍ଡାରେ 'ମୁଁ ବି ମିତା' ଅଭିଯାନର ଶୁଭାରମ୍ଭ ହୋଇଛି। ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ହୋଇଥିବା କାର୍ଯ୍ୟକ୍ରମରେ ଉପଜିଲାପାଳ ବିଭୂତିଭୂଷଣ ନାୟକ ଅଧ୍ୟକ୍ଷତା କରି ଅଂଶଗ୍ରହଣକାରୀ ଛାତ୍ରୀଙ୍କୁ ଭୋଟର ସଂଶୋଧନ କାର୍ଯ୍ୟକ୍ରମରେ ସାମିଲ ହେବାକୁ ପରାମର୍ଶ ଦେଇଥିଲେ। ପରେ ଉପସ୍ଥିତ ଛାତ୍ରୀଙ୍କୁ ଭୋଟର ତାଲିକା ସଂଶୋଧନ, ଅନ୍‌ଲାଇନ ମାଧ୍ୟମରେ ନୂତନ ଭୋଟର ପଞ୍ଜିକରଣ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। ଏଥିରେ କୁଚିଣ୍ଡା ଉପଖଣ୍ଡର କୁଚିଣ୍ଡା, ବାମରା ଓ ଜମନକିରା ଅଞ୍ଚଳର ସମସ୍ତ ଡିଗ୍ରୀ ଓ ଯୁକ୍ତଦୁଇ କଲେଜର ଛାତ୍ରୀ ପ୍ରତିନିଧି ଯୋଗଦେଇଥିଲେ। ସହକାରୀ ଜିଲାପାଳ ଭାସ୍କର ଚନ୍ଦ୍ର ବେହେରା ସ୍ୱାଗତ ଭାଷଣ ଓ ଅନ୍ୟତମ ସହକାରୀ ଜିଲାପାଳ ଲୋଚନ ଶବର ଧନ୍ୟବାଦ ଦେଇଥିଲେ।

# ଗଞ୍ଜେଇ ଚାଲାଣ: ୪ ଗିରଫ

**ସମ୍ବଲପୁର,୫।୯(ଶୁଭାଶିଷ ପାଢ଼ୀ):** ସମ୍ବଲପୁର ସଦର ପୋଲିସ ଗଞ୍ଜେଇ ଚୋରା ଚାଲାଣ ଘଟଣାରେ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଛତିଶଗଡ ତୁମୁଲା ଥାନା ସରତୋଲି ଗ୍ରାମର କରଣ ଚୌହାନ, ଅନୀଳ ସୈଦାର, ସନ୍ନେଶ୍ୱର ଚୌହାନ ଓ କନ୍ଧମାଳର ଈଶ୍ୱର ଦିଗାଲ। ସେମାନଙ୍କ ନିକଟରୁ ୧ ଲକ୍ଷ ୨୦ ହଜାର ଟଙ୍କା ସହ ୪ ମୋବାଇଲ, ଗୋଟିଏ ବାଇକ୍ (ଓଆର୧୨ଏ-୪୯୯୬), କାର୍ (ଜେଏଚ୍୦୧ଜି-୧୦୫୦) ଜବତ ହୋଇଛି। ଏ ନେଇ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁସାରେ କନ୍ଧମାଳ ଜିଲା ଗୋଛାପଡାରୁ କାର୍‌ରେ ଗଞ୍ଜେଇ ନେଇ ଅଭିଯୁକ୍ତମାନେ ଛତିଶଗଡ଼ ଜସପୁରକୁ ଚାଲାଣ କରୁଥିଲେ। ପୋଲିସ ସୂଚନା ପାଇ ରାଣନପୁର କଲ୍ୟାଣମଣ୍ଡପ ନିକଟରେ କାର୍‌କୁ ଅଟକାଇଥିଲେ। ଯାଞ୍ଚ କରିବା ପରେ ୨୧ କେଜି ଗଞ୍ଜେଇ ସହ ନଗଦ ଟଙ୍କା ରହିଥିଲା। ଅଭିଯୁକ୍ତ ଦିଗାଲଙ୍କ ବାପା ପୂର୍ବରୁ ଗଞ୍ଜେଇ ଚାଲାଣ ମାମଲାରେ ଫୁଲବାଣି ଜେଲରେ ଥିବା ପୋଲିସ କହିଛି।

# ଲିଙ୍ଗଗତ ବୈଷମତା ଶୀର୍ଷକ ସଚେତନତା ଶିବିର

ସମ୍ବଲପୁର,୫।୯(ବି.ଶଙ୍କର)

ହୀରାକୁଦ ହିଣ୍ଡାଲ୍‌କୋ ପକ୍ଷରୁ ତାରାସିଂପଡ଼ାଠାରେ ଲିଙ୍ଗଗତ ବୈଷମତା ଶୀର୍ଷକ ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ସମ୍ବଲପୁର କ୍ଲଷ୍ଟର ମୁଖ୍ୟ କୈଳାଶ ନାଥ ପାଣ୍ଡେଙ୍କ ମାର୍ଗଦର୍ଶନ, ଯୁଗ୍ମ ସଭାପତି ମାନବ ସମ୍ବଳ କ୍ରିଷ୍ଣା ପାଢ଼ୀ ଓ ଏଫ୍‌ଆର୍‌ପି ମୁଖ୍ୟ ସୌମିତ୍ର ରାୟଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଅଞ୍ଚଳର ମହିଳା ଯୋଗଦେଇଥିଲେ। ସମାଜରେ ନାରୀମାନେ ପୁରୁଷମାନଙ୍କ ସହ ସମକକ୍ଷ ହେଲେଣି ବୋଲି ହିଣ୍ଡାଲ୍‌କୋର କର୍ମକର୍ତ୍ତା ମତବ୍ୟକ୍ତ କରିଥିଲେ। ଏଥିରେ ମହିଳାମାନଙ୍କୁ ଲିଙ୍ଗଗତ ପ୍ରଭେଦ ଉପରେ ବିଭିନ୍ନ ଖେଳ ଓ ପ୍ରଶ୍ନ ମାଧ୍ୟମରେ ସଚେତନ କରାଯାଇଥିଲା। ଶିବାନୀ ଭୋଇ, ସୁନନ୍ଦା ନନ୍ଦ, ଈଷା କନ୍ଧ, ସୁନି ମହାନନ୍ଦ, ସ୍ମୃତି ଲୁହାର, ନୀଳିମା କୁମ୍ଭାର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମାଳୀ, କୁମ୍ଭାର ଜାତିକୁ ଆଦିବାସୀ ମାନ୍ୟତା ଦେବାକୁ ବିରୋଧ

ସମ୍ବଲପୁର,୫।୯(ବି.ଶଙ୍କର)


ଆର୍‌ଡିସି ଅଫିସକୁ ଯାଉଛନ୍ତି ଆଦିବାସୀ ମହାସଂଘ ପ୍ରତିନିଧି।

ରାଜ୍ୟରେ ମାଳି ଓ କୁମ୍ଭାର ଜାତିକୁ ଆଦିବାସୀ ମାନ୍ୟତା ଦେବାକୁ ଓଡ଼ିଶା ରାଜ୍ୟ ଆଦିବାସୀ ପରିଷଦର ସୁପାରିଶକୁ ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ଦୃଢ଼ ବିରୋଧ କରିଛି। ଏ ନେଇ ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ନେତୃତ୍ୱରେ ପଶ୍ଚିମ ଓଡ଼ିଶାର ୧୦ ଜିଲା ସଂଘର ସଭାପତି ଓ ପ୍ରତିନିଧି ମଙ୍ଗଳବାର ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି) କାର୍ଯ୍ୟାଳୟରେ ଏକତ୍ରିତ ହୋଇଥିଲେ। ସେମାନେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଆର୍‌ଡିସିଙ୍କ ସଚିବ ସୁକାନ୍ତ କୁମାର ତ୍ରିପାଠୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

ଦାବିପତ୍ରରେ ଦର୍ଶାଯାଇଛି, ରାଜ୍ୟରେ ଆଦିବାସୀଙ୍କ ପାଇଁ ୨୨ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରହିଛି। ଏଥିରେ ପୂର୍ବରୁ ଅନେକ ବର୍ଗର ଲୋକଙ୍କୁ ସାମିଲ କରାଯାଇଛି। ଫଳରେ ଆଦିବାସୀଙ୍କ ପାଇଁ ଉଦ୍ଦିଷ୍ଟ ସୁବିଧାସୁଯୋଗ ଅନ୍ୟମାନେ ପାଉଛନ୍ତି।

**ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ୧୦ଜିଲାର ପ୍ରତିନିଧିଙ୍କ ଦାବିପତ୍ର**

ବର୍ତ୍ତମାନ ଓଡ଼ିଶା ରାଜ୍ୟ ଆଦିବାସୀ ପରିଷଦ ମାଳି ଓ କୁମ୍ଭାର ଜାତିକୁ ଆଦିବାସୀ ମାନ୍ୟତା ଦେବାକୁ ଯୋଜନା କରୁଛି। ଏହା ସମସ୍ୟା ସୃଷ୍ଟି କରିବା ଆଶଙ୍କା ଥିବାରୁ ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ଦୃଢ଼ ବିରୋଧ କରୁଛି। ଆଗକୁ ଏହି ପ୍ରକ୍ରିୟାରୁ ନିବୃତ୍ତ ନ ହେଲେ ଆନ୍ଦୋଳନ ଦୁର୍ବାର ହେବ ବୋଲି ମହାସଂଘ ସଭାପତି ପ୍ରଶାନ୍ତ କୁମାର ହାଓ ସୂଚିତ କରିଛନ୍ତି। ପ୍ରତିନିଧି ଦଳରେ ମହାସଂଘ ଉପସଭାପତି ସୁରେଶ ଭୋଇ, ସମ୍ବଲପୁର ଜିଲା ସଭାପତି ଆଲବଟ କେରକେଟାଙ୍କ ସମେତ ବଲାଙ୍ଗୀର, ବରଗଡ, ନୂଆପଡ଼ା, ବୌଦ୍ଧ, ସୋନପୁର, ଝାରସୁଗୁଡ଼ା, ଦେବଗଡ଼, ସୁନ୍ଦରଗଡ଼, କଳାହାଣ୍ଡି ଜିଲାର କର୍ମକର୍ତ୍ତା ସାମିଲ ଥିଲେ।

### ଶିଶୁ ବିଦ୍ୟାମନ୍ଦିରରେ ଗୁରୁଦିବସ, ପ୍ରତିଷ୍ଠା ଦିବସ

**କୁଚିଣ୍ଡା,୫।୯(ବିରଞ୍ଚି ଦର୍ଜୀ):** ବାମରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରସ୍ଥିତ ଶକୁନ୍ତଳା ଦେବୀ ଲାଠ ବିଦ୍ୟାଭବନ ପରିସରରେ ଗୁରୁଦିବସ ଓ ବିଦ୍ୟାଳୟ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ନରେନ୍ଦ୍ର କୁମାର ଜିତଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରତିଷ୍ଠାତା ସମ୍ପାଦକ ଜ୍ୟୋତି କୁମାର ଲାଠ ମୁଖ୍ୟଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମୈଥିଳି ଦାଣ୍ଡିଆ ଗୁରୁ ଶିଷ୍ୟ ପରମ୍ପରା ସମ୍ପର୍କ ଉପରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଡ. ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ମୃତ୍ୟୁଞ୍ଜୟ ଶର୍ମା ସ୍ୱାଗତ ଭାଷଣ ପ୍ରଦାନ ଓ ବାସୁଦେବ ତାଣ୍ଡିଆ ସଭା ପରିଚାଳନା କରିଥିଲେ। ପରେ ଛାତ୍ରୀଛାତ୍ର ଗୁରୁପୂଜନ କରିଥିଲେ। ଶେଷରେ ଗୁରୁ ମା' ଅନିତା ସାହୁ ଧନ୍ୟବାଦ ଦେଇଥିଲେ।

# ରାଧାକ୍ରିଷ୍ଣନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

**କୁଚିଣ୍ଡା,୫।୯(ବିରଞ୍ଚି ଦର୍ଜୀ):** କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁଟୁରାଚୁଆଁ ଯୁକ୍ତଦୁଇ କଲେଜରେ ସୋମବାର ୩୩ତମ ପ୍ରତିଷ୍ଠା ଦିବସ ଓ ଗୁରୁଦିବସ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ନିଳାଞ୍ଚଳ ତିୱାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟଅତିଥି, ପୂର୍ବତନ ବିଧାୟକ ବୃନ୍ଦାବନ ମାଝି ମୁଖ୍ୟବକ୍ତା, ଉପଜିଲାପାଳ ବିଭୂତି ଭୂଷଣ ନାୟକ, ଜିଲାପରିଷଦ ସଭ୍ୟ ଅଜିତ ମହାପାତ୍ର, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୁରୁଶିଷ୍ୟ ପରମ୍ପରାକୁ ବଜାୟ ରଖି ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେଲେ ଏହା ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ହେବ ବୋଲି କହିଥିଲେ। ପ୍ରାରମ୍ଭରେ ଅତିଥିଗଣ ସମଲେଶ୍ୱରୀ ଓ ରାଧାକ୍ରିଷ୍ଣନଙ୍କ ଫଟୋଚିତ୍ରରେ ଦୀପ ପ୍ରଜ୍ୱଳନ ପୂର୍ବକ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ପରେ ବିଧାୟକ ନାଏକ ୫-ଟି ରୂପାନ୍ତରୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ଅତିଥିମାନେ ପ୍ରାଚୀର ପତ୍ରିକାର ଉନ୍ମୋଚନ କରିବା ସହ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଅଧ୍ୟାପିକା ଭାବନା ପାଣ୍ଡେ ବାର୍ଷିକ ବିବରଣୀ ପାଠ ଓ ଅଧ୍ୟାପକ ସତ୍ୟନାରାୟଣ ପଟେଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ କୃଷ୍ଣଚନ୍ଦ୍ର ପୂଜାରୀ ସଭା ପରିଚାଳନା କରିଥିବା ବେଳେ ଶେଷରେ ଅଧ୍ୟାପକ ସୁଧିର ନାଏକ ଧନ୍ୟବାଦ ଦେଇଥିଲେ।

# ଶିକ୍ଷାକେନ୍ଦ୍ରରେ ଗୁରୁ ଦିବସ

### ବିବେକାନନ୍ଦ ଶିକ୍ଷାକେନ୍ଦ୍ର

**ସମ୍ବଲପୁର,୫।୯(ଶୁଭାଶିଷ ପାଢୀ):** ସମ୍ବଲପୁର ବଡ଼ବଜାରସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଗୁରୁ ଦିବସ ଓ ଭାରତର ପୂର୍ବତନ ରାଷ୍ଟ୍ରପତି ଭାରତରତ୍ନ ଡ଼. ସର୍ବପଲ୍ଲୀ ରାଧାକୃଷ୍ଣନ ଜୟନ୍ତୀ ପାଳିତ ହୋଇଛି। ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷା ବବିତା ଦାସଙ୍କ ଅଧ୍ୟକ୍ଷତାରେ ସଂସ୍କୃତିରତ୍ନ କାର୍ତ୍ତିକ ପ୍ରସାଦ ବହିଦାର ମୁଖ୍ୟଅତିଥି ଓ ଖବରଦାତା ହରିଶଙ୍କର ସମ୍ମାନିତ ଅତିଥିଭାବେ ଯୋଗ ଦେଇ ଗୁରୁ ଶିଷ୍ୟ ପରମ୍ପରା ଆବାହମାନ କାଳରୁ ରହିଆସିଛି ବୋଲି ମତବ୍ୟକ୍ତ କରିଥିଲେ।

### ମହିଳା କଲେଜ

**ସମ୍ବଲପୁର,୫।୯(ଶୁଭାଶିଷ ପାଢ଼ୀ) :** ସରକାରୀ ମହିଳା ମହାବିଦ୍ୟାଳୟରେ ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳଙ୍କ ସଭାପତିତ୍ୱରେ ଗୁରୁ ଦିବସ ପାଳିତ ହୋଇଛି। ଆଇଆଇଏମ୍ ସମ୍ବଲପୁରର ପ୍ରଫେସର ସୁଜିତ କୁମାର ପୃଷେଠ ମୁଖ୍ୟଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରଫେସର ଉମାଶଙ୍କର ଦାଶ ଅତିଥି ପରିଚୟ ଓ ପ୍ରଫେସର ଭୋଜରାଜ ରୋହିଦାସ ଧନ୍ୟବାଦ ଦେଇଥିଲେ।



ବୁର୍ଲା ଡିଏଭି ସ୍କୁଲରେ ଗୁରୁଦିବସ ।

### ଡିଏଭି ସ୍କୁଲ

**ସମ୍ବଲପୁର,୫।୯(ବି. ଶଙ୍କର) :** ବୁର୍ଲା ଡିଏଭି ସ୍କୁଲରେ ଗୁରୁଦିବସ ଅବସରରେ ରକ୍ତଦାନ ଶିବିର ଓ ସ୍ୱଚ୍ଛତା ଉପରେ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ସ୍କୁଲ ଅଧ୍ୟକ୍ଷା ରଶ୍ମି ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ମାତାପିତା ଓ ଗୁରୁଜନଙ୍କ ସମ୍ପର୍କରେ ପିଲାମାନଙ୍କୁ ଅବଗତ କରିଥିଲେ। ଶୁଭଶ୍ରୀ ଦଣ୍ଡପାଟ, ସଂସ୍କୃତି ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଆୟୁଷ ଅଂଶୁମାନ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ। ରକ୍ତଦାନ ଶିବିରରେ ଭିମ୍‌ସାର ଡାକ୍ତର ଗୌରବ ସାହୁ ଓ ରକ୍ତଭଣ୍ଡାର କର୍ମଚାରୀ ସହଯୋଗ କରିଥିଲେ।

# କ୍ରୀଡ଼ାର ବିକାଶ: ଜିଏମ୍‌ୟୁକୁ ୧୦ଲକ୍ଷ ପ୍ରଦାନ

**ସମ୍ବଲପୁର ,୫।୯(ଶୁଭାଶିଷ ପାଢ଼ୀ)**

ମେହେର ଆସୋସିଏଶନ ପକ୍ଷରୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)କୁ ଦଶଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ମେହେର ଆସୋସିଏଶନ ସମ୍ବଲପୁରରେ କ୍ରୀଡ଼ାର ବିକାଶ ପାଇଁ କାର୍ଯ୍ୟ କରିଆସୁଛି। ଏହି ଅର୍ଥ ବିଶ୍ୱବିଦ୍ୟାଳୟର କ୍ରୀଡା ଭିତ୍ତିଭୂମି ବିକାଶରେ ବ୍ୟବହୃତ ହେବ ବୋଲି ସୂଚନା ଦିଆଯାଇଛି। ଓଡ଼ିଶା ସରକାରଙ୍କ ମୋ କଲେଜ ଅଭିଯାନ ଅଧୀନରେ ଏହି ଟଙ୍କା ଦାନ କରାଯାଇଛି। ଏହି ଅବସରରେ ଜିଏମ୍‌ୟୁ କୁଳପତିଙ୍କ ବୋର୍ଡ ରୁମରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କୁଳପତି ପ୍ରଫେସର ଏନ୍ ନଗାରାଜୁଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ଡେପୁଟି ରେଜିଷ୍ଟ୍ରାର ଡ. ଉମା ଚରଣ ପତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମେହେର ଆସୋସିଏଶନ ପକ୍ଷରୁ ପୂର୍ବତନ ଲୋକ ସଭା ସଦସ୍ୟ ଭବାନୀ ଶଙ୍କର ହୋତା ଦଶଲକ୍ଷର ଚେକ୍ କୁଳପତିଙ୍କୁ ପ୍ରଦାନ କରିଥିଲେ। ଆସୋସିଏଶନର ଅନ୍ୟ ସଦସ୍ୟ ବିରଜା ଶଙ୍କର ହୋତା, ଜୟୋଜେନ୍ଦ୍ର ନାରାୟଣ ମିଶ୍ର, କାଳୀ ଚରଣ ବିଶ, ହୃଷୀକେଶ ପଣ୍ଡା ଉପସ୍ଥିତ ଥିଲେ।

# ୮ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମ୍ବର୍ଦ୍ଧନା


ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ସମ୍ବଲପୁର,୫।୯(ବି.ଶଙ୍କର)

ସମ୍ବଲପୁର ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ଜିଲାର ୮ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଜିଲାପାଳଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ଅନନ୍ୟା ଦାସ ଧନକଉଡ଼ା ବ୍ଲକର ୭ ଓ ରେଙ୍ଗାଲି ବ୍ଲକର ଜଣେ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପ୍ରଶଂସାପତ୍ର ପ୍ରଦାନ କରିଛନ୍ତି। ଛାତ୍ରୀଛାତ୍ରଙ୍କ ପାଇଁ ବୋଧଗମ୍ୟ ଡିଜିଟାଲ ବିଷୟବସ୍ତୁ ପ୍ରସ୍ତୁତ କରିଥିବାରୁ ଜିଲା ପ୍ରଶାସନ ପକ୍ଷରୁ ଗୁରୁଦିବସ ଅବସରରେ ସେମାନଙ୍କୁ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳ ଉପସ୍ଥିତ ଥିଲେ।

# ଗୁରୁ ପରମ୍ପରା ବଜାୟ ରଖିବା ସମସ୍ତଙ୍କ ଦାୟିତ୍ୱ

ନାକଟିଦେଉଳ,୫।୯(ବୈକୁଣ୍ଠ ନାଥ ସାହୁ)

### ନାକଟିଦେଉଳ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠା ଦିବସ



ସମାବେଶରେ ମଞ୍ଚାସୀନ ଅତିଥିବୃନ୍ଦ।

ଗୁରୁ ଓ ଶିଷ୍ୟ ପରମ୍ପରାର ଦେଶ ହେଉଛି ଭାରତ। ଗୁରୁ ପରମ୍ପରା ବଜାୟ ରଖିବା ଆମ ସମସ୍ତଙ୍କର ଦାୟିତ୍ୱ। ସମାଜକୁ ଦିଗ୍‌ଦର୍ଶନ ଦେବା କ୍ଷେତ୍ରରେ ଗୁରୁ ମାନଙ୍କର ଭୂମିକା ଅତୁଳନୀୟ ବୋଲି ନାକଟିଦେଉଳ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ୪୧ତମ ପ୍ରତିଷ୍ଠା ଦିବସରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ପବିତ୍ର ଗୁରୁଦିବସ ଅବସରରେ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରେଢାଖୋଲ ଉପଜିଲାପାଳ ପବିତ୍ର କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଏକ ସମାବେଶ ଆୟୋଜିତ ହୋଇଥିଲା। ଏଥିରେ ନାକଟିଦେଉଳ ତହସିଲଦାର ଅମର ଡୁଙ୍ଗଡୁଙ୍ଗ ମୁଖ୍ୟଅତିଥି, ନାକଟିଦେଉଳ ଥାନା ଆଇଆଇସି ଧୀରେନ୍ଦ୍ର ସ୍ୱାଇଁ ମୁଖ୍ୟବକ୍ତା ଓ ଅନୁଷ୍ଠାନର ପ୍ରତିଷ୍ଠାତା ଅଧ୍ୟକ୍ଷ ଶରତ ଚନ୍ଦ୍ର ପ୍ରଧାନ, ନାକଟିଦେଉଳ ବିଡିଓ ବିବେକାନନ୍ଦ ସାହୁ, କିସିଣ୍ଡା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ସୁଶ୍ରୀତା ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କୁ ଉତ୍ତମ ମଣିଷ ଭାବେ ଗଢିତୋଳିବାରେ ଶିକ୍ଷକମାନଙ୍କ ଭୂମିକା ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ଭାରତର ଦ୍ୱିତୀୟ ରାଷ୍ଟ୍ରପତି ସ୍ୱର୍ଗତ ସର୍ବପଲ୍ଲୀ ରାଧାକ୍ରିଷ୍ଣ ଓ ମା' ସମଲେଶ୍ୱରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ଼. ମନୋଜ କୁମାର ପ୍ରଧାନ ସଭା ପରିଚାଳନା କରିଥିଲେ। ଅଧ୍ୟାପକ ସଞ୍ଜୀବ କୁମାର ଦାଶ ଅତିଥି ପରିଚୟ ଓ ପ୍ରାଧ୍ୟାପିକା ଡ଼. ସରସୀରାଣୀ ନାୟକ ବିବରଣୀ ପାଠ କରିଥିଲେ। ଶେଷରେ ଅଧ୍ୟାପକ ଡ଼. ପ୍ରଶାନ୍ତ କୁମାର ଦାଶ ଧନ୍ୟବାଦ ଦେଇଥିଲେ। ଗ୍ରନ୍ଥାଗାରିକ ଅରୁଣ କୁମାର ବିଶ୍ୱାଳଙ୍କ ସଂଯୋଜନାରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

**ନବନିର୍ମିତ ଧରନୀ ପୀଠ ଉଦ୍‌ଘାଟିତ**

ମୁରିବାହାଲ,(ଶ୍ରୀବତ୍ସ ବେହେରା ):ମୁରିବାହାଲ ବ୍ଲକ ବଡ଼ସାଇମରାରେ ନବନିର୍ମିତ ଧରନୀ ପୀଠ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ରାଜ୍ୟ ସଭା ସାଂସଦ ନିରଞ୍ଜନ ବିଶିଙ୍କ ଅନୁଦାନରୁ ନିର୍ମିତ ପୀଠକୁ ଜିଲା ପରିଷଦ ଉପାଧ୍ୟକ୍ଷ ମିଥିଳା ମାଝି ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘଟନେ କରିଥିଲେ। ବ୍ଲକ ଆଦିବାସୀ କଲ୍ୟାଣ ସଂଘ ସଭାପତି ରାଜୀବ କୁଅଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନୀତ ଅତିଥିଭାବେ ଅବସରପ୍ରାପ୍ତ ସୈନିକ ଗିରିରାଜ ସିଂ ମାଝି, ବଡ଼ସାଇମରା ଗ୍ରାମ ପଞ୍ଚାୟତ ସଂଘ ସଭାପତି ବିଶ୍ୱାମିତ୍ର ଭୋଇ, ଗୁଡିଘାଟ ସଂଘ ସଭାପତି ଜୟଲାଲ ସିଂ ମାଝି, ସୁରେଶ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ପୁଣି ଥରେ ଜୋର୍ ଧରିଲା ଜିଲା ମାନ୍ୟତା

ଭବାନୀପାଟଣା,୫।୯
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାର ପୁରାତନ ରାଜଧାନୀ ଜୁନାଗଡ଼କୁ ଜିଲା ଓ ମହକୁମା ମାନ୍ୟତା ଦାବି ନେଇ ପୁଣି ଥରେ ସ୍ଥାନୀୟବାସୀଙ୍କ ଉଦ୍ୟମ ଆରମ୍ଭ ହୋଇଛି। ଏପରି ସ୍ଥଳେ ଜୁନାଗଡ଼ ଜିଲା ଗଠନ ଆନ୍ଦୋଳନକୁ ଆଗେଇ ନେବା ପାଇଁ ଏକ କୋର କମିଟି ଗଠନ କରାଯାଇଛି। ଏହି କୋର କମିଟି ପ୍ରତ୍ୟହ ସନ୍ଧ୍ୟାରେ ସ୍ଥାନୀୟ ଆରଏମସି ସଭାଗୃହରେ ବୈଠକ କରି ଜିଲା ଗଠନ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ବିଭିନ୍ନ ରଣନୀତି ଉପରେ ଆଲୋଚନା କରୁଛନ୍ତି। କୋର କମିଟି ଆବାହକ ଭାବେ ବରିଷ୍ଠ ଆଇନଜୀବୀ ହିମାଂଶୁ ଶେଖର ବରାଡ଼ ରହିଥିବାବେଳେ ସଂଯୋଜକ ଭାବେ ଜୁନାଗଡ଼ ନଗରପାଳ ମୁକେଶ ଅଗ୍ରୱାଲ ଓ ଉପଦେଷ୍ଟା ଭାବେ ଜୁନାଗଡ଼ ବିଧାୟକ ଦିବ୍ୟ ଶଙ୍କର ମିଶ୍ର ରହିଛନ୍ତି। ଏହିକ୍ରମରେ ମଙ୍ଗଳବାର ସନ୍ଧ୍ୟାରେ କୋର କମିଟି ସଦସ୍ୟମାନେ ଜିଲାପାଳଙ୍କୁ ସାକ୍ଷାତ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ସ୍ୱାଧୀନତା ପୂର୍ବରୁ ଇଂରେଜ ଶାସନ ସମୟରେ କଳାହାଣ୍ଡି ନାଗପୁର ପ୍ରେସିଡେନ୍ସିରେ ସାମିଲ ଥିଲା । ପ୍ରବର୍ତ୍ତିତ ସମୟରେ କଳାହାଣ୍ଡି ରାୟପୁର ପ୍ରେସିଡେନ୍ସିରେ ସାମିଲ ହେଲା। ସ୍ୱାଧୀନତା ପରେ



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

କଳାହାଣ୍ଡିକୁ ବଲାଙ୍ଗୀର ଜିଲାରେ ସାମିଲ କରାଯାଇଥିଲା। ୧୯୪୯ ନଭେମ୍ବର ୧ରେ କଳାହାଣ୍ଡି ଜିଲାକୁ ସ୍ୱତନ୍ତ୍ର ଜିଲା ଭାବେ ମାନ୍ୟତା ପାଇଥିଲା ଓ ସମ୍ବଲପୁର ଜିଲାରେ ମିଶିଥିବା ନୂଆପଡାକୁ ଅଲଗା କରି କଳାହାଣ୍ଡି ଜିଲାରେ ସାମିଲ କରାଯାଇଥିଲା। ୧୯୯୩ ଏପ୍ରିଲ ୧ରେ ନୂଆପଡା ସ୍ୱତନ୍ତ୍ର ଜିଲା ଭାବେ ମାନ୍ୟତା ପାଇଥିଲା। ବର୍ତ୍ତମାନ କଳାହାଣ୍ଡି ଓ ନୂଆପଡା ଜିଲାର ଲୋକେ ଗୋଟିଏ ଏମ୍‌ପି ନିର୍ବାଚିତ କରନ୍ତି। ୩୦୩ ବର୍ଷ ତଳେ ଗଡ଼ଜାତ ସମୟରେ କଳାହାଣ୍ଡିର ରାଜଧାନୀ ଜୁନାଗଡ଼ ଥିଲା। ଏହି ଜୁନାଗଡ଼ ସେତେବେଳେ ଜେନାବଲୀ ପାଟଣା ନାମରେ ପରିଚିତ ଥିଲା । ଏହା ଜୁନାଗଡ଼ର ଦଧିବାମନ ମନ୍ଦିରର ଶିଳାଲିପିରେ ଲେଖା ହୋଇଥିବା ଅକ୍ଷରରୁ ଜଣାପଡେ। ପରବର୍ତ୍ତୀ ସମୟରେ ୧୮୪୯ରେ କଳାହାଣ୍ଡି ମହାରାଜା ଫତେ ନାରାୟଣ ଦେଓଙ୍କ ସମୟରେ କଳାହାଣ୍ଡିର ରାଜଧାନୀ ଭବାନୀପାଟଣାକୁ ସ୍ଥାନାନ୍ତର କରାଯାଇଥିଲା। ହଜାରେ ବର୍ଷର ମନ୍ଦିର ମାଳିନୀ ସହର ଜୁନାଗଡ଼ ଛଅକୋଡ଼ି ବନ୍ଧକୁ ନଅ କୋଡ଼ି ତୋଟା ଏବେ ମଧ୍ୟ ମୂକସାକ୍ଷୀ ଅଛି। ଜୁନାଗଡ଼ ବ୍ଲକ ଓ ଏନ୍ଏସିର ଲୋକ ସଂଖ୍ୟା ୧ ଲକ୍ଷ ୮୮ ହଜାର ୪୦୩ । ଜୁନାଗଡ଼ ଏନ୍ଏସି ୧୯୭୦ରେ ପ୍ରତିଷ୍ଠିତ ହୋଇଥିବା ବେଳେ ୫୩ ବର୍ଷରେ ପଦାର୍ପଣ କରି ସାରିଛି। ରାଜ୍ୟର ଶ୍ରେଷ୍ଠ ଏନଏସି ଭାବେ ପୂର୍ବରୁ ୩ ଥର ଏବଂ ଚଳିତବର୍ଷ ମଧ୍ୟ ଶ୍ରେଷ୍ଠ ପୁରସ୍କାର ପାଇଛି। ସେହିଭଳି ଜୁନାଗଡ଼ ସହରକୁ ରେଳପଥ, ଜାତୀୟ ରାଜପଥ ସଂଯୋଗ ହୋଇଛି। ଜୁନାଗଡ଼ ସହର ଭବାନୀପାଟଣା, ଥୁଆମୂଳ ରାମପୁର, ଧର୍ମଗଡ଼, ଗୋଲାମୁଣ୍ଡା, କୋକସରା, ଜୟପାଟଣା, ବ୍ଲକର ମଧ୍ୟସ୍ଥଳୀ। ବ୍ୟବସାୟିକ କ୍ଷେତ୍ର ମଧ୍ୟରେ ଆଗରେ ଥିବା ବେଳେ ଏଠାକୁ ଜିଲା ୧୩ଟି ବ୍ଲକର ଲୋକେ, ଜିଲା ବାହର ଲୋକେ ଓ ପଡ଼ୋଶୀ ଛତିଶଗଡ଼ର ଲୋକେ ଏଠାକୁ ବ୍ୟବସାୟ କରିବା ପାଇଁ ଆସିଥାନ୍ତି।

**■ଗଡ଼ଜାତ ସମୟରେ କଳାହାଣ୍ଡିର ରାଜଧାନୀ ଥିଲା ଜୁନାଗଡ଼**
**■ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**
**■ଜୁନାଗଡ଼ ଖୋଜୁଛି ତା ପୂର୍ବ ପରିଚୟ**

ସମସ୍ତ କ୍ଷେତ୍ରରେ ଆଗରେ ଥିବା ଯୋଗୁ ଜୁନାଗଡ଼ ବ୍ଲକ ଓ ଏନ୍ଏସି, ଧର୍ମଗଡ଼ ବ୍ଲକ ଓ ଏନ୍ଏସି, କଲମପୁର, ଗୋଲାମୁଣ୍ଡା, କୋକସରା, ଜୟପାଟଣା ବ୍ଲକ ତଥା ଥୁଆମୂଳ ରାମପୁର ବ୍ଲକକୁ ନେଇ ଜୁନାଗଡ଼ ଜିଲା ମାନ୍ୟତା ଓ ଜୁନାଗଡ଼କୁ ଜିଲା ମହକୁମା ମାନ୍ୟତା ଦାବି କରିଛି ଜୁନାଗଡ଼ କୋର କମିଟି। ଏପରିକି ଜୁନାଗଡ଼କୁ ତାର ପୂର୍ବ ପରିଚୟକୁ ଫେରାଇ ଦେଇ ଜିଲା ଘୋଷଣା ପାଇଁ ଦାବି କରାଯାଇଛି। ଗତ ୩ ବର୍ଷ ତଳେ ଜୁନାଗଡ଼ବାସୀ ପକ୍ଷରୁ ବନ୍ଦ ପାଳନ କରିବା ସହିତ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳଙ୍କୁ ଚିଠି ପ୍ରେରଣ କରାଯାଇଥିଲା। ବର୍ତ୍ତମାନ ପୁଣିଥରେ ଜୁନାଗଡ଼ବାସୀ ଏକଜୁଟ ହୋଇ ଜିଲା ମାନ୍ୟତା ଦାବି କରିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି।

## କଣ୍ଟାବାଞ୍ଜି ଜିଲା ଦାବିରେ ବନ୍ଦ ଶାନ୍ତିପୂର୍ଣ୍ଣ




ବନ୍ଦ ପାଳନ ଅବସରରେ ଆୟୋଜିତ ସଭାରେ ବିଭିନ୍ନ ସଙ୍ଗଠନ ସଦସ୍ୟ।

କଣ୍ଟାବାଞ୍ଜି, ୫।୯(ଗୁରୁଦୟାଲ ହଂସ )

କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନ ମଣ୍ଡଳୀକୁ ସ୍ୱତନ୍ତ୍ର ଜିଲା ମାନ୍ୟତା ଦାବି ନେଇ ମଙ୍ଗଳବାର ବନ୍ଦ ପାଳନ କରାଯାଇଥିଲା। ଜିଲା ସଂଘର୍ଷ ସମିତି ଆହୂତ ବନ୍ଦ ପ୍ରଭାବରେ କଣ୍ଟାବାଞ୍ଜି ସହରର ସମସ୍ତ ଦୋକାନ ବଜାର, ବ୍ୟାଙ୍କ, ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। ଗାଡି ମୋଟର ଚଳାଚଳ ବନ୍ଦ ରହିଥିଲା। ସଂଘର୍ଷ ସମିତିର ସଞ୍ଜୟ କୁମାର ନାଥ, ଦେବରାଜ ଯାଦବ, ପ୍ରଦୀପ ବାଗ, ରସିଆନନ୍ଦ ରାଏ, ଅଜୟ ଅଗ୍ରୱାଲଙ୍କ ସହ ଶତାଧିକ ଅନୁଷ୍ଠାନ କର୍ମକର୍ତ୍ତା ଜିଲା ଦାବି ମାନ୍ୟତା ବ୍ୟାନର ଲଗାଇ ରାସ୍ତା ଅବରୋଧ କରିଥିଲେ । ସକାଳ ୬ଟାରୁ ଆରମ୍ଭ ହୋଇଥିବା ବନ୍ଦ ସନ୍ଧ୍ୟା ୬ଟା ଯାଏ ଚାଲିଥିଲା। ସେହିପରି ବନ୍ଦକୁ ସମର୍ଥନ କରି ନିର୍ବାଚନ ମଣ୍ଡଳୀ ଅଧୀନ ତୁରେକେଲା, ବଙ୍ଗୋମୁଣ୍ଡା ଓ ମୁରିବାହାଲ ବ୍ଲକରେ ମଧ୍ୟ ଜିଲା ସଂଘର୍ଷ ସମିତିର ପ୍ରତିନିଧିମାନେ ସହ ବନ୍ଦ ପାଳନ କରିଥିଲେ। ମୁରିବାହାଲ ବ୍ଲକରେ ସଞ୍ଜୟ କୁମାର ନାଥ, ଦେବରାଜ ଯାଦବ, ଜୟଦୀପ ପୁରୋହିତ, ବଙ୍ଗୋମୁଣ୍ଡା ବ୍ଲକରେ ବ୍ରଜଶ୍ୟାମ ଗୁରୁ, ଭବାନୀ ଶଙ୍କର ରାଓ ବନ୍ଦ ପାଳନରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। କଣ୍ଟାବାଞ୍ଜି ଇନ୍ଦିରା ଛକରେ ଏକ ସଭା ହୋଇଥିଲା। ଏହି ସଭାରେ ଏଏପି ନେତା ସୁରଥ ବେହେରା, ଭାଜପା ରାଜ୍ୟ ସମ୍ପାଦକ ଲକ୍ଷ୍ମଣ ବାଗ, କଣ୍ଟାବାଞ୍ଜି ଏଏନସି ନଗରପାଳ ବରିୟାମ ସିଂ ସାଲୁଜା, ସାମ୍ବାଦିକ ସଂଘ କାର୍ଯ୍ୟକାରୀ ସଭାପତି ଗୁରୁଦୟାଲ ହଂସ, ପ୍ରେସ କ୍ଲବର ଆଶିଷ ଖାଇତାନ, ଅଗ୍ରୱାଲ ସଭା ଟ୍ରଷ୍ଟ ସମ୍ପାଦକ ସଞ୍ଜୟ ଗାନ୍ଧି, ନରେନ୍ଦ୍ର ସୁନା, କୁଞ୍ଜବିହାରୀ ବେହେରା, ସମ୍ପାଦକ ଦୁଃଖିଶ୍ୟାମ ଗୁରୁ, କାନନ କିଶୋର ପଣ୍ଡା, ଘନଶ୍ୟାମ ଶର୍ମା ଜିଲା ଦାବିର ଆବଶ୍ୟକତା ଉପରେ କହିଥିଲେ। ସଭାକୁ ଶେଷଦେବ ପୁଟେଲ ପରିଚାଳନା କରିଥିଲେ।

## କପିଲ ଅଗ୍ରୱାଲଙ୍କ ଦୋକାନ, ଗୋଦାମରେ ଜିଏସ୍‌ଟି ଚଢ଼ାଉ

ବଲାଙ୍ଗୀର/ସଇଁତଳା, ୫।୯ (ବୀରେନ୍ଦ୍ର କୁମାର ଝାଙ୍କର/ରାଖାଲ ପ୍ରସାଦ ଶତପଥି)

ବଲାଙ୍ଗୀର ଜିଲା ସଇଁତଳା ଷ୍ଟେଟ ବ୍ୟାଙ୍କ ନିକଟ କପିଲ ପ୍ରସାଦ ଅଗ୍ରୱାଲଙ୍କ ଦୋକାନ, ଗୋଦାମ ଓ ବାସଭବନରେ ମଙ୍ଗଳବାର ସକାଳୁ ଜିଏସଟି ବିଭାଗର ୨୫ ଜଣିଆ ଟିମ୍ ଚଢ଼ାଉ କରିଥିଲେ। ଟ୍ୟାକ୍ସ ଫାଙ୍କି ଏବଂ ଆନୁସଙ୍ଗିକ କାଗଜପତ୍ର ହେରଫେର ଅଭିଯୋଗ ପରେ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଖବର ଲେଖା ହେବା ପର୍ଯ୍ୟନ୍ତ ଚଢ଼ାଉ ଜାରି ରହିଛି। ଏହି ଟିମ୍ ସଇଁତଳାସ୍ଥିତ ଅଗ୍ରୱାଲାଙ୍କ ବାସଭବନ, ଗୋଦାମ ଏବଂ କାର୍ଯ୍ୟାଳୟରେ ଚଢ଼ାଉ କରିବା ସହ ବଲାଙ୍ଗୀରସ୍ଥିତ ଲର୍କିପାଲି ଠାରେ ଥିବା କାର୍ଯ୍ୟାଳୟରେ ଚଢ଼ାଉ କରି ତଦନ୍ତ ଜାରି ରଖିଛନ୍ତି। ଭବାନୀପାଟଣା ସିଟି ଏଣ୍ଡ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ ଡେପୁଟି କମିଶନର କିଶୋର ଚନ୍ଦ୍ର ମେହେର, ବଲାଙ୍ଗୀର ସିଟି ଏଣ୍ଡ ଜିଏସ୍‌ଟି ଅଫିସର ରାଜେନ୍ଦ୍ର କୁମାର ନାଏକ, ଅନ୍ୟ ଅଧିକାରୀ ଜିତେନ୍ଦ୍ର କୁମାର ବାଗ, ସରୋଜ କୁମାର ବେରିହା, ସମୀର କୁମାର ମାଝି ପ୍ରମୁଖ ଉପସ୍ଥିତ ଅଛନ୍ତି। ବଲାଙ୍ଗୀର ଏସପି ଋଷିକେଶ ଖିଲାରୀଙ୍କ ନିର୍ଦ୍ଦେଶକ୍ରମେ ଏହି ଟିମ୍‌କୁ ପୋଲିସ ସହାୟତା ମଧ୍ୟ ଯୋଗାଇ ଦିଆଯାଇଛି। ସଇଁତଳା, ବଲାଙ୍ଗୀର ଲର୍କିପାଲିସ୍ଥିତ ବ୍ୟବସାୟିକ ଗୋଦାମ ଏବଂ କାର୍ଯ୍ୟାଳୟରେ ଚଢ଼ାଉ ଜାରି ରହିଛି।

## ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ କଲେ ଅତିଥି

ବଲାଙ୍ଗୀର, ୫।୯(ବୀରେନ୍ଦ୍ର କୁମାର ଝାଙ୍କର)

**ପୋଲିସ ହାଇସ୍କୁଲରେ ଗୁରୁଦିବସ ପାଳିତ**

ବଲାଙ୍ଗୀର ମନୋହରପୁର ପୋଲିସ ହାଇସ୍କୁଲରେ ପ୍ରଧାନଶିକ୍ଷକ ବିରାଟ କେଶରୀ ପ୍ରଧାନଙ୍କ ସଭାପତିତ୍ୱରେ ଗୁରୁ ଦିବସ ପାଳନ କରାଯାଇଥିଲା। ମୁଖ୍ୟଅତିଥିଭାବେ ବଲାଙ୍ଗୀର ବ୍ଲକ ଶିକ୍ଷା ଅଧିକାରୀ କୁମୁଦିନୀ ମିଶ୍ର, ସମ୍ମାନିତ ଅତିଥି ଏବିଇଓ ସନ୍ଧ୍ୟାରାଣୀ ଧରୁଆ, ଶିକ୍ଷାବିତ୍ ବାମଦେବ ମିଶ୍ର ଏବଂ ମୁଖ୍ୟବକ୍ତା ଭାବେ ନେତାଜୀ ସଂଗ୍ରାମୀ ପରିଷଦ ସଭାପତି ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ଯୋଗଦେଇ ଗୁରୁ ଦିବସର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ। ଅତିଥିମାନେ ରାଜ୍ୟ ସରକାରଙ୍କ ପକ୍ଷରୁ ଛାତ୍ରୀଛାତ୍ରମାନଙ୍କୁ ଦିଆଯାଇଥିବା ପୋଷାକ ବଣ୍ଟନ କରାଯାଇଥିଲା। ପରେ ୧୯୯୯ ମାଟ୍ରିକ ବ୍ୟାଚ ଛାତ୍ରୀଛାତ୍ରଙ୍କ ଦ୍ୱାରା ବନ୍ଧୁମିଳନ ଏବଂ ଗୁରୁ ଦିବସ ପାଳନ କରାଯାଇଥିଲା। ପୁରାତନ ଓ ବର୍ତ୍ତମାନ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପୁରାତନ ପ୍ରଧାନଶିକ୍ଷକ ସିଦ୍ଧେଶ୍ୱର ହୋତା, ଯାଜ୍ଞସିନୀ ମିଶ୍ର, କିଶୋର ଚନ୍ଦ୍ର ବିଶ୍ୱାଳ, ରାଜେନ୍ଦ୍ର କୁମାର ବନଛୋର, ଭିକାରୀ ଚରଣ କର ଏବଂ ବର୍ତ୍ତମାନ କାର୍ଯ୍ୟରତ ପ୍ରଧାନ ଶିକ୍ଷକ ବିରାଟ କେଶରୀ ପ୍ରଧାନ, ସରୋଜ କୁମାର ମାଝି, କୃଷ୍ଣପ୍ରିୟା ପଣ୍ଡା ଯୋଗ ଦେଇଥିଲେ । ବିଦ୍ୟାଳୟ ପରିସରରେ ଫଳଗଛ ରୋପଣ କରାଯାଇଥିଲା। ମୋ ସ୍କୁଲ ଅଭିଯାନ ଫଣ୍ଡକୁ ୧୫ ହଜାର ୫୦୦ ଟଙ୍କା ଦାନ କରାଯାଇଛି।

### ସଂକ୍ଷେପରେ

## ଆମପାଣି, କୋକସରା ହାଇସ୍କୁଲରେ ଗୁରୁ ଦିବସ ପାଳିତ

କୋକସରା,୫।୯(ଦୁଷ୍ମନ୍ତ କୁମାର ପାଟଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟ ଓ କୋକସରା ଜବାହର ଉଚ୍ଚ ବିଦ୍ୟାଳୟଠାରେ ମଙ୍ଗଳବାର ଗୁରୁ ଦିବସ ପାଳନ କରାଯାଇଛି। ବୁଢ଼ାରଜା ହାଇସ୍କୁଲରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାଗ୍ୟବାନ ବାଗଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ଗୁରୁ ବନ୍ଦନା ଗାନ କରିଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀ ସୁଶ୍ରୀ ମନ୍ଦାକିନି ନାଏକ, ଶିକ୍ଷକ ବିଶ୍ୱମ୍ଭର ଧ. ମାଝି, ପ୍ରଶାନ୍ତ କୁମାର ପଣ୍ଡା, ସୁରଜ ତାଣ୍ଡି, ଲିଜୟାନନ୍ଦ ସାହୁ, ଦୟା ସିଂ ନାଏକ, ସରୋଜ କୁମାର ପଡ଼ିହାରି ଉପସ୍ଥିତ ରହିଥିବା ବେଳେ ସ୍କୁଲ କ୍ୟାବିନେଟ ମୁଖ୍ୟମନ୍ତ୍ରୀ ସୁଶ୍ରୀ ସଂଗୀତା ସୁନାନୀ ମଞ୍ଚ ପରିଚାଳନା କରିଥିଲେ। ଖେଳ ଶିକ୍ଷକ ଲୋକନାଥ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି କୋକସରା ଜବାହର ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ସୁଧୀର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଗୁରୁ ଦିବସ ପାଳନ ଅବସରରେ ଡ.ସର୍ପଲ୍ଲି ରାଧାକୃଷ୍ଣନଙ୍କ ମାର୍ଗରେ ଅନୁପ୍ରାଣିତ ହୋଇ ଜୀବନ ଗଠନ କରିବାକୁ ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ।

## ଗୁରୁ-ଶିଷ୍ୟ ସମ୍ପର୍କରେ ଶୈକ୍ଷିକ ବାତାବରଣ ସୃଷ୍ଟି ହେବ

ମୁରିବାହାଲ/ଟିଟିଲାଗଡ/ ଦେଓଗାଁ/ ଲୋଇସିଂହା, ୫।୯(ଶ୍ରୀବତ୍ସ ବେହେରା/ଶରତ ମିଶ୍ର/ କୃଷ୍ଣ ପ୍ରସାଦ ପାଣିଗ୍ରାହୀ/ ସୁଶାନ୍ତ ବାରିକ )

ବଲାଙ୍ଗୀର ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ମଙ୍ଗଳବାର ଗୁରୁଦିବସ ପାଳିତ ହୋଇଯାଇଛି। ଗୁରୁ ପୂଜନ, ସଭା, ସମିତି ଜରିଆରେ ଦିବସ ପାଳିତ ହୋଇଥିଲା। ଗୁରୁ-ଶିଷ୍ୟ ସମ୍ପର୍କ ଅତୁଟ ରହିଲେ ଶୈକ୍ଷିକ ବାତାବରଣ ସୃଷ୍ଟି ହୋଇ ପାରିବ ବୋଲି ପ୍ରତ୍ୟେକ କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଥିଲା।

ମୁରିବାହାଲ ପଞ୍ଚାୟତ ହାଇସ୍କୁଲରେ ପ୍ରଧାନଶିକ୍ଷକ ସୁନୀଲ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ ଆଲୁମିନି ସଭାପତି ଘନଶ୍ୟାମ ଖମାରୀ, ଅଗସ୍ତି ବଘାର, ପ୍ରଫୁଲ୍ଲ କୁମାର ବଘାର, ସୁଦାମ ଚରଣ ବଘାର, ଶିକ୍ଷୟିତ୍ରୀ ରଶ୍ମିଲତା ପାତ୍ର, ଶିକ୍ଷକ କିଶୋର ମହାନ୍ତି, ଚନ୍ଦ୍ରଧ୍ୱଜ ଭୋଇ, ହେମନ୍ତ ନାଗ ମଞ୍ଚାସୀନ ଥିଲେ। ଗୁରୁ ଶିଷ୍ୟର ସମ୍ପର୍କ କିପରି ଅତୁଟ ରହି ପାରିବ ତାହା ଉପରେ ମତପ୍ରକାଶ ପାଇଥିଲା। ଏହା ପରେ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରାଯାଇ ଏହାର ଯତ୍ନ ନେବା ପାଇଁ ସଂକଳ୍ପ ନିଆଯାଇଥିଲା। ସିଆରପି ରୀତା ଷାଣ୍ଢ, ଏସ୍ଏଚ୍‌ଜିର ଭାଗ୍ୟଶ୍ରୀ ନାଗ, ପ୍ରମିଳା ପରାଭୋଇ, ରାଇମତି ଭୋଇ, ଅଭିଭାବକ କୃତିବାସ




ମୁରିବାହାଲ ପଞ୍ଚାୟତ ହାଇସ୍କୁଲରେ ଅନୁଷ୍ଠିତ ସଭାରେ ମଞ୍ଚାସୀନ ଅତିଥି।

**ବିଭିନ୍ନ ସ୍ଥାନରେ ଗୁରୁଦିବସ ପାଳିତ**

ଅମାତ, ଗୋପୀନାଥ ରଣା, ବିନୋଦ ଠେଲା ପ୍ରମୁଖ ଉପସ୍ଥିତ ଥିଲେ।

ଟିଟିଲାଗଡ଼ ସରସ୍ୱତୀ ଶିଶୁ ମନ୍ଦିରରେ ସହ ପ୍ରଧାନଆଚାର୍ଯ୍ୟ ନୃପରାଜ ସେଠଙ୍କ ମାର୍ଗ ଦର୍ଶନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜଗନ୍ନାଥ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବରିଷ୍ଠ ଆଚାର୍ଯ୍ୟ କୈଳାସ ଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଚାର୍ଯ୍ୟ ପ୍ରତିନିଧି ମଦନ ମୋହନ ପୁଟେଲ ମଞ୍ଚ ପରିଚାଳନା କରିଥିଲେ। ମଞ୍ଚରେ ଉପସ୍ଥିତ ଥିଲେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟା ଝୁମି ରାଣୀ ମିଶ୍ର ଓ ଅହଲ୍ୟା ନାଗ। ବିଦ୍ୟାଳୟ ସଭାପତି ଜ୍ୟୋତି ପ୍ରକାଶ ଗଡତ୍ୟା ଗୁରୁଦିବସ ଉପରେ କୁଇଜ ପ୍ରତିଯୋଗିତା ଆୟୋଜନ କରି କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

ଦେଓଗାଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶିଶୁ ଭଉଣୀ ଶ୍ୱେତା ସିଂ ଓ ଚିନ୍ମୟୀ ପୋଢଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ଭକଚନ ରାୟ ଯୋଗଦେଇ ଗୁରୁ ଶିଷ୍ୟ ପରମ୍ପରା ଆଲୋକପାତ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କୁମାର ସା ଅତିଥି ପରିଚୟ, ଗୁରୁଜୀ ପ୍ରଶାନ୍ତ କୁମାର ସାହୁ ଗୁରୁଦିବସର ତାତ୍ପର୍ଯ୍ୟ ଉପରେ କହିଥିଲେ। ଆଦର୍ଶ ବିଦ୍ୟାଳୟରେ ଅଧ୍ୟକ୍ଷା ସମନ୍ୱେତା ଷଡଙ୍ଗୀ ଅଧ୍ୟକ୍ଷତାରେ ଏହି ଦିବସ ପାଳିତ ହୋଇଥିଲା ।

ଲୋଇସିଂହା ସରସ୍ୱତୀ ଶିଶୁ ମନ୍ଦିରରେ ପ୍ରଧାନ ଅଚାର୍ଯ୍ୟ ଶିବପ୍ରସାଦ ବାରିକ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ଶିକ୍ଷକ ଇନ୍ଦ୍ରମଣି ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଗୁରୁଜୀ ନିତ୍ୟାନନ୍ଦ ପଧାନ, ଗୁରୁମା କୁମୁଦିନୀ ସାହୁ, ବବିତା ମହାରଣା ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ ସଂସାଧନ ସଭ୍ୟଙ୍କ ପ୍ରଶିକ୍ଷଣ ଶିବିର

ନୂଆପଡ଼ା,୫।୯(ମକାରୁ ବେମାଲ)

ନୂଆପଡା ଜିଲା ପର୍ଯ୍ୟଟନ ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଓ ଜିଲା ସଂସ୍କୃତିକ ବିଭାଗର ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ ସଂସାଧନ ସଭ୍ୟଙ୍କ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି। ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ବିବେକାନନ୍ଦ ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ନୂଆପଡା ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିର ଉଦଘାଟନ କରିଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରୀ ନାରାୟଣ ବେହେରା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନ୍ତର୍ଯ୍ୟାମୀ ବଳିଆରସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ଜିଲା କଳା ଓ ସଂସ୍କୃତି ସଂଘ ସଭାପତି ଅର୍ଜୁନ ଛତ୍ରିଆ ଲୋକମାନଙ୍କ ଲୋକ କଳାର ପ୍ରଭାବ ଉପରେ କଳାକାରମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କଳା ମାଧ୍ୟମରେ ପ୍ରଚାର ପ୍ରସାର ଉପରେ ଅମୂଲ୍ୟ ମୁଣ୍ଡ ପ୍ରଶିକ୍ଷଣ ଦେଇଥିଲେ। ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ମାହାର ଧନ୍ୟବାଦ ଅର୍ପଣ କରିଥିଲେ।

## ଉନବିଂଶ ଜିଲା ଯୋଜନା କମିଟି ବୈଠକ

ନୂଆପଡ଼ା,୫।୯(ମକାରୁ ବେମାଲ)

ନୂଆପଡା ଜିଲାପାଳଙ୍କ ସଦଭାବନା ସଭାଗୃହରେ ଜିଲା ପ୍ରଶାସନ ପକ୍ଷରୁ ଉନବିଂଶ ଜିଲା ଯୋଜନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ଯୋଜନା କମିଟି ଅଧ୍ୟକ୍ଷା ତଥା ଜଳ ସମ୍ପଦ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ମୁଖ୍ୟଅତିଥି, ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଜିଲାପାଳ ହେମକାନ୍ତ ସାଏ, ଜିଲା ପରିଷଦ ଅଧ୍ୟକ୍ଷା ଡଲି ମାଝି, ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ମଧୁଛନ୍ଦା ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବୈଠକରେ ଜିଲାର ଶିକ୍ଷା, ସ୍ୱାସ୍ଥ୍ୟ, ଗମନା ଗମନ, ପାନୀୟ ଜଳ, ବିଜୁଳି, କୃଷି, ଜଳ ସେଚନ ଭଳି କ୍ଷେତ୍ରରେ ବିକାଶ ପାଇଁ ୧୨ଶହ ୨୫ କୋଟି ୬୬ ଲକ୍ଷ ୪୬ ହଜାର ମୂଲ୍ୟର ବିଭିନ୍ନ ପ୍ରକଳ୍ପ ମଞ୍ଜୁର ହୋଇଛି। ଏହି ଅନୁଦାନ ରାଶି ଆଗାମୀ ଦିନରେ ଜିଲାର ସମଗ୍ରୀକ ବିକାଶ ପାଇଁ ସହାୟକ ହେବ। ଏହାର ସଫଳ ରୂପାୟନ କରିବା ପାଇଁ ନିର୍ବାଚନ ପ୍ରତିନିଧି, ପ୍ରଶାସନିକ ଅଧିକାରୀ ଓ ଜିଲାବାସୀଙ୍କ ସହଯୋଗ ଆବଶ୍ୟକ ବୋଲି ମନ୍ତ୍ରୀ ସାହୁ କହିଛନ୍ତି। ଜିଲା ପରିଷଦ ଉପଉଧ୍ୟକ୍ଷ ଦୀପିକା କୌଶଲ୍ୟା, ଜିଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝି, ଅବନୀ ରଞ୍ଜନ ଯୋଶୀ, ମୁରଲିଧର ଭୋଇ, ଭରତ ଲାଲ ରାଉତ, ମାଲ୍ୟବନ୍ତ ସୁନା, ଚିତ୍ତରଞ୍ଜନ ବେହେରା, ଯାଜ୍ଞସିନି କଟା ପ୍ରମୁଖ ଉପସ୍ଥିତ ଥିଲେ।



ଜିଲା ଯୋଜନା କମିଟି ବୈଠକରେ ଆଲୋଚନା କରାଯାଉଛି।

# ସ୍ଥାୟୀ ରାସ୍ତା ଦାବି, ମ୍ୟୁନିସିପାଲିଟି ଅଫିସରେ ତାଲା

ବଲାଙ୍ଗୀର,୫।୯
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ମାଲଗୋଦାମପଡା ଓ ଆରଆର୍ କଲୋନୀର ବହୁ ବାସିନ୍ଦା ମଙ୍ଗଳବାର ମ୍ୟୁନିସିପାଲିଟି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମାଲଗୋଦାମପଡାକୁ ସ୍ଥାୟୀ ରାସ୍ତା ନିର୍ମାଣ ଦାବିରେ ମ୍ୟୁନିସିପାଲିଟି ଗେଟ୍‌ରେ ତାଲା ପକାଇ ଦେଇଥିଲେ। ସମସ୍ୟାର ଶୀଘ୍ର ସମାଧାନ ନକଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦେଇଥିଲେ। ଏହାପରେ ଜିଲାପାଳ କାର୍ଯ୍ୟାଳୟ ଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ।

ମଙ୍ଗଳବାର ଦ୍ରୋଣ କୁମ୍ଭାରଙ୍କ ନେତୃତ୍ୱରେ ବହୁ ମହିଳା ଓ ପୁରୁଷ ମ୍ୟୁନିସିପାଲିଟି ଅଫିସ ଆସି ଗେଟ୍‌ରେ ତାଲା ପକାଇ ଥିଲେ। ୭୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଏହି ପଡାକୁ ସ୍ଥାୟୀ ରାସ୍ତା ତିଆରି ହୋଇନାହିଁ। ଏହି ପଡାବାସୀ ରେଲୱେ ଲାଇନ୍ କଡରେ ଯିବା ଆସିବା କରୁଥିଲେ। ମାତ୍ର କିଛିଦିନ ତଳେ ରେଲୱେ ବିଭାଗ ଏହି ରାସ୍ତାକୁ ବନ୍ଦ କରିଦେବାରୁ ପଡାବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ବନ୍ଦ ହେବା ଯୋଗୁ ସ୍କୁଲ, କଲେଜ ଛାତୀଛାତ୍ର ପାଠ ପଢ଼ିଗଲାବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନେକ ସମୟରେ ଗର୍ଭବତ ମହିଳା ଏବଂ ରୋଗୀଙ୍କୁ ନେବା ଆଣିବା କଲାବେଳେ ଅସୁବିଧା ହେଉଛି। ଯେଉଁ ରାସ୍ତାରେ ପିଢ଼ି ପିଢ଼ି ଧରି ଲୋକେ ଚାଲୁଥିଲେ ତାକୁ ବନ୍ଦ କରିଦେବା ଫଳରେ ଏବ ସେମାନଙ୍କୁ ସହରକୁ ଆସିବାକୁ ହେଲେ ୫/୭ କିଲୋମିଟର ଦୂର ବୁଲିବାକୁ ପଡୁଛି ବୋଲି କୁମ୍ଭାର କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ବାରମ୍ବାର ଦାବି ଆନ୍ଦୋଳନ କଲେ ମଧ୍ୟ ପୌର ପ୍ରଶାସନ ଏବଂ ଜିଲା ପ୍ରଶାସନ ସେମାନଙ୍କ ଦାବିକୁ ଉପେକ୍ଷା କରିଆସୁଛନ୍ତି। ବିଶେଷକରି ପୌରାଧ୍ୟକ୍ଷା ଏବଂ ଜିଲାପାଳ ଏଦିଗରେ ବିହିତ ପଦକ୍ଷେପ ନନେବା ଦୁର୍ଭାଗ୍ୟଜନକ ବୋଲି କୁମ୍ଭାର କହିଛନ୍ତି। ଏହି ପଡାରେ ସବୁଦିନିଆ ରାସ୍ତା ସମସ୍ୟା ସହ ପାନୀୟ ଜଳର ଅସୁବିଧା ରହିଛି। ତୁରନ୍ତ ପଡାକୁ ନଦୀ ପାଣି ଯୋଗାଣ କରିବାକୁ ଦାବି କରିଛନ୍ତି। ଏହା ସହିତ ପଡାବାସୀଙ୍କ ଗାଧୋଇବା ପାଇଁ ଲଖନ୍ ବନ୍ଧର ପୁନରୁଦ୍ଧାର କରିବାକୁ ଦାବି କରାଯାଇଛି। ଏହି ଦାବିଗୁଡିକର ତୁରନ୍ତ ସମାଧାନ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେଇଛନ୍ତି। ପୌରାଧ୍ୟକ୍ଷା ଲିକା ସାହୁଙ୍କ ସହ ମ୍ୟୁନିସିପାଲିଟି ଗେଟ୍ ସମ୍ମୁଖରେ ବିକ୍ଷୋଭକାରୀମାନେ ଆଲୋଚନା କରିଥିଲେ। ପୌରାଧ୍ୟକ୍ଷା ସାହୁ ଏଦିଗରେ ସେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ଆବଶ୍ୟକ ପଦକ୍ଷେପ ନେବେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଲମ୍ବୋଦର ଦୀପ, ଯୁଧିଷ୍ଠିର ବାଗ ଓ ଅନ୍ୟମାନେ ସାମିଲ ହୋଇଥିଲେ।



ମ୍ୟୁନିସିପାଲିଟି ଗେଟ୍ ସମ୍ମୁଖରେ ବିକ୍ଷୋଭକାରୀ ପୌରାଧ୍ୟକ୍ଷା ଲିକା ସାହୁଙ୍କୁ ଦାବି ଜଣାଉଛନ୍ତି।

**■ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର**
**■ସହରକୁ ଆସିବାକୁ ହେଲେ ୫ କି.ମି. ବୁଲିବାକୁ ପଡୁଛି**

## ସଂକ୍ଷେପରେ

### ଦାଦନ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ

କନ୍ଧମାଳ,୫।୯(ଆଦିତେଶ୍ୱର ମିଶ୍ର)

ବୌଦ୍ଧ ଜିଲା କନ୍ଧମାଳ ବ୍ଲକ ପଲସାଗୋରା ଗାଁର ଦାଦନ ଶ୍ରମିକ ରାଜୀବ ବାରିକ (୩୫)ଙ୍କ ରାଜ୍ୟ ବାହାରେ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ସ୍ୱର୍ଗତ ସୁରୁବାବୁ ବାରିକଙ୍କ ପୁଅ ରାଜୀବ ଗତ କିଛିଦିନ ତଳେ ଧାର କରଜରେ ବୁଡି ଆନ୍ଧ୍ରପ୍ରଦେଶର ଅନନ୍ତପୁରମରେ ଥିବା ଏକ ଘରୋଇ ସଂସ୍ଥାକୁ କାମ କରିବାକୁ ଯାଇଥିଲେ। ସାଙ୍ଗରେ ତାଙ୍କ ବିଧବା ମାଆ, ସ୍ତ୍ରୀ ଓ ୨ ଛୋଟ ଝିଅ ଯାଇଥିଲେ। କିନ୍ତୁ ଶନିବାର ହଠାତ୍ ରାଜୀବଙ୍କ ସ୍ୱାସ୍ଥ୍ୟ ଗୁରୁତର ହୋଇ ପଡିଥିଲା। ତାଙ୍କୁ ସଙ୍ଗେ ସଙ୍ଗେ ସ୍ଥାନୀୟ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ରାତିରେ ମୃତଦେହ ଗାଁରେ ପହଞ୍ଚିବା ପରେ ଅନ୍ତିମ ସଂସ୍କାର କରାଯାଇଛି । ଏହି ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ପ୍ରଶାସନ ତୁରନ୍ତ ସହାୟତା ପ୍ରଦାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ନୂତନ ଗ୍ରାହକ ସେବା କେନ୍ଦ୍ର ଉଦ୍‌ଘାଟିତ

ଅମରପାଲି,୫।୯(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅଧୀନ ସୁବଳୟା ଜଗନ୍ନାଥରୋଡ଼ସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ବୀରମହାରାଜପୁର ବ୍ରାଞ୍ଚ ତରଫରୁ ଏକ ନୂତନ ଗ୍ରାହକ ସେବା କେନ୍ଦ୍ର (ସିଏସପି) ଶୁଭାରମ୍ଭ ହୋଇଯାଇଛି। ବୀରମହାରାଜପୁର ଶାଖା ପରିଚାଳକ କାଳୀ ଚରଣ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ରେ ସିଏସସିଇ–ଗଭର୍ଣ୍ଣାନ୍ସ ସୁବର୍ଣ୍ଣପୁରର ଜିଲା ସଂଯୋଜକ ରଜନୀ ରଞ୍ଜନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଚ୍ଚୋଟତାର ସହିତ ଲୋକଙ୍କୁ ସେବା ଯୋଗାଇବାକୁ ପରାମର୍ଶ ଦେଇଥିଲେ। ଏହାସହିତ ସରକାରଙ୍କ ଦ୍ୱାରା ମିଳୁଥିବା ବିଭିନ୍ନ ପ୍ରକାର ଜୀବନ ବୀମା, ପେନସନ ଯୋଜନାରେ ଲୋକଙ୍କୁ ସାମିଲ କରି ସେମାନଙ୍କ ଆର୍ଥିକ ଉନ୍ନତି ସକାଶେ କାର୍ଯ୍ୟ କରିବା ପାଇଁ ମତପ୍ରକାଶ କରିଥିଲେ। କେନ୍ଦ୍ର ପରିଚାଳକ ବୁଲୁ ମେହେରଙ୍କ ସମେତ ସୁବଳୟା ଅଞ୍ଚଳର ଜନସାଧାରଣ ଉପସ୍ଥିତ ଥିଲେ।

### ରାଣୀଗଞ୍ଜରେ ସ୍ଥାୟୀ ପତ୍ର ଫଡିଘର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

ତଳଗାଁ,୫।୯(କୁନା ବେହେରା)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଆଡେଣୀଗଡ଼ ପଞ୍ଚାୟତ ରାଣୀଗଞ୍ଜରେ ମଙ୍ଗଳବାର ନୂତନ ପତ୍ର ଫଡି ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ଜଙ୍ଗଲ ଓ ପରିବେଶ ପଞ୍ଚାୟତି ରାଜ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ମୁଖ୍ୟଅତିଥି ଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ମନ୍ତ୍ରୀଙ୍କ ସହ କେନ୍ଦୁପତ୍ର ଡିଏଫଓ ସୁଦର୍ଶନ ବାଦି, ଅରବିନ୍ଦ ମହାନ୍ତି, ଚାରିଛକ ରେଞ୍ଜର ଯୁଧିଷ୍ଠିର ବେହେରା, ସରପଞ୍ଚ ଅଜିତ କୁମାର ପ୍ରଧାନ, ଏମପିଙ୍କ ପ୍ରତିନିଧି ତଥା କେନ୍ଦୁପତ୍ର ଡିପାର୍ଟମେଣ୍ଟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

### ଭଗବାନ ମିଶ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ



ବରଗଡ଼,୫।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବିକାଶ ଫାଷ୍ଟଷ୍ଟେପ୍ ସ୍କୁଲ ସମ୍ମୁଖରେ ମଙ୍ଗଳବାର ଗୁରୁ ଦିବସ ଅବସରରେ ସମାଜ ସଂସ୍କାରକ ତଥା ଗୁରୁ ସ୍ୱର୍ଗତ ଭଗବାନ ମିଶ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି, ତହସିଲଦାର ପ୍ରଶାନ୍ତ ମହାପାତ୍ର, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୁରୁ ସ୍ୱର୍ଗତ ମିଶ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ସ୍ମୃତି ସମିତି ଅଧ୍ୟକ୍ଷ ଅମରେନ୍ଦ୍ର ନାରାୟଣ ଯାଦବ, ସଭାପତି ପ୍ରୀତମ ସିଂ, ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ, ଉପଦେଷ୍ଟା ସନ୍ତୋଷ ପଣ୍ଡା, ବରିଷ୍ଠ ଖବରଦାତା ଶଙ୍କର ବଲ୍ଲଭ ମିଶ୍ର, ଆଡ଼ଭୋକେଟ୍ ସୁରେନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ରାସ୍ତା ମରାମତି ଦାବିରେ ସ୍ମାରକପତ୍ର

ବରଗଡ଼,୫।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହର ଭଟଲି ଛକରୁ ଡାଙ୍ଗ ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ହୋଇପଡ଼ିଛି। ଫଳରେ ଅନେକ ସମୟରେ ଲୋକଙ୍କୁ ଦୁର୍ଘଟଣାର ସମ୍ମୁଖୀନ ହେବାକୁ ପଡୁଛି। ଏହି ରାସ୍ତାର ତୁରନ୍ତ ମରାମତି ପାଇଁ ବରଗଡ଼ ଅଭିଭାବକ ସଂଘ ଦାବି କରିଛି। ଏହି କ୍ରମରେ ମଙ୍ଗଳବାର ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ସ୍ମାରକପତ୍ର ଗ୍ରହଣ କରିଥିଲେ। ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ଉକ୍ତ ରାସ୍ତା ଜିଲା ମୁଖ୍ୟ ଚିକିତ୍ସାଳୟ ସହିତ କେନ୍ଦ୍ରୀୟ ବିଦ୍ୟାଳୟ, ଇମ୍ପେରିୟଲ କଲେଜ, ସଂସ୍କାର ଇଣ୍ଟର ନ୍ୟାଶନାଲ ସ୍କୁଲ ଆଦି ଶିକ୍ଷାନୁଷ୍ଠାନକୁ ସଂଯୋଗ କରୁଛି। ତେବେ ରାସ୍ତା ଖାଲଖମାରେ ପରିପୂର୍ଣ୍ଣ ହୋଇଥିବା ଯୋଗୁ ଡାକ୍ତରଖାନାକୁ ରୋଗୀ ନେଉଥିବା ଗାଡ଼ି ସମେତ ସ୍କୁଲ, କଲେଜକୁ ଯାଉଥିବା ଛାତ୍ରୀଛାତ୍ରଙ୍କୁ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଫଳରେ ଉକ୍ତ ରାସ୍ତାକୁ ତୁରନ୍ତ ଦାବି କରିବାକୁ ସଂଘ ଦାବି କରିଛି। ସଂଘର ଜିଲା ଆବାହକ ବିମଳ କୁମାର ଦାଶ, ସାରଥୀ ମେହେର, ମାମି ମିଶ୍ର, ସଂଘମିତ୍ରା ପଟେଲ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ ଅଫିସକୁ ଯାଇଥିଲେ।



ଅତିରିକ୍ତ ଜିଲାପାଳ ସ୍ମାରକପତ୍ର ଗ୍ରହଣ କରୁଛନ୍ତି ।



ମଙ୍ଗଳବାର ବରଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଗୁରୁ ଦିବସ କାର୍ଯ୍ୟକ୍ରମରେ କୃତୀ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି ।

# କଣ୍ଟାବାଞ୍ଜି ଜିଲା ଦାବିରେ ବନ୍ଦ ଶାନ୍ତିପୂର୍ଣ୍ଣ

କଣ୍ଟାବାଞ୍ଜି, ୫।୯(ଗୁରୁଦୟାଲ ହଂସ )

କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନ ମଣ୍ଡଳୀକୁ ସ୍ୱତନ୍ତ୍ର ଜିଲା ମାନ୍ୟତା ଦାବି ନେଇ ମଙ୍ଗଳବାର ବନ୍ଦ ପାଳନ କରାଯାଇଥିଲା। ଜିଲା ସଂଘର୍ଷ ସମିତି ଆହୂତ ବନ୍ଦ ପ୍ରଭାବରେ କଣ୍ଟାବାଞ୍ଜି ସହରର ସମସ୍ତ ଦୋକାନ ବଜାର, ବ୍ୟାଙ୍କ, ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। ଗାଡି ମୋଟର ଚଳାଚଳ ବନ୍ଦ ରହିଥିଲା। ସଂଘର୍ଷ ସମିତିର ସଞ୍ଜୟ କୁମାର ନାଥ, ଦେବରାଜ ଯାଦବ, ପ୍ରଦୀପ ବାଗ, ରସିଆନନ୍ଦ ରାଏ, ଅଜୟ ଅଗ୍ରୱାଲଙ୍କ ସହ ଶତାଧିକ ଅନୁଷ୍ଠାନ କର୍ମକର୍ତ୍ତା ଜିଲା ଦାବି ମାନ୍ୟତା ବ୍ୟାନର ଲଗାଇ ରାସ୍ତା ଅବରୋଧ କରିଥିଲେ । ସକାଳ ୬ଟାରୁ ଆରମ୍ଭ ହୋଇଥିବା ବନ୍ଦ ସନ୍ଧ୍ୟା ୬ଟା ଯାଏ ଚାଲିଥିଲା। ସେହିପରି ବନ୍ଦକୁ ସମର୍ଥନ କରି ନିର୍ବାଚନ ମଣ୍ଡଳୀ ଅଧୀନ ତୁରେକେଲା, ବଙ୍ଗୋମୁଣ୍ଡା ଓ ମୁରିବାହାଲ ବ୍ଲକରେ ମଧ୍ୟ ଜିଲା ସଂଘର୍ଷ ସମିତିର ପ୍ରତିନିଧିମାନେ ସହ ବନ୍ଦ ପାଳନ କରିଥିଲେ। ମୁରିବାହାଲ ବ୍ଲକରେ ସଞ୍ଜୟ କୁମାର ନାଥ, ଦେବରାଜ ଯାଦବ, ଜୟଦୀପ ପୁରୋହିତ, ବଙ୍ଗୋମୁଣ୍ଡା ବ୍ଲକରେ ବ୍ରଜଶ୍ୟାମ ଗୁରୁ, ଭବାନୀ ଶଙ୍କର ରାଓ ବନ୍ଦ ପାଳନରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। କଣ୍ଟାବାଞ୍ଜି ଇନ୍ଦିରା ଛକରେ ଏକ ସଭା ହୋଇଥିଲା। ଏହି ସଭାରେ ଏଏପି ନେତା ସୁରଥ ବେହେରା, ଭାଜପା ରାଜ୍ୟ ସମ୍ପାଦକ ଲକ୍ଷ୍ମଣ ବାଗ, କଣ୍ଟାବାଞ୍ଜି ଏଏନସି ନଗରପାଳ ବରିୟାମ ସିଂ ସାଲୁଜା, ସାମ୍ବାଦିକ ସଂଘ କାର୍ଯ୍ୟକାରୀ ସଭାପତି ଗୁରୁଦୟାଲ ହଂସ, ପ୍ରେସ କ୍ଲବର ଆଶିଷ ଖାଇତାନ, ଅଗ୍ରୱାଲ ସଭା ଟ୍ରଷ୍ଟ ସମ୍ପାଦକ ସଞ୍ଜୟ ଗାନ୍ଧି, ନରେନ୍ଦ୍ର ସୁନା, କୁଞ୍ଜବିହାରୀ ବେହେରା, ସମ୍ପାଦକ ଦୁଃଖିଶ୍ୟାମ ଗୁରୁ, କାନନ କିଶୋର ପଣ୍ଡା, ଘନଶ୍ୟାମ ଶର୍ମା ଜିଲା ଦାବିର ଆବଶ୍ୟକତା ଉପରେ କହିଥିଲେ। ସଭାକୁ ଶେଷଦେବ ପୁଟେଲ ପରିଚାଳନା କରିଥିଲେ।

# ମିଳିନି ଅଂଶୁଘାତ ଅନୁକମ୍ପା ସହାୟତା

ବରଗଡ଼,୫।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଗାଇସିଲେଟ ବ୍ଲକ ମେଲଛାମୁଣ୍ଡା ଥାନା ଚାଣ୍ଟିପାଲି ପଞ୍ଚାୟତ ଅନ୍ତର୍ଗତ କେର୍ମେଲି ଗ୍ରାମରେ ୨୦୧୯ରେ ଅଂଶୁଘାତ ଜନିତ ମୃତ୍ୟୁ ଘଟଣାରେ ମୃତକଙ୍କ ପରିବାରକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଏଯାଏ ଅନୁକମ୍ପା ସହାୟତା ରାଶି ମିଳିନାହିଁ। ଏଭଳି ଅଭିଯୋଗ କରି ମୃତକ ଦେବ ଭୁଏଁଙ୍କ ପୁଅ ଘନଶ୍ୟାମ ସୋମବାର ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଫେରାଦ ହୋଇଥିଲେ। ତାଙ୍କୁ ଅଂଶୁଘାତ ଜନିତ ମୃତ୍ୟୁ ଘଟଣାର ଅନୁକମ୍ପା ସହାୟତା ରାଶି ଯୋଗାଇବା ଦିଗରେ ବିହିତ ପଦକ୍ଷେପ ନେବାକୁ ସେ ଜିଲାପାଳଙ୍କୁ ନିବେଦନ ସହିତ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ୨୦୧୯ ଜୁନ ୧୦ରେ ଦେବଙ୍କ ମୃତ୍ୟୁ ହୋଇଥିଲା। ଅଂଶୁଘାତଜନିତ ଅନୁକମ୍ପା ସହାୟତା ରାଶି ପାଇଁ ମୃତକଙ୍କ ପୁଅ ଘନଶ୍ୟାମ ବିଭାଗୀୟ ଅଧିକାରୀଙ୍କ ନିକଟରେ ଆବଶ୍ୟକ କାଗଜାତ୍ ଦାଖଲ କରିଥିଲେ। ମାତ୍ର ଘଟଣାର ୪ବର୍ଷ ଅତିକ୍ରାନ୍ତ ସତ୍ତ୍ୱେ ତାଙ୍କୁ ଅନୁକମ୍ପା ସହାୟତା ମିଳିନ ଥିବା ଘନଶ୍ୟାମ ଅଭିଯୋଗ କରିଛନ୍ତି।



ଜିଲାପାଳଙ୍କୁ ଫେରାଦ ହୋଇଥିବା ମୃତକଙ୍କ ପୁଅ ।

# ଗୁରୁ ଦିବସରେ ନାଟକ ପ୍ରତିଯୋଗିତା

ବରଗଡ଼,୫।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ରାଣାପ୍ରତାପ ସ୍କୁଲରେ ଗୁରୁ ଦିବସ ପାଳିତ ହୋଇଛି। ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବୈତନିକ ଶିକ୍ଷାଦାନ କରୁଥିବା ଶିକ୍ଷୟିତ୍ରୀ ମୀନା ପଣ୍ଡା, କ୍ରୀଡ଼ା ଶିକ୍ଷକ ଡାକ୍ତର ଭୋଇ, ଗଣିତ ଶିକ୍ଷକ ସୁଧାଂଶୁ ଶେଖର ସାହୁ, ନୃତ୍ୟ ଶିକ୍ଷକ ରାଜେଶ ବାରିକ ପ୍ରମୁଖଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ବରଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଗୁରୁ ଦିବସ ପାଳନ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତି ସୁନା, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ରେଣୁ ଦାଶଶର୍ମା, ଶିକ୍ଷକ ବିବେକାନନ୍ଦ ଅଦାବର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ଲକସ୍ତରୀୟ ବିଜ୍ଞାନ ଭିତ୍ତିକ ନାଟକ ପ୍ରତିଯୋଗିତା ହୋଇଥିଲା। ବ୍ଲକ ଶିକ୍ଷାଧିକାରୀ ସେବାଶ୍ରୀ ଭୋଇ ଏହାକୁ ଉଦ୍‌ଘାଟନ କରିଥିଲେ। ଧର୍ମରାଜ ବାରିକ, ଅରବିନ୍ଦ ଗୁପ୍ତା ବିଚାରକ ଭାବେ ଯୋଗଦାନ କରିଥିଲେ। ଏଥିରେ ବରଗଡ଼ ସରକାରୀ ବାଳିକା ହାଇସ୍କୁଲ ପ୍ରଥମ, ଜର୍ଜ ହାଇସ୍କୁଲ ଦ୍ୱିତୀୟ, ସିମେଣ୍ଟ ନଗର ହାଇସ୍କୁଲ ତୃତୀୟ ସ୍ଥାନ ଅଧିକାର କରିଥିଲା। ଗାଇସୀମା ପଞ୍ଚାୟତ ହାଇସ୍କୁଲର ପ୍ରଧାନ ଶିକ୍ଷକ ଶିବଶଙ୍କର ଦାଶ ପ୍ରତିଯୋଗିତା ସଂଯୋଜନା କରିଥିଲେ। ସେହିପରି ଚାରାରୋପଣ ମଧ୍ୟ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥଲେ।

### ଜିଲାସ୍ତରୀୟ ସଂସାଧନ ସଭ୍ୟଙ୍କ ପ୍ରଶିକ୍ଷଣ ଶିବିର

ନୂଆପଡ଼ା,୫।୯(ମକାରୁ ବେମାଲ)

ନୂଆପଡା ଜିଲା ପର୍ଯ୍ୟଟନ ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଓ ଜିଲା ସଂସ୍କୃତିକ ବିଭାଗର ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ ସଂଶାଧନ ସଭ୍ୟଙ୍କ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି। ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ବିବେକାନନ୍ଦ ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ନୂଆପଡା ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିର ଉଦଘାଟନ କରିଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରୀ ନାରାୟଣ ବେହେରା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନ୍ତର୍ଯ୍ୟାମୀ ବଳିଆରସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ଜିଲା କଳା ଓ ସଂସ୍କୃତି ସଂଘ ସଭାପତି ଅର୍ଜ୍ଜୁନ ଛତ୍ରିଆ ଲୋକମାନଙ୍କ ଲୋକ କଳାର ପ୍ରଭାବ ଉପରେ କଳାକାରମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କଳା ମାଧ୍ୟମରେ ପ୍ରଚାର ପ୍ରସାର ଉପରେ ଅମୂଲ୍ୟ ମୁଣ୍ଡ ପ୍ରଶିକ୍ଷଣ ଦେଇଥିଲେ। ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ମାହାର ଧନ୍ୟବାଦ ଅର୍ପଣ କରିଥିଲେ।

# ଅତାବିରାରେ ବ୍ଲକସ୍ତରୀୟ ଗୁରୁ ଦିବସ

ଅତାବିରା/ସରଣ୍ଡା,୫।୯
(ହୃଷିକେଶ ଖମାରୀ/ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ପ୍ରାଥମିକ ଶିକ୍ଷା ଓ ସାଂସ୍କୃତିକ ଅନୁଷ୍ଠାନ ଆନୁକୂଲ୍ୟରେ ମଙ୍ଗଳବାର ବ୍ଲକସ୍ତରୀୟ ଗୁରୁ ଦିବସ ପାଳିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରୀ ମିଶ୍ରାଣୀ କୁମ୍ଭାର ଅଧ୍ୟକ୍ଷତା କରିଥିଲେ। ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟ ଅତିଥି ଏବଂ କାଦୋବାହାଲ କଲେଜର ଅଧ୍ୟାପକ ସୁଶାନ୍ତ କୁମାର ପୂଜାରୀ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ମନୋରଞ୍ଜନ ମିଶ୍ର, ଏନଏସି ଅଧ୍ୟକ୍ଷ ବନମାଳୀ ବରିହା, ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ନାଏକ, ଅତାବିରା ପ୍ରାଥମିକ ଶିକ୍ଷା ଓ ସାଂସ୍କୃତିକ ଅନୁଷ୍ଠାନର ସଭାପତି ପୂର୍ଣ୍ଣଚନ୍ଦ୍ର ମେହେରା, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତପନ କୁମାର ଦାଶ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ କାର୍ତ୍ତିକ ବାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ଅବସରପ୍ରାପ୍ତ ୨୩ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପୂର୍ବର ଅବସର ଗ୍ରହଣ କରିଥିବା ୨୫୦ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା। ମନୋରଞ୍ଜନ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରକାଶ ଚନ୍ଦ୍ର ଦୋରା ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଅସରକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

ସରଣ୍ଡା,୫।୯(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଞ୍ଚାନନ ନାଥଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଜାତା ପଧାନ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷା ସୀମା ପାତ୍ର, ଗ୍ରାମ୍ୟ କମିଟି ସଭାପତି ଦୈତାରୀ ପ୍ରଧାନ, ଏନ୍‌ଏସି ଅଧ୍ୟକ୍ଷ ବନମାଳି ବରିହା, ଅବସରପ୍ରାପ୍ତ ଶିକ୍ଷକ ବେଣୁଧର ମିଶ୍ର, ବ୍ଲକ ଶିକ୍ଷାଧିକାରୀ ମିଶ୍ରାଣୀ କୁମ୍ଭାର, ସହକାରୀ ବ୍ଲକ ଶିକ୍ଷାଧିକାରୀ ତପନ କୁମାର ଦାସ, କାର୍ତ୍ତିକ ବାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଅତିଥିମାନେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନାଥଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ।

# ସ୍ମାର୍ଟ ଶ୍ରେଣୀକକ୍ଷ ଉଦ୍‌ଘାଟିତ

ସୋହେଲା,୫।୯(ଅଶ୍ୱିନୀ ପାତ୍ର)

ବରଗଡ଼ ଜିଲା ସୋହେଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ଗୁରୁ ଦିବସ ପାଳନ ଏବଂ ସ୍ମାର୍ଟ ଶ୍ରେଣୀକକ୍ଷ ଉଦଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆରମ୍ଭରେ ବିଦ୍ୟାଳୟର ଛାତ୍ରୀଛାତ୍ର ଅବସରପ୍ରାପ୍ତ ଶିକ୍ଷକଙ୍କ ସମେତ ବର୍ତ୍ତମାନର ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଫୁଲ, ଚନ୍ଦନ ସହିତ ସ୍ୱାଗତ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ନିମାଇ ଭୋଇ, ଦୁଃଖିଶ୍ୟାମ ପାଣିଗ୍ରାହୀ, ଦୁର୍ଯ୍ୟୋଧନ ସାହୁ, ନନ୍ଦଲାଲ ପ୍ରଧାନ, ହାରାଧନ ପଟେଲ, ରାଜକୁମାର ଭୋଇ, ଚନ୍ଦ୍ରଶେଖର ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ସୋହେଲା ବ୍ଲକ ଅଧ୍ୟକ୍ଷା ବବି ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୋ ସ୍କୁଲ ଅଭିଯାନ ଦ୍ୱାରା ନିର୍ମିତ ସ୍ମାର୍ଟ ଶ୍ରେଣୀକକ୍ଷକୁ ଉଦ୍‌ଘାଟନ କରିଥିଲେ। ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବିଡ଼ିଓ ବିଶ୍ୱରଞ୍ଜନ କର, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ଦେବତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମଙ୍ଗଳ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୁକେଶିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ମୁଖ୍ୟ ଅତିଥି ସ୍ମାର୍ଟ ଶ୍ରେଣୀକକ୍ଷକୁ ଉଦଘାଟନ କରୁଛନ୍ତି ।

# ସ୍ଥାୟୀ ରାସ୍ତା ଦାବି, ମ୍ୟୁନିସିପାଲିଟି ଅଫିସରେ ତାଲା

ବଲାଙ୍ଗୀର,୫।୯
(ବୀରେନ୍ଦ୍ର କୁମାର ଝାଙ୍କର)

■ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

■ସହରକୁ ଆସିବାକୁ ହେଲେ ୫ କି.ମି ବୁଲିବାକୁ ପଡୁଛି

ବଲାଙ୍ଗୀର ସହର ମାଲଗୋଦାମପଡା ଓ ଆରଆର୍ କଲୋନୀର ବହୁ ବାସିନ୍ଦା ମଙ୍ଗଳବାର ମ୍ୟୁନିସିପାଲିଟି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମାଲଗୋଦାମପଡାକୁ ସ୍ଥାୟୀ ରାସ୍ତା ନିର୍ମାଣ ଦାବିରେ ମ୍ୟୁନିସିପାଲିଟି ଗେଟ୍‌ରେ ତାଲା ପକାଇ ଦେଇଥିଲେ। ସମସ୍ୟାର ଶୀଘ୍ର ସମାଧାନ ନକଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦେଇଥିଲେ। ଏହାପରେ ଜିଲାପାଳ କାର୍ଯ୍ୟାଳୟ ଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ।

ମଙ୍ଗଳବାର ଦ୍ରୋଣ କୁମ୍ଭାରଙ୍କ ନେତୃତ୍ୱରେ ବହୁ ମହିଳା ଓ ପୁରୁଷ ମ୍ୟୁନିସିପାଲିଟି ଅଫିସ ଆସି ଗେଟ୍‌ରେ ତାଲା ପକାଇ ଥିଲେ। ୭୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଏହି ପଡାକୁ ସ୍ଥାୟୀ ରାସ୍ତା ତିଆରି ହୋଇନାହିଁ। ଏହି ପଡାବାସୀ ରେଲୱେ ଲାଇନ୍ କଡରେ ଯିବା ଆସିବା କରୁଥିଲେ। ମାତ୍ର କିଛିଦିନ ତଳେ ରେଲୱେ ବିଭାଗ ଏହି ରାସ୍ତାକୁ ବନ୍ଦ କରିଦେବାରୁ ପଡାବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ବନ୍ଦ ହେବା ଯୋଗୁ ସ୍କୁଲ, କଲେଜ ଛାତୀଛାତ୍ର ପାଠ ପଢ଼ିଗଲାବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନେକ ସମୟରେ ଗର୍ଭବତ ମହିଳା ଏବଂ ରୋଗୀଙ୍କୁ ନେବା ଆଣିବା କଲାବେଳେ ଅସୁବିଧା ହେଉଛି। ଯେଉଁ ରାସ୍ତାରେ ପିଢ଼ି ପିଢ଼ି ଧରି ଲୋକେ ଚାଲୁଥିଲେ ତାକୁ ବନ୍ଦ କରିଦେବା ଫଳରେ ଏବ ସେମାନଙ୍କୁ ସହରକୁ ଆସିବାକୁ ହେଲେ ୫/୭ କିଲୋମିଟର ଦୂର ବୁଲିବାକୁ ପଡୁଛି ବୋଲି କୁମ୍ଭାର କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ବାରମ୍ବାର ଦାବି ଆନ୍ଦୋଳନ କଲେ ମଧ ପୌର ପ୍ରଶାସନ ଏବଂ ଜିଲା ପ୍ରଶାସନ ସେମାନଙ୍କ ଦାବିକୁ ଉପେକ୍ଷା କରିଆସୁଛନ୍ତି। ବିଶେଷକରି ପୌରାଧକ୍ଷା ଏବଂ ଜିଲାପାଳ ଏଦିଗରେ ବିହିତ ପଦକ୍ଷେପ ନନେବା ଦୁର୍ଭାଗ୍ୟଜନକ ବୋଲି କୁମ୍ଭାର କହିଛନ୍ତି। ଏହି ପଡାରେ ସବୁଦିନିଆ ରାସ୍ତା ସମସ୍ୟା ସହ ପାନୀୟ ଜଳର ଅସୁବିଧା ରହିଛି। ତୁରନ୍ତ ପଡାକୁ ନଦୀ ପାଣି ଯୋଗାଣ କରିବାକୁ ଦାବି କରିଛନ୍ତି। ଏହା ସହିତ ପଡାବାସୀଙ୍କ ଗାଧୋଇବା ପାଇଁ ଲଖନ୍ ବନ୍ଧର ପୁନରୁଦ୍ଧାର କରିବାକୁ ଦାବି କରାଯାଇଛି। ଏହି ଦାବିଗୁଡିକର ତୁରନ୍ତ ସମାଧାନ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେଇଛନ୍ତି। ପୌରାଧକ୍ଷା ଲିକା ସାହୁଙ୍କ ସହ ମ୍ୟୁନିସିପାଲିଟି ଗେଟ୍ ସମ୍ମୁଖରେ ବିକ୍ଷୋଭକାରୀମାନେ ଆଲୋଚନା କରିଥିଲେ। ପୌରାଧକ୍ଷା ସାହୁ ଏଦିଗରେ ସେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ଆବଶ୍ୟକ ପଦକ୍ଷେପ ନେବେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଲମ୍ବୋଦର ଦୀପ, ଯୁଧିଷ୍ଠିର ବାଗ ଓ ଅନ୍ୟମାନେ ସାମିଲ ହୋଇଥିଲେ।



ମ୍ୟୁନିସିପାଲିଟି ଗେଟ୍ ସମ୍ମୁଖରେ ବିକ୍ଷୋଭକାରୀ ପୌରାଧକ୍ଷା ଲିକା ସାହୁଙ୍କୁ ଦାବି ଜଣାଉଛନ୍ତି।

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ବୃଦ୍ଧା ମୃତ

ଦେବଗଡ଼,୫।୯(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଥାନା ଅନ୍ତର୍ଗତ ଟାଇଁସର ଗ୍ରାମରେ ମଙ୍ଗଳବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ବୃଦ୍ଧାଙ୍କର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ଟାଇଁସର ଗ୍ରାମର ଚିନି ଭୋଇ ନାମ୍ନୀ ଜଣେ ବୃଦ୍ଧା ଅପରାହ୍ନରେ ଗାଧୋଇ ସାରି ନିଜ ଘରକୁ ଫେରିଥିଲେ। ତେବେ ଲାଇଟ ଜଳାଇବା ପାଇଁ ବୋର୍ଡରେ ପ୍ଲଗ ଲଗାଉଥିବାବେଳେ ଅସାବଧାନତାବଶତଃ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଅଚେତ ହୋଇପଡିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ ହେଁ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ସୂଚନା ପାଇ ଦେବଗଡ଼ ଆଦର୍ଶ ଥାନା ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ଶବାଗାରରେ ସଂରକ୍ଷିତ ରଖିଛି। ବୁଧବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୂତ୍ରରୁ ସୂଚନା ମିଳିଛି।

### ଦେଶୀ ମଦ ଜବତ: ଜଣେ ଗିରଫ

ଅମରପାଲି,୫।୯(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ ଯାଲୋଏ ପଞ୍ଚାୟତର ଖିରପୁର ନିକଟସ୍ଥ ଆଡିଆପଡା ରାସ୍ତା ଦେଇ ଦେଶୀ ମଦ ଚାଲାଣ ବେଳେ ଅବକାରୀ କର୍ମଚାରୀମାନେ ଚଢାଉ କରି ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛନ୍ତି । ଗିରଫ ଯୁବକ ଜଣକ ହେଲେ ଠେଙ୍ଗୋ ଡ୍ୟାମ ଫାଣ୍ଡି ଦୁର୍ଜନତୈଲା ପଞ୍ଚାୟତ ସାଗଯୋରି ଗ୍ରାମର ବିଶ୍ୱଜିତ ବାଘ(୨୭)। ତାଙ୍କ ନିକଟରୁ ୧୦୦ ଲିଟର ମଦ ଜବତ ହୋଇଛି। ପ୍ରକାଶ ଯେ, ଅଭିଯୁକ୍ତ ବିଶ୍ୱଜିତ ଓ ତାଙ୍କର ଜଣେ ସାଙ୍ଗ ଏକ ବାଇକ୍ (ନଂଓଡି ୩୧ ୫୭୩୮)ରେ ଦେଶୀ ରନ୍ଧା ମଦ ଧରି ସାଗାଯୋରିରୁ ଆସୁଥିଲେ। ଅବକାରୀ ବିଭାଗ କର୍ମଚାରୀ କୌଣସି ସୂତ୍ରରୁ ସୂଚନା ପାଇ ଉଭୟଙ୍କୁ ଅଟକାଇଥିଲେ। ସେଥିରୁ ଜଣେ ଯୁବକ ଫେରାର ମାରିଥିବା ବେଳେ ବିଶ୍ୱଜିତ୍ ଧରା ପଡ଼ି ଯାଇଥିଲେ। ବୀରମହାରାଜପୁର ଅବକାରୀ ବିଭାଗର ଏସଆଇ ସୁମିତ୍ରା ହେମ୍ବ୍ରମଙ୍କ ନେତୃତ୍ୱରେ ଚଢାଉ ହୋଇଥିଲା। କନଷ୍ଟେବଲ ଉର୍ବୀ ମାଝୀ, ରେଣୁକା ଭୁଏ, ରାଜୀବ କୁମାର ଭଞ୍ଜ ପ୍ରମୁଖ ଚଢାଉରେ ସାମିଲ ଥିଲେ।

### ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା

ବୌଦ୍ଧ,୫।୯(ଅଜିତ କୁମାର ବାରିକ)

ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ମଙ୍ଗଳବାର ଦିନ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସୁରେଶ ଚନ୍ଦ୍ର ଦଳେଇ ବୌଦ୍ଧ ଗସ୍ତରେ ଆସି ବିଭିନ୍ନ ବିଭାଗର ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ । ଜିଲାର ସମସ୍ତ କାର୍ଯ୍ୟାଳୟରେ ସାଧାରଣ ଲୋକଙ୍କୁ ଉଚିତ ସେବା ଯୋଗାଇ ଦେବାକୁ କମିଶନର ନିର୍ଦ୍ଦେଶ ଦେଇଥିଲେ। ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସୁରେଶ ଚନ୍ଦ୍ର ଦଳେଇଙ୍କ ଗସ୍ତ ସମୟରେ ଜିଲାପାଳ ନୃସିଂହ ଚରଣ ସ୍ୱାଇଁ, ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ରବି ନାରାୟଣ ତ୍ରିପାଠୀ , ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର , ଉପ ଜିଲାପାଳ ରବୀନ୍ଦ୍ର ନାଥ କହଁରଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଲୋକାର୍ପଣ ପରେ ଲୋକଙ୍କୁ ଲୁଟ୍

ସମ୍ବଲପୁର,୫।୯(ଶୁଭାଶିଷ ପାଢ଼ୀ)

**ଝାରସୁଗୁଡ଼ା ବସ୍‌ଷ୍ଟାଣ୍ଡ**
- ସିକ୍ୟୁରିଟି ଟଙ୍କା ଦାବି
- ରୋଜଗାର ହରାଇଛନ୍ତି ଶତାଧିକ ପରିବାର


ଝାରସୁଗୁଡ଼ା ବସଷ୍ଟାଣ୍ଡ ।

ଦୀର୍ଘଦିନ ପ୍ରତୀକ୍ଷାର ଅନ୍ତ ଘଟାଇ ଝାରସୁଗୁଡ଼ା ସହରରେ ଗତ ଜୁଲାଇ ୯ରେ ବସ୍‌ଷ୍ଟାଣ୍ଡ ଲୋକାର୍ପଣ ହୋଇଥିଲା। ଏହାକୁ ନେଇ ଝାରସୁଗୁଡ଼ାବାସୀ ବିଶେଷ କରି ଅଟୋ ଚାଳକ, ଷ୍ଟାଣ୍ଡ ଉପରେ ନିର୍ଭର କରୁଥିବା ଛୋଟ ବ୍ୟବସାୟୀ ଖୁସି ପ୍ରକଟ କରିଥିଲେ। ହେଲେ ଲୋକାର୍ପଣ ପରେ ଦାୟିତ୍ୱରେ ଥିବା ଘରୋଇ ଆର୍ଯ୍ୟଭଟ୍ଟ କମ୍ପ୍ୟୁଟର ନାମକ ଠିକା ସଂସ୍ଥା ଏବେ ଲୋକଙ୍କୁ ଲୁଟ୍ କରୁଛି। ଦୋକାନ ଗୃହ ଓ ଷ୍ଟଲ ପାଇଁ ସିକ୍ୟୁରିଟି ଦାବି କରିବା ସହ ଅଧିକ ପାର୍କିଂ ଫି ଆଦାୟ କରୁଥିବା ଅଭିଯୋଗ ହେଉଛି। ଏପରି କି ଯାତ୍ରୀ ନେଇ ଯାଉଥିବା ଅଟୋ, ପରିବାରକୁ ଛାଡିବାକୁ ଯାଉଥିବା ବାଇକ୍‌କୁ ମଧ୍ୟ ବସ୍‌ଷ୍ଟାଣ୍ଡ ଭିତରକୁ ପ୍ରବେଶ ନିଷେଧ କରାଯାଇଛି। ଯଦି ସେମାନେ ଭିତରକୁ ଯିବେ ତା'ହେଲେ ଫି ଦେବାକୁ ପଡୁଛି। ଏହାକୁ ନେଇ ଜିଲାର ବିଭିନ୍ନ ମହଲର ଲୋକେ ଜିଲା ପ୍ରଶାସନ ଓ ଆର୍‌ଟିଓଙ୍କ ପାଖରେ ଅଭିଯୋଗ କରିଛନ୍ତି।

ବସ୍‌ଷ୍ଟାଣ୍ଡ ପରିଚାଳନା ପାଇଁ ଠିକାସଂସ୍ଥା ପ୍ରଶାସନ ସହିତ ଚୁକ୍ତି କରିଥିଲା। ହେଲେ ଚୁକ୍ତିରେ ଥିବା ସର୍ତ୍ତକୁ ସଂସ୍ଥା ଖିଲାପ କରୁଛି। ପୁରୁଣା ବସ୍‌ଷ୍ଟାଣ୍ଡରେ ଖୁଚୁରା ଦୋକାନ କରି ପରିବାର ପ୍ରତିପୋଷଣ କରୁଥିବା ବ୍ୟକ୍ତିଙ୍କୁ ନୂଆ ବସ୍‌ଷ୍ଟାଣ୍ଡରେ ପ୍ରଥମେ ସୁଯୋଗ ଦେବା ପାଇଁ ଆଲୋଚନା ହୋଇଥିଲା। ହେଲେ ତାହା କାର୍ଯ୍ୟକାରୀ ନ ହେବାରୁ ନିର୍ଭର କରୁଥିବା ଶତାଧିକ ପରିବାର ଏବେ ରୋଜଗାର ହରାଇ ବସିଛନ୍ତି। ବାହାର ଗାଡିକୁ ଭିତରକୁ ପ୍ରବେଶ ନିଷେଧ ରହିଥିବା ବେଳେ ବରିଷ୍ଠ ନାଗରିକ, ଗର୍ଭବତୀ, ଛୋଟ ପିଲା ଷ୍ଟାଣ୍ଡ ଭିତରକୁ ଯିବାରେ ସମସ୍ୟା ହେଉଛି। କମ୍ପାନୀ ଯାତ୍ରୀ, ଦୋକାନୀଙ୍କ ସମସ୍ୟାକୁ ଅଣଦେଖା କରି ଟିକସ ଅସୁଲି କରୁଥିବାରୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

ପୁରୁଣା ବସ୍‌ଷ୍ଟାଣ୍ଡରେ ଚା' ଷ୍ଟଲ କରିଥିବା ରାଜୁ ମେହେର କହିଛନ୍ତି, ଚା' ଷ୍ଟଲରୁ ପ୍ରତିଦିନ ୫ରୁ ୭ଶହ ଟଙ୍କା ରୋଜଗାର କରି ପରିବାର ପ୍ରତିପୋଷଣ କରୁଥିଲି। ନୂତନ ବସ୍‌ଷ୍ଟାଣ୍ଡ ହେଲେ ଏକ ସ୍ଥାୟୀ ଷ୍ଟଲ କରି ବ୍ୟବସାୟ କରିବି ବୋଲି ଆଶା କରିଥିଲି। ହେଲେ ଠିକାସଂସ୍ଥା ୪ରୁ ୫ଲକ୍ଷ ସିକ୍ୟୁରିଟି ଟଙ୍କା ଜମା କରିବାକୁ କହୁଛି। ଏହା ସହ ମାସିକ ୧୦ହଜାର ଟଙ୍କା ଭଡ଼ା ମଧ୍ୟ ଦେବାକୁ ପଡିବ। ଛୋଟ ଦୋକାନରେ କେତେ ଲାଭ ହେବ ଯେ ଏତେ ଟଙ୍କା ଦେବି। ସିକ୍ୟୁରିଟି ଟଙ୍କା ମଧ୍ୟ ଦେବାକୁ ଅକ୍ଷମ। ତେଣୁ ପ୍ରଶାସନ କିଛି ବ୍ୟବସ୍ଥା କରୁ ବୋଲି ସେ ଅନୁରୋଧ କରିଥିଲେ। ଅନ୍ୟପଟେ ଠିକା ସଂସ୍ଥା ଅଧିକାରୀ ସ୍ୱତନ୍ତ୍ର କୁମାର କହିଛନ୍ତି, ବାଇକ୍ ଚାଳକଙ୍କ ପାଇଁ ଦେୟମୁକ୍ତ କରାଯାଇଛି। ଅନ୍ୟଗାଡି ପାଇଁ ସରକାରୀ ନିୟମ ଅନୁସାରେ ଦର ଧାର୍ଯ୍ୟ ହୋଇଛି। ପୁରୁଣା ବସ୍‌ଷ୍ଟାଣ୍ଡ ବ୍ୟବସାୟୀଙ୍କୁ ଷ୍ଟଲ ଦିଆଯାଉଛି। ଆଉ କେତେଜଣ ରହିଯାଇଛନ୍ତି। ସେମାନଙ୍କୁ ନିୟମ ଅନୁସାରେ ଷ୍ଟଲ ଦିଆଯିବ। ସିକ୍ୟୁରିଟି ପାଇଁ ନୋମିନାଲ ଟଙ୍କା ଦାବି କରାଯାଉଛି। ଅନେକ କ୍ଷେତ୍ରରେ ସିକ୍ୟୁରିଟି ଟଙ୍କାରେ ମଧ୍ୟ କୋହଳ କରାଯାଉଛି। ଅନ୍ୟସବୁ ସମସ୍ୟାର ସମାଧାନ ହୋଇଯିବ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ଝାରସୁଗୁଡ଼ାରେ ଯାତ୍ରୀଙ୍କ ସୁବିଧା ପାଇଁ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯାଇଛି। ଏଥିଲାଗି ଜିଲା ଖଣିଜପାଣ୍ଠିରୁ ପ୍ରାୟ ୨୦କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଏଠାରେ ଅତ୍ୟାଧୁନିକ ବ୍ୟବସ୍ଥା ସହ ସମସ୍ତ ସୁବିଧା ଉପଲବ୍ଧ ରହିଛି।

### ଗଞ୍ଜେଇ ମାମଲାରେ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ବୌଦ୍ଧ,୫।୯(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ବିକ୍ରମ କୁମାର ପ୍ରଧାନ ମଙ୍ଗଳବାର ଦିନ ଏକ ଗଞ୍ଜେଇ ଚୋରାଚାଲାଣ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାରୁ ପ୍ରକାଶ ଯେ, ଗତ ୩୧।୭।୨୦୧୫ ତାରିଖରେ ବୌଦ୍ଧ ଅବକାରୀ ବିଭାଗର କର୍ମଚାରୀମାନେ କନ୍ଧମାଳ ଥାନା ଅନ୍ତର୍ଗତ ମାତାକୁପା ଘାଟିରେ ପାଟ୍ରୋଲିଂ କରୁଥିବା ସମୟରେ ମୋଟର ସାଇକେଲରେ ଆସୁଥିବା ଜଣେ ବ୍ୟକ୍ତିଙ୍କୁ ସନ୍ଦେହରେ ଅଟକାଇଥିଲେ। ଯାଞ୍ଚ ପରେ ବିଭାଗୀୟ କର୍ମଚାରୀମାନେ ତାଙ୍କ ପାଖରୁ ଏକ ଜରି ବ୍ୟାଗରେ ଥିବା ୫ କେଜି ଗଞ୍ଜେଇ ଓ ମୋଟର ସାଇକେଲ ଜବତ କରିଥିଲେ। ଅଭିଯୁକ୍ତ ଜଣକ ଥିଲେ ଅନୁଗୋଳ ଜିଲା କଣିହା ଥାନା କାକୁଡିଆ ଗ୍ରାମର ବିଜୟ କୁମାର ଦାସ (୪୩)। ଅବକାରୀ କର୍ମଚାରୀମାନେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିବା ସହ ଏକ ମାମଲା ରୁଜୁ କରି ବିଚାର ପାଇଁ କୋର୍ଟକୁ ପଠାଇଥିଲେ। ଏହି ମାମଲା ପରବର୍ତ୍ତୀ ସମୟରେ ବୌଦ୍ଧ ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ନଂ. ୨ଏସିସି ୨/୧୫ ହୋଇ ବିଚାର ହୋଇଥିଲା।

## ଶିଶୁ ମଙ୍ଗଳ ସମିତିରେ ଉପସ୍ଥାପନ କଲା ଜିଲା ଶିଶୁ ସୁରକ୍ଷା ବିଭାଗ

ଦେବଗଡ଼,୫।୯(ଶଶାଙ୍କ ଶେଖର ଝାଙ୍କର)

**ନାବାଳକଙ୍କୁ ଅପହରଣ ଉଦ୍ୟମ ଘଟଣା**
- ଥାନାରେ ଅପହରଣ ମାମଲା ରୁଜୁ

ଜଣେ ଅଚିହ୍ନା ବ୍ୟକ୍ତି ନିଜକୁ ସମ୍ପର୍କୀୟ ମାମୁଁ ବୋଲି ପରିଚୟ ଦେବାସହ ବିଭିନ୍ନ ପ୍ରଲୋଭନ ଦେଖାଇ ସୋମବାର ଜଣେ ନବମ ଶ୍ରେଣୀ ଛାତ୍ରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଅପହରଣ ଉଦ୍ୟମ କରୁଥିବାବେଳେ ଏହା ପଣ୍ଡ ହୋଇଛି। ଉଦ୍ଧାର ନାବାଳକଙ୍କୁ ମଙ୍ଗଳବାର ଶିଶୁ ମଙ୍ଗଳ ସମିତି ସମ୍ମୁଖରେ ଉପସ୍ଥାପନ କରାଯାଇଛି। ଏଥିସହ ଏନେଇ ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଦେବଗଡ଼ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗ ଆଧାରରେ ଦେବଗଡ ଆଦର୍ଶ ଥାନା ପୋଲିସ ଦଫା ୩୬୩ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ଖବର ଲେଖାଯିବା ପର୍ଯ୍ୟନ୍ତ ଅପହରଣକାରୀ ତଥାକଥିତ ମାମୁଙ୍କୁ ପୋଲିସ ଗିରଫ କରିପାରି ନ ଥିବା ଜଣାପଡିଛି।

ସୂଚନାଯୋଗ୍ୟ ଯେ, ଦେବଗଡ଼ ଥାନା ତଥା ବାରକୋଟ ବ୍ଲକ ବିଜୟନଗର ହାଇସ୍କୁଲରେ ନବମ ଶ୍ରେଣୀରେ ପାଠ ପଢୁଥିବା ଜଣେ ଛାତ୍ରଙ୍କ ମା' ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ବେଳେ ଛାତ୍ର ଜଣକ ସେଠାରେ ରହି ତାଙ୍କର ମା'ଙ୍କ ଚିକିତ୍ସା ପ୍ରକ୍ରିୟାରେ ସହାୟତା କରୁଥିଲେ। ତେବେ ସୋମବାର ଜଣେ ଅଚିହ୍ନା ବ୍ୟକ୍ତି ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ନିଜକୁ ଉକ୍ତ ନାବାଳକଙ୍କ ମାମୁଁ ବୋଲି ପରିଚୟ ଦେବାସହ ଢାବାରେ ଖାଇବା ଓ ନୂଆଁ ପୋଷାକ କିଣିଦେବା ଆଦି ବିଭିନ୍ନ ପ୍ରଲୋଭନ ଦେଖାଇଥିଲେ। ନାବାଳକ ଜଣକ ଏଥିରେ ରାଜି ହେବା ସହ ମା'ଙ୍କ ଚିକିତ୍ସା ସମ୍ପର୍କରେ ପଚାରିବାରୁ ଉକ୍ତ ଅଚିହ୍ନା ବ୍ୟକ୍ତି ଜଣକ 'ମୋ ସ୍ତ୍ରୀ ନର୍ସ ଅଛନ୍ତି, ସେ ସବୁ ସମ୍ଭାଳି ଦେବେ' କହି ନାବାଳକଙ୍କୁ ଏକ ବାଇକ୍ ଯୋଗେ ଡାକି ନେଇଥିଲେ। ରିଆମାଳ ରାସ୍ତାରେ ପ୍ରାୟ ୨୦ କି.ମି. ଦୂରକୁ ଯିବାପରେ ଛତାବର ଗ୍ରାମରେ ନୂଆଁ ପୋଷାକ ଦେବାର ଆଶା ଦେଖାଇ ଆଗକୁ ବଢିଥିଲେ। ତେବେ କଣ୍ଟାବାହାଳ ଦେଇ ଆଗକୁ ଯାଉଥିବା ବେଳେ ବାଇକରୁ ପେଟ୍ରୋଲ ଶେଷ ହୋଇଯିବାରୁ ସେଠାରେ ଥିବା ଏକ ଦୋକାନରୁ ପେଟ୍ରୋଲ ପକାଇଥିଲେ। ମାତ୍ର ଦୋକାନୀଙ୍କୁ ଏ ବାବଦୀୟ ଟଙ୍କା ଦେଇ ନ ପାରି ସମ୍ପୃକ୍ତ ନାବାଳକଙ୍କୁ ସେଠାରେ ବନ୍ଧା ପକାଇବା ସହ ଅଳ୍ପ ସମୟ ମଧ୍ୟରେ ସେ ଟଙ୍କା ଆଣିଦେବ କହି ସେଠାରୁ ଚାଲି ଯାଇଥିଲେ। ଏହି ସମୟରେ ସେ ନିଜର ମୋବାଇଲ ଫୋନଟିକୁ ମଧ୍ୟ ସେଠାରେ ଛାଡି ଚାଲିଯାଇଥିଲେ। ମାତ୍ର ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ନ ଫେରିବାରୁ ଦୋକାନୀଙ୍କ ମନରେ ସନ୍ଦେହ ହେବା ସହ ସେ ଉକ୍ତ ନାବାଳକଙ୍କୁ ପଚରାଉଚରା କରି ପ୍ରକୃତ କଥା ଜାଣିବାକୁ ପାଇଥିଲେ। ଏ ନେଇ ସେ ଗ୍ରାମବାସୀଙ୍କୁ ଜଣାଇବା ସହ ପୋଲିସ ଓ ଜିଲା ଶିଶୁ ସୁରକ୍ଷା ବିଭାଗକୁ ସୂଚନା ଦେଇଥିଲେ। ସୂଚନା ପାଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ଓ ସୁରକ୍ଷା ଅଧିକାରୀ ଚିନ୍ମୟ ସ୍ୱାଇଁ ଘଟଣା ସ୍ଥଳରେ ପହଞ୍ଚି ବିଳମ୍ବିତ ରାତିରେ ଖଇରପାଲି ଫାଣ୍ଡି ପୋଲିସ ଉପସ୍ଥିତିରେ ଉକ୍ତ ନାବାଳକଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ମଙ୍ଗଳବାର ଉକ୍ତ ନାବାଳକ ଜଣକ ନିଜର ପିତାଙ୍କ ସହିତ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ପରେ ତାଙ୍କୁ ଶିଶୁ ମଙ୍ଗଳ ସମିତି ସମ୍ମୁଖରେ ଉପସ୍ଥାପନ କରାଯାଇଥିଲା। ଏଥିସହ ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଦେବଗଡ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା।

## ଭାଜପାର ଭୋଟର ସଚେତନତା ମହାଅଭିଯାନ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଭାଜପା ନେତୃବର୍ଗ।

ଦେବଗଡ, ୫।୯(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ପୌରାଞ୍ଚଳ ପୁରୁଣାଗଡସ୍ଥିତ ଜିଲା ଭାଜପା କାର୍ଯ୍ୟାଳୟରେ ମଙ୍ଗଳବାର ଭୋଟର ସଚେତନ ମହାଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଏବଂ ରୂପରେଖ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସମ୍ମାନୀତ ଅତିଥିଭାବେ କୁଚିଣ୍ଡାର ପୂର୍ବତନ ବିଧାୟକ ତଥା ଭାଜପା ରାଜ୍ୟ ଉପସଭାପତି ରବି ନାୟକ, ମୋ ଦେଶ, ମୋ ମାଟିର ଜିଲା ସଂଯୋଜକ ହରମୋହନ ପାଣି, ଦେବଗଡ ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ଜିଲା ଭାଜପା ସାଧାରଣ ସମ୍ପାଦକ ସଚ୍ଚିକାନ୍ତ ଦାଶ, ରଞ୍ଜିତ ପଟେଲ ଓ ଜିଲା ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ବିଳାସିନୀ ଥାପ୍ପା ପ୍ରମୁଖ ମଞ୍ଚାସୀନ ଥିଲେ। କେନ୍ଦ୍ର ସରକାରଙ୍କ ବିଭିନ୍ନ ବିକାଶମୂଳକ ଏବଂ ଜନହିତକର ଯୋଜନା ସମ୍ପର୍କରେ ଭୋଟରମାନଙ୍କୁ କିଭଳି ସଚେତନ କରାଯାଇ ପାରିବ ଏବଂ ସେମାନଙ୍କୁ ଦଳଆଡକୁ କିଭଳି ଆକୃଷ୍ଟ କରାଯାଇ ପାରିବ ସେ ସମ୍ପର୍କରେ ନେତୃବର୍ଗ ବକ୍ତବ୍ୟ ରଖିଥିଲେ ।

## ଶ୍ରୀଜଗନ୍ନାଥ ସାହିତ୍ୟ ସଂସଦ ପକ୍ଷରୁ ଗୁରୁଦିବସ ପାଳିତ

ଦେବଗଡ଼,୫।୯(ଶଶାଙ୍କ ଶେଖର ଝାଙ୍କର)




ସ୍ଥାନୀୟ କ୍ଲବ ଗୃହଠାରେ ଶ୍ରୀଜଗନ୍ନାଥ ସାହିତ୍ୟ ସଂସଦ, ଦେବଗଡ଼ ତରଫରୁ ଗୁରୁଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଡକ୍ଟର ଭାରତ ଭୂଷଣ ନନ୍ଦ ସଭାପତି, ମୁଖ୍ୟଅତିଥି ଡକ୍ଟର ପଦ୍ମନାଭ ସାହୁ, ମୁଖ୍ୟବକ୍ତା ଡକ୍ଟର ବିଜୟ କୁମାର ମହାରଣା ଓ କବିତା ସଂଯୋଜନା ନିମନ୍ତେ ଟିକେଶ୍ୱର ସାହୁ ମଞ୍ଚାସୀନ ଥିଲେ। ସଂସଦର ସମ୍ପାଦକ ଅଧ୍ୟାପକ ଚିତ୍ତରଂଜନ ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ ସହ ଅତିଥି ପରିଚୟ କରିଥିଲେ। ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ ସୁଶ୍ରୀ ଅରୁନ୍ଧତୀ ଦାଶ। ମୁଖ୍ୟବକ୍ତା ଭାବରେ ଡକ୍ଟର ବିଜୟ କୁମାର ମହାରଣା ଗୁରୁଦିବସର ମହତ୍ତ୍ୱ ଓ ସର୍ବପଲ୍ଲୀ ରାଧାକ୍ରୀଷ୍ଣନଙ୍କ ଦାର୍ଶନିକ ଚିନ୍ତାଧାରା,ତ୍ୟାଗ ଓ ତାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ପରମ୍ପରାକୁ ବଜାୟ ରଖି ଦୁଇ ଜଣ ଆଦର୍ଶ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପ୍ରଫୁଲ୍ଲ କୁମାର ମହାପାତ୍ର, ଜଗମୋହନ ସାହୁ, ଗୌରହରି ଷଡ଼ଙ୍ଗୀ, ଫକୀର ମୋହନ ଦଳବେହେରା, ଅଞ୍ଜନା ନାଏକ, ପଙ୍କଜିନୀ ବେହେରା, ପଦ୍ମିନୀ ଦାଶମହାପାତ୍ର, ରୁବି ଦାଶ, ସୁମିତ୍ରା ପୁରୋହିତ, ପ୍ରଯୁକ୍ତି ପ୍ରିଦଦର୍ଶିନୀ ସାହୁ, ଫକୀର ମୋହନ ଦେହୁରୀ, ଭାନୁଶଙ୍କର ନନ୍ଦ, ଶ୍ରୀମନ୍ତ ସାହୁ, ବାଲ୍ମିକୀ ଲୁହା, ପ୍ରକାଶ ଚନ୍ଦ୍ର ସାହୁ, ମାର୍କଣ୍ଡେଶ୍ୱର ଶତପଥୀ, ସନ୍ଧ୍ୟାରାଣୀ ପାତ୍ର, ଅଶୋକ କୁମାର ମିଶ୍ର ,ସୁନିଲ କୁମାର ଦାଶ, ହେମନ୍ତ ମହାପାତ୍ର, ନିରଞ୍ଜନ ଦ୍ୱିବେଦୀ, ରାମଚନ୍ଦ୍ର ପ୍ରଧାନ, କିଶୋର ଚନ୍ଦ୍ର ନନ୍ଦ ତଥା ଟିକେଶ୍ୱର ସାହୁ କବିତା ପାଠ ସହ ଗୁରୁ ଦିବସର ତାତ୍ପର୍ଯ୍ୟ ଆଲୋଚନା କରିଥିଲେ। ଶେଷରେ ସୁମିତ୍ରା ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

### ଅନଶନ ଭଙ୍ଗ, ଏତଲା ଦେଲେ ଆନ୍ଦୋଳନକାରୀ

ଲୋଇସିଂହା,୫।୯(ସୁଶାନ୍ତ ବାରିକ)

କେଉଟ, କୈବର୍ତ୍ତ ଓ ଧୀବରଙ୍କୁ ଅନୁସୂଚିତ ଜାତି ତାଲିକାରୁ ବାଦ ଦେବା ପାଇଁ ଦଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଲୋଇସିଂହା ବ୍ଲକ ଛକରେ ଧାରଣା ଦିଆଯାଇଥିଲା । ମଙ୍ଗଳବାର ଧାରଣାର ପଞ୍ଚମ ଦିବସରେ ସ୍ଥାନୀୟ ତହସିଲଦାର ସଂଘମିତ୍ରା କାଲୋ ସେଠାକୁ ଆସି ଅନଶନକାରୀଙ୍କ ସହ ଆଲୋଚନା କରିଥିଲେ। ପ୍ରଶାସନ ପକ୍ଷରୁ ସେମାନଙ୍କ ଦାବି ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କୁ ଆବଗତ କରାଯାଇଥିବା ଏକ ଦସ୍ତାବିଜ ପ୍ରଦାନ ପରେ ସେମାନେ ଅନଶନ ଭଙ୍ଗ କରିଥିଲେ । ଅପରପକ୍ଷେ ପୂର୍ବତନ ଲୋଇସିଂହା ବିଧାୟକ ଯୋଗେନ୍ଦ୍ର ବେହେରା ଦଳିତମାନଙ୍କ ପ୍ରତି ଦେଇଥିବା ଆପତ୍ତିଜନକ ମନ୍ତବ୍ୟକୁ ନେଇ ଆନ୍ଦୋଳନକାରୀ ଲୋଇସିଂହା ଥାନାରେ ଏତାଲା ଦେଇଛନ୍ତି।

### ଥାଇବକ୍ସିଂ ଚାମ୍ପିୟନଶିପ୍‌ରେ ଦେବଗଡ଼ର ପ୍ରତିଯୋଗୀଙ୍କୁ ସ୍ୱର୍ଣ୍ଣପଦକ

ଦେବଗଡ଼,୫।୯(ଶଶାଙ୍କ ଶେଖର ଝାଙ୍କର)




ଭୁବନେଶ୍ୱରରେ ରାଜ୍ୟ ଜବାହର ବାଳ ଭବନଠାରେ ଆୟୋଜିତ ଚତୁର୍ଦ୍ଦଶ ଜାତୀୟ ଥାଇବକ୍ସିଂ ଚାମ୍ପିୟନଶିପ୍‌ରେ ଦେଶର ବିଭିନ୍ନ ରାଜ୍ୟର ୫୪୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ବେଳେ ଦେବଗଡର ସୋନାଲିକା ସାହୁ ଉଲ୍ଲେଖନୀୟ ପ୍ରଦର୍ଶନ କରି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ସରାଙ୍ଗ ସ୍ଥିତ ଇନ୍ଦିରା ଗାନ୍ଧୀ ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନ (ଆଇଜିଆଇଟି)ରେ ଅଧ୍ୟୟନରତା ଦେବଗଡର ଝିଅ ସୁଶ୍ରୀ ସୋନାଲିକା ୬୦ରୁ ୬୪ କିଲୋଗ୍ରାମ ବର୍ଗ ଥାଇବକ୍ସିଂ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଜାତୀୟ ସ୍ତରରେ ଏହି ସଫଳତା ପାଇ ସ୍ୱର୍ଣ୍ଣପଦକ ହାସଲ କରିଥିବା ଜଣାପଡିଛି। ସୋନାଲିକାଙ୍କ ଏହି ସଫଳତା ନିମନ୍ତେ ଆଇଜିଆଇଟି, ସରାଙ୍ଗ ସମେତ ବିଭିନ୍ନ ମହଲରୁ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ସୋନାଲିକା ଏହା ପୂର୍ବରୁ ୨୦୨୨ ନଭେମ୍ବର ୧୩ରେ ଆୟୋଜିତ ରାଜ୍ୟସ୍ତରୀୟ ଥାଇବକ୍ସିଂ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରି ପ୍ରଥମ ପଦାର୍ପଣରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସୂଚନାଯୋଗ୍ୟ ଯେ, ସୋନାଲିକା ଦେବଗଡ ଜିଲା ଶିକ୍ଷା କାର୍ଯ୍ୟାଳୟର ବରିଷ୍ଠ ସହାୟକ ଝସକେତନ ସାହୁ ଓ ରଶ୍ମିତା ବିଶ୍ୱାଳଙ୍କ ସୁପୁତ୍ରୀ ଅଟନ୍ତି।

### ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗୁରୁଦିବସ ପାଳିତ




ଦେବଗଡ଼, ୫।୯(ଶଶାଙ୍କ ଶେଖର ଝାଙ୍କର)

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଦେବଗଡ଼ଠାରେ ମହାସମାରୋହରେ ଗୁରୁଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ସମ୍ପାଦକ ସୌଭାଗ୍ୟ କୁମାର ନାଥଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ରୂପେ ଅବସରପ୍ରାପ୍ତ ଶିକ୍ଷକ ଯୁଧିଷ୍ଠିର ପ୍ରଧାନ ଓ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶୈଳବାଳା ନନ୍ଦ ଉପସ୍ଥିତ ରହି ଗୁରୁଙ୍କ ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ରଞ୍ଜନ କୁମାର ବିଶାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିଶୁମାନେ ଅଭିନୟ ମାଧ୍ୟମରେ ଗୁରୁ ଶିଷ୍ୟ ସମ୍ପର୍କର ଅବତାରଣା କରିଥିଲେ। ଶେଷରେ ଗୁରୁ ପୂଜନ କାର୍ଯ୍ୟକ୍ରମ ହୋଇଥିଲା। ଶର୍ମିଳା ରାଣୀ କର ଗୁରୁମାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଝୁନା ଦାଶ ଗୁରୁମା । ବିଦ୍ୟାଳୟର ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ।

## ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ପିଙ୍କୁ ଚିଠି ଲେଖିଲେ ଶିଶୁ ସୁରକ୍ଷା ଅଧିକାରୀ

ଦେବଗଡ଼, ୫।୯(ଶଶାଙ୍କ ଶେଖର ଝାଙ୍କର)

**ଚୋରି ଅଭିଯୋଗରେ ଛାତ୍ରଙ୍କୁ ପୋଲିସ ସ୍କୁଲରୁ ଉଠାଇ ନେବା ଘଟଣା**

ଗତ ଅଗଷ୍ଟ ୨୪ରେ ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କୁ ଚୋରି ଅଭିଯୋଗରେ ପୋଲିସ ସ୍କୁଲରୁ ଉଠାଇନେବା ଘଟଣାରେ ଜିଲା ଶିଶୁ ସୁରକ୍ଷା ୟୁନିଟ ହସ୍ତକ୍ଷେପ କରିଛି। ଗତ ୨୮ ତାରିଖ ଗଣମାଧ୍ୟମରେ ଖବର ପ୍ରକାଶିତ ହେବାପରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଏହା ସହ ପତ୍ର ସଂଖ୍ୟା–୩୧୨/ତା ୧।୯।୨୦୨୩ ରିଖରେ ସୂଚନା ଓ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦେବଗଡ଼ ଜିଲା ଆରକ୍ଷୀ ଅଧୀକ୍ଷକ (ଏସ୍‌ପି)ଙ୍କୁ ଚିଠି ଲେଖିଥିବା ଜଣାପଡିଛି। ଗତ ଅଗଷ୍ଟ ୨୪ ତାରିଖ ଅପରାହ୍ନ ପ୍ରାୟ ୩ଟା ୩୦ରେ ଖଇରପାଲି ଫାଣ୍ଡି ସବ୍‌ଇନ୍ସପେକ୍ଟର ମାଗୁଣୀ ଗଡନାୟକ ଓ ବିନୟ କେର୍କେଟ୍ଟା ଖାକି ପୋଷାକ ପିନ୍ଧି ଅନ୍ୟ କର୍ମଚାରୀମାନଙ୍କ ସହିତ ସ୍କୁଲ ପରିସରରୁ ଉଠାଇନେଇଥିବା ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ତାଙ୍କର ପତ୍ରରେ ଉଲ୍ଲେଖ କରିଛନ୍ତି। ଏହା ସହ ଏହା କିଶୋର ନ୍ୟାୟ ଅଧିନିୟମ– –୨୦୧୫ର ମଡେଲ ରୁଲ ୨୦୧୬ର ନିୟମ ୮(୪)ର ଉଲ୍ଲଂଘନ କରୁଥିବା, ସମ୍ପୃକ୍ତ ଛାତ୍ରଙ୍କୁ ନିଜ ହେପାଜତକୁ ନେବା ପରେ ଅଧିକାରୀମାନେ ଏନେଇ ଜିଲା ଶିଶୁ ସୁରକ୍ଷା ବିଭାଗର ପ୍ରୋବେସନ ଅଧିକାରୀଙ୍କୁ ଜଣାଇ ନ ଥିବାରୁ ଏହା ନିୟମ ୮(୨)(ଆଇଆଇ)ର ଉଲ୍ଲଂଘନ କରୁଥିବା ଏବଂ ଗତ ୨୪ ତାରିଖ ଅପରାହ୍ନରେ ସ୍କୁଲ ପରିସରରୁ ସମ୍ପୃକ୍ତ ନାବାଳକ ଛାତ୍ରଙ୍କୁ ନିଜ ହେପାଜତକୁ ନେଇ ରାତିରେ ଫାଣ୍ଡିରେ ଅଟକ ରଖିବା ସହ ଏହାର ପରଦିନ କିଶୋର ନ୍ୟାୟ ପରିଷଦରେ ଉପସ୍ଥାପନ କରିଥିବାରୁ ଏହା ନିୟମ ୮(୩) (ଆଇ)ର ଉଲ୍ଲଂଘନ କରୁଥିବା ଦର୍ଶାଇବା ସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦେବଗଡ଼ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ଚିଠି ଲେଖିଛନ୍ତି। ଜିଲା ଶିଶୁ ସୁରକ୍ଷା ଅଧିକାରୀ 'ପ୍ରକାଶିତ ଖବର ଓ ପର୍ଯ୍ୟବେକ୍ଷଣ ଗୃହରେ ଥିବା ଚୋରି ଅଭିଯୁକ୍ତ ନାବାଳକ ଛାତ୍ର ସହ କରିଥିବା ଭର୍ଚୁଆଲ କାଉନସେଲିଂ ଆଧାରରେ ଉପରୋକ୍ତ ତଥ୍ୟ ହାସଲ କରିଥିବା ତାଙ୍କର ପତ୍ରରେ ଉଲ୍ଲେଖ କରିଛନ୍ତି। ତେବେ ଜିଲା ଆରକ୍ଷୀ ଅଧୀକ୍ଷକ ସମ୍ପୃକ୍ତ ପୋଲିସ ଅଧିକାରୀମାନଙ୍କ ବିରୋଧରେ କେଉଁ ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି, ସେଥିନେଇ ସାଧାରଣରେ ଉତ୍ସୁକତା ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଶିକ୍ଷାଦାନ ଚାଲିଥିବାବେଳେ ପୋଲିସ ବେଆଇନ ଭାବେ ଖାକି ପୋଷାକରେ ସ୍କୁଲ ପରିସରରୁ ସମ୍ପୃକ୍ତ ଛାତ୍ରଙ୍କୁ ଉଠାଇ ନେଇଥିଲେ ହେଁ ପ୍ରଧାନ ଶିକ୍ଷକ, ବିଭାଗୀୟ ବ୍ଲକ ଶିକ୍ଷା ଅଧିକାରୀ କିମ୍ବା ଜିଲା ଶିକ୍ଷା ଅଧିକାରୀଙ୍କୁ କୌଣସି ଲିଖିତ ସୂଚନା ଦେଇ ନ ଥିବାରୁ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଣୁ ଜିଲା ଶିକ୍ଷା ଅଧିକାରୀ ଓ ଦେବଗଡ଼ ଜିଲାପାଳ ପ୍ରତ୍ୟକ୍ଷ ଭାବେ ଏ ଘଟଣାର ତଦନ୍ତ କରିବା ସହ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସାଧାରଣରେ ଦାବି ହେଉଛି। ସୂଚନାଯୋଗ୍ୟ ଯେ, ଗତ ଜୁଲାଇ ୨୪ରେ ଦେବଗଡ଼ ଜିଲା କୁଣ୍ଢେଇଗୋଳା ଥାନା ଖଇରପାଲି ଫାଣ୍ଡି ଅନ୍ତର୍ଗତ ପୋଡାଡିହୀ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରୁ ଏକ ସୁନା ଗହଣା, ମୋବାଇଲ ଫୋନ୍ ଓ କିଛି ଅର୍ଥ ଚୋରି ହୋଇଥିଲା। ଏନେଇ ସମ୍ପୃକ୍ତ ବ୍ୟକ୍ତି ଜଣକ ଥାନାରେ ଏତଲା ଦେବାରୁ ପୋଲିସ ଏକ ଚୋରି ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଥିଲା। ତଦନ୍ତ ଚାଲିଥିବାବେଳେ କିଛିଦିନ ପୂର୍ବେ ସମ୍ପୃକ୍ତ ଅଞ୍ଚଳରେ ଥିବା ଏକ ଶିକ୍ଷାନୁଷ୍ଠାନର ଦଶମ ଶ୍ରେଣୀର ଛାତ୍ର ଏ ଘଟଣାରେ ସମ୍ପୃକ୍ତ ଥିବା ଜାଣିବାକୁ ପୋଲିସ ପାଇଥିଲା। ତେବେ ସରକାରୀ ନୀତି ନିୟମକୁ ଉଲ୍ଲଂଘନ କରି ଖଇରପାଲି ଫାଣ୍ଡି ପୋଲିସ ସମ୍ପୃକ୍ତ ଛାତ୍ରଙ୍କୁ ସ୍କୁଲ ପରିସରରୁ ଉଠାଇ ନେବାସହ ରାତିରେ ଫାଣ୍ଡିରେ ଅଟକ ରଖିଥିଲା। ପରଦିନ ସମ୍ପୃକ୍ତ ଛାତ୍ରଙ୍କୁ କିଶୋର ନ୍ୟାୟ ପରିଷଦରେ ଉପସ୍ଥାପନ କରିବା ପରେ ତାଙ୍କୁ ପର୍ଯ୍ୟବେକ୍ଷଣ ଗୃହକୁ ପଠାଇ ଦେଇଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ବୈଷ୍ଣବୀ ଓ ସୋନାଲିକା
ପରିବାରବର୍ଗ


କ୍ରିଷ୍ଣୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଉତ୍ସବ ପାଳିବାକୁ ଆସି ଫସିଲେ ୭୦ ହଜାର ଲୋକ



**ୱାଶିଂଟନ**

ନିକଟରେ ଏକ ଉତ୍ସବ ପାଳନ କରିବାକୁ ଯାଇ ସେଠାରେ ୭୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଫସି ଯାଇଛନ୍ତି। ଆମେରିକାର ନେୱଡା ରାଜ୍ୟରେ ବର୍ନିଂ ମ୍ୟାନ୍ ଉତ୍ସବ ଆୟୋଜିତ ହୋଇଥାଏ। ଉତ୍ସବକୁ ମନାଇବାକୁ ୭୦ ହଜାରରୁ ଅଧିକ ଲୋକ ଏଠାରେ ପହଞ୍ଚିଥିଲେ। ହେଲେ ସେମାନେ ଏବେ ଏଠାରେ ଫସି ଯାଇଛନ୍ତି। ଦକ୍ଷିଣ ନେୱଡାର ଏକ ମରୁଭୂମିରେ ଏହି ଉତ୍ସବ ଆୟୋଜିତ ହୋଇଥିଲା। ହେଲେ ସେଠାରେ ୨-୩ ଘଣ୍ଟା ବର୍ଷା ହେଲା। ଫଳରେ ମରୁଭୂମିର ବାଲି କାଦୁଅରେ ପରିଣତ ହୋଇଯିବାରୁ ଲୋକେ ସେହି କାଦୁଅରେ ଫସି ଯାଇଛନ୍ତି। କେହି ଚାଲିବାକୁ ସକ୍ଷମ ନୁହନ୍ତି। ଉତ୍ସବରେ ସେଲିବ୍ରିଟିଙ୍କଠାରୁ ଆରମ୍ଭ କରି ଅନେକ କୋଟିପତି ମଧ୍ୟ ଯୋଗ ଦେଇଥାନ୍ତି। ଏପରି ହେବା ଯୋଗୁ ଉତ୍ସବକୁ ବନ୍ଦ କରିଦିଆଯାଇଛି। ଏହା ପୂର୍ବରୁ ୨୦୧୮ରେ ହୋଇଥିବା ଏହି ଉତ୍ସବରେ କିଛି ଅଘଟଣ ଘଟିଥିଲା। ଫଳରେ ଲୋକଙ୍କ ଆସିବାକୁ ଅସ୍ଥାୟୀ ଭାବେ ବନ୍ଦ କରିଦିଆଯାଇଛି। ଏହାଛଡ଼ା କରୋନା ମହାମାରୀ ସମୟରେ ମଧ୍ୟ ଏହି ଉତ୍ସବକୁ ୨ ଥର ବନ୍ଦ କରାଯାଇଛି। ଆମେରିକାର ଲ୍ୟାଣ୍ଡ ମେଜରମେଣ୍ଟ ବ୍ୟୁରୋର କହିବା ମୁତାବକ, ଅଧିକ କାଦୁଅ ହୋଇଯିବାରୁ ସେଠାରେ ଗାଡ଼ି ଚାଲିବା କଷ୍ଟକର ହୋଇପଡ଼ିଛି। ଆଗକୁ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି। ସେଥିପାଇଁ ଲୋକେ ତାଙ୍କ ପାଖରେ ଖାଦ୍ୟ ଓ ପାଣି ବଞ୍ଚାଇ ରଖିବାକୁ ଅନୁରୋଧ କରାଯାଇଛି। ଏପରି ଅବସ୍ଥା ସତ୍ତ୍ୱେ ଲୋକେ ମଜା କରିବାରେ ଲାଗି ପଡ଼ିଛନ୍ତି। ଏହି ଉତ୍ସବ ନେୱଡା ବ୍ଲାକ ରୋଡ୍ ସହରରେ କରାଯାଏ। ଏହି ମରୁଭୂମି ଦୁନିଆର ସବୁଠୁ ଖରାପ ମରୁଭୂମି ମଧ୍ୟରୁ ଅନ୍ୟତମ। ଏଠାକୁ କେବଳ ଏମର୍ଜେନ୍ସି ସମୟରେ ସେବା ଯୋଗାଇଦେଉଥିବା ଲୋକ ହିଁ ଆସିଥାନ୍ତି। ଏହାଛଡ଼ା ଏହି ମରୁଭୂମିରେ ଅନ୍ୟ ଲୋକଙ୍କ ପ୍ରବେଶ ନିଷେଧ। ଏହି ଉତ୍ସବର ଆରମ୍ଭ ୧୯୯୦ରେ ହୋଇଥିଲା। ସେତେବେଳେ ଉତ୍ସବକୁ କେବଳ ୮୦ ଜଣ ଲୋକ ହିଁ ଆସୁଥିଲେ। ପରେ ୧୯୯୩ରେ ଲୋକଙ୍କ ସଂଖ୍ୟା ବଢି ହଜାରରେ ପରିଣତ ହେଲା। ଉତ୍ସବ ଆମେରିକାର ଛୁଟି ସମୟରେ ଆୟୋଜିତ ହୋଇଥାଏ। ଉତ୍ସବରେ ଲୋକ ମୋବାଇଲ ଓ ସୋସିଆଲ ମିଡିଆଠାରୁ ଦୂରରେ ରହି ପରିବାର ସହ ନାଚ ଗୀତ କରି ଗୋଟେ ସପ୍ତାହ ବିତାଇଥାନ୍ତି। ଲୋକେ ଉତ୍ସବର ଶେଷ ଦିନ ଏଠାରେ ନିଜେ ପ୍ରସ୍ତୁତ କରିଥିବା କଳାକୃତିକୁ ପୋଡିଥାନ୍ତି। ଫଳରେ ନିଜ ଭିତରେ ଥିବା ଅହଂକାରକୁ ଦୂରେଇ ପାରିବେ। ଏଥିପାଇଁ ଉତ୍ସବର ନାମ ଏପରି ରଖାଯାଇଛି।

# ଶୁଟିଂ ବେଳେ ଶୁଣିଥିଲେ ଗାଳି


କ୍ରୀତି ସାନନ୍

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ କ୍ରୀତି ସାନନ୍ ନିକଟରେ ଚଳଚ୍ଚିତ୍ର 'ମିମି' ପାଇଁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇ ବେଶ୍ ଚର୍ଚ୍ଚାରେ ଅଛନ୍ତି। ନିକଟରେ କ୍ରୀତି ଏକ ସାକ୍ଷାତ୍‌କାରରେ ତାଙ୍କ ପୁରୁଣା ଦିନକୁ ମନେପକାଇଛନ୍ତି। ସେ ମୁମ୍ବାଇରେ ଗ୍ରାଜୁଏଟ ମ୍ୟାନେଜମେଣ୍ଟ ଆଡ୍‌ମିଶନ ଟେଷ୍ଟ ପ୍ରସ୍ତୁତିର କୋଚିଂ ନେଉଥିଲେ। ସେତେବେଳେ ସେ ଏକକାଳୀନ ଚଳଚ୍ଚିତ୍ର ଏବଂ ମଡେଲିଂରେ ପ୍ରବେଶ ପାଇଁ ବି ପ୍ରସ୍ତୁତ ହେଉଥିଲେ। ତାଙ୍କର ପ୍ରଥମ ରାମ୍ପ ଶୋ'ର ଅନୁଭୂତି ବାବଦରେ ସେ କହିଛନ୍ତି। ତାହା ତାଙ୍କ ପାଇଁ ବେଶ୍ କଷ୍ଟଦାୟକ ଥିଲା। ସେ କିଛି ଭୁଲ କରିଥିଲେ। ଏଥିପାଇଁ ଜଣେ ମହିଳା କୋରିଓଗ୍ରାଫର ତାଙ୍କୁ ପ୍ରାୟ ୫୦ଜଣ ମଡେଲଙ୍କ ସାମ୍ନାରେ ତାଙ୍କୁ ଅତି କଠୋର ଭାବରେ ଗାଳି କରିଥିଲେ। ସେ ସେତେବେଳେ ବହୁତ କାନ୍ଦିଥିଲେ। ବହୁତ ମନଦୁଃଖ ବି ହୋଇଥିଲା। ସେ ସବୁକିଛି ଛାଡ଼ି ଘରେ ପହଞ୍ଚି ମା'ଙ୍କୁ ସବୁ କହିଥିଲେ। ହେଲେ ସେ ପରେ ମନକୁ ଦୃଢ଼ କରି ପୁଣି ତାଙ୍କ ଲକ୍ଷ୍ୟସ୍ଥଳକୁ ଫେରିଥିଲେ। ଏହାପରେ ସେ ଆଉ ସେହି କୋରିଓଗ୍ରାଫର ସହ କେବେ କାମ କରିନାହାନ୍ତି ବୋଲି କହିଛନ୍ତି।

## ମନେ ପଡ଼ନ୍ତି


### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰କୈଳାସ କର**
ଆର୍ବିଭାବ : ୨୮/୩/୧୯୫୫
ତିରୋଧାନ : ୨୭.୦୮.୨୦୨୩

ଗତ ୨୭ ତାରିଖ (ରବିବାର)ରେ ଆମ୍ଭମାନଙ୍କୁ ଶୋକ ସାଗରରେ ଭସାଇ ଆପଣ ଏ ଦୁନିଆରୁ ଚିର ବିଦାୟ ନେଇଗଲେ। ଆପଣଙ୍କ ଆଶୀର୍ବାଦ ଓ ମାର୍ଗଦର୍ଶନ ଆମକୁ ସତ୍‌ପଥରେ ଯାତ୍ରୀ କରୁ। ଆଜି ଏକାଦଶାହରେ ଉପଲକ୍ଷେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ :
ଅଭିଷେକ କର, ରୁକୁତା କର, ଚବି ଶାନ୍ତନୁ
ଡ୍ରା. ଶ୍ୱେତା କର, ଡ୍ରା. ସମ୍ବିତ ଦାସ ଏବଂ ପରିବାରବର୍ଗ

ଧ-୧୨୨୬


# ସବୁଠୁ ମହଙ୍ଗା ଛେନା



**ନୂଆଦିଲ୍ଲୀ**

ଦୁନିଆର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପ୍ରକାରର ଛେନା ଉତ୍ପାଦନ ହୋଇଥାଏ। ସେହି ଅନୁସାରେ ତା'ର ମୂଲ୍ୟ ନିର୍ଦ୍ଧାରିତ ହୋଇଥାଏ। ଉତ୍ତର ସ୍ପେନ୍‌ରେ ଏକ ପ୍ରକାରର ନୀଳ ଛେନାର ନିଲାମି ନିକଟରେ ଦୁନିଆର ସବୁଠୁ ମହଙ୍ଗା ଛେନା ହେବାର ରେକର୍ଡ ଭାଙ୍ଗିଛି। ପ୍ରତିବର୍ଷ ଅଗଷ୍ଟରେ ସ୍ପେନ୍‌ର ଲସ୍ ଏରେନାସରେ ଏକ ଉତ୍ସବ ଆୟୋଜନ କରାଯାଏ। ଯେଉଁଠାରେ ଛେନାର ନିଲାମି ହୁଏ। ସେଠାରେ ଲାଗୋର ଦି କଲୋଟୋ ନାମକ ଏକ ରେଷ୍ଟୁରାଣ୍ଟ ୨.୨ କି.ଗ୍ରା. ଓଜନର ଛେନା ୩୦ ହଜାର ୟୁରୋ ଅର୍ଥାତ୍ ୨୭ ଲକ୍ଷ ଟଙ୍କାରେ କିଣିଛି। ଉକ୍ତ ରେଷ୍ଟୁରାଣ୍ଟ କହିଛି, ଏହି କାବ୍ରାଲେସ ଛେନାର ଖାସ୍ କଥା ହେଉଛି, ଏହାକୁ ହାତରେ ପ୍ରସ୍ତୁତ କରାଯାଏ। ତେବେ ୧ କି.ଗ୍ରା. ଛେନାର ଦାମ୍ ୧୩ ଲକ୍ଷ ହେବ। ୪ କି.ଗ୍ରା. ଛେନାର ମୂଲ୍ୟ ୫୨ ଲକ୍ଷ ହେବ। ଗତଥର ଏହି ରେକର୍ଡ ୨୦୧୯ରେ ହୋଇଥିଲା। ସେତେବେଳେ ୨ କି.ଗ୍ରା. ଛେନାର ମୂଲ୍ୟ ୨୦,୫୦୦ ୟୁରୋ ଅର୍ଥାତ୍ ୧୮ ଲକ୍ଷ ୨୫ ହଜାରରେ ନିଲାମ ହୋଇଥିଲା। ଏହି ଛେନା ପ୍ରସ୍ତୁତ ପାଇଁ ଗାଈ ଏବଂ ଛେଳିର କ୍ଷୀରକୁ ଲସ୍ ପିକୋସ ଦି ୟୁରୋପା ପାହାଡ଼ର ଗୁମ୍ଫାରେ କିଛି ମାସ ପାଇଁ ରଖାଯାଏ। ଏହି ଛେନା ଗାଈର କଞ୍ଚା କ୍ଷୀର ନଚେତ୍ ଛେଳିର କ୍ଷୀରରେ ପ୍ରସ୍ତୁତ କରାଯାଏ। ପାହାଡ଼ ଗୁମ୍ଫାରେ ୭ ଡିଗ୍ରୀ ସେଲ୍‌ସିୟସ୍‌ରେ ଏକ ନୀଳ ରଙ୍ଗର ଆବରଣ ସୃଷ୍ଟି ହୁଏ।

# ଅମିଶାଙ୍କ କନ୍ୟାଦାନ କରିବାକୁ ଚାହୁଥିଲେ ସଞ୍ଜୟ ଦତ୍ତ



**ମୁମ୍ବାଇ:** 'ଗଦର ୨'ର ଅଭିନେତ୍ରୀ ଅମିଶା ପଟେଲ ନିକଟରେ ଏକ ସାକ୍ଷାତକାରରେ ଅଭିନେତା ସଞ୍ଜୟ ଦତ୍ତଙ୍କ ବିଷୟରେ କିଛି କହିଛନ୍ତି। ସଞ୍ଜୟ ତାଙ୍କ ପାଇଁ ୨୦ ବର୍ଷ ହେବ ଉପଯୁକ୍ତ ସାଥୀ ଖୋଜୁବାକୁ ଚେଷ୍ଟା କରୁଛନ୍ତି। ଏଥିସହ ଅମିଶା ସାଦା ସିଧା, ସରଳ, ଏହି ଇଣ୍ଡଷ୍ଟ୍ରି ପାଇଁ ସେ ଠିକ ବୋଲି ସଞ୍ଜୟ କୁହନ୍ତି। ହେଲେ ଯେତେବେଳେ ଅମିଶା ବିବାହ କରିବେ, ତାଙ୍କ କନ୍ୟାଦନ ସଞ୍ଜୟ କରିବାକୁ ଚାହାନ୍ତି ବୋଲି ଅମିଶା କହିଛନ୍ତି। ତେବେ ଅମିଶା ଅଭିନୀତ ଗଦର ୨ ଏବେ ୫୦୦ କୋଟି କ୍ଲବରେ ପହଞ୍ଚି ଦର୍ଶକଙ୍କ ହୃଦୟକୁ ଜିତି ପାରିଛି।


# Classified Everyday
**0674-2580101, 2549949**


MATRIMONIAL

**BRIDE WANTED**

Handsome Brahmin boy 1993, 5'9" B.Tech, MS Serving Engineer USA. Only Son- "SUNASANSAR". 9937512659, 8249969649. D-75210

**GROOM WANTED**

Beautiful Kshyatriya girl 1998, 5'4" M.A., Ph.D. Serving Lecturer Govt. College, Bhubaneswar, "SUNASANSAR". 9937512659, 8249969649. D-75209

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Wanted Groom for Beautiful Kayastha Bengali girl 34/5'3" M. Tech working as Teaching Professional, Call / Whatsapp- 9337240881. D-1205

Age-34, Government ଚାକିରିଆ ବିଧବା ବ୍ରାହ୍ମଣ ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଦରକାର। 8658267680. D-1224


REAL ESTATE

**SALE**

**Gharabari plot with boundary wall having 30feet. main and branch road, electrification, plantation with gated Community, Rs. 1400/- per sqft. Contact: 7008381162.** D-1222

**14000sqft. commercial plot for sale at- Dhauli Square, Bhubaneswar, Contact:- 7008381162.** D-1223

**Ready to move Duplex for sale at- Atla, 2km from Trinathbazar, Rate Rs.87lakhs. Contact:- 7008381162.** D-1221

New Cancer Hospital ନାଇଜର, ଜଟଣୀ yellow zone BDA ୨୦୦ ଫୁଟ ରାସ୍ତାକୁ ଲାଗି ବର୍ଗଫୁଟ ୩୦୦-୮୦୦ରେ ଜାଗା ବିକ୍ରି ହେଉଛି। 7008323065. D-75146

**3BHK Semi furnished flat sale at Jharpada, Bhubaneswar 80' feet road side. Contact: 9437307086.** D-1184

ନଖରା ତ୍ରିନାଥବଜାର ମହୀଧରପଡ଼ା ପାଖରେ SC plot 7400sqft 11,00,000/-(outright) 7978663279. D-75208




Ground floor, 2BHK, 1BHK plot No-9 Neelakantha Nagar near DAV School, Nayapalli, BBSR, Mob- 9078706109. D-1202




**Newly open spa positively health benefits with expert therapist. 9938843929.** D-75145

Spa Kerala body Massage only best Therapist @699/- Bhubaneswar. 9337672475. D-1199

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75035

Reduce stress through professional massage, SPA Station, Krishna Plaza, Nayapalli. Contact: 8118079281. D-74579

**Relax, Refresh your body, Mind at Saikrupa Spa with best therapies. 8984068077.** D-1190

Home service full body massage only for female Whatsapp 9777267601, 7853083303. D-1219

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**ଜନ୍ମଦିନ ଶୁଭେଚ୍ଛା**



**କ୍ରିଷ୍ଣୁ**
ନେରଡ଼ା, ଭଦ୍ରକ
ଆଜି ତୋର ପ୍ରଥମ ଜନ୍ମଦିନରେ "ମାଁ" ସୁନାମୀଙ୍କ ନିକଟରେ ତୋର ଦୀର୍ଘ ଉଜ୍ଜ୍ୱଳମୟ ଜୀବନ କାମନା କରୁଛୁ।
:ଶୁଭ ଆଶୀର୍ବାଦ ସହ: ବାବା, ମାମା ଆଇ, ଜେଜେ, ଜେଜେମା', ମାମୁ, ମଉସା, ମାଉସୀ, ଭାଇ, ଭଉଣୀ ଏବଂ ଆତ୍ମୀୟସ୍ୱଜନ।
ଧ-୭୩୩୯୮

**LOST**

I, Susama Meher, D/o- Minaketan Meher, R/o. Badabazar, P.O./ P.S.-Sonepur, Dist.- Subarnapur declare that I am the owner of land Khata No.- 1098, Plot No.-491, Area Ac.0.120 re. The original ROR and original Sale Deed (Doc. No.-3289/1991, Volume-93) has been misplaced somewhere between my home and Sonepur Bus Stand. After thorough search I could not found the same. D-1220

**LEGAL NOTICE**

IN THE COURT OF ADDITIONAL COMMISSIONER, CONSOLIDATION & SETTLEMENT, SAMBALPUR.
Consolidation Revision Case No.311/2021
Radharani Jena & 8 others .....Petitioners.
Vrs.
State (Tahasildar, Sambalpur) & another ....Opposite Parties.
To,
Vundavali Veer Venkata Jaganadhan, S/o Late Veer Raju, At: Gujatal, P.S.: Hirakud, District: Sambalpur
NOTICE THROUGH PAPER PUBLICATION U/O 5 RULE 20 CIVIL PROCEDURE CODE 1908.
The above Petitioner has filed the above noted case against you for recording of case land on the basis of Sale Deed No.17 dated 10.3.1977 relating to M.S Khata No.46, Plot No.473 with an area of Ac.0.230 and Plot No.474 with an area of Ac.0.440 corresponding to Hal Chaka Khata No. 55 Plot No.517 with an area of Ac.0.500 of Mouza- Lamdunguri under Sambalpur Tahasil of Sambalpur District and you are avoiding to receive the Notices, you are hereby directed to appear in this Court in person or by a pleader duly instructed on 18th day of October 2023 at 10.30 A.M. by filing counter to said revision case, failing which the said revision case will be heard and determined you as Ex-parte.
Given under my hand and Seal of the Court this the 1st day of September, 2023.
Sd./- Additional Commissioner, Consolidation & Settlement, Sambalpur.
D-1225




ମଙ୍ଗଳବାର ଗୁରୁ ଦିବସ ଅବସରରେ ନୂଆଦିଲ୍ଲୀ ବିଜ୍ଞାନ ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ଜାତୀୟ ଶିକ୍ଷକ ପୁରସ୍କାର ଗ୍ରହଣ କରୁଛନ୍ତି ଓଡ଼ିଶାର ଶଶିଶେଖର କରଶର୍ମା, ସୁବାସ ଚନ୍ଦ୍ର ରାଉତ, ସୁନିତା ସିଂ, ରବିନାରାୟଣ ସାହୁ। ନିକଟରେ ଅଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ।

# ପୋଲିସ-ମାଓବାଦୀ ଗୁଳି ବିନିମୟ, ୨ ମାଓବାଦୀ ମୃତ

**ମାଲକାନଗିରି,୫।୯(ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକ୍ମା ଜିଲାରେ ମଙ୍ଗଳବାର ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ୨ ମାଓବାଦୀ ନିହତ ହେବା ସହ ବିପୁଳ ପରିମାଣର ସାମଗ୍ରୀ ଜବତ ହୋଇଛି। ମୃତକ ଦ୍ୱୟ ହେଲେ ଜଗରଗୁଣ୍ଡା ଏରିଆ କମିଟି ଅନ୍ତର୍ଗତ ମାଓ ମିଲିସିଆ କ୍ୟାଡର ତାଡମେଟଲା ନିବାସୀ ସୋଡି ଦେବା ଓ ରବା ଦେବା।

ମାଲକାନଗିରି ଜିଲାକୁ ଲାଗିଥିବା ଛତିଶଗଡ଼ ସୁକ୍ମା ଜିଲା ଚିନ୍ତାଗୁଫା ଥାନା ଅନ୍ତର୍ଗତ ତାଡ଼ମେଟଲା ଓ ଦୁଲେଡ ଜଙ୍ଗଲରେ ଜଗରଗୁଣ୍ଡା ଏରିଆ କମିଟିର ୧୦ ରୁ ୧୨ ମାଓବାଦୀ ଉପସ୍ଥିତ ଥିବା ସୂଚନା ପାଇ ଡିଆର୍‌ଜି ଓ ସିଆର୍‌ପିଏଫ୍ ଯବାନମାନେ ମିଳିତ ଭାବେ କୋମ୍ବିଂ ଅପରେଶନ କରିଥିଲେ। ଏହି ସମୟରେ ମଙ୍ଗଳବାର ସକାଳ ପ୍ରାୟ ୬ ଟାରେ ପୋଲିସ ଉପରେ ମାଓବାଦୀମାନେ ଗୁଳି ଚାଳନା କରିଥିଲେ। ପାଲଟା ଜବାବରେ ଡିଆର୍‌ଜି ଓ ସିଆର୍‌ପିଏଫ୍ ବାହିନୀ ମଧ୍ୟ ଗୁଳି ଚଳାଇଥିଲେ। ପ୍ରାୟ ୨ ଘଣ୍ଟା ଧରି ଉଭୟ ପକ୍ଷ ଗୁଳି ବିନିମୟ ପରେ ଯବାନମାନଙ୍କ ଆକ୍ରମଣକୁ ସାମ୍ନା କରି ନ ପାରି ଜଙ୍ଗଲ ମଧ୍ୟରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ।



ଜବତ ମାଓବାଦୀ ସାମଗ୍ରୀ।

ପରେ ଯବାନମାନେ ସେହି ଅଞ୍ଚଳରେ ତଲାସି କରିବା ସମୟରେ ୨ ଜଣ ମାଓବାଦୀଙ୍କ ମୃତଦେହ ଠାବ କରିଥିଲେ।

ଏହି ଦୁଇଜଣଙ୍କ ଉପରେ ପୂର୍ବରୁ ସରକାରଙ୍କ ପକ୍ଷରୁ ୧ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରିଥିଲେ। ଏହି ଦୁଇଜଣଙ୍କ ଉପରେ ଚିନ୍ତାଗୁଫା ଥାନାରେ ଜୁନ୍ ୨୮ ଦିନ ହୋଇଥିବା ଶିକ୍ଷକ କବାସୀ ସୁକା ଓ ବର୍ତ୍ତମାନ ତାଡମେଟଲା ପଞ୍ଚାୟତର ନାଏବ ସରପଞ୍ଚ ମାଡବୀ ଗଙ୍ଗାଙ୍କ ହତ୍ୟାରେ ସମ୍ପୃକ୍ତ ଥିବାରୁ ମାମଲା ଦାଏର ହୋଇଥିଲା। ଏଥିସହ ଜଙ୍ଗଲରୁ ଗୋଟିଏ ୧୨ ବୋର୍ ଡବଲ ବାରେଲ ରାଇଫଲ, ଗୋଟିଏ ପିସ୍ତଲ ସହ ଅନ୍ୟାନ୍ୟ ମାଓବାଦୀ ସାମଗ୍ରୀ ଜବତ କରାଯାଇଥିଲା। ଖବର ଲେଖାହେବା ସୁଦ୍ଧା ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ ଜାରି ରହିଥିଲା। ଯବାନମାନେ ଫେରିବା ପରେ ସମ୍ପୂର୍ଣ୍ଣ ଘଟଣା ଜଣାଯିବ ବୋଲି ପୋଲିସ କହିଛି।

# ୭୫ଜଣଙ୍କୁ 'ଜାତୀୟ ଶିକ୍ଷକ ପୁରସ୍କାର' ପ୍ରଦାନ

**ଭୁବନେଶ୍ୱର, ୫।୯(ଅସମାପିକା ସାହୁ)**

ଶିକ୍ଷାଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଦେଶର ୭୫ଜଣ ଶିକ୍ଷକଙ୍କୁ 'ଜାତୀୟ ଶିକ୍ଷକ ପୁରସ୍କାର ୨୦୨୩' ମିଳିଛି। ଗୁରୁଦିବସ ଅବସରରେ ମଙ୍ଗଳବାର ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶିକ୍ଷକମାନଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଏମାନଙ୍କ ମଧ୍ୟରେ ୫୦ଜଣ ସ୍କୁଲ ଶିକ୍ଷକ, ଉଚ୍ଚଶିକ୍ଷା ବିଭାଗର ୧୩ଜଣ

**ଓଡ଼ିଶାରୁ ୪**

ଶିକ୍ଷକ ଏବଂ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟର ୧୨ଜଣ ଶିକ୍ଷକ ରହିଛନ୍ତି। ଓଡ଼ିଶାର ୪ଜଣ ଶିକ୍ଷକ ଏହି ଜାତୀୟ ଶିକ୍ଷକ ପୁରସ୍କାର ପାଇଥିବାବେଳେ ଦୁଇଜଣ ଶିକ୍ଷକ ଓ ଅନ୍ୟ ଦୁଇଜଣ ହେଉଛନ୍ତି ପ୍ରଶିକ୍ଷଣ ଅଧିକାରୀ। ଦୁଇ ଶିକ୍ଷକ ହେଲେ ଭଦ୍ରକ ଜିଲାର କେନ୍ଦୁଆପଡ଼ା ନୋଡାଲ ହାଇସ୍କୁଲର ଶିକ୍ଷକ ଶଶି ଶେଖର କର ଶର୍ମା ଓ ଜଗତ୍‌ସିଂହପୁର ଜିଲାର ବୃନ୍ଦାବନ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସୁଭାଷ ଚନ୍ଦ୍ର ରାଉତ ଏବଂ ଦୁଇ ପ୍ରଶିକ୍ଷକ ହେଲେ ଖୋର୍ଦ୍ଧା ଜିଲା ଜଟଣୀ ନିକଟସ୍ଥ ଖୁଦପୁରସ୍ଥିତ ଦିବ୍ୟାଙ୍ଗଙ୍କ ପାଇଁ ରହିଥିବା ସ୍ୱତନ୍ତ୍ର ଆଇଟିଆଇ ଅନୁଷ୍ଠାନର ପ୍ରଶିକ୍ଷଣ ଅଧିକାରୀ ରବିନାରାୟଣ ସାହୁ ଓ ଭୁବନେଶ୍ୱରର ରାଜଭବନ ନିକଟ ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନର ସହକାରୀ ପ୍ରଶିକ୍ଷଣ ଅଧିକାରୀ(ଏଟିଓ) ସୁନୀତା ସିଂହ।

ସୂଚନାଯୋଗ୍ୟ, ଶିକ୍ଷା ମନ୍ତ୍ରଣାଳୟର ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ ପକ୍ଷରୁ ପ୍ରତିବର୍ଷ ଗୁରୁ ଦିବସରେ ଏଭଳି ଏକ ଜାତୀୟସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଦେଶର ଶ୍ରେଷ୍ଠ ଶିକ୍ଷକଙ୍କୁ ଜାତୀୟ ପୁରସ୍କାର ପ୍ରଦାନ କରାଯାଇଥାଏ। ଚଳିତବର୍ଷରୁ ଜାତୀୟ ଶିକ୍ଷକ ପୁରସ୍କାର ପରିସରକୁ ବ୍ୟାପକ କରାଯାଇ ଉଚ୍ଚଶିକ୍ଷା ବିଭାଗ ଏବଂ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟର ଶିକ୍ଷକମାନଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି।

# ତିଖାଲି ଡ୍ୟାମ୍ ସୌନ୍ଦର୍ଯ୍ୟକରଣ କରିବ ଡବ୍ଲ୍ୟୁଓଡିସି

**ଭୁବନେଶ୍ୱର,୫।୯(ଅନିଲ ଦାସ)**

ନୂଆପଡ଼ା ଜିଲାରେ ଥିବା ତିଖାଲି ଡ୍ୟାମ୍ ପ୍ରକଳ୍ପର ଉନ୍ନତି ଓ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ(ଡବ୍ଲ୍ୟୁଓଡିସି) ପୁଞ୍ଜି ନିବେଶ କରିବ। ସରକାରୀ-ଘରୋଇ ସହଭାଗିତାରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ମଙ୍ଗଳବାର ଭର୍ଚୁଆଲରେ ଅନୁଷ୍ଠିତ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ବୈଠକରେ ଯୋଗଦେଇ ପରିଷଦର ଅଧ୍ୟକ୍ଷ ଅସିତ ତ୍ରିପାଠୀ କହିଛନ୍ତି ଯେ ଲୋୟର ଇନ୍ଦ୍ର ପ୍ରକଳ୍ପର ତିଖାଲି ଡ୍ୟାମ୍ ସୌନ୍ଦର୍ଯ୍ୟକରଣ କରାଗଲେ ଏହା ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ହେବ। ଅଞ୍ଚଳର ପ୍ରଗତି ସାଧିତ ହେବ। ସ୍ଥାନୀୟ ଜନସାଧାରଣ ମଧ୍ୟ ଉପକୃତ ହେବେ। ବୋଟ୍ କ୍ଲବ୍, ଫ୍ଲୋଟିଂ ଜେଟି, ବୋଟିଂ, ଶୌଚାଳୟ, କାଫେ ଓ ଫୁଡ୍ ଲାଉଞ୍ଜ, ଷ୍ଟାଫ୍ କ୍ୱାର୍ଟର, ୱାଟର ସ୍ଲାଇଡ୍, ୱାଟର ପ୍ଲେ ମସ୍‌ରୁମ୍ ଆଦିର ବ୍ୟବସ୍ଥା କରାଯିବ। ପରିବେଶ ପର୍ଯ୍ୟଟନ ସହାୟତା କେନ୍ଦ୍ର, ୱାଟର ଫ୍ରଣ୍ଟ ଡେଭଲପମେଣ୍ଟ ଓ ସଂଗ୍ରହାଳୟ ପ୍ରତିଷ୍ଠା କରାଯିବା ନେଇ ନୂଆପଡ଼ା ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ସୂଚନାଯୋଗ୍ୟ ଯେ ରାଜ୍ୟ ସରକାରଙ୍କ ଉଦ୍ୟମରେ ୨୦୧୯ରେ ତିଖାଲି ଡ୍ୟାମ୍ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା। ଇନ୍ଦ୍ର ନଦୀ ଉପରେ ଏହି ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଇଛି। ବୈଠକରେ ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଜିତ୍ କୁମାର ମିଶ୍ର, ନୂଆପଡ଼ା ଜିଲାପାଳ ହେମକାନ୍ତ ସାଏ, ବୈଷୟିକ ପରାମର୍ଶଦାତା ସୁନୀଲ ନାୟକ ଯୋଗଦେଇ ପ୍ରକଳ୍ପ ସମ୍ବନ୍ଧରେ ମତାମତ ପ୍ରଦାନ କରିଥିଲେ।

# ସିବିଆଇ ଟିମ୍‌ରେ ଓଡ଼ିଆ ପୋଲିସ ଅଧିକାରୀ

**ମଣିପୁର ହିଂସାର ତଦନ୍ତ କରିବେ**

**ବାରିପଦା,୫।୯ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମଣିପୁର ହିଂସା ଘଟଣାର ତଦନ୍ତ କରୁଥିବା ସେଣ୍ଟ୍ରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ(ସିବିଆଇ) ଟିମ୍‌ରେ ଜଣେ ଓଡ଼ିଆ ପୋଲିସ ଅଧିକାରୀଙ୍କୁ ସାମିଲ କରାଯାଇଛି। ସେ ହେଲେ ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଇନ୍ସପେକ୍ଟର ବିଶ୍ୱ ପ୍ରକାଶ ରାଉତ। ଏ ନେଇ ସିବିଆଇ ପକ୍ଷରୁ ଓଡ଼ିଶା ପୋଲିସ ମୁଖ୍ୟାଳୟକୁ ଅବଗତ କରାଯାଇଛି। ରାଜ୍ୟ ପୋଲିସ ମୁଖ୍ୟାଳୟରୁ ମଧ୍ୟ ଜିଲା ଏସ୍‌ପିଙ୍କୁ ଚିଠି ନଂ.୧୩୮୩/୪।୯।୨୦୨୩ରେ ସୂଚନା ପ୍ରଦାନ କରାଯାଇଛି। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଖୁବ୍‌ଶୀଘ୍ର ତାଙ୍କୁ ସ୍ଥାନାନ୍ତର କରିବାକୁ ଚିଠିରେ ଉଲ୍ଲେଖ ରହିଛି ।

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ମଣିପୁର ହିଂସା ଘଟଣାରେ ସିବିଆଇକୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। ସିବିଆଇ ଟିମ୍‌ରେ ୫୩ଜଣ ଅଧିକାରୀ ରହିଛନ୍ତି। ସେମାନଙ୍କ ମଧ୍ୟରେ ୨୯ଜଣ ମହିଳା ଅଧିକାରୀ ସାମିଲ ରହିଥିବା ବେଳେ ଓଡ଼ିଶା ପୋଲିସର ଜଣେ ମାତ୍ର ଇନ୍ସପେକ୍ଟର ରାଉତଙ୍କୁ ସାମିଲ କରାଯାଇଛି। ଜଣେ କର୍ତ୍ତବ୍ୟନିଷ୍ଠ ପୋଲିସ ଅଧିକାରୀ ଭାବେ ଜଣାଶୁଣା ଇନ୍ସପେକ୍ଟର ରାଉତଙ୍କୁ ସିବିଆଇ



ବିଶ୍ୱ ପ୍ରକାଶ ରାଉତ

ଟିମ୍‌ରେ ସାମିଲ କରାଯାଇଥିବା ଖବର ପ୍ରଚାରିତ ହେବା ପରେ ଜିଲା ପୋଲିସ ମହଲରେ ଖୁସିର ଲହରି ଖେଳିଯାଇଛି। ଯାଜପୁର ଜିଲା ସଦର ଥାନା ବଡ଼ବାଗ ସାହିର ବିଶ୍ୱ ପ୍ରକାଶ ୨୦୧୨ରେ ପୋଲିସରେ ଭର୍ତ୍ତି ହୋଇଥିଲେ। ଟ୍ରେନିଂ ସରିବା ପରେ ପ୍ରଥମେ କନ୍ଧମାଳ ଜିଲା ସଦର ଥାନାରେ ନିଯୁକ୍ତି ମିଳିଥିଲା। ପରେ ଇଓଡବ୍ଲ୍ୟୁ ଓ କ୍ରାଇମ୍ ବ୍ରାଞ୍ଚରେ ଉଲ୍ଲେଖନୀୟ କାର୍ଯ୍ୟକରି ସଫଳତା ହାସଲ କରିଥିଲେ। ତାଙ୍କ ବାପା ଓ ବଡ଼ଭାଇ ଅଗ୍ନିଶମ ବିଭାଗରେ ଚାକିରି କରୁଛନ୍ତି। ୨୦୨୧ରେ ଇନ୍ସପେକ୍ଟର ଭାବେ ପଦୋନ୍ନତି ପାଇ ସେ ବିଭିନ୍ନ ଥାନାରେ ସୁଚାରୁ ରୂପେ କାର୍ଯ୍ୟଭାର ତୁଲାଇ ଆସିଛନ୍ତି। ସେବା ମନୋବୃତ୍ତି ଓ କର୍ତ୍ତବ୍ୟ ପରାୟଣତାରେ ନିଜକୁ ଉତ୍ସର୍ଗୀକୃତ କରିଚାଲିଥିବା ଯୋଗୁ ତାଙ୍କୁ ସିବିଆଇ ଟିମ୍‌ରେ ସାମିଲ କରାଯାଇଥିବା କୁହାଯାଉଛି। ତେବେ ସିବିଆଇ ଟିମ୍‌ରେ ସାମିଲ ପାଇଁ ମନୋନୀତ ହୋଇଥିବାରୁ ସେ ଖୁସି ବ୍ୟକ୍ତ କରିବା ସହ ନିଜର କାର୍ଯ୍ୟଧାରାକୁ ଆହୁରି ତ୍ୱରାନ୍ୱିତ କରିବେ ବୋଲି ଧରିତ୍ରୀକୁ କହିଛନ୍ତି।

# ଆୟୁଷ ଡାକ୍ତରଙ୍କ ଆନ୍ଦୋଳନକୁ ସମର୍ଥନ କଲେ ଏମ୍‌ପି




ବଲାଙ୍ଗୀର ଆୟୁର୍ବେଦିକ କଲେଜ ଛାତ୍ରୀଛାତ୍ରମାନେ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

**ବଲାଙ୍ଗୀର,୫।୯(ବୀରେନ୍ଦ୍ର କୁମାର ଝାଙ୍କର)**

ଅଲ୍ ଓଡିଶା ଆୟୁଷ ଷ୍ଟୁଡେଣ୍ଟ ଆସୋସିଏଶନ୍ ନିଷ୍ପତ୍ତି ଅନୁସାରେ ବଲାଙ୍ଗୀର ସରକାରୀ ଆୟୁର୍ବେଦିକ କଲେଜରେ ଡାକ୍ତରୀ ଛାତ୍ରୀଛାତ୍ରମାନେ ଆନ୍ଦୋଳନ ଜାରି ରଖିଛନ୍ତି। ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ ସମ୍ପର୍କରେ ଜାଣିବା ପରେ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ କଲେଜ ସମ୍ମୁଖ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନସ୍ଥଳକୁ ଆସି ସେମାନଙ୍କୁ ସମର୍ଥନ ଘୋଷଣା କରିବା ସହ ଦାବିପତ୍ର ଗ୍ରହଣ କରିଥିଲେ। ସାଂସଦ ସିଂଦେଓ ଡାକ୍ତରୀ ଛାତ୍ରୀଛାତ୍ରଙ୍କ ଦାବି ଶୁଣିବା ପରେ ଏହା ନ୍ୟାୟୋଚିତ ବୋଲି କହିଥିଲେ। ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ କିଭଳି ଦେଶରେ ଆୟୁଷର ଉନ୍ନତି ଦିଗରେ ପଦକ୍ଷେପ ନେଇଛନ୍ତି ଜଣାଇଥିଲେ। ସେମାନଙ୍କ ଦାବିକୁ ସେ ସମର୍ଥନ ଘୋଷଣା କରିଥିଲେ। ଗତ ୨୫ ତାରିଖଠାରୁ କଲେଜ ଛାତ୍ରୀଛାତ୍ରମାନେ କଳାବ୍ୟାଜ ପରିଧାନ କରିଥିଲେ। ସିଂଦେଓଙ୍କୁ ପ୍ରଦତ୍ତ ଦାବିପତ୍ରରେ ଛାତ୍ରୀଛାତ୍ରମାନେ ସମ୍ପ୍ରତି ଓଡିଶାର ଆୟୁଷ ଡାକ୍ତରୀ ଛାତ୍ରମାନେ କିଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତାହା ଦର୍ଶାଇ ଦାବି ପୂରଣ ପାଇଁ ଅନୁରୋଧ କରିଛନ୍ତି। ଦାବିପତ୍ରରେ ଛାତ୍ର ସଂଘ ପକ୍ଷରୁ କୁହାଯାଇଛି ଯେ, ସରକାର ସ୍ୱାସ୍ଥ୍ୟକ୍ଷେତ୍ରରେ ଉନ୍ନତି ପାଇଁ ଏଲୋପେଥି ଡାକ୍ତରଙ୍କ ଭଳି ଆୟୁଷ ଡାକ୍ତର ବା ହୋମିଓପାଥି ଏବଂ ଆୟୁର୍ବେଦିକ ଡାକ୍ତର ମାନଙ୍କୁ ମଧ୍ୟ ସମ ଗୁରୁତ୍ୱ ପ୍ରଦାନ କରିଥିବା ଘୋଷଣା କରୁଛନ୍ତି। ତେବେ ତୃଣମୂଳ ସ୍ତରରେ ସରକାରୀ ନୀତି ଓ ବ୍ୟବସ୍ଥା ଦେଖିଲେ ଆୟୁଷ ଡାକ୍ତରଙ୍କୁ କିଭଳି ଉପେକ୍ଷା ଏବଂ ଅବହେଳା କରାଯାଉଛି ସ୍ପଷ୍ଟ ବାରି ହୋଇପଡୁଛି। ଗତ ୨୧ ବର୍ଷ ଭିତରେ ସରକାର ଗୋଟିଏ ବି ଆୟୁଷ ଚିକିତ୍ସା ପଦାଧିକାରୀ ନିଯୁକ୍ତି ଦେଇନାହାନ୍ତି। ଗତ ୨୧ ବର୍ଷ ଭିତରେ ରାଜ୍ୟରେ ୧୦ ହଜାର ଏଲୋପାଥି ଡାକ୍ତର ପଦବୀ ସୃଷ୍ଟି କରାଯାଇଥିବାବେଳେ ଗୋଟିଏ ବି ଆୟୁଷ ଚିକିତ୍ସା ପଦାଧିକାରୀ ପଦବୀ ସୃଷ୍ଟି କରିନାହାନ୍ତି। ଏବେ ରାଜ୍ୟରେ ୧୩ ହଜାର ଏଲୋପାଥି ଡାକ୍ତର ରହିଥିବାବେଳେ ୫୬୨ ହୋମିଓପାଥି ଏବଂ ୬୧୯ ଆୟୁର୍ବେଦିକ ଡାକ୍ତର ରହିଛନ୍ତି। ଏହି ବିସଙ୍ଗତି ହିଁ ସରକାରଙ୍କ ଆୟୁଷ ଡାକ୍ତରଙ୍କ ପ୍ରତି ଚରମ ଅବହେଳାକୁ ପ୍ରତିପାଦିତ କରୁଛି ବୋଲି ଦର୍ଶାଇ ଡାକ୍ତରୀ ଛାତ୍ରୀଛାତ୍ରମାନେ କଳାବ୍ୟାଜ ପିନ୍ଧି ପ୍ରତିବାଦ ଜଣାଇଥିଲେ।

# ଆଗ ଟଙ୍କା ଫେରସ୍ତ ପାଇବେ ଜିଏଲ୍‌ପି ଡେଭଲପର୍ସର କ୍ଷୁଦ୍ର ଜମାକାରୀ

**ଚିଟ୍ ଫଣ୍ଡ**

**କଟକ,୫।୯ (କାର୍ତ୍ତିକ ସାହୁ):** ସରକାରଙ୍କ ଦ୍ୱାରା ଚିଟ୍‌ଫଣ୍ଡ ଘୋଷିତ ଜିଏଲ୍‌ପି ଡେଭଲପର୍ସର କ୍ଷୁଦ୍ର ଜମାକାରୀଙ୍କ ଟଙ୍କା ପ୍ରାଥମିକତା ଭିତ୍ତିରେ ଆଗ ଫେରସ୍ତ କରାଯିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଦିଲ୍ଲୀରେ ଥିବା ଜିଏଲପି ଡେଭଲପର୍ସ ଲିମିଟେଡ୍ ଓ ଗୋଲଡେନ୍ ଲ୍ୟାଣ୍ଡ ଡେଭଲପର୍ସ ଲିମିଟେଡ୍ ପକ୍ଷରୁ ହାଇକୋର୍ଟରେ ଆଗତ ମାମଲାର ଶୁଣାଣି କରି ବିଚାରପତି ବିଶ୍ୱନାଥ ରଥ ଆସନ୍ତା ୨ ମାସ ମଧ୍ୟରେ ୮ ହଜାର ଟଙ୍କାରୁ କମ୍ ଜମାକାରୀଙ୍କ ଟଙ୍କା ଫେରସ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉଭୟ ସଂସ୍ଥା ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ମଙ୍ଗଳବାର ସନ୍ଧ୍ୟାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆଇନଜୀବୀ ଅଜିତ୍ ରାଉତ, ଶାରଦା ପ୍ରସାଦ ତ୍ରିପାଠୀ ଓ ବିଶ୍ୱଭୂଷଣ ଦାସ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ଅନୁସାରେ, ସରକାରଙ୍କ ଦ୍ୱାରା ବାଜ୍ୟାପ୍ତି ହୋଇଥିବା କମ୍ପାନୀର ଅର୍ଥ କଟକ ଅତିରିକ୍ତ ଜିଲାପାଳଙ୍କ ହେପାଜତରେ ରଖାଯାଇଛି। ତେବେ ଜମାକାରୀଙ୍କୁ ତୁରନ୍ତ ଟଙ୍କା ଫେରାଇବାକୁ ଆବେଦନ କରି କମ୍ପାନୀ ପକ୍ଷରୁ ହାଇକୋର୍ଟରେ ମାମଲା ଦାୟର କରାଯାଇଥିଲା। ହାଇକୋର୍ଟ ପ୍ରାଥମିକ ପର୍ଯ୍ୟାୟରେ ୮ ହଜାର ଟଙ୍କାରୁ କମ୍ ଜମାକାରୀଙ୍କ ଅର୍ଥ ଫେରସ୍ତ ନିମନ୍ତେ ନିର୍ଦ୍ଦେଶ ଦେବା ପରେ ଅତିରିକ୍ତ ଜିଲାପାଳ ଏହି ପ୍ରକ୍ରିୟା ତୁରନ୍ତ ଆରମ୍ଭ କରନ୍ତୁ ବୋଲି କମ୍ପାନୀ ପକ୍ଷରୁ ନିବେଦନ କରାଯାଇଛି। ଏଭଳି ଜମାକାରୀଙ୍କ ସଂଖ୍ୟା ପ୍ରାୟ ୨ ଲକ୍ଷ ବୋଲି କୁହାଯାଇଛି। ତେବେ ଏହି କମ୍ପାନୀରେ ମୋଟ ୬ ଲକ୍ଷରୁ ଅଧିକ ଜମାକାରୀ ରହିଥିବାବେଳେ ଅଦ୍ୟାବଧି ପ୍ରାୟ ୪ ଲକ୍ଷ ଜମାକାରୀ କଟକ ଅତିରିକ୍ତ ଜିଲାପାଳଙ୍କ ନିକଟରେ ଅର୍ଥ ଫେରସ୍ତ ପାଇଁ ଆବେଦନ କରିଥିବା ଜଣାପଡ଼ିଛି। କମ୍ପାନୀ ପକ୍ଷରୁ ରୁଜୁ ଏହି ମାମଲାକୁ ଆଇନଜୀବୀ ମିଲନ୍ କାନୁନ୍‌ଗୋ ପରିଚାଳନା କରୁଥିଲେ।

# ମହିଳାଙ୍କ ସମେତ ୨ ଗିରଫ

**ଯୋଗାଣ ଅଧିକାରୀଙ୍କୁ ମାଡ଼ ଘଟଣା**

**ବାସୁଦେବପୁର, ୫।୯ (ନାରାୟଣ ପ୍ରସାଦ ବାରିକ)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଯୋଗାଣ ଅଧିକାରୀ ଅଜୟ କୁମାର ଦାସଙ୍କୁ ରାସ୍ତାରେ ଚଲାଇ ମାଡ଼ ଘଟଣାରେ ପୋଲିସ ମହିଳାଙ୍କ ସମେତ ୨ଜଣଙ୍କୁ ଗିରଫକରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କରଞ୍ଜଆଡ଼ିଆ ଗ୍ରାମର ଅଜୟ କୁମାର ସେଠୀ(୪୫) ଓ ଉର୍ମିଳା ନାୟକ(୩୫)। ଏଥିସହ ଏହି ଘଟଣାରେ ୭୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷଙ୍କ ନାଁରେ ମାମଲା ରୁଜୁ କରାଯାଇଛି। ଯୋଗାଣ ଅଧିକାରୀ ଅଜୟ କୁମାର ଦାସଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା (ନଂ.୫୦୫/୨୩) ରୁଜୁ ପରେ ଆକ୍ରମଣକାରୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି।

ଅପରପକ୍ଷେ ଯୋଗାଣ ଅଧିକାରୀଙ୍କୁ ଆକ୍ରମଣ ପ୍ରତିବାଦରେ ବ୍ଲକ କର୍ମଚାରୀ ସଂଘ ପକ୍ଷରୁ ମଙ୍ଗଳବାର କଲମଛାଡ଼ ଆନ୍ଦୋଳନ କରାଯାଇଥିଲା। ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରା ନ ଗଲେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ବିଡିଓ ସତ୍ୟଜିତ ରାଉତ, ଭଦ୍ରକ ଏସ୍‌ଡିପିଓ ସୌରଭ ଓତା ଏବଂ ବାସୁଦେବପୁର ଥାନା ଆଇଆଇସି ଲୋପାମୁଦ୍ରା ନାୟକ ବ୍ଲକ କର୍ମଚାରୀଙ୍କୁ ବୁଝାଶୁଝା କରିବା ସହ ଆକ୍ରମଣକାରୀଙ୍କୁ ଗିରଫ କରାଯିବାର ପ୍ରତିଶ୍ରୁତି ଦେବା ପରେ ସାମୟିକ ଭାବେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ସେହିପରି ବ୍ଲକ ଓ ପୌରପାଳିକାରେ କାର୍ଯ୍ୟରତ ରିଟେଲର ଏକତ୍ର ହୋଇ ଯୋଗାଣ ଅଧିକାରୀଙ୍କୁ ମାଡ଼ ଘଟଣାକୁ ଦୃଢ଼ ବିରୋଧ କରିବା ସହ ଆକ୍ରମଣକାରୀଙ୍କୁ




କଲମଛାଡ଼ ଆନ୍ଦୋଳନ କରୁଛନ୍ତି ବାସୁଦେବପୁର ବ୍ଲକ କର୍ମଚାରୀ।

- **୭୦ରୁ ଊର୍ଦ୍ଧ୍ୱ ଲୋକଙ୍କ ନାଁରେ ମାମଲା**
- **ବ୍ଲକ କର୍ମଚାରୀଙ୍କ କଲମଛାଡ଼ ଆନ୍ଦୋଳନ**

ତୁରନ୍ତ ଗିରଫ ଦାବି କରିଛନ୍ତି। ନଚେତ୍ ରିଟେଲରମାନେ ବଣ୍ଟନ ବ୍ୟବସ୍ଥାକୁ ବନ୍ଦ ରଖିବାକୁ ନିଷ୍ପତ୍ତି ନେବା ସହ ଏ ବାବଦରେ ବିଭାଗୀୟ ଅଧିକାରୀ ଓ ଥାନାଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ସୂଚନାଯୋଗ୍ୟ, ଗତ ଫେବୃୟାରୀ ଓ ମାର୍ଚ୍ଚ ମାସର ପିଡିଏସ୍ ଚାଉଳ ପାଇ ନ ଥିବାରୁ ଶତାଧିକ ମହିଳା ହିତାଧିକାରୀ ଓ ଅନ୍ୟମାନେ ସୋମବାର ଯୋଗାଣ ଅଧିକାରୀଙ୍କୁ କାର୍ଯ୍ୟାଳୟରୁ ଘୋଷାରି ନେଇ ରାସ୍ତାରେ ଚଲାଇବା ସହ ମାଡ଼ ମାରିଥିଲେ।

# ସମ୍ବଲପୁର ଜିଲାର ଦୁଗ୍ଧ ଉତ୍ପାଦକ ଓ ବିତରଣ ପ୍ରୋଜେକ୍ଟକୁ ଡବ୍ଲ୍ୟୁଓଡିସିର ଅନୁମୋଦନ

**ଭୁବନେଶ୍ୱର, ୫।୯(ସୁନିତ୍ ମିଶ୍ର)**

ପଶ୍ଚିମଓଡ଼ିଶାବିକାଶପରିଷଦ(ଡବ୍ଲ୍ୟୁଓଡିସି) ଦ୍ୱାରା ସମ୍ବଲପୁର ଜିଲାର ଦୁଗ୍ଧ ଉତ୍ପାଦକ ଓ ବିତରଣ ପ୍ରୋଜେକ୍ଟକୁ ଅନୁମୋଦନ ମିଳିଛି। ଦୁଗ୍ଧ ଉତ୍ପାଦକ ଓ ବିତରଣକୁ ସୁପରିଚାଳନା କରିବା ଏବଂ ଦୁଗ୍ଧଚାଷୀଙ୍କୁ ପ୍ରୋତ୍ସାହନ ଯୋଗାଇବା ସକାଶେ ମଙ୍ଗଳବାର ଆଭାସି ମାଧ୍ୟମରେ ସମ୍ବଲପୁର ଜିଲା ପ୍ରଶାସନ ପ୍ରସ୍ତାବ ଉପସ୍ଥାପନ କରିଥିଲା। ବୈଠକରେ ପରିଷଦର ଅଧ୍ୟକ୍ଷ ଅସିତ ତ୍ରିପାଠୀ କହିଛନ୍ତି, ସମ୍ବଲପୁର ଜିଲାର ଦୁଗ୍ଧ ଉତ୍ପାଦକଙ୍କ ବିକାଶ ପାଇଁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସର୍ବଦା ଚେଷ୍ଟିତ। ଏହି ନିବେଶ ସମଲେଶ୍ୱରୀ ଆଞ୍ଚଳିକ ସମବାୟ ଦୁଗ୍ଧ ଉତ୍ପାଦକ ସଂଘ(ସାମୁଲ୍)କୁ ଅଧିକ ଉତ୍ସାହିତ କରିବ। ଏହାସହ ଗୋପାଳକଙ୍କ ସମୃଦ୍ଧି ଓ ପ୍ରଗତିରେ ସହାୟକ ହେବ। ସେହିଭଳି ଆସନ୍ତା ନଭେମ୍ବର ୪ ଓ ୫ରେ ପଶ୍ଚିମ ଓଡ଼ିଶା ଗୋପାଳନ ସମ୍ମିଳନୀର ଆୟୋଜନ କରାଯିବା ନେଇ ଆଲୋଚନା କରାଯାଇଛି। ସମ୍ବଲପୁର

**■ ନଭେମ୍ବର ୪,୫ରେ ଗୋପାଳନ ସମ୍ମିଳନୀ**

ଜିଲାର ଦୁଗ୍ଧଚାଷୀଙ୍କୁ ଯଥେଷ୍ଟ ପ୍ରୋତ୍ସାହନ ଯୋଗାଇଦେବା ପାଇଁ ଜିଲା ପ୍ରଶାସନ ତରଫରୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ। ଦୁଗ୍ଧ ଶୀତଳଭଣ୍ଡାର, ମିଲ୍କ ଟ୍ୟାଙ୍କର, ଆଲୁମିନିୟମ ମିଲ୍କ କ୍ୟାନ୍, ଦୁଗ୍ଧର ମାନ ପରିଖିବା ପାଇଁ ଯନ୍ତ୍ର ଆଦି ଚାଷୀଙ୍କୁ ଯୋଗାଇ ଦିଆଯିବ। ଏହାର ସୁପରିଚାଳନା ନିମନ୍ତେ ୩୦ ଦୁଗ୍ଧ ସମବାୟ ସମିତି ଗଠନ କରାଯିବ। ପ୍ରାୟ ୧,୫୦୦ ଦୁଗ୍ଧଚାଷୀଙ୍କ ପଞ୍ଜୀକରଣ କରାଯିବା ସହ ସେମାନଙ୍କଠାରୁ ଦୁଗ୍ଧ ସଂଗ୍ରହକରି ବିତରଣକୁ ମଧ୍ୟ ସୁନିଶ୍ଚିତ କରାଯିବ। ଏହି ଯୋଜନା ବଲାଙ୍ଗୀର, ବୌଦ୍ଧ, କଳାହାଣ୍ଡିରେ ମଧ୍ୟ କାର୍ଯ୍ୟକାରୀ କରାଯାଉଛି। ସମ୍ବଲପୁର ଜିଲା ପ୍ରଶାସନ ଓ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ।

# ଭିମ୍‌ସାରରେ ମୃତଦେହକୁ ଅସମ୍ମାନ

**ସମ୍ବଲପୁର,୫।୯(ଶୁଭାଶିଷ ପାଢ଼ୀ)**

ସମ୍ବଲପୁରର ବୁର୍ଲା ବୀର ସୁରେନ୍ଦ୍ର ସାଏ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ (ଭିମ୍‌ସାର) ସେଣ୍ଟରରେ ଅବ୍ୟବସ୍ଥା କିଛି ନୂଆ କଥା ନୁହେଁ। ବିଭିନ୍ନ ବିଭାଗରେ ସମସ୍ୟା ଲାଗିରହିଥିବା ବେଳେ ବ୍ୟବଚ୍ଛେଦ ଗୃହରେ ମଧ୍ୟ ମୃତଦେହକୁ ଅସମ୍ମାନ କରାଯାଉଛି। ବ୍ୟବଚ୍ଛେଦ ସମୟରେ ମୁଣ୍ଡକୁ ଫଟାଇବା ଓ ଶରୀର କାଟିବାରେ ଅତ୍ୟାଧୁନିକ ସରଞ୍ଜାମ ପରିବର୍ତ୍ତେ ଛେଣି, ହାତୁଡ଼ି ବ୍ୟବହାର କରାଯାଉଛି। ଏହାସହ ବ୍ୟବଚ୍ଛେଦ ପରେ ମୃତ ଶରୀର ନେବା ପାଇଁ ବ୍ୟବହାର ହେଉଥିବା ପଲିଥିନ ଉପଲବ୍ଧ ନାହିଁ। ଫଳରେ ମୃତକ ପରିବାର ମୃତଦେହ ନେବା ପାଇଁ ବାଧ୍ୟହୋଇ ବାହାରୁ ପଲିଥିନ କିଣି ଆଣୁଛନ୍ତି। ପ୍ରାୟ ୩ମାସ ହେବ ପଲିଥିନ ଷ୍ଟକ୍‌ରେ ନାହିଁ। ଏହି ଘଟଣାରୁ ଭିମ୍‌ସାର ପରିଚାଳନା କିଭଳି ହେଉଛି ତାହା ସହଜରେ ଅନୁମେୟ।

ଆତ୍ମୀୟଙ୍କୁ ହରାଇ ପରିବାର, ପରିଜନ ଶୋକରେ ରହିଥାନ୍ତି। ଶୀଘ୍ର ବ୍ୟବଚ୍ଛେଦ କରାଇ କିଭଳି ମୃତଦେହ ଘରକୁ ନେଇ ଅନ୍ତିମ ସଂସ୍କାର କରିବେ ସେହି ଚିନ୍ତାରେ ରହିଥାନ୍ତି। ଏଭଳି ପରିସ୍ଥିତିରେ ସେମାନଙ୍କୁ ବ୍ୟବଚ୍ଛେଦ ପାଇଁ ଆବଶ୍ୟକ ହେଉଥିବା ପଲିଥିନ, ଲୁଣ, ପ୍ଲାଷ୍ଟିକ ଡବା ଆଣିବାକୁ କୁହାଯାଇଥାଏ। ଏସବୁ ସାମଗ୍ରୀ ଆଣିବା ପରେ ମୃତକ ପରିବାର ବ୍ୟବଚ୍ଛେଦ କରାଇ ମୃତଦେହ ନେଇ ଘରକୁ ଯାଆନ୍ତି। ମେଡିକାଲ ହେବାର ୬୩ବର୍ଷ ପରେ ମଧ୍ୟ ବ୍ୟବଚ୍ଛେଦ ଗୃହରେ ଆନୁଷଙ୍ଗିକ ବ୍ୟବସ୍ଥା ହୋଇପାରି ନାହିଁ। ଏବେ ମଧ୍ୟ ଡାକ୍ତରମାନେ ମୃତଦେହରେ ହାତୁଡି ଓ ଛେଣି ବ୍ୟବହାର କରି ବ୍ୟବଚ୍ଛେଦ ରିପୋର୍ଟ

- **ବ୍ୟବଚ୍ଛେଦରେ ହାତୁଡ଼ି, ଛେଣି ବ୍ୟବହାର**
- **ପଲିଥିନ ଅଭାବ, ବାହାରୁ କିଣୁଛନ୍ତି ପରିବାର**



ବୁର୍ଲା ଭିମ୍‌ସାର ବ୍ୟବଚ୍ଛେଦ ଗୃହ।

ପ୍ରସ୍ତୁତ କରୁଛନ୍ତି। ମୃତ ଶରୀର ମୁଣ୍ଡକୁ ଛେଣି ସାହାଯ୍ୟରେ ଫଟାଇଲେ ପୂର୍ବରୁ ଥିବା କ୍ଷତ ବୃଦ୍ଧି ପାଇ ରିପୋର୍ଟ ତିଆରି କରିବାରେ ବ୍ୟତିକ୍ରମ ଘଟିବା ସମ୍ଭାବନା ରହିଛି। ଗୋଟିଏ ମୃତଦେହ ବ୍ୟବଚ୍ଛେଦ ପାଇଁ ପ୍ରାୟ ୨ ଘଣ୍ଟା ସମୟ ଲାଗିଥାଏ। ୩ରୁ ୪ ଗୋଟି ମୃତଦେହ ବ୍ୟବଚ୍ଛେଦ କରିବାକୁ ଥିଲେ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଅନ୍ୟପଟେ ମେଡିକାଲ ଶିକ୍ଷାଦାନରେ ମଧ୍ୟ ବିଶେଷ ସମସ୍ୟା ହେଉଛି। ମେଡିକାଲ କଲେଜ ତୃତୀୟ ଓ ଚତୁର୍ଥ ବର୍ଷର ମୋଟ ୪ ଶହ ଛାତ୍ରୀଛାତ୍ର ବ୍ୟବଚ୍ଛେଦ କରିବା ଓ ଏହାର ରିପୋର୍ଟ ତିଆରି କରିବା ନେଇ ଅଧ୍ୟୟନ କରନ୍ତି। ସେମାନଙ୍କୁ ସିନିୟର ଡାକ୍ତରମାନେ ପାଠ ପଢ଼ାଇବା ସହ ପ୍ରାକ୍ଟିକାଲ ଦେଖାଇଥାନ୍ତି। ହେଲେ ଆବଶ୍ୟକ ସୁବିଧା ନ ଥିବାରୁ ଛାତ୍ରୀଛାତ୍ରମାନଙ୍କୁ ସମସ୍ୟା ହେଉଛି। ଆନୁଷଙ୍ଗିକ ସୁବିଧା ମଧ୍ୟ କରାଯାଉ ନାହିଁ। ପୂରା ବ୍ୟବଚ୍ଛେଦ ଗୃହ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଭିମ୍‌ସାରର ଅନ୍ୟ ସ୍ଥାନରେ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ ବ୍ୟବଚ୍ଛେଦ ଗୃହ ପ୍ରତି ଗୁରୁତ୍ୱ ଦିଆଯାଉ ନାହିଁ। ସୂଚନାଯୋଗ୍ୟ, ଭିମ୍‌ସାରରେ ପ୍ରତିବର୍ଷ ୧୮ ଶହରୁ ୨ ହଜାର ମୃତଦେହ ବ୍ୟବଚ୍ଛେଦ କରାଯାଉଛି। ମାସିକ ହାରାହାରି ୧୫୦ରୁ ଅଧିକ ହେଉଛି। ଏ ସମ୍ପର୍କରେ ଭିମ୍‌ସାର ଅଧୀକ୍ଷକ ଜୟଶ୍ରୀ ଡୋରା କହିଛନ୍ତି, ଏଭଳି ହେବା କଥା ନୁହେଁ। ନିଶ୍ଚିତ ଭାବେ ପଦକ୍ଷେପ ଗ୍ରହଣ କରାଯାଇ ସମାଧାନ କରାଯିବ ବୋଲି ସେ କହିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୬ ସେପ୍ଟେମ୍ବର, ୨୦୨୩



# ଭାରତୀୟ ବାହିନୀ



ଆଇସିସି ଦିନିକିଆ କ୍ରିକେଟ ବିଶ୍ୱକପ ପାଇଁ ମଙ୍ଗଳବାର ଭାରତୀୟ ଦଳ ଘୋଷଣା ହୋଇଛି। ଆହତ ସମସ୍ୟା ପାଇଁ ଦୀର୍ଘଦିନ କ୍ରିକେଟରୁ ଦୂରେଇ ରହିଥିବା ଲୋକେଶ ରାହୁଲଙ୍କୁ ଦଳରେ ସାମିଲ କରାଯାଇଛି। ଭାରତୀୟ ଦଳରେ ୭ ସ୍ପେଶାଲିଷ୍ଟ ବ୍ୟାଟର, ୨ ଅଲ୍ ରାଉଣ୍ଡର, ୨ ସ୍ପିନର ଓ ୪ ପେସ୍ ବୋଲରଙ୍କୁ ନିଆ ଯାଇଛି।

ICC MEN'S CRICKET WORLD CUP INDIA 2023



## ଶୁବମନ ଗିଲ୍

ଜନ୍ମ: ସେପ୍ଟେମ୍ବର ୮, ୧୯୯୯, ମ୍ୟାଚ୍: ୨୯, ରନ୍: ୧୫୧୪। ମାତ୍ର ୨୩ ବର୍ଷ ବୟସରେ ଗିଲ୍ କ୍ରିକେଟର ୩ଟି ଯାକ ଫର୍ମାଟରେ ନିଜର ଉପସ୍ଥିତି ଜାହିର କରିବାରେ ସମର୍ଥ ହୋଇଛନ୍ତି। ଆଇସିସି ଇଭେଣ୍ଟରେ ଭାରତର ଶ୍ରେଷ୍ଠ ବ୍ୟାଟର ରହିଥିବା ଶିଖର ଧାୱନଙ୍କ ସ୍ଥାନରେ ଗିଲ୍ ବିଶ୍ୱକପ୍ ଦଳରେ ସାମିଲ ହୋଇଛନ୍ତି। ଦିନିକିଆରେ ଦ୍ୱିଶତକ ହାସଲ କରି ସାରିଥିବା ଗିଲ୍‌ଙ୍କଠାରୁ ଟପ୍ ଅର୍ଡରରେ ସମାନ ସଫଳତା ଆଶା କରିବ ଟିମ୍ ମ୍ୟାନେଜମେଣ୍ଟ।

## ହାର୍ଦ୍ଦିକ ପାଣ୍ଡ୍ୟା (ଉପ-ଅଧିନାୟକ)



ଜନ୍ମ: ଅକ୍ଟୋବର ୧୧, ୧୯୯୩, ମ୍ୟାଚ୍: ୭୯, ରନ୍: ୧୫୭୩, ଉଇକେଟ: ୭୪। ୧୯୮୩ ବିଶ୍ୱକପ୍‌ରେ ମହିନ୍ଦର ଅମରନାଥ ଓ ୨୦୧୧ ବିଶ୍ୱକପ୍‌ର ଯୁବରାଜ ସିଂଙ୍କ ଦାୟିତ୍ୱରେ ନଜର ଆସିବେ ଉପ ଅଧିନାୟକ 'ବରୋଦା ବମ୍ବର' ହାର୍ଦ୍ଦିକ ପାଣ୍ଡ୍ୟା। ବିସ୍ଫୋରକ ବ୍ୟାଟିଂ ପାଇଁ ଫିନିଶର ଦାୟିତ୍ୱରେ ନଜର ଆସୁଥିବା ପାଣ୍ଡ୍ୟା ବର୍ତ୍ତମାନ ନିଜକୁ ଜଣେ ସ୍ପେଶାଲିଷ୍ଟ ମଧ୍ୟକ୍ରମ ବ୍ୟାଟରରେ ପରିଣତ କରି ସାରିଛନ୍ତି। ଏହା ସହିତ ୧୦ ଓଭର ବୋଲିଂ କରିବାର ଦକ୍ଷତା ରଖୁଥିବା ପାଣ୍ଡ୍ୟା ଯେକୌଣସି ମୁହୂର୍ତ୍ତରେ ନିଜର ବ୍ୟାଟିଂ ଗିଅର ମଧ୍ୟ ବଦଳାଇବାର ଦକ୍ଷତା ରଖିଥାନ୍ତି।



## ବିରାଟ କୋହଲି

ଜନ୍ମ: ନଭେମ୍ବର ୫, ୧୯୮୮, ମ୍ୟାଚ୍: ୨୭୭, ରନ୍: ୧୨୯୦୨। ଯୁବ ଖେଳାଳି ଭାବରେ ବିରାଟ କୋହଲି ୨୦୧୧ ବିଶ୍ୱକପ୍ ବିଜୟୀ ଦଳର ସଦସ୍ୟ ଥିଲେ। ଉକ୍ତ ବିଶ୍ୱକପ୍ କିମ୍ବଦନ୍ତୀ ସଚିନ ତେନ୍ଦୁଲକରଙ୍କୁ ଭାରତୀୟ ଦଳର ଉପହାର ରହିଥିବା ବେଳେ ଏହା ପରେ ତେନ୍ଦୁଲକରଙ୍କ ପରି ଭାରତୀୟ କ୍ରିକେଟର ଭାର କୋହଲି ନିଜ କାନ୍ଧକୁ ନେଇଥିଲେ। ଇତିମଧ୍ୟରେ ୪୬ ଶତକ ହାସଲ କରିଥିବା କୋହଲି ଆଉ ୪ ଶତକ ହାସଲ କଲେ ଦିନିକିଆରେ ତେନ୍ଦୁଲକରଙ୍କ ରେକର୍ଡକୁ ଅତିକ୍ରମ କରିବେ। ବିଶ୍ୱକପ୍ ପରି ଏକ ବଡ ଟୁର୍ନାମେଣ୍ଟ ଓ ଘରୋଇ ଦର୍ଶକଙ୍କ ସମ୍ମୁଖରେ ଏହାଠାରୁ ବଡ ମୁହୂର୍ତ୍ତ ମିଳିବା ଅସମ୍ଭବ। ୩ ବର୍ଷ ଧରି ଗୋଟିଏ ବି ଶତକ ହାସଲ କରି ନ ଥିବା କୋହଲି ବର୍ତ୍ତମାନ ଚମତ୍କାର ଫର୍ମକୁ ଫେରିଛନ୍ତି। ଆଇସିସି ଇଭେଣ୍ଟରେ ପୁନର୍ବାର ଭଲ ପ୍ରଦର୍ଶନ କରିବା ସହିତ ସେ ଭାରତକୁ ଏହାର ତୃତୀୟ ଦିନିକିଆ ବିଶ୍ୱକପ୍ ଜିତାଇବା ନେଇ ଫ୍ୟାନ୍‌ଙ୍କ ଆଶା ରହିବ।

## ରୋହିତ ଶର୍ମା(ଅଧିନାୟକ)

ଜନ୍ମ: ୩୦ ଏପ୍ରିଲ୍ ୧୯୮୭, ମ୍ୟାଚ୍:୨୪୬, ରନ୍: ୯୯୨୨। ଭାରତୀୟ କ୍ରିକେଟ ଦଳର ଅଧିନାୟକ ରୋହିତ ଶର୍ମାଙ୍କ ନେତୃତ୍ୱରେ ଦଳ ୨୦୧୧ର ସଫଳତା ଆଉଥରେ ଦୋହରାଇବାକୁ ଉଦ୍ୟମ କରିବ। ୨୦୧୧ ଦିନିକିଆ କ୍ରିକେଟ ବିଶ୍ୱକପ୍ ଦଳରେ ରୋହିତ ସ୍ଥାନ ପାଇ ନ ଥିବା ବେଳେ ଏହାର ୩ଟି ବିଶ୍ୱକପ୍ ମଧ୍ୟରେ ସେ ଭାରତୀୟ ଦଳର ନେତୃତ୍ୱ ନେଉଛନ୍ତି। ଦିନିକିଆରେ ୯୯୨୨ ରନ୍ କରି ସାରିଥିବା ବେଳେ ବିଶ୍ୱକପ୍‌ରେ ତାଙ୍କ ନାମରେ ରହିଛି ୬ଟି ଶତକ। ଆଉ ଏକ ଶତକ ହାସଲ କଲେ ସେ ବିଶ୍ୱକପ୍‌ରେ ସର୍ବାଧିକ ଶତକର ରେକର୍ଡ ନିଜ ନାମରେ କରିବେ। ୨୦୧୩ ପରଠାରୁ ଭାରତୀୟ ଦଳ ଏକ ଆଇସିସି ଟ୍ରଫି ହାସଲ କରି ନ ଥିବା ବେଳେ ରୋହିତଙ୍କ ନେତୃତ୍ୱରେ ଦଳ ଟ୍ରଫି ମରୁଡି ଶେଷ କରିବାକୁ ପ୍ରୟାସ କରିବ।



## ଇଶାନ କିଶନ (ଉଇକେଟକିପର)

ଜନ୍ମ: ଜୁଲାଇ ୧୮, ୧୯୯୮, ମ୍ୟାଚ୍: ୧୯, ରନ୍: ୭୭୬। ଚଳିତ ଟିମ୍‌ରେ ଇଶାନ କିଶନ୍‌ଙ୍କୁ ଭିନ୍ନ ଭିନ୍ନ ରୋଲରେ ଦେଖିବାକୁ ମିଳିବ। ଜଣେ ବ୍ୟାକ୍ ଅପ୍ ଓପନର, ମଧ୍ୟକ୍ରମ ବ୍ୟାଟର ଓ ଉଇକେଟକିପର ଭଳି ୩ଟି ଭୂମିକାରେ ସେ ଫିଟ୍ ହୋଇ ପାରନ୍ତି। ଲୋକେଶ ରାହୁଲ ଦଳର ପ୍ରଥମ ପସନ୍ଦର ଉଇକେଟକିପର-ବ୍ୟାଟର ରହିଥିଲେ ହେଁ ପାକିସ୍ତାନ ବିପକ୍ଷରେ ଖେଳିଥିବା ୮୨ ରନ୍‌ର ଇନିଂସ ତାଙ୍କୁ ଆଗୁଆ ରଖିଛି। ଏହା ସହିତ ବାମହାତୀ ବ୍ୟାଟର ଭାବରେ ସେ ଦଳକୁ ବିବିଧତା ପ୍ରଦାନ କରିପାରିବେ।

## ସୂର୍ଯ୍ୟକୁମାର ଯାଦବ

ଜନ୍ମ: ସେପ୍ଟେମ୍ବର ୧୪, ୧୯୯୦, ମ୍ୟାଚ୍: ୨୬, ରନ୍: ୫୧୧। ଟି୨୦ କ୍ରିକେଟରେ ମିଷ୍ଟର ୩୬୦ ଡିଗ୍ରୀ ଭାବରେ ପରିଚିତ ସୂର୍ଯ୍ୟକୁମାର ବିଶ୍ୱର ଏକ ନମ୍ବର ବ୍ୟାଟର ରହିଛନ୍ତି। ୩୦ ବର୍ଷ ବୟସରେ ପଦାର୍ପଣ କରିଥିବା ବେଳେ ଟି୨୦ରେ ୪୬ ହାରାହାରି ସହିତ ୧୮୪୧ ରନ୍ ସ୍କୋର କରିଛନ୍ତି। ତେବେ ଦିନିକିଆରେ ସେ ସମାନ ସଫଳତା ଦୋହରାଇବାରେ ସମର୍ଥ ହୋଇନାହାନ୍ତି। ଚୂଡାନ୍ତ ଏକାଦଶରେ ସୂର୍ଯ୍ୟକୁମାରଙ୍କ ସ୍ଥାନ ପାଇବାର ସମ୍ଭାବନା କମ୍ ରହିଥିବା ବେଳେ ତାଙ୍କୁ ଶ୍ରେୟସ ଆୟରଙ୍କ ବ୍ୟାକ୍ ଅପ୍ ଭାବରେ ରଖାଯାଇଛି।



## ଲୋକେଶ ରାହୁଲ (ଉଇକେଟକିପର)

ଜନ୍ମ: ଏପ୍ରିଲ୍ ୧୮,୧୯୯୨, ମ୍ୟାଚ୍: ୫୪, ରନ୍:୧୯୮୬। ଆହତ ହୋଇ ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ରାହୁଲଙ୍କୁ ଦଳରେ ସାମିଲ କରାଯାଇଛି। ମ୍ୟାଚ୍ ପ୍ରାକ୍ଟିସ୍ ମିଳି ନ ଥିଲେ ମଧ୍ୟ ରାହୁଲ ବିଗତ କିଛି ବର୍ଷ ଧରି ୪ ନମ୍ବର ସ୍ଥାନରେ ଭାରତର ବ୍ୟାଟିଂ ମେରୁଦଣ୍ଡ ରହି ଆସିଛନ୍ତି। ସମାନ କାରଣରୁ ଅନ୍ୟ ଖେଳାଳିଙ୍କ ଅପେକ୍ଷା ରାହୁଲଙ୍କୁ ଦଳରେ ସାମିଲ କରିଛି ଟିମ୍ ମ୍ୟାନେଜମେଣ୍ଟ।



## ଯଶପ୍ରୀତ ବୁମ୍‌ରା

ଜନ୍ମ: ଡିସେମ୍ବର ୬, ୧୯୯୩, ମ୍ୟାଚ୍: ୭୩, ଉଇକେଟ:୧୨୧। ଚଳିତ ଟୁର୍ନାମେଣ୍ଟରେ ଭାରତର ବୋଲିଂ ଆଟାକ୍ ଏତେଟା ପ୍ରଭାବଶାଳୀ ରହିନାହିଁ। ମାତ୍ର ବୁମ୍‌ରାଙ୍କ ଉପସ୍ଥିତି ଭାରତ ପାଇଁ ଏକ ସକାରାତ୍ମକ ଖବର। ୨୯ ବର୍ଷୀୟ ଏହି ବୋଲର ଜଣଙ୍କ ବ୍ୟାକ୍ ସର୍ଜରି ପରେ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ଚମତ୍କାର ଫର୍ମରେ ରହିଛନ୍ତି। ଉଭୟ ନୂଆ ବଲ୍ ଓ ଡେଥ୍ ଓଭରରେ ଚମତ୍କାର ବୋଲିଂ କରିବାର ଦକ୍ଷତା ରଖୁଥିବା ବୁମ୍‌ରା ଅଧିନାୟକ ରୋହିତ ଶର୍ମାଙ୍କ ପାଇଁ ଟ୍ରମ୍ପ କାର୍ଡ ସାବ୍ୟସ୍ତ ହେବେ।





## ରବୀନ୍ଦ୍ର ଜାଡେଜା

ଜନ୍ମ: ଡିସେମ୍ବର ୬, ୧୯୮୮,ମ୍ୟାଚ୍ : ୧୭୯, ରନ୍: ୧୫୭୪, ଉଇକେଟ: ୧୯୭। ଭାରତୀୟ ଦଳର ଏହି ସ୍ପିନ୍ ବୋଲିଂ ଅଲରାଉଣ୍ଡର ଉଭୟ ବ୍ୟାଟ ଓ ବଲ୍ ଜରିଆରେ ସମାନ ଭାବରେ ପ୍ରଭାବଶାଳୀ। ଇକୋନୋମିକାଲ୍ ବୋଲିଂ ସହିତ ଆକ୍ରମଣାତ୍ମକ ବ୍ୟାଟିଂ ଓ ଚମତ୍କାର ଫିଲ୍ଡିଂ କାରଣରୁ ଅକ୍ଷର ପଟେଲଙ୍କ ସ୍ଥାନରେ ଟିମ୍ ମ୍ୟାନେଜମେଣ୍ଟ ଜାଡେଜାଙ୍କୁ ପ୍ରାଧାନ୍ୟ ଦେବ। ଚୂଡାନ୍ତ ଏକାଦଶରେ ଜାଡେଜାଙ୍କ ସ୍ଥାନ ନିଶ୍ଚିତ ରହିଥିବା ବେଳେ କୁଲଦୀପ ଯାଦବଙ୍କ ସହିତ ସେ ସ୍ପିନ୍ ବିଭାଗ ସମ୍ଭାଳିବେ। ଏହା ସହିତ ଜାଡେଜାଙ୍କ ଉପସ୍ଥିତିରେ ବାମ-ଡାହାଣ ବ୍ୟାଟିଂ କମ୍ବିନେଶନ ମଧ୍ୟ ମିଳିପାରିବ।



## ଶ୍ରେୟସ ଆୟର

ଜନ୍ମ: ଡିସେମ୍ବର ୬, ୧୯୯୪, ମ୍ୟାଚ୍: ୪୪, ରନ୍: ୧୬୪୫। ଭାରତୀୟ ମଧ୍ୟକ୍ରମରେ ଆୟର ବିଗତ କିଛି ବର୍ଷ ଧରି ଚମତ୍କାର ପ୍ରଦର୍ଶନ କରିଛନ୍ତି। ସ୍ପିନ୍ ବିପକ୍ଷରେ ଅନ୍ୟତମ ଶ୍ରେଷ୍ଠ ଖେଳାଳି ରହିଥିବା ଆୟର ଆହତ ସମସ୍ୟାରୁ ପ୍ରତ୍ୟାବର୍ତ୍ତନ କରୁଥିବା ବେଳେ ଏହା ତାଙ୍କୁ ସାମାନ୍ୟ ଚାପରେ ରଖିବ। ତେବେ କ୍ୱାଲିଟି ବୋଲିଂ ଆଟାକ ବିପକ୍ଷରେ ଆୟରଙ୍କ ଶର୍ଟ ବଲ୍ ଦୁର୍ବଳତା ତାଙ୍କୁ ଅସୁବିଧାରେ ପକାଇପାରେ।

## ମହମ୍ମଦ ଶାମି

ଜନ୍ମ: ସେପ୍ଟେମ୍ବର ୩, ୧୯୯୦, ମ୍ୟାଚ୍: ୯୧, ଉଇକେଟ:୧୬୩। ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ପରି ମହମ୍ମଦ ଶାମି ମଧ୍ୟ ନିଜର ତୃତୀୟ ତଥା ଅନ୍ତିମ ବିଶ୍ୱକପ ଖେଳୁଛନ୍ତି। ଭାରତୀୟ ବୋଲରଙ୍କ ମଧ୍ୟରେ ଶାମି ଅଧିକ ଦକ୍ଷ ଏହା ନିଃସନ୍ଦେହ । ତେବେ ବ୍ୟାଟିଂ ଅର୍ଡରକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଭାରତ ଶାର୍ଦ୍ଦୂଳ ଠାକୁରଙ୍କୁ ଏସିଆ କପ୍‌ରେ ଖେଳାଉଛି। ବୁମ୍‌ରା, ସିରାଜ କିମ୍ବା ଶାର୍ଦ୍ଦୂଳଙ୍କ ମଧ୍ୟରୁ ଜଣେ ଆହତ ହେଲେ ବା ବିଶ୍ରାମ ପାଇଲେ ଶାମି ଦଳରେ ସାମିଲ ହୋଇପାରିବେ। ତେବେ କ୍ୱାଲିଟି ବ୍ୟାଟିଂ ଲାଇନଅପ୍ ବିପକ୍ଷରେ ଶାର୍ଦ୍ଦୂଳଙ୍କ ଅପେକ୍ଷା ଶାମି ଭଲ ବିକଳ୍ପ ରହିବେ।





## ଶାର୍ଦ୍ଦୂଳ ଠାକୁର

ଅକ୍ଟୋବର ୧୬, ୧୯୯୧, ମ୍ୟାଚ୍: ୪୦, ରନ୍: ୩୧୮, ଉଇକେଟ: ୫୯। ମୁମ୍ବାଇରୁ ଆସୁଥିବା ତଥା ପାଲଗଡ ଏକ୍ସପ୍ରେସ୍ ନାମରେ ପରିଚିତ ଶାର୍ଦ୍ଦୂଳ ଠାକୁର ନିମ୍ନକ୍ରମରେ ଜଣେ ଉପଯୋଗୀ ବ୍ୟାଟର ତଥା ଉଇକେଟ ଟେକିଙ୍ଗ ବୋଲର। ପାର୍ଟନରଶିପ୍ ଭାଙ୍ଗିବାରେ ଶାର୍ଦ୍ଦୂଳଙ୍କ ଦକ୍ଷତା କାରଣରୁ ସୋସିଆଲ ମିଡିଆରେ ତାଙ୍କୁ ଲର୍ଡ ବୋଲି ମଧ୍ୟ କୁହାଯାଏ। ବଲ୍‌କୁ ଉଭୟ ପାର୍ଶ୍ୱକୁ ସୁଇଙ୍ଗ କରାଇବାରେ ମାହିର ଶାର୍ଦ୍ଦୂଳଙ୍କ ଦକ୍ଷତା ହେଉଛି ସ୍ଲୋ ଭ୍ୟାରିଏସନ୍। ୮ ନମ୍ବର ସ୍ଥାନରେ ବ୍ୟାଟିଂ କରି ସେ ଯେଉଁ ସନ୍ତୁଳନ ପ୍ରଦାନ କରନ୍ତି ତାହା ତାଙ୍କୁ ତୃତୀୟ ପେସ୍ ବୋଲର ଭାବରେ ସାମିଲ କରିବାକୁ ମ୍ୟାନେଜମେଣ୍ଟକୁ ବାଧ୍ୟ କରିବ। ତେବେ ଫିଲ୍ଡିଂ ଓ ଫିଟନେସ୍ ଶାର୍ଦ୍ଦୂଳଙ୍କର ଦୁଇଟି ବଡ ସମସ୍ୟା ରହିଛି।

## ଅକ୍ଷର ପଟେଲ

ଜାନୁୟାରୀ ୨୦, ୧୯୯୪, ମ୍ୟାଚ୍: ୫୨, ରନ୍: ୪୧୩, ଉଇକେଟ: ୫୮। ଦିନିକିଆ କ୍ରିକେଟରେ ଅଲରାଉଣ୍ଡରଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଅକ୍ଷର ପଟେଲ ଟି୨୦ରେ ନିଜ ଦକ୍ଷତା ଦେଖାଇ ସାରିଥିବା ବେଳେ ବର୍ତ୍ତମାନ ଦିନିକିଆରେ ମଧ୍ୟ ତାଙ୍କ ପାଖରେ ସମାନ ସୁଯୋଗ ରହିଛି। ବାମହାତୀ ଆକ୍ରମଣାତ୍ମକ ବ୍ୟାଟିଂ ସହିତ ସ୍ଲୋ ଲେଫ୍ଟ ଆର୍ମ ଅର୍ଥୋଡକ୍ସ ବୋଲିଂ କରୁଥିବାରୁ ସେ ଜାଡେଜାଙ୍କ ବିକଳ୍ପ ସାବ୍ୟସ୍ତ ହେବେ। ଏହା ସହିତ ଉଇକେଟ ଟୁ ଉଇକେଟ ବୋଲିଂ କରି ସଫଳତା ପାଉଥିବାରୁ ସେ ଭାରତୀୟ ପରିବେଶରେ ସଫଳ ହେବା ନେଇ ଆଶା କରାଯାଏ।



## କୁଲଦୀପ ଯାଦବ

ଜନ୍ମ: ଡିସେମ୍ବର ୧୪, ୧୯୯୪, ମ୍ୟାଚ୍:୮୬, ଉଇକେଟ: ୧୪୧। ୨୦୧୯ରେ ଯୁଜବେନ୍ଦ୍ର ଚହଲଙ୍କ ସହ ମିଶି ବୋଲିଂ ପାର୍ଟନରଶିପ୍ ଗଢିଥିବା କୁଲଦୀପ ଚଳିତ ବିଶ୍ୱକପରେ ଭାରତର ପ୍ରଥମ ପସନ୍ଦର ସ୍ପିନର ରହିଛନ୍ତି। ବର୍ଷେ ତଳେ ଖରାପ ଫର୍ମ ସହିତ ସଂଘର୍ଷ କରୁଥିବା କୁଲଦୀପ ପ୍ରତ୍ୟାବର୍ତ୍ତନ କରିବା ସହ ଶ୍ରୀଲଙ୍କା ଓ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଚମତ୍କାର ପ୍ରଦର୍ଶନ କରି ନିଜ ସ୍ଥାନ ପକ୍କା କରିଛନ୍ତି। ଭାରତରେ ଖେଳାଯିବାକୁ ଥିବା ବିଶ୍ୱକପ୍‌ରେ କୁଲଦୀପଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିବ।





## ମହମ୍ମଦ ସିରାଜ

ଜନ୍ମ: ମାର୍ଚ୍ଚ୧୩, ୧୯୯୪, ମ୍ୟାଚ୍: ୨୬, ଉଇକେଟ: ୪୬। ଏକ ବର୍ଷ ତଳେ ଭାରତର ବିଶ୍ୱକପ ସ୍କ୍ୱାଡ ପରିକଳ୍ପନାରେ ମଧ୍ୟ ନ ଥିବା ସିରାଜ୍ ବର୍ତ୍ତମାନ ଦଳର ଷ୍ଟ୍ରାଇକ୍ ବୋଲର ରହିଛନ୍ତି। ସ୍କ୍ରାମ୍ବଲଡ୍ ସିମ୍ ବ୍ୟବହାର କରିବାରେ ସିରାଜଙ୍କ ଦକ୍ଷତା ତାଙ୍କୁ ଅନ୍ୟ ବୋଲରଙ୍କ ତୁଳନାରେ ଘାତକ ସାବ୍ୟସ୍ତ କରିଥାଏ। ୨୬ ମ୍ୟାଚ୍‌ରୁ ୪୬ ଉଇକେଟ ନେଇଥିବା ସିରାଜ ଚଳିତ ବିଶ୍ୱକପରେ ଭାରତର ଷ୍ଟ୍ରାଇକ୍ ବୋଲର ଭୂମିକାରେ ନଜର ଆସିବେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୬ ସେପ୍ଟେମ୍ବର, ୨୦୨୩



# ବାଇଗଣରେ ପୋକ ନିୟନ୍ତ୍ରଣ



ବାଇଗଣରେ ଫଳ ଓ କାଣ୍ଡବିନ୍ଧା ପୋକର ଦମନ ଲାଗି ସମନ୍ୱିତ ପୋକ ପରିଚାଳନା ପଦ୍ଧତି ଅନୁସାରେ ଏକର ପ୍ରତି ୨୦,୦୦୦ ଟ୍ରାଇକୋଗ୍ରାମା ପରାଶ୍ରୟୀ କୀଟ ଛାଡ଼ନ୍ତୁ କିମ୍ବା ୩୦୦ପିପିଏମ୍ ନିମ୍ବଜାତ କୀଟନାଶକକୁ ଏକର ପ୍ରତି ୧ ଲିଟର ହିସାବରେ ପ୍ରୟୋଗ କରନ୍ତୁ ଅଥବା ପ୍ରତି ଲିଟର ପାଣିରେ ୫ ଗ୍ରାମ୍ କାର୍ବାରିଲ ମିଶାଇ ସିଞ୍ଚନ କରନ୍ତୁ। କଖାରୁ ଜାତୀୟ ଫସଲରେ ଲାଲ ଓ କଳା କଖାରୁ ଭୃଙ୍ଗ ଦମନ ପାଇଁ ଏକର ପ୍ରତି ୮୦୦ଗ୍ରାମ୍ ହିସାବରେ କାର୍ବାରିଲ ପ୍ରୟୋଗ କରନ୍ତୁ। ଲଙ୍କାମରିଚ ଫସଲରେ ପତ୍ରମୋଡ଼ା ରୋଗ ଦେଖାଗଲେ ଏହାର ଦମନ ସକାଶେ ପ୍ରତି ଲିଟର ପାଣିରେ ୨ ମି.ଲି. ଆବାମେକ୍ଟିନ୍(୧.୯%) କିମ୍ବା ୧.୫ରୁ ୨ ମି.ଲି. ଇଥିଅନ୍ ମିଶାଇ ପତ୍ର ସିଞ୍ଚନ କରନ୍ତୁ। ଝୁଡଙ୍ଗ ଫସଲରେ ଜଉପୋକର ଆକ୍ରମଣ ଦେଖାଗଲେ ଏକର ପ୍ରତି ୫୦ମି.ଲି. ଇମିଡାକ୍ଲୋପ୍ରିଡ୍ ୨୦୦ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ ଏବଂ ଏହାର ୭ଦିନ ପରେ ଫସଲ ଅମଳ କରନ୍ତୁ।

# ରାଶି ବୁଣୁଥିଲେ...



ଢିପ ଜମିରେ ରାଶି ବୁଣିବା ପାଇଁ ବର୍ତ୍ତମାନ ଉପଯୁକ୍ତ ସମୟ। ଏକର ପ୍ରତି ୪ କି.ଗ୍ରା. ବିହନ ଆବଶ୍ୟକ ହୋଇଥାଏ। ପ୍ରତି କି.ଗ୍ରା. ବିହନରେ ୨ ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ କିମ୍ବା ୩ ଗ୍ରାମ୍ ଥିରାମ୍ ଗୋଳାଇ ବିଶୋଧନ କରନ୍ତୁ। ମୂଳସାର ଭାବେ ଏକର ପ୍ରତି ୨ଟନ୍ ଶଢ଼ା ଗୋବରଖତ ସହ ୬କି.ଗ୍ରା . ଯବକ୍ଷାରଜାନ,୬ କି.ଗ୍ରା. ଫସ୍‌ଫରସ ଓ ୬କି.ଗ୍ରା. ପଟାସ ଖାଦ୍ୟସାର ବିହନ ବୁଣାବେଳେ ମାଟିରେ ପ୍ରୟୋଗ କରନ୍ତୁ। ଅଧିକ ଅମଳକ୍ଷମ କିସମ ଯଥା–ପ୍ରାଚୀ,ନିର୍ମଳା,କନକ,କାଳିକା,ବିନାୟକ ଆଦି କିସମ ବ୍ୟବହାର କରନ୍ତୁ। ଧାଡ଼ିକୁ ଧାଡ଼ି ୩୦ସେ.ମି. ଓ ଗଛକୁ ଗଛ ୧୦ସେ.ମି. ବ୍ୟବଧାନ ରଖନ୍ତୁ। ବିହନ ବୁଣିବା ପୂର୍ବରୁ ପ୍ରତି କି.ଗ୍ରା. ବିହନରେ ୩ ଗ୍ରାମ୍ ହିସାବରେ ଥିରାମ୍ ଗୋଳାଇ ବିଶୋଧନ କରନ୍ତୁ। ଶେଷଓଡ଼ ଚାଷବେଳେ ବିହନ ବୁଣିବା ପୂର୍ବରୁ ୬କି.ଗ୍ରା. ଯବକ୍ଷାରଜାନ, ୮କି.ଗ୍ରା. ଫସ୍‌ଫରସ ଓ ୮କି.ଗ୍ରା. ପଟାସ୍ ପ୍ରୟୋଗ କରନ୍ତୁ।

# ଧାନଚାଷରେ ସମନ୍ୱିତ ରୋଗପୋକ ପରିଚାଳନା



ଡ. ପରେଶ କୁମାର ପଣ୍ଡା

ଧାନ ଫସଲରେ ସମନ୍ୱିତ ରୋଗପୋକ ପରିଚାଳନା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ତନ୍ମଧ୍ୟରେ ଚାଷ କାର୍ଯ୍ୟ, ଜୈବ ନିୟନ୍ତ୍ରଣ ଓ ରାସାୟନିକ ଉପାୟ ଇତ୍ୟାଦି ରହିଛି। ଚାଷ କାର୍ଯ୍ୟ ମଧ୍ୟରେ ଖରାଟିଆ ଚାଷ, ବିହନ ବିଶୋଧନ, ସଅଳ ବୁଣା ବା ରୁଆ ପ୍ରତି ୨୦ ଧାଡ଼ି ପରେ ୧ଟି ଧାଡ଼ି ଛାଡ଼ି ରୋଇବା, ସୁଷମ ସାର ପ୍ରୟୋଗ, ଜଳ ଠିକ୍ ପରିମାଣରେ ଦେବା, ସବୁଜ ସାର ପ୍ରୟୋଗ, ଜୀବାଣୁ ସାର ପ୍ରୟୋଗ, ୨–୩ ବର୍ଷରେ ଥରେ ଗଭୀର ଚାଷ କରିବା ଆବଶ୍ୟକ। ଯାନ୍ତ୍ରିକ ଉପାୟରେ ବାଉଁଶ ଯନ୍ତା, ଫେରୋମୋନ୍ ବା ସଙ୍ଗ ଆକର୍ଷକ ଯନ୍ତା, ଆଲୋକ ଯନ୍ତା, ଦଉଡ଼ି ଟାଣି ଗଛରୁ ପତ୍ରମୋଡ଼ା ଓ ନୀଳପୋକକୁ ଝଡ଼ାଇ କିରାସିନ ଭାସୁଥିବା ପାଣିରେ ପଡ଼ିବା, ତଳି ରୋଇବା ପୂର୍ବରୁ ଅଗ ଛିଡାଇ ବା କାଟି ଲଗାଇବା ଦ୍ୱାରା ପୋକ ସଂକ୍ରମଣ କମ୍ ହୋଇଥାଏ।

ଜୈବ ନିୟନ୍ତ୍ରଣ ସ୍ୱରୂପ : ଟ୍ରାଇକୋଗ୍ରାମା ପରାଶ୍ରୟୀ କୀଟ ଛାଡ଼ିବା, ଫସଲରେ ଏକର ପ୍ରତି ୫–୧୦ଟି କଣି ବା ଡାଳ ପୋତି ପକ୍ଷୀ ଆଶ୍ରୟସ୍ଥଳ ତିଆରି କରିବା, ବିଟି ଔଷଧ ଓ ନିମ୍ବଜାତୀୟ ଔଷଧ ପ୍ରୟୋଗ କରିବା ଭଲ। ଦରକାର ପଡ଼ିଲେ ଜମିରେ ରିଜେଣ୍ଟ ଏକର ପ୍ରତି ୪ କି.ଗ୍ରା. ପ୍ରୟୋଗକରି ଫସଲକୁ ରୋଗପୋକ ଦାଉରୁ ୩୦–୪୦ ଦିନ ପର୍ଯ୍ୟନ୍ତ ରକ୍ଷା କରାଯାଇପାରିବ।

ପ୍ରଥମେ ମିଳିତ ଭାବେ ଚାଷୀଭାଇମାନେ ଜୈବିକ ଉପାୟ ଅବଲମ୍ବନ କରିବା ଆବଶ୍ୟକ। ଜୈବିକ ଉପାୟ ଦ୍ୱାରା ଦେଶୀୟ ଜ୍ଞାନ୍ କୌଶଳର ସଦୁପଯୋଗ ହୋଇଥାଏ। ଖର୍ଚ୍ଚ ମଧ୍ୟ କମ୍ ପଡ଼ିଥାଏ। ଏହାକୁ ମଧ୍ୟ ସହଜରେ ପ୍ରସ୍ତୁତ କରାଯାଇପାରେ। ଶସ୍ୟରେ କୀଟନାଶକର କୁପ୍ରଭାବ ନ ଥାଏ। ଫସଲରୁ ଅଧିକ ଆୟ ମିଳିଥାଏ। ଫସଲ ତଳି ଘରାରେ ଥିବା ଅବସ୍ଥାରୁ ଲିଟର ପାଣି ପ୍ରତି ୫ ମି.ଲି. ନିମ୍ବଜାତୀୟ ଜୀବନନାଶକ ବିଷ ପ୍ରତି ୮–୧୦ଦିନ ଅନ୍ତରରେ ଏକର ପ୍ରତି ୨୦୦ ଲିଟର ଦ୍ରବଣ ସିଞ୍ଚନ କରାଯାଇଥାଏ। ନଚେତ୍, ହାଣ୍ଡି ଖତର ତରଳ ଜୀବନାଶକ ୧:୫୦ ଅନୁପାତରେ ପାଣି ସହ ମିଶାଇ ସିଞ୍ଚନ କଲେ ଫସଲରେ ରୋଗପୋକ ସଂକ୍ରମଣ ସହଜରେ ହୋଇ ନ ଥାଏ। ଏହି ହାଣ୍ଡି ଖତ ସହଜରେ କୃଷକ ନିଜ ଘରେ, ବାଡ଼ି ବଗିଚାରେ ଥିବା ନିମ୍ବ, କରଞ୍ଜ, ଅରଖ/କୋଚିଲା ପତ୍ରକୁ ବ୍ୟବହାରକରି ଗୋବର, ଗୋମୂତ୍ର ଓ ଗୁଡ଼ରେ ମିଶାଇ ପୋଚ ପ୍ରସ୍ତୁତକରି ଦ୍ରବଣ ପ୍ରସ୍ତୁତ କରିପାରିବେ। ଗୋବର ୧ କି.ଗ୍ରା., ଗୋମୂତ୍ର ୨.୩ ଲି., ଗୁଡ଼ ୫୦ ଗ୍ରାମ, ନିମ୍ବ, କରଞ୍ଜ, ଅରଖ/କୋଚିଲା ପତ୍ରରୁ ପ୍ରତ୍ୟେକ ୧ କି.ଗ୍ରା. ଏଥିପାଇଁ ଦରକାର ହୋଇଥାଏ। ଗୋମୂତ୍ରରେ ଗୋବର, ଗୁଡ଼ ଓ କଟାହୋଇଥିବା ପତ୍ରକୁ ଗୋଳାଇ ମୁହଁ ବନ୍ଦ ରଖା ପାତ୍ରରେ ୧୨ ଦିନ ପର୍ଯ୍ୟନ୍ତ ପଚାଯାଏ। ତା'ପରେ ସେହି ଘୋଳକୁ ମିଶାମିଶି କରି ପିଆଜ ଅଖାରେ ଛଣାଯାଏ। ତାହାକୁ ୩–୪ ମାସ ପର୍ଯ୍ୟନ୍ତ ବ୍ୟବହାର ପାଇଁ ରଖାଯାଇପାରେ। ତାହାକୁ ପୁନର୍ବାର ପତଳା କନାରେ ଛାଣି ଅନୁପାତରେ ପାଣି ସହ ମିଶାଇ ଫସଲରେ ୮–୧୦ ଦିନ ଅନ୍ତରରେ ସିଞ୍ଚନ କରାଯାଏ। ଏହାକୁ ଅନୁପାତରେ ସିଞ୍ଚନ କଲେ ଭଲ। ଆବଶ୍ୟକ ପରିମାଣର କୀଟନାଶକ ବାହାରେ ଗୋଳାଇ ଟିକେ ସାମ୍ପୋ ଫେଣ୍ଟି ଦ୍ରବଣ ପ୍ରସ୍ତୁତ ହେଲେ ଗଛରେ ଏହା ଠିକ୍ ଭାବରେ ପଡ଼ିଥାଏ। ସ୍ଥଳ ବିଶେଷରେ ପୋକ ଆକ୍ରମଣ 'ଆର୍ଥିକ ଦେହଳୀ ସୀମା' ଠାରୁ ଅଧିକ ହେଲେ ରାସାୟନିକ କୀଟନାଶକ ପ୍ରୟୋଗ କରିବା ଦରକାର ପଡ଼ିଥାଏ। ଦରକାର ପଡିଲେ ୮–୧୦ଦିନ ବ୍ୟବଧାନରେ ପୁନର୍ବାର କୀଟନାଶକ ପକାଇ ଫସଲକୁ ରକ୍ଷା କରାଯାଏ।

**ଧାନ ଫସଲରେ ମୁଖ୍ୟ ପୋକ**

ଧାନ ଫସଲରେ ମୁଖ୍ୟ ପୋକଗୁଡ଼ିକ ହେଲା–ଲେଡା ପୋକ, କର୍ତ୍ତନ କୀଟ, ମାଟିଆଗୁଣ୍ଡି ପୋକ, କାଣ୍ଡବିନ୍ଧା ପୋକ, କାହାଳିଆ ପୋକ, ପତ୍ର ମୋଡ଼ା ପୋକ, ସବୁଜ ପତ୍ରଡିଆଁ ପୋକ, ନଳୀପୋକ, ଗନ୍ଧିପୋକ, ବିରିହା ପୋକ, ଦହିଆ ପୋକ ଓ କେଣ୍ଡା କଟା ପୋକ। ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ ଲେଡ଼ା ପୋକ ତଳି ଓ ମୁଖ୍ୟ ଫସଲର ପତ୍ର ଖାଇଯାଆନ୍ତି। ଆକ୍ରାନ୍ତ ଫସଲ ଗୋରୁ ଚରିଲା ପରି ଦିଶିଥାଏ। ଲେଡ଼ା, କର୍ତ୍ତନ କୀଟ ଓ କେଣ୍ଡାକଟା ପୋକ ନିୟନ୍ତ୍ରଣ ନିମନ୍ତେ କ୍ଲୋରୋପାଇରିଫସ୍ ୫୦ ପ୍ରତିଶତ ସହ ସାଇପରସମେଥ୍ରିନ୍ ୫ ପ୍ରତିଶତ ଇସି ଅଥବା ପୋଫେନୋଫସ୍ ୫୦ ପ୍ରତିଶତ ଇସିର ୨୦ ମିଲି ୧୦ ଲିଟର ପ୍ରତି ସିଞ୍ଚନ କରାଯାଏ। ମାଟିଆଗୁଣ୍ଡି ପୋକ ଖୁବ୍ ଶୀଘ୍ର ବଂଶବୃଦ୍ଧି କରି ଗଛ ମୂଳରେ ରହି ଫସଲରୁ ରସ ଶୋଷି ଖାଇବା ଫଳରେ ଗଛ ହଳଦିଆ ପଡ଼ି ଶୁଖିଯାଏ। ଆର୍ଥିକ ଦେହଳୀ ସୀମା ବୁଦା ପ୍ରତି ୫–୭ ପୋକ। କିଆରିରେ ମଳା ମଳା ଧାନ ପୋଡ଼ିଯାଇଥିବା ପରି ଦେଖାଯାଏ। ତାହାର ନିୟନ୍ତ୍ରଣ ଲାଗି ଇଥୋଫେନପ୍ରକ୍ସ ୧୦ ପ୍ରତିଶତ ଇସି ୧୦ ମିଲି/ଫ୍ଲୋନିକାମାଇଡ୍ ୫୦ ପ୍ରତିଶତ ଡବ୍ଲ୍ୟୁଜି, ୩ ଗ୍ରାମ/ଇମିଡାକ୍ଲୋପ୍ରିଡ୍, ୧୭.୮, ଏସ୍ଏଲ୍ ୨.୮ ମି.ଲି./ଥାୟୋମେଥୋକାମ୍ ୨୫ ପ୍ରତିଶତ ଡବ୍ଲ୍ୟୁଜି ୨ ଗ୍ରାମ ୧୦ ଲିଟର ପ୍ରତି ଫସଲରେ ସିଞ୍ଚନ କରାଯାଏ।

ସବୁଜ ପତ୍ରଡିଆଁ ପୋକ ଦେଖାଗଲେ ଆକ୍ରାନ୍ତ ପତ୍ର ଅଗରୁ ତଳ ଆଡ଼କୁ ଫିକା ହଳଦିଆ ହୋଇ ପରେ ଧୂସର ପଡ଼ିଯାଏ। ଏମାନେ ଟୁଙ୍ଗ୍ରୋ ଭୂତାଣୁକୁ ସଂକ୍ରମଣ କରିବାରେ ସହାୟକ ହୋଇଥାଆନ୍ତି। ଏହି ଦୁଇ ପୋକ ସହଜରେ ଧଳାପିଠିଆ ପତ୍ରଡିଆଁ ପୋକର ନିୟନ୍ତ୍ରଣ ପାଇଁ ଇମିଡାକ୍ଲୋପ୍ରିଡ ୧୭.୮ ପ୍ରତିଶତ, ଏସ୍ଏଲ୍ ୨.୮ ମି.ଲି./ପାଇମୋଟ୍ରୋଜିନ୍ ୫୦ ପ୍ରତିଶତ ଡବ୍ଲ୍ୟୁଜି ୬ ଗ୍ରାମ/ଫ୍ଲୋନିକକାମିଡ ୫୦ ପ୍ରତିଶତ ଡବ୍ଲ୍ୟୁଜି ୩ ଗ୍ରାମ/ଥାୟୋମେଥୋସ୍କଜାମ୍ ୨୫ ଡବ୍ଲ୍ୟୁଜିର ୨ ଗ୍ରାମ ୧୦ ଲିଟର ପାଣି ପ୍ରତି ମିଶାଇ ଫସଲକୁ ସିଞ୍ଚନ କରିବା ଜରୁରୀ।

କାଣ୍ଡବିନ୍ଧା ପୋକର ଶୁକ, କାଣ୍ଡ ମଧ୍ୟରେ ପ୍ରବେଶକରି ମଞ୍ଜି ଖାଇଯାଏ, ଯାହାକୁ 'ମଲା ମଞ୍ଜ' କୁହାଯାଏ। କେଣ୍ଡା ବାହାରିବା ଅବସ୍ଥାରେ ଆକ୍ରାନ୍ତ ଗଛରୁ ମଲାକେଣ୍ଡା ବାହାରିଥାଏ। ସାମାନ୍ୟ ଟାଣି ଦେଲେ ଏହା ବାହାରିଯାଏ। ଏହାକୁ 'ଧଳା କେଣ୍ଡା' ବା 'ବଗପକ୍ଷିଆ' ବୋଲି ମଧ୍ୟ କୁହାଯାଏ। ଆର୍ଥିକ ଦେହଳୀ ସୀମା ହେଲା ମଲା ମଞ୍ଜ ୫ ପ୍ରତିଶତ। କାଣ୍ଡବିନ୍ଧା ପୋକର ନିୟନ୍ତ୍ରଣ ନିମନ୍ତେ ଫ୍ଲୁବେଣ୍ଡିଆମାଇଡ୍ ୩୯.୩୫ ପ୍ରତିଶତ ଏସ୍‌ସି ୧ ମି.ଲି./ଫିପ୍ରୋନିଲ୍ ୫ ପ୍ରତିଶତ ଏସ୍‌ସି ୨୦–୩୦ ମି.ଲି./ପ୍ରୋଫନ୍‌ଫସ୍ ୫୦ ପ୍ରତିଶତ ଇସିର ୨୦ ମି.ଲି. ଏବଂ କାହାଳିଆ ପୋକ ନିୟନ୍ତ୍ରଣ ନିମନ୍ତେ କାର୍ବୋସଲ୍‌ଫାନ୍ ୨୫ ପ୍ରତିଶତ ଇସିର ୧୬–୨୦ ମି.ଲି./କ୍ଲୋରୋପାଇରିଫସ୍ ୨୦ ଇସିର ୨୫ ମି.ଲି./ଥାୟୋମେଥୋକାମ୍ ୨୫ ଡବ୍ଲ୍ୟୁଜି ୨ ଗ୍ରାମ ୧୦ ଲିଟର ପାଣି ପ୍ରତି ମିଶାଇ ସିଞ୍ଚନ କରାଯାଏ। (କ୍ରମଶଃ...)

–ସହକାରୀ କୃଷି ନିର୍ଦ୍ଦେଶକ, ଯାଜପୁର
ମୋ : ୯୪୩୭୧୧୨୭୦୪



# କୋଳଥ କିସମ



**କୋ**ଳଥର ଉର୍ମି ଡିଏସ୍–୧–୨,ଡିଏସ୍୧–୨–୨ ଆଦି କିସମ ସଂଗ୍ରହକରି ଶୀଘ୍ର ବୁଣାବୁଣି ଶେଷ କରନ୍ତୁ। ଏକର ପ୍ରତି ୨୦କି.ଗ୍ରା. ବିହନ ବ୍ୟବହାର କରନ୍ତୁ। ବୁଣିବା ପୂର୍ବରୁ ପ୍ରତି କି.ଗ୍ରା. ବିହନକୁ ୨ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ ସହିତ ଗୋଳାଇ ବିଶୋଧନ କରନ୍ତୁ। ଧାଡ଼ିକୁ ଧାଡ଼ି ୩୦ସେ.ମି ବ୍ୟବଧାନରେ ବିହନ ବୁଣନ୍ତୁ। ବୁଣିବା ପୂର୍ବରୁ ଏକର ପ୍ରତି ୫କି.ଗ୍ରା. ଯବକ୍ଷାରଜାନ, ୧୦କି.ଗ୍ରା. ଫସ୍‌ଫରସ ପ୍ରୟୋଗ କରନ୍ତୁ। ବୁଣିବାର ଦିନକ ପରେ ଘାସମରା ବିଷ ପେଣ୍ଡିମେଥାଲିନ୍ ଏକର ପ୍ରତି ୦.୩୦ କି.ଗ୍ରା. ହିସାବରେ କ୍ରିୟାଶୀଳ ଉପାଦାନ ସିଞ୍ଚନ କରନ୍ତୁ।

# ଜାଣିରଖନ୍ତୁ



- ଗୁହାଳ ତଳ ଓଦା ରଖନ୍ତୁ ନାହିଁ । ଓଦା ରହିଲେ ବିଭିନ୍ନ ରୋଗର ଆଶଙ୍କା ଥାଏ। ଗୁହାଳ ତଳକୁ ଶୁଖିଲା ରଖିବା ପାଇଁ ପାଉଁଶ ବା ବାଲି ବିଛାନ୍ତୁ । ବର୍ଷାଋତୁରେ ଗୋମହିଷ ଓ ବାଛୁରୀଙ୍କୁ ସାହାଣ ଓ ବଜବଜିଆ ରୋଗ ହେବା ଆଶଙ୍କା ଥାଏ। ଏହି ସଂକ୍ରାମକ ରୋଗ ନ ହେବା ପାଇଁ ପୂର୍ବରୁ ପ୍ରତିଷେଧକ ଟିକା ଦିଅନ୍ତୁ । ରୋଗ ଦେଖାଗଲେ ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ ।
- ଗୋମହିଷଙ୍କୁ ଅଢ଼େଇ ଦିନିଆ ଜ୍ୱର ହେଲେ ସେମାନଙ୍କ ଦେହରେ ଅଧିକ ତାତି ରହେ ଓ ଆକ୍ରାନ୍ତ ପ୍ରାଣୀ ଗୋଟିଏ ଗୋଡ଼ ଟେକି ରଖେ । ଏହି ଜ୍ୱରର ଉପଶମ ପାଇଁ ଡାକ୍ତରଙ୍କ ପରାମର୍ଶରେ ଔଷଧ ଖୁଆନ୍ତୁ ।
- ଗୁହାଳ ସବୁବେଳେ ପରିଷ୍କାର ଓ ଶୁଖିଲା ରଖନ୍ତୁ । ଏହାର ଚାରିପାଖ ଉଚ୍ଚା ଓ ନିଗିଡ଼ା କରନ୍ତୁ, ନଚେତ୍ ପାଣି ଜମି ସନ୍ତସନ୍ତିଆ ହେଲେ ଗୋରୁଙ୍କୁ ବିଭିନ୍ନ ସଂକ୍ରାମକ ରୋଗ ହେବା ଆଶଙ୍କା ଥାଏ ।
- ଗୁହାଳର ତଳକୁ ଦିନରେ ଅନ୍ତତଃ ଥରେ ବା ଦୁଇଥର ଫିନାଇଲ ପ୍ରଭୃତି ବିଶୋଧକ ପଦାର୍ଥରେ ସଫା କରନ୍ତୁ ।
- ଗୋରୁଙ୍କୁ କଦାପି ଫିମ୍ପି ହୋଇଥିବା ଦାନା ଖୁଆନ୍ତୁ ନାହିଁ ।

# ମାଛ ଯାଆଁଳ ଛାଡ଼ିବା ପରେ...



**ମାଛ** ଯାଆଁଳ ସଂଗ୍ରହ କରନ୍ତୁ। ଯାଆଁଳ ଛାଡ଼ିବା ପରେ ଅଖା ଭିତରେ ଖତ ଓ କୁଣ୍ଡା ରଖି ପୋଖରୀରେ ଛାଡ଼ି ଦିଅନ୍ତୁ। ନୂଆକରି ମାଛଚାଷ କରୁଥିଲେ ପୋଖରୀର ଆକାର ଦେଖି ପୋଖରୀ ପ୍ରତି ୫ରୁ ୧୦କି.ଗ୍ରା. ଚୂନ ପ୍ରୟୋଗ କରନ୍ତୁ। ପାଣିର ସୁବିଧା ଦେଖି ମାଛ ଯାଆଁଳ ଚାଷ କରନ୍ତୁ। ମାଛ ଯାଆଁଳ ଉତ୍ପାଦନ କେନ୍ଦ୍ରରୁ ମାଛ ବିହନକୁ ଯାଆଁଳ ପର୍ଯ୍ୟନ୍ତ ବଢ଼ାଇ ଯେଉଁଠି ଅଧିକ ପାଣିର ସୁବିଧା ରହିଛି ସେଠାରେ ଆଗାମୀ ଦିନ ପାଇଁ ସାଇତି ରଖିହେବ । ପୋଖରୀରେ ପଟୁମାଟି ମାଡ଼ିଯାଇଥିଲେ ଏହାକୁ କାଢ଼ି ପାଣି ନିର୍ମଳ ହେବା ପରେ ମାଛ ଯାଆଁଳ ଛାଡ଼ନ୍ତୁ।

# ପାଳଛତୁ ଚାଷ



**ପା**ଳଛତୁ ଚାଷ ଲାଗି କୌଣସି ଏକ କୁଣ୍ଡ କିମ୍ବା ବଡ ଓସାରିଆ ଟିଣ ପାତ୍ରରେ (ଆଖୁରସ ରାନ୍ଧିବା ଟିଣ ହେଲେ ଭଲ) ୧୦୦ ଲିଟର ପାଣି ନିଅନ୍ତୁ। ସେଥିରେ ୮ ଗ୍ରାମ୍ କାର୍ବେଣ୍ଡାଜିମ୍ ଗୋଳାଇ ଦିଅନ୍ତୁ। ସେହି ପାଣିରେ ନଡ଼ାବିଡ଼ାଗୁଡିକୁ (୩୦ ବିଡ଼ା) ୧୨ ରୁ ୧୬ ଘଣ୍ଟା ପର୍ଯ୍ୟନ୍ତ ବତୁରାଇ ଦିଅନ୍ତୁ। ତା' ପରେ ନଡ଼ା ଛାଣି ନଡ଼ାରୁ ଅଧିକ ପାଣି ନିଗାଡ଼ିଦେବା ପାଇଁ ବିଡ଼ାଗୁଡିକୁ ୨ ରୁ ୩ ଘଣ୍ଟା ପର୍ଯ୍ୟନ୍ତ ଛାଇରେ ଛିଡ଼ା କରି ରଖନ୍ତୁ। ବୋତଲ ବା ପ୍ୟାକେଟରୁ ଛତୁ ମଞ୍ଜିକୁ ଅଗବଙ୍କା ହୋଇଥିବା ଲୁହାଖାଡି ସାହାଯ୍ୟରେ କିମ୍ବା ବୋତଲ ଭାଙ୍ଗି ବାହାରକରି ତାକୁ ଭାଗ କରନ୍ତୁ। ଭାଡି ଉପରେ ପ୍ରଥମେ ପୂର୍ବ ପଶ୍ଚିମ ଭାବରେ ୯ ଇଞ୍ଚ ବହଳରେ ୯ ଭିଜା ବିଡ଼ା ନଡ଼ାକୁ ଖୋଲି ବିଛାଇ ଦିଅନ୍ତୁ। ଯେପରି ନଡ଼ା ମୂଳ ଭାଗ ବାହାରକୁ ରହିବ। ତା'ପରେ ସେହି ଛତୁ ମଞ୍ଜି ଖଣ୍ଡଗୁଡିକ ଉପରେ ୧ ଭାଗ ବୁଟଗୁଣ୍ଡ ବା ହରଡ଼ ଗୁଣ୍ଡ ବୁଣି ଦିଅନ୍ତୁ। ବର୍ତ୍ତମାନ ୨ୟ ସ୍ତର ନଡ଼ା(୯ ବିଡ଼ାକୁ) ୯ ଇଞ୍ଚ ବହଳରେ ଉତ୍ତର ଦକ୍ଷିଣ ଭାବେ ବିଛାନ୍ତୁ। ଠିକ୍ ପୂର୍ବ ପରି ଛତୁ ମଞ୍ଜି ଓ ବୁଟଗୁଣ୍ଡ ବା ହରଡ଼ ଗୁଣ୍ଡ ପ୍ରୟୋଗ କରନ୍ତୁ। ତା' ପରେ ତୃତୀୟ ସ୍ତର ନଡ଼ା (୯ ବିଡାକୁ) ୯ ଇଞ୍ଚ ବହଳରେ ପୂର୍ବ ପଶ୍ଚିମ ଭାବେ ବିଛାନ୍ତୁ। ଏହା ପରେ ଦ୍ୱିତୀୟ ଭାଗ ଛତୁ ମଞ୍ଜିକୁ ପୂର୍ବ ପରି ଚାରିକଡ଼େ ଓ ମଝିରେ ମଧ୍ୟ ରଖନ୍ତୁ। ପୁଣି ବଳକା ଦ୍ୱିତୀୟ ଭାଗ ବୁଟଗୁଣ୍ଡ ବା ହରଡ଼ଗୁଣ୍ଡ ପ୍ରୟୋଗ କରନ୍ତୁ। ଶେଷରେ ରହିଥିବା ୩ ବିଡା ନଡାକୁ ଏହି ତୃତୀୟ ସ୍ତର ଉପରେ ଉତ୍ତର ଦକ୍ଷିଣ ଭାବରେ (ଚତୁର୍ଥ ସ୍ତର)୨ – ୩ ଇଞ୍ଚ ବହଳରେ ବିଛାଇ ଦିଅନ୍ତୁ। ବର୍ତ୍ତମାନ ଏହି ଛତୁ ବେଡ୍ ବା ଛତୁ ପଟିକୁ ପଲିଥିନ୍ ଚାଦର ଦ୍ୱାରା ସମ୍ପୂର୍ଣ୍ଣ ଘୋଡାଇ ଦିଅନ୍ତୁ। ୭ ରୁ ୮ ଦିନ ପରେ ଏହି ପଲିଥିନ୍ ଚାଦରକୁ କାଢି ଦିଅନ୍ତୁ। ପଲିଥିନ୍ କାଢିବାର ଦିନକ ପରେ ପ୍ରତିଦିନ ସ୍ପ୍ରେୟର ଦ୍ୱାରା କିମ୍ବା ଝରା ଦ୍ୱାରା ୩ – ୪ ଥର ପାଣି ସ୍ପ୍ରେ କରନ୍ତୁ।

# ନଳିତା ଶଢ଼ାଇବା ପ୍ରଣାଳୀ

ଗଛଗୁଡ଼ିକୁ ପାଣିରେ ୧୦–୧୨ଦିନ ପର୍ଯ୍ୟନ୍ତ ଶଢ଼ାନ୍ତୁ। ନଳିତା ଶଢ଼ାଇବା ପ୍ରକ୍ରିୟା ତନ୍ତୁର ଗୁଣ ଓ ମାନ ନିର୍ଦ୍ଧାରଣରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ନଳିତା ଶଢ଼ାଇବା ପାଇଁ ପରିଷ୍କାର ଓ ସ୍ୱଚ୍ଛ ପାଣି ବ୍ୟବହାର କରନ୍ତୁ। ଏହା ଉତ୍ପାଦିତ ତନ୍ତୁର ପୋକ ଓ ରଙ୍ଗକୁ ନଷ୍ଟହେବାକୁ ଦିଏ ନାହିଁ। ସ୍ଥିରପାଣି ଅପେକ୍ଷା ଧୀରେ ଧୀରେ ବହିଯାଉଥିବା ପରିଷ୍କାର ପାଣି ନଳିତା ଶଢ଼ାଇବା ପାଇଁ ଅଧିକ ଉପଯୋଗୀ। ଗଛର ମୂଳଭାଗ ଅପେକ୍ଷାକୃତ ଭାବେ ମୋଟା ଓ ପରିପକ୍ୱ ହୋଇଥିବାରୁ ଏହା ଶଢ଼ିବା ପାଇଁ ଅଧିକ ସମୟ ଦରକାର କରିଥାଏ। ଏଥିପାଇଁ ବିଡ଼ାଗୁଡିକୁ ୬୦ସେ.ମି. ପାଣି ଥିବା ସ୍ଥାନରେ ୨–୩ ଦିନ ଠିଆ କରି ରଖାଯିବା ଆବଶ୍ୟକ। ତା'ପରେ ଗଛର ମୂଳ ଅଂଶକୁ ସାମାନ୍ୟ ବାଡ଼େଇ ୫–୧୦ଭାଗ ୟୁରିଆ ଦ୍ରବଣରେ ୧ ମିନିଟ୍ ବୁଡ଼ାଇ ରଖାଯିବା ପରେ ବିଡ଼ାଗୁଡିକୁ ସମ୍ପୂର୍ଣ୍ଣ ଭାବେ ପାଣିରେ ବୁଡ଼ାଇ ଦିଅନ୍ତୁ। ଭେଳାର ତଳଅଂଶ ମାଟିରେ ଲାଗିବାକୁ ଦିଅନ୍ତୁ ନାହିଁ। ଲଳିତା ଶଢ଼ିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ କବକ କଲ୍‌ଚର ବ୍ୟବହାର କରନ୍ତୁ। ନଳିତାରେ ଘୋଡ଼ାପୋକ ଏବଂ କାଣ୍ଡବିନ୍ଧା ପୋକର ଦମନ ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ଏଣ୍ଡୋସଲ୍‌ଫାନ୍ କିମ୍ବା ଫୋସାଲୋନ୍ ମିଶାଇ ସିଞ୍ଚନ କରନ୍ତୁ। ଜମିରେ ଅଧିକ ପାଣି ଜମି ରହିଗଲେ ବୟସ୍କ ଗଛରେ କାଣ୍ଡଶଢ଼ା ରୋଗ ଦେଖାଯାଇଥାଏ; ଯଦ୍ୱାରା ପତ୍ର ଝଡ଼ିଯାଏ ଏବଂ କାଣ୍ଡ କଳା ପଡି ପଚିଯାଏ। ଆକ୍ରାନ୍ତ ପତ୍ର ଓ କାଣ୍ଡରେ କଳାଦାଗ ଦେଖାଯାଏ। ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୧ଗ୍ରାମ୍ କାର୍ବେଣ୍ଡାଜିମ୍ +ମାଙ୍କୋଜେବ୍ କିମ୍ବା ୩.୫ଗ୍ରାମ୍ ମାଙ୍କୋଜେବ୍ ମିଶାଇ ପତ୍ର ସିଞ୍ଚନ କଲେ ରୋଗ ନିୟନ୍ତ୍ରଣ ହୋଇଥାଏ।



# ଜାତୀୟ ଜୁନିୟର ଫୁଟବଲ ଉଦ୍‌ଘାଟିତ



ଉଦ୍‌ଘାଟନୀ ଅବସରରେ ଅତିଥିଙ୍କ ଗହଣରେ ଓଡ଼ିଶା ଓ ହରିୟାଣା ଦଳର ଖେଳାଳି।

**ଭୁବନେଶ୍ୱର, ୫।୯ (ତପନ ସ୍ୱାଇଁ)** ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ବି.ସି. ରୟ ଟ୍ରଫି ଜାତୀୟ ଜୁନିୟର ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ କ୍ୟାପିଟାଲ ଫୁଟବଲ ଆରେନାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ମୁଖ୍ୟ ଅତିଥି, ଯୁଗ୍ମ ସଚିବ ବିଜୟାନନ୍ଦ ନାୟକ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସର୍ବଭାରତୀୟ ଫୁଟବଲ ଫେଡେରେଶନର କାର୍ଯ୍ୟକାରିଣୀ ସଦସ୍ୟ ଅଭିଜିତ ପାଲ, ଫାଓ ଉପସଭାପତି ଦିଲୀପ କୁମାର ସାହୁ, ଯୁଗ୍ମ ସମ୍ପାଦକ ବିଶ୍ୱ ରଞ୍ଜନ ଘଡ଼େଇ, ସଦସ୍ୟ ବିଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଭୁବନେଶ୍ୱରର ଭେନ୍ୟୁରେ ପ୍ରଥମ ଦିବସରେ ମୋଟ ୪ଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ହରିୟାଣା ବିପକ୍ଷରେ ବୃହତ୍ ବିଜୟ ସହ ଓଡ଼ିଶା ଏହାର ଅଭିଯାନ ଆରମ୍ଭ କରିଛି। କ୍ୟାପିଟାଲ ଆରେନାରେ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୪-୦ ଗୋଲରେ ହରିୟାଣାକୁ ପରାସ୍ତ କରିଛି। ଦଳ ପକ୍ଷରୁ ଶଙ୍ଖ ଶେଖର ହେମ୍ବ୍ରମ ୩, ୪୯ ଓ ୮୫ତମ ମିନିଟରେ ୩ଟି

## ବି.ସି. ରୟ ଟ୍ରଫି
### ବିଜୟ ସହ ଓଡ଼ିଶାର ଅଭିଯାନ

ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ ସହ ଓଡ଼ିଶା ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ଆକାଶ ସାହୁ ୧୪ତମ ମିନିଟରେ ଅନ୍ୟ ଗୋଲଟି କରିଥିଲେ। ୩୬ତମ ମିନିଟରେ ଓଡ଼ିଶାର ମୋହନ ଗୁଣ୍ଡା ଓ ୫୭ତମ ମିନିଟରେ ହରିୟାଣା ଅଧିନାୟକ ଭବେଶ ୟେଲୋ କାର୍ଡ ପାଇଥିଲେ। ସପ୍ତମ ବାଟାଲିୟନ ପରିସରରେ ଥିବା ଓଡ଼ିଶା ଫୁଟବଲ ଏକାଡେମୀ ପଡ଼ିଆରେ ମହାରାଷ୍ଟ୍ର ୩-୧ ଗୋଲରେ କର୍ଣ୍ଣାଟକକୁ ପରାସ୍ତ କରିଛି। ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିବା କର୍ଣ୍ଣାଟକ ପକ୍ଷରୁ କ୍ରିସ୍ ଥୋମାସ ଜୋସେଫ ୬ଷ୍ଠ ମିନିଟରେ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିଲେ। ମାତ୍ର ନିଆଲ ଗୋଘାଭଲା ୪୫ ଓ ୫୪ତମ ମିନିଟରେ ୨ଟି ଏବଂ ପାର୍ଥ ବିଜୟ ତାଲକୋକୁଲ ୬୯ତମ ମିନିଟରେ ଗୋଟିଏ ଗୋଲ ଦେଇ ମହାରାଷ୍ଟ୍ରକୁ ବିଜୟୀ କରିଥିଲେ। କ୍ୟାପିଟାଲ ଆରେନାରେ ଅନୁଷ୍ଠିତ ଅନ୍ୟଏକ ମ୍ୟାଚରେ ଝାଡ଼ଖଣ୍ଡ ୫-୨ ଗୋଲରେ ମିଜୋରାମକୁ ହରାଇ ଦେଇଛି। ଝାଡ଼ଖଣ୍ଡ ପକ୍ଷରୁ ଜେମ୍ସ ଥୋଙ୍ଗମିନ ଚେଙ୍ଗଲୋଇ ୩୦, ୪୮, ୮୦ତମ ମିନିଟରେ ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିବାବେଳେ ଲମ୍‌ସାଙ୍ଗଜୁଆଲା ୧୨ ଓ ମହେନ୍ଦ୍ର ବେଦିୟା ୮୩ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ମିଜୋରାମ ପକ୍ଷରୁ ଲାଲରିନଫେଲା ରାଲ୍‌ଟେ ୪୧ ଓ ଇଡି ଲାଲହମାଙ୍ଗାଇଜୁଆଲା ୭୩ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ପରିଶୋଧ କରିଥିଲେ। ଓଡ଼ିଶା ଫୁଟବଲ ଏକାଡେମୀ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ଉତ୍ତର ପ୍ରଦେଶ ୫-୧ ଗୋଲରେ ଛତିଶଗଡ଼କୁ ହରାଇଛି। ବିଜୟୀ ଦଳ ପକ୍ଷରୁ ନିରଞ୍ଜନ ଜୁଙ୍ଗ ଶାହି ୨ ଓ ୬ଷ୍ଠ ମିନିଟରେ ୨ଟି ଏବଂ ମହମ୍ମଦ ନଦିମ ୨୪, କୈଫ ଖାଁ ୩୧ ଓ ଅବିନାଶ ଥାପା ୪୩ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଛତିଶଗଡ଼ ପକ୍ଷରୁ ଅଧିନାୟକ କେଓ୍ୱାତ କୋଲା ୭୩ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ।

# ଏସିଆ କପ୍: ଶ୍ରୀଲଙ୍କାର ରୋମାଞ୍ଚକ ବିଜୟ

**ପାଲେକେଲ,୫।୯(ପି.ଟି.)** ଏସିଆ କପ୍ କ୍ରିକେଟ୍ ୨୦୨୩ରେ ଆଫଗାନିସ୍ତାନ ବିପକ୍ଷ ମ୍ୟାଚ୍‌କୁ ୩ ରନ୍‌ରେ ଜିତି ନେଇଛି ଶ୍ରୀଲଙ୍କା। ମଙ୍ଗଳବାର ଶ୍ରୀଲଙ୍କାର ରୋମାଞ୍ଚକ ବିଜୟ ସହିତ ଗ୍ରୁପ୍ ପର୍ଯ୍ୟାୟ ଶେଷ ହୋଇଛି। କୁଶାଲ ମେଣ୍ଡିସ୍‌ଙ୍କ ୯୨ ରନ୍ ବଳରେ ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ହରାଇ ୨୯୧ ରନ୍ ସଂଗ୍ରହ କରିଥିଲା। ଜବାବରେ ଆଫଗାନିସ୍ତାନ ୩୭.୪ ଓଭରରେ୨୮୯ ରନ୍‌ରେ ଅଲଆଉଟ ହୋଇଥିଲା।

ଟସ୍ ଜିତି ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂ କରିଥିଲା। ୮୬ ରନ୍‌ରେ ୩ ଉଇକେଟ ହରାଇବା ପର କୁଶାଲ ମେଣ୍ଡିସ୍(୯୨) ଓ ଚରିଥ୍ ଅସଲଙ୍କା (୩୬) ଚତୁର୍ଥ ଉଇକେଟରେ ୧୦୨ ରନ୍ ଯୋଡିଥିଲେ। ମେଣ୍ଡିସ୍ ୮୪ ବଲ୍ ଖେଳି ୬ ଚୌକା ଓ ୩ ଛକା ମାରିଥିଲେ। ଅନ୍ୟ ପକ୍ଷରେ ଅସଲଙ୍କା ୪୩ ବଲ୍ ଖେଳି ୨ ଚୌକା ଓ ୧ ଛକା ମାରିଥିଲେ। ଆଫଗାନିସ୍ତାନ ୨୭ ରନ୍ ମଧ୍ୟରେ ଦୁଇ ଓପନରଙ୍କ ଉଇକେଟ ହରାଇଥିଲା।୫୦ ରନ୍‌ରେ ୩ ଉଇକେଟ ହରାଇବା ପରେ ଅଧିନାୟକ ହସମତଉଲ୍ଲା ଶାହିଦି (୫୯) ଓ ରେହମତ ଶାହ(୪୫) ଚତୁର୍ଥ ଉଇକେଟରେ ୭୧ ରନ୍ ଯୋଡିଥିଲେ। ମହମ୍ମଦ ନବି ୩୨ ବଲ୍ ଖେଳି ୬ ଚୌକା ଓ ୫ ଛକା ସହିତ ୬୫ ରନ୍ ସ୍କୋର କରିଥିଲେ। ଶେଷ ଆଡକୁ ଦୁନିଥ ଓ୍ୱେଲିଲାଗେ ଓ ଧନଞ୍ଜୟ ଡି ସିଲ୍‌ଭା ଦୁଇଟି ଲେଖାଏ ଉଇକେଟ ନେଇ ଶ୍ରୀଲଙ୍କାକୁ ଜିତାଇଥିଲେ। ଶ୍ରୀଲଙ୍କା ପକ୍ଷରୁ କଶୁନ ରଜିଥା ୪ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ୫୦ ଓଭରରେ ୨୯୧/୮ (କୁଶାଲ ମେଣ୍ଡିସ୍-୯୨, ପାଥୁମ୍ ନିଶଙ୍କା-୪୧, ଚରିଥ୍ ଅସଲଙ୍କା-୩୬, ଗୁଲବଦିନ ନାଇବ-୪/୬୦, ରଶିଦ୍ ଖାନ-୨/୬୩)। ଆଫଗାନିସ୍ତାନ ୩୭.୪ ଓଭରରେ ୨୮୯/୧୦ (ମହମ୍ମଦ ନବି-୬୫, ହସମତଉଲ୍ଲା ଶାହିଦି-୫୯, ରେହମତ ଶାହ-୪୫, କସୁନ୍ ରଜିଥା-୪/୭୯, ଦୁନିଥ୍ ଓ୍ୱେଲିଲାଗେ-୨/୩୬, ଧନଞ୍ଜୟ ଡି ସିଲ୍‌ଭା-୨/୧୨)।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ